ବର୍ଷ-୫୨ : ସଂଖ୍ୟା-୮ ଅଗଷ୍ଟ, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍‌ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ଅଗଷ୍ଟ, ୨୦୨୧


| | | | | |
|---|---|---|---|---|
| ପ୍ରାର୍ଥନା | ... | ଶ୍ରୀମା | ... | ୩ |
| ମାତୃବାଣୀ | ... | ଶ୍ରୀମା | ... | ୪ |
| ମନ୍ତ୍ରମୟୀ ସାବିତ୍ରୀ | ... | ଶ୍ରୀଅରବିନ୍ଦ | ... | ୭ |
| ଭୟର କାରଣ ଓ ନିରାକରଣ | ... | ଶ୍ରୀମା | ... | ୮ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ | | | | |
| ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ଅଷ୍ଟମ ଅଧ୍ୟାୟ) | | | | |
| ବିଭୂତି ରୂପେ ଭଗବାନ୍ | ... | ଶେଖ ଅବଦୁଲ କାଶମ | ... | ୯ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୭) | ... | ... | ... | ୧୩ |
| ପ୍ରିୟ ଭାରତବର୍ଷ (କବିତା) | ... | ଶାନ୍ତି ମହାନ୍ତି | ... | ୧୭ |
| ଅନ୍ତିମ ଆକୁତି (କବିତା) | ... | ସନ୍ତୋଷ ରଥ | ... | ୧୮ |
| ନୈତିକତା ଓ ଆଧ୍ୟାତ୍ମିକତା (୧) | ... | ରାମକୃଷ୍ଣ ଦାସ | ... | ୧୯ |
| ଶ୍ରୀଅରବିନ୍ଦଙ୍କ ଯୁଗ | ... | ପ୍ରପତ୍ତି | ... | ୨୨ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୨) | ... | ମହେନ୍ଦ୍ରନାଥ ସ୍ୱାଇଁ | ... | ୨୫ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୮୦) | ... | ସାହାନା ଦେବୀ | ... | ୨୮ |
| ଉଦାରତା ସମ୍ପର୍କରେ | ... | କୁମାର ଚନ୍ଦ୍ର ମିଶ୍ର | ... | ୩୦ |
| କବି ନିଶିକାନ୍ତ (୧୧) | ... | ... | ... | ୩୭ |
| ଡ୍ୟାନ୍ କିପରି ସନ୍ତରଣ ପାଇଁ ସାହସ ସଂଚୟ କଲା | ... | ମୀରା ଗୁଥୀ | ... | ୪୦ |
| ଭିନ୍ନ ଏକ ଆଳାପ | ... | ନିର୍ଭୟ ରଞ୍ଜନ ପାଢ଼ୀ | ... | ୪୪ |
| ସୁସ୍ଥତାର ପରମ ଗୋପନୀୟତା (୧୨) | ... | ସୂର୍ଯ୍ୟକାନ୍ତି ମହାନ୍ତି | ... | ୪୬ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୩) | ... | ଗୟାଧର ଦାଶ | ... | ୪୯ |
| ଦିବାସ୍ୱପ୍ନ (୬) | ... | ଗିଜୁଭାଇ ବଧେକା | ... | ୫୨ |
| ମୃତ୍ୟୁ ଭୟ : ହେତୁ ଓ ତହିଁରୁ ଉଦ୍ଧରଣ | ... | ମନୋଜ ଦାସ | ... | ୫୮ |


❖

# ପ୍ରାର୍ଥନା

ହେ ମୋର ମଧୁମୟ ପ୍ରଭୁ, ତୁମେ ଅନୁପ୍ରବେଶ କର ଏହି ସମସ୍ତ ବିଭ୍ରାନ୍ତିକର ଭାବନା ଏବଂ ବେଦନାକୁଳ ହୃଦୟ ଭିତରେ; ସେଠାରେ ପ୍ରଜ୍ୱଳିତ କର ତୁମ ଦିବ୍ୟସାନ୍ନିଧ୍ୟର ଅଗ୍ନି । ପୃଥିବୀ ଉପରେ ନିପତିତ ତା' ନିଜର ହିଁ ପ୍ରତିଚ୍ଛାୟା, ସେଥିରେ ସେ ସଂପୂର୍ଣ୍ଣ ଭୟଭୀତ । କିନ୍ତୁ ଏହି ଛାୟା ତୁମରି ଅବିଚଳ ସୂର୍ଯ୍ୟକୁ ହିଁ ଗୋପନ କରି ରଖିଥିଲା ଏବଂ ବର୍ତ୍ତମାନ ଯେତେବେଳେ ପୃଥିବୀ ଉପରେ ଅଜାଡ଼ି ହୋଇ ପଡ଼ିଛି ଅନ୍ଧକାର ଏବଂ ଦୋହଲାଇ ଦେଇଛି ତା'ର ମୂଳଦୁଆ ଏବଂ ତାକୁ ପରିଣତ କରିଛି ମହା ବିଶୃଙ୍ଖଳାରେ, ତୁମେ କ'ଣ ପୁଣି ଥରେ ସେ ମହା ବିଶୃଙ୍ଖଳା ଉପରେ ଗତିଶୀଳ ହେବ ନାହିଁ – କହିଦେବ ନାହିଁ ତୁମ ସଂକଳ୍ପ : ''ସଞ୍ଚରିତ ହେଉ ଆଲୋକ'' ?

ହେ ମହନୀୟ ଅଜ୍ଞାତ, ତୁମେ ଯିଏ ନିଜକୁ ଅଦ୍ୟାବଧି ପ୍ରକଟିତ କରି ନାହଁ, ତୁମେ ଯିଏ ଶୁଭ ମୁହୂର୍ତ୍ତର ଅପେକ୍ଷାରେ ଏବଂ ଆମକୁ ପୃଥିବୀକୁ ପ୍ରେରଣ କରିଛ ତୁମର ପଥ ପ୍ରସ୍ତୁତ କରିବା ନିମନ୍ତେ, ଏ ସତ୍ତାର ଉପାଦାନସକଳ ତୁମକୁ କରୁଛନ୍ତି ଆକୁଳ ନିବେଦନ, ''ତୁମରି ଇଚ୍ଛା ପୂର୍ଣ୍ଣ ହେଉ'' ଏବଂ ଚୂଡ଼ାନ୍ତ, ଦୁର୍ଜୟ ଆବେଗ ଭରେ ନିଜ ନିଜକୁ ତୁମ ପାଖରେ କରୁଛନ୍ତି ସମର୍ପଣ ।...

ତୁମ କରୁଣାର ଦୃଢ଼ ବାହୁପାଶରେ ଏ ଆର୍ତ୍ତ ପୃଥିବୀକୁ କର ସମାବୃତ, ତୁମ ଅନନ୍ତ ପ୍ରେମର ଉତ୍ସାରଣ ଯୋଗେ ଏହାକୁ କର ପରିପ୍ଲୁତ ।

ମୁଁ ହିଁ ତୁମ କରୁଣାର ଶକ୍ତିଶାଳୀ ବାହୁଯୁଗଳ ।

ତୁମ ଅସୀମ ପ୍ରେମର ମୁଁ ହିଁ ବ୍ୟାପକ ବକ୍ଷ ।... ଆର୍ତ୍ତ ପୃଥିବୀକୁ ବେଷ୍ଟନ କରିଛି ମୋହରି ବାହୁ ଯୁଗଳ ଏବଂ ତାକୁ ଧରି ରଖିଛି ମୃଦୁ ଆଶ୍ଳେଷରେ ମୋର ଉଦାର ହୃଦୟ ପରେ; ଧୀରେ ଧୀରେ ଏ ଦ୍ୱନ୍ଦ୍ୱକ୍ଲିଷ୍ଟ ପରମାଣୁ ଉପରେ ପରମାଶିଷର ଚୁମ୍ବନ ହୁଏ ମୁଦ୍ରିତ : ଜନନୀର ଚୁମ୍ବନ ଯାହା ଦିଏ ସ୍ୱସ୍ତି, କରେ ନିରାମୟ ।...

ଅଗଷ୍ଟ ୧୧, ୧୯୧୪ — ଶ୍ରୀମା

# ମାତୃବାଣୀ

Sri Aurobindo has come to tell us : It is not necessary to leave the earth to find the Truth, it is not necessary to leave life to find one's soul, it is not necessary to give up the world or to have limited beliefs in order to enter into relation with the Divine. The Divine is everywhere, in everything, and if He is hidden... it is because we do not take the trouble to discover Him.

We can, simply by a sincere aspiration, open a sealed door in us and find... that Something which will change the whole significance of life,...

(CWM : Vol. 9, p. 374) – The Mother

ଆମକୁ ଏହାହିଁ ଜଣାଇବା ନିମନ୍ତେ ଶ୍ରୀଅରବିନ୍ଦଙ୍କର ଆଗମନ : ସତ୍ୟ ଖୋଜି ପାଇବା ନିମନ୍ତେ ଏ ପୃଥିବୀଠାରୁ ଦୂରେଇ ଯିବା ପ୍ରୟୋଜନ ନୁହେଁ, ଆତ୍ମା ଖୋଜି ପାଇବା ନିମନ୍ତେ ଜୀବନଠାରୁ ଦୂରେଇ ଯିବା ପ୍ରୟୋଜନ ନୁହେଁ, ଭଗବାନଙ୍କ ସହ ସମ୍ପର୍କ ସ୍ଥାପନ ନିମନ୍ତେ ପୃଥିବୀ ବର୍ଜନ କରିବା ଅଥବା ସୀମିତ ବିଶ୍ୱାସ ପୋଷଣ କରିବା ପ୍ରୟୋଜନ ନୁହେଁ । ଭଗବାନ୍ ସର୍ବତ୍ର, ସବୁଥିରେ ବିଦ୍ୟମାନ ଏବଂ ସେ ଯଦି ପ୍ରଚ୍ଛନ୍ନ... ତା'ର କାରଣ ଆମେ ତାଙ୍କୁ ଆବିଷ୍କାର କଲା ଭଳି ଶ୍ରମ ସ୍ୱୀକାର କରୁନା ।

କେବଳ ଏକ ଆନ୍ତରିକ ଅଭୀପ୍ସା ଦ୍ୱାରା ହିଁ ଆମେ ଆମ ଭିତରେ ଥିବା ରୁଦ୍ଧ ଦ୍ୱାରଟିଏ ଉନ୍ମୁକ୍ତ କରିପାରୁ ଏବଂ ପାଇପାରୁ... ଏପରି କିଛି ଯାହା ଜୀବନର ଯାବତୀୟ ତାତ୍ପର୍ଯ୍ୟ ବଦଳାଇ ଦେବ,...

— ଶ୍ରୀମା



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

## (୧୦୭)

## ଶ୍ରୀଅରବିନ୍ଦ

At the glow-worm top of these
pale glimmer-realms
Where dawn-sheen gambolled
with the native dusk
And helped the Day to grow and Night to fail,
Escaping over a wide and shimmering bridge,
He came into a realm of early Light
And the regency of a half-risen sun.

ଏହିସବୁ ପାଂଶୁଳ ମିଞ୍ଜିମିଞ୍ଜି ଆଲୋକ-ରାଜ୍ୟର ଖଦ୍ୟୋତର କ୍ଷୀଣାଲୋକ ସଦୃଶ ଦୀପ୍ତ ଶିଖର ଦେଶରେ, ଯେଉଁଠି ଉଷାର ଅରୁଣିମା ସହଜାତ ଗୋଧୂଳି-ଅନ୍ଧାର ସହ ଲୀଳାବିଳାସ କରୁଥିଲା ଏବଂ ଦିବସର ଅଭିବୃଦ୍ଧି ତଥା ରଜନୀର ଅପସାରଣରେ ସହାୟତା କରୁଥିଲା, ସେଠାରେ ଏକ ପ୍ରଶସ୍ତ ଓ ମୃଦୁଜ୍ୟୋତି ଶିହରିତ ସେତୁ ଉପର ଦେଇ ସେ ମୁକୁଳି ଆସିଲେ ପ୍ରଥମ ଆଲୋକର ରାଜ୍ୟକୁ ଏବଂ ଅର୍ଦ୍ଧୋଦିତ ସୂର୍ଯ୍ୟର ଶାସନ ପରିସର ଭିତରକୁ ।

Out of its rays our mind's full orb was born.
ତାହାରି କିରଣମାଳାରୁ ଜନ୍ମଗ୍ରହଣ କରିଛି ଆମ ମନର ପୂର୍ଣ୍ଣ ଜ୍ୟୋତିର୍ମଣ୍ଡଳ ।
Appointed by the Spirit of the Worlds
To mediate with the unknowing depths,
A prototypal deft Intelligence
Half-poised on equal wings of
thought and doubt
Toiled ceaselessly twixt being's hidden ends.
ବିଶ୍ୱପୁରୁଷଙ୍କ ଦ୍ୱାରା ନିୟୋଜିତ ହୋଇ ଜ୍ଞାନହରା ଗଭୀରତାସକଳ ସହ ମଧ୍ୟସ୍ଥତା କରିବା ସକାଶେ ପରମ ନିପୁଣ ଏକ ଆଦି ବୁଦ୍ଧିଶକ୍ତି ଭାବନା ଓ ସଂଶୟର ସମାନ ଦୁଇ ଡେଣା ଉପରେ ଅଧା ଭରା ଦେଇ ସତ୍ତାର ସଂଗୁପ୍ତ ବେନି ପ୍ରାନ୍ତ ମଧ୍ୟରେ ନିରନ୍ତର ଶ୍ରମ କରି ଚାଲିଥିଲା ।

A Secrecy breathed in life's moving act;
A covert nurse of Nature's miracles,
It shaped life's wonders out of Matter's mud:
It cut the pattern of the shapes of things,
It pitched mind's tent in
the vague ignorant Vast.
ଜୀବନର ଚଳନ୍ତି ପ୍ରତିଟି କର୍ମ ଭିତର ଦେଇ ଏକ ପରମ ରହସ୍ୟ ଶ୍ୱାସବାୟୁ ରୂପେ ପ୍ରବାହିତ ହେଉଥିଲା; ପ୍ରକୃତିର ଅଲୌକିକ ଘଟଣାବଳୀର ନେପଥ୍ୟରେ ଏକ ପ୍ରଚ୍ଛନ୍ନ ସେବାକାରୀ, ଜଡ଼ର ପଙ୍କ ମଧ୍ୟରୁ ତାହା ହିଁ ଗଢ଼ି ତୋଳିଥିଲା ଜୀବନର ଅତ୍ୟାଶ୍ଚର୍ଯ୍ୟ ରୂପାବଳୀ : ବସ୍ତୁସକଳର ଗଠନ ବିନ୍ୟାସକୁ ତାହା କାଟି କାଟି ଆକୃତି ପ୍ରଦାନ କରୁଥିଲା, ଅଜ୍ଞାନଯୁକ୍ତ ଅସ୍ପଷ୍ଟ ବିଶାଳ ପ୍ରସାର ମଧ୍ୟରେ ତାହା ପକାଇଥିଲା ମନର ତମ୍ବୁ ।

A master Magician of measure and device
Has made an eternity from recurring forms
And to the wandering spectator thought
Assigned a seat on the inconscient stage.

ପରିମାପ ଓ ଉପାୟର ଏକ ପରମ ଯାଦୁକର ରୂପରାଜିର ପୁନଃ ପୁନଃ ଆବର୍ତ୍ତନରୁ ଗଢ଼ି ତୋଳିଛି ଚିରନ୍ତନତାକୁ ଏବଂ ଭ୍ରାମ୍ୟମାଣ ଦ୍ରଷ୍ଟା ଭାବନାକୁ ଏକ ଆସନ ପ୍ରଦାନ କରିଛନ୍ତି ନିଶ୍ଚେତନାର ରଙ୍ଗମଞ୍ଚ ଉପରେ ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ ❑

# ଭୟର କାରଣ ଓ ନିରାକରଣ

## ଶ୍ରୀମା

### ଭୟ : ବିଶ୍ୱାସର ଅଭାବ

*ପ୍ରଶ୍ନ : ଜଣେ କାହିଁକି ଭୟଭୀତ ହୁଏ ?*

**ଉତ୍ତର** : ମୁଁ ଭାବୁଛି – ଜଣେ ଅହଂକାରୀ ବୋଲି ।

ଏହାର ତିନୋଟି କାରଣ ଅଛି । ପ୍ରଥମେ, ଜଣେ ନିଜର ନିରାପତ୍ତା ବିଷୟରେ ଅତ୍ୟଧିକ ବ୍ୟାକୁଳ ହେବା । ଆଉ ଏକ କାରଣ ହେଲା, ଯେଉଁ ବିଷୟରେ ବା ଯାହା ବିଷୟରେ ଜଣେ କିଛି ଜାଣି ନ ଥାଏ ସେ ସମ୍ପର୍କରେ ତାହାର ଏକ ଅସ୍ୱସ୍ତି ଭାବ ଜାତ ହୁଏ, ସେହି ଅସ୍ୱସ୍ତି ଭାବଟା ହିଁ ଚେତନାରେ ଭୟର ରୂପ ଧରି ଆସେ । ସର୍ବୋପରି, ଜଣକର ଭଗବାନଙ୍କ ଉପରେ ସ୍ୱତଃସ୍ଫୂର୍ତ୍ତ ଭାବେ ଆସ୍ଥା ବା ନିର୍ଭରଶୀଳତା ରଖିବାର ଅଭ୍ୟାସ ନ ଥାଏ । ତୁମେ ଯଦି ସବୁକଥାକୁ ଗଭୀର ଭାବେ ବିଶ୍ଳେଷଣ କରିବ, ତାହାହେଲେ ଏହା ହିଁ ପ୍ରକୃତ କାରଣ । ଏପରି ଲୋକ ଅଛନ୍ତି ଯେଉଁମାନେ ଜାଣନ୍ତି ନାହିଁ ଯେ ସେ (ପରମ ପ୍ରଭୁ) ଅଛନ୍ତି ବୋଲି, ତେବେ ଜଣେ ତାଙ୍କୁ ଅନ୍ୟ ଭାବରେ କହିପାରେ, ''ତୁମ ନିୟତି ଉପରେ ତୁମର ବିଶ୍ୱାସ ନାହିଁ'' କିଂବା ''ଈଶ୍ୱରଙ୍କ କରୁଣା ଉପରେ ତୁମର ବିଶ୍ୱାସ ନାହିଁ'' – କିଂବା ଯେଉଁ ପ୍ରକାରେ ତୁମକୁ ଭଲ ଲାଗୁଛି କୁହ, କିନ୍ତୁ ବିଷୟଟିର ମୂଳ ହେଲା ଆସ୍ଥାର ଅଭାବ । ଜଣେ ଯଦି ସବୁବେଳେ ଏତିକି ଭାବିବ ଯେ ସକଳ ପରିସ୍ଥିତିରେ ଯାହା ସର୍ବୋତ୍ତମ ତାହା ହିଁ ଘଟୁଛି, ତାହାହେଲେ ଜଣେ ଆଦୌ ଭୟଭୀତ ହେବ ନାହିଁ ।

### ଭୟକୁ ଜୟ କରିବା

ଯିଏ ସଜ୍ଞାନ ତା'ର ଭୟ ନାହିଁ । ଯାହା ସଂପୂର୍ଣ୍ଣ ଭାବେ ଜାଗ୍ରତ୍, ସଚେତନ ଏବଂ ସତକୁ ସତ ଜାଣିଛି ତା'ର ଭୟ ନାହିଁ । ଯାହା କିଛି ଅନ୍ଧକାର, ସବୁବେଳେ ତାହା ହିଁ ଭୟ ସୃଷ୍ଟି କରେ ।

ଭୟକୁ ଜୟ କରିବାର ସର୍ବୋତ୍ତମ ଉପାୟ ହେଲା ତୁମେ ଯାହାକୁ ଭୟ କରୁଛ, ତାହାକୁ ସାହସର ସହିତ ସମ୍ମୁଖୀନ ହୁଅ । ଯେଉଁ ବିପଦକୁ ତୁମେ ଭୟ କରୁଛ, ତା' ସହିତ ମୁହାଁମୁହିଁ ହେଲେ ଭୟ ଆଦୌ ରହିବ ନାହିଁ । ଭୟ ଉଭେଇ ଯିବ । ଯୋଗ ଦୃଷ୍ଟିରୁ ବା ସାଧନାର ଶୃଙ୍ଖଳା ଦୃଷ୍ଟିରୁ ଏହା ହିଁ ସୁପାରିଶ କରାଯାଇ ପାରେ । ପ୍ରାଚୀନ ଧାର୍ମିକ ଦୀକ୍ଷାରେ, ବିଶେଷତଃ ଇଜିପ୍ଟରେ, ଗୁହ୍ୟବିଦ୍ୟା ଅଭ୍ୟାସ କରିବା ବେଳେ ମୁଁ ତୁମକୁ ଗତଥର ଏକଥା କହିଛି – ମୃତ୍ୟୁ ଭୟରୁ ସଂପୂର୍ଣ୍ଣ ମୁକ୍ତ ହେବା ଆବଶ୍ୟକ ହୋଇଥାଏ । ସେହିସବୁ ଦିନଗୁଡ଼ିକରେ ଅଭ୍ୟାସ କରୁଥିବା ଉପାୟ ମଧ୍ୟରୁ ଗୋଟିଏ ହେଲା ନବ ଦୀକ୍ଷିତ ହେବାକୁ ଯାଉଥିବା ବ୍ୟକ୍ତିଟିକୁ ଏକ ପ୍ରସ୍ତର ନିର୍ମିତ ଶବାଧାର ଭିତରେ କିଛିଦିନ ପାଇଁ ରଖି ଦିଆଯାଏ, ସତେକି ସେ ମୃତ । ଅବଶ୍ୟ ତାକୁ ସେଠି ମରିବାକୁ ଦିଆଯାଏ ନାହିଁ, ଖାଇବାକୁ ଦିଆଯାଏ, ନିଃଶ୍ୱାସ ପ୍ରଶ୍ୱାସ ପାଇଁ ମଧ୍ୟ ସୁବିଧା ଦିଆ ଯାଇଥାଏ । କିନ୍ତୁ ତଥାପି ତାକୁ ସେଇ ଶବାଧାର ଭିତରେ ମଲା ଭଳି ପଡ଼ି ରହିବାକୁ ହୋଇଥାଏ । ଏହା ଦ୍ୱାରା ମନେ କରାଯାଏ, ସେ ସବୁ ପ୍ରକାର ଭୟରୁ ମୁକ୍ତ ହୋଇଗଲା ।

ଯେତେବେଳେ ଭୟ ଆସେ ସେତେବେଳେ ଯଦି ତୁମେ ତା' ଉପରେ ଚେତନା, ଜ୍ଞାନ, ଶକ୍ତି ଓ ଆଲୋକ ଠୁଳ କର ତାହା ହେଲେ ତୁମେ ଏଇ ଭୟ-ରୋଗରୁ ଏକେବାରେ ମୁକ୍ତ ହୋଇ ପାରିବ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ଅଷ୍ଟମ ଅଧ୍ୟାୟ)

## ବିଭୂତି ରୂପେ ଭଗବାନ୍


**ଶେଖ ଅବଦୁଲ କାଶମ**


ବିଶ୍ୱାତୀତ ଭଗବାନ୍ ବିଶ୍ୱାବ୍ୟାପୀ ସତ୍ତା ଓ ମନୁଷ୍ୟର ଅନ୍ତରନିବାସୀ ପ୍ରଭୁ ରୂପେ ପ୍ରକଟିତ ହୋଇଛନ୍ତି । ମନୁଷ୍ୟ ତାଙ୍କୁ ଜ୍ଞାନ, ସଂକଳ୍ପ ଓ ଭକ୍ତିର ମାର୍ଗ ଦେଇ ସନ୍ଧାନ କରେ । ଭଗବାନଙ୍କ ଦିବ୍ୟ ପ୍ରକାଶନର ଅସଂଖ୍ୟ ଧାରା ରହିଛି । ଭାଗବତ ଅଭିବ୍ୟକ୍ତିଗୁଡ଼ିକୁ ଉପଲବ୍ଧି କରିବା ପାଇଁ ମଧ୍ୟ ଅନେକ ମାର୍ଗ ନିର୍ଦ୍ଦେଶିତ ହୋଇଛି । ଗୀତା ବିଭିନ୍ନ ସାଧନାମାର୍ଗକୁ ପ୍ରଶସ୍ତତର ଦୃଷ୍ଟିଭଙ୍ଗୀ ନେଇ ବିଚାର କରିଛି ଏବଂ ସେଥିରେ ଥିବା ସୀମିତତାକୁ ଦୂର କରି ତାକୁ ପୂର୍ଣ୍ଣତା ପ୍ରଦାନ କରିଛି । ସାଂଖ୍ୟ ମାର୍ଗରେ ଆତ୍ମାକୁ ନିମ୍ନ ପ୍ରକୃତିରୁ ପୃଥକ୍ କରାଯାଏ, ତ୍ରିଗୁଣର ଦାସତ୍ୱରୁ ସାଧକ ମୁକ୍ତ ହୋଇଯାଏ । ଗୀତା ପରମ ପୁରୁଷ ଓ ପରାପ୍ରକୃତିର ଏକତ୍ୱକୁ ବିସ୍ତୃତ ଭାବେ ପ୍ରକାଶିତ କରି ସାଂଖ୍ୟ ମାର୍ଗକୁ ପରିପୂର୍ଣ୍ଣତା ପ୍ରଦାନ କରିଛି । ବେଦାନ୍ତ ମାର୍ଗରେ ଅହଂକୈନ୍ଦ୍ରିକ ବ୍ୟକ୍ତିତ୍ୱର ବିଲୋପ ସାଧନ କରାଯାଏ ଏବଂ ତା' ସ୍ଥାନରେ ନୈର୍ବ୍ୟକ୍ତିକ ସତ୍ତାକୁ ପ୍ରତିଷ୍ଠିତ କରାଯାଏ । ଶାଶ୍ୱତ ଅନନ୍ତ ସତ୍ତା ଓ ଦେଶକାଳ ଅନ୍ତର୍ଗତ ଜଗତ୍ ମଧ୍ୟରେ ଏକ ଅପୂରଣୀୟ ବ୍ୟବଧାନ ରହିଛି ବୋଲି ବିଶ୍ୱାସ କରାଯାଏ । ଅନ୍ୟ ପକ୍ଷରେ ଗୀତା ପରମପୁରୁଷଙ୍କ ସ୍ୱରୂପକୁ ବର୍ଣ୍ଣନା କରି କହିଛି ଯେ କାଳାତୀତ ପରମପୁରୁଷ ଓ କାଳଗତ ଜଗତ୍ ମଧ୍ୟରେ ଅନ୍ତରଙ୍ଗ ସଂଯୋଗ ସୂତ୍ର ରହିଛି । ଶାଶ୍ୱତ ଭଗବାନ୍ ପ୍ରକୃତି ଭିତରେ ସବୁକିଛି ସ୍ୱୟଂ ହୋଇଛନ୍ତି, ସମସ୍ତ ବ୍ୟକ୍ତି ଭିତରେ ସେ ନିଜକୁ ପ୍ରକାଶିତ କରି ଚାଲିଛନ୍ତି । ଜ୍ଞାନ ଯୋଗ, କର୍ମ ଯୋଗ ଓ ଭକ୍ତି ଯୋଗ ସମ୍ପର୍କରେ ମଧ୍ୟ ଗୀତାରେ ଆମେ ଏକ ପୂର୍ଣ୍ଣାଙ୍ଗ ଦୃଷ୍ଟି ଲାଭ କରୁ । ସମସ୍ତ ବସ୍ତୁ ମଧ୍ୟରେ ଭଗବାନ୍ ରହିଛନ୍ତି ଏବଂ ଭଗବାନଙ୍କ ମଧ୍ୟରେ ସବୁକିଛି ରହିଛି – ଏହି ପୂର୍ଣ୍ଣ ଅଧ୍ୟାତ୍ମ ଐକ୍ୟର ତତ୍ତ୍ୱ ଗୀତାର ଏକ ମହାନ୍ ଅବଦାନ ।

ଶ୍ରୀକୃଷ୍ଣଙ୍କ ଦ୍ୱାରା ପ୍ରଦତ୍ତ ସମଗ୍ର ଜ୍ଞାନକୁ ଅର୍ଜୁନଙ୍କ ଗ୍ରହଣଶୀଳ ମନ ସ୍ୱୀକାର କରି ନେଇଛି, ତାକୁ ସତ୍ୟ ରୂପେ ଗ୍ରହଣ କରିଛି (ସର୍ବମେତଦୃତଂ ମନ୍ୟେ) । ତାଙ୍କ ମନ ଓ ହୃଦୟରୁ ଶୋକ ସନ୍ତାପ ଓ ସଂଶୟ ଦୂରୀଭୂତ ହୋଇଛି । ସେ ସଂସାରର ବିଭ୍ରାନ୍ତକାରୀ ଦୃଶ୍ୟରୁ ନିଜର ମନୋବୃତ୍ତିକୁ ନିବୃତ୍ତ କରି ଆଣି ଆଭ୍ୟନ୍ତରୀଣ ସତ୍ୟସବୁ ପ୍ରତି ଉନ୍ମୁଖ ହୋଇଛନ୍ତି । ''ସବୁ ହିଁ ବାସୁଦେବ'' (ବାସୁଦେବଃ ସର୍ବମିତି), ଏଇ ସତ୍ୟର ଉନ୍ମୋଚନ ଏବଂ ଭଗବାନଙ୍କ ଦିବ୍ୟ ଅଭିବ୍ୟକ୍ତିର ବିସ୍ତୃତ ଆଲୋଚନା ଅର୍ଜୁନଙ୍କୁ ଅନିର୍ବଚନୀୟ ଆନନ୍ଦ ପ୍ରଦାନ କରିଛି । ସେ ଶ୍ରୀକୃଷ୍ଣଙ୍କୁ ପରମ ବ୍ରହ୍ମ, ବିଶ୍ୱାତୀତ ଓ ବିଶ୍ୱମୟ ସତ୍ତା ରୂପେ ସ୍ୱୀକାର କରିଛନ୍ତି । ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ପରମ ଧାମ, ପରମ ପବିତ୍ରତା (ପବିତ୍ରଂ ପରମମ୍) ଏବଂ ଶାଶ୍ୱତ ସନାତନ ଦିବ୍ୟପୁରୁଷ (ପୁରୁଷଂ ଶାଶ୍ୱତଂ ଦିବ୍ୟମ୍), ଏ ବିଷୟରେ ଅର୍ଜୁନଙ୍କର ଆଉ କୌଣସି ସନ୍ଦେହ ରହିଲା ନାହିଁ ।

ଅର୍ଜୁନ ଦିବ୍ୟ ଜ୍ଞାନରେ ଆତ୍ମବିଭୋର ହୋଇ ପ୍ରଭୁ ଶ୍ରୀକୃଷ୍ଣଙ୍କର ସ୍ତବଗାନ କରିଛନ୍ତି । ସେ ଶ୍ରୀକୃଷ୍ଣଙ୍କୁ ଆଦିଦେବ, ଅଜାତ ପୁରୁଷ ରୂପେ ଗ୍ରହଣ କରିଛନ୍ତି; ଯିଏ କି ଏକ ସଙ୍ଗେ ସର୍ବବ୍ୟାପୀ ଆତ୍ମପ୍ରସାରୀ ପ୍ରଭୁ (self-extending master of all existence) ଏବଂ ମନୁଷ୍ୟମାନଙ୍କର ଅନ୍ତରନିବାସୀ ଅନ୍ତର୍ଯାମୀ ଦିବ୍ୟପୁରୁଷ । (ଅନ୍ତରାତ୍ମା ଓ ଅନ୍ତରନିବାସୀ ପ୍ରଭୁ ଏକା କଥା ନୁହେଁ; ଅନ୍ତରାତ୍ମା ସତ୍ତା ଭିତରେ ପୃଥକ୍ ହୋଇ ରହିଥାଏ, ମାତ୍ର ଅନ୍ତରନିବାସୀ ପ୍ରଭୁ ସତ୍ତା ଓ ପ୍ରକୃତିର ଗତିବୃତ୍ତି ପ୍ରତି ଧ୍ୟାନ ଦେଇଥା'ନ୍ତି, ସେଗୁଡ଼ିକୁ ସତ୍ୟ ଆଡ଼କୁ ପ୍ରେରିତ କରିଥା'ନ୍ତି ।) ଭଗବାନଙ୍କର ଅଭିବ୍ୟକ୍ତିର ରହସ୍ୟ ଦେବ ଓ ଦାନବମାନଙ୍କୁ ମଧ୍ୟ ଅଗୋଚର । ଶ୍ରୀକୃଷ୍ଣ ତାଙ୍କ ମୂଳ ସ୍ୱରୂପରେ ଦେବତାମାନଙ୍କର ଦେବତା, ତାଙ୍କ ଭିତରୁ ହିଁ ସମସ୍ତ ଦେବତାଙ୍କର ଉତ୍ପତ୍ତି । ସେ ତାଙ୍କର ପରାପ୍ରକୃତି ଓ ବିଶ୍ୱଗତ ପ୍ରକୃତି ଦ୍ୱାରା ଊର୍ଦ୍ଧ୍ୱରୁ ସକଳ ସୃଷ୍ଟିକୁ ଶାସନ କରୁଛନ୍ତି । ସେ ସର୍ବଭୂତର ପ୍ରଭୁ, ଜଗତର ସ୍ୱାମୀ (ଭୂତଭାବନ ଭୂତେଶ ଦେବଦେବ ଜଗତ୍ପତେ) ।

ସେ ବାସୁଦେବ ରୂପେ ପରିଚିତ କାରଣ ସମସ୍ତଙ୍କ ଅନ୍ତରରେ ଓ ବାହାରେ ତାଙ୍କର ଅବସ୍ଥିତି, ବିଶ୍ୱର ସର୍ବତ୍ର ସେ ବିରାଜିତ । ତାଙ୍କର ଏକ ଆତ୍ମ ପ୍ରକଟନକାରୀ ଶକ୍ତି ଓ ସର୍ବ-ସଂଗଠନକାରୀ ବିଭୂତି (Power of becoming) ରହିଛି ଯାହା ଦ୍ୱାରା ସେ ସମସ୍ତ ଜଗତରେ ପରିବ୍ୟାପ୍ତ ହୋଇ ରହିଛନ୍ତି (''ଯାଭିର୍ବିଭୂତିଭି-ର୍ଲୋକାନିମାଂସ୍ତ୍ୱଂ ବ୍ୟାପ୍ୟ ତିଷ୍ଠସି'' – ୧୦/୧୬) ।

ଅର୍ଜୁନ ଦିବ୍ୟଗୁରୁଙ୍କ ଶ୍ରୀମୁଖରୁ ଯେଉଁ ଗୂଢ଼ ଜ୍ଞାନ ଶ୍ରବଣ କଲେ ତାକୁ ସେ ନିଜ ହୃଦୟର ଶ୍ରଦ୍ଧା ଓ ଭକ୍ତି ସହ ଗ୍ରହଣ କଲେ । ଭଗବାନଙ୍କ ନିର୍ଦ୍ଦେଶିତ କର୍ମକୁ ପୂର୍ଣ୍ଣ ଆନୁଗତ୍ୟ ଓ ସମର୍ପଣ ଭାବ ସହ ସମ୍ପାଦନ କରିବାକୁ ତାଙ୍କ ଭିତରେ ଦୃଢ଼ ସଂକଳ୍ପ ଜାତ ହେଲା । ଅଧ୍ୟାତ୍ମ ସତ୍ୟକୁ ଅନ୍ତରରେ ଗ୍ରହଣ କରିବା ପାଇଁ ପରିପୂର୍ଣ୍ଣ ମାନସିକ ଶ୍ରଦ୍ଧା ଆବଶ୍ୟକ ଯାହା ଅର୍ଜୁନଙ୍କ ଭିତରେ ରହିଥିଲା । ତାଙ୍କ ମନର ସମ୍ମତି, ଇଚ୍ଛାର ସ୍ୱୀକୃତି ଏବଂ ହୃଦୟର ଆନନ୍ଦ ଓ ଆନୁଗତ୍ୟ ସହ ସେ ଅଧ୍ୟାତ୍ମ ସତ୍ୟକୁ ଗ୍ରହଣ କରିଥିଲେ । ତାଙ୍କର ରହିଥିଲା ଅସାଧାରଣ ବିନମ୍ରତା । ସେ ବୁଝିପାରିଥିଲେ ଯେ ଭଗବାନଙ୍କୁ ମାନସିକ ଉଦ୍ୟମ ଓ ବୁଦ୍ଧିର ପ୍ରୟୋଗ ଦ୍ୱାରା ଜାଣି ହେବ ନାହିଁ । ଦିବ୍ୟଗୁରୁଙ୍କ ସମ୍ମୁଖରେ ସେ ପ୍ରକାଶ କରିଥିଲେ – ''ହେ ପୁରୁଷୋତ୍ତମ, କେବଳ ଆପଣ ନିଜେ ହିଁ ନିଜ ଦ୍ୱାରା ନିଜକୁ ଜାଣନ୍ତି (ସ୍ୱୟମେବାତ୍ମନାତ୍ମାନଂ ବେତ୍ଥ) ।''

ବର୍ତ୍ତମାନ ଅର୍ଜୁନଙ୍କ ପାଇଁ ଯେଉଁ ପ୍ରୟୋଜନ ଅବଶିଷ୍ଟ ରହିଛି ତାହା ହେଉଛି ଦିବ୍ୟଗୁରୁଙ୍କ ଦ୍ୱାରା ପ୍ରଦତ୍ତ ଅଧ୍ୟାତ୍ମ ସତ୍ୟକୁ ବାସ୍ତବ ରୂପେ ନିଜ ଜୀବନରେ ଉପଲବ୍ଧି କରିବା । ମାନସିକ ଭୂମିରେ ନୁହେଁ, ନିଜ ଆତ୍ମାର ଭୂମିରେ ହିଁ ସେହି ସତ୍ୟକୁ ସ୍ଥାୟୀ ରୂପେ ଅନୁଭବ କରିବାକୁ ହେବ । ପରମ ଈଶ୍ୱରଙ୍କ ସମ୍ପର୍କରେ ମାନସିକ ଧାରଣା ପ୍ରାପ୍ତ ହେବା ପରେ ତାକୁ ସ୍ୱାନୁଭବ ଭିତରକୁ ଆଣିବା ପ୍ରଥମେ କଷ୍ଟସାଧ୍ୟ ହୋଇଥାଏ । ମାତ୍ର ଯେଉଁ ପରମ ସତ୍ତା ଆମର ସତ୍ତା ଓ ସର୍ବଭୂତର ସତ୍ତାର ପଶ୍ଚାତରେ ବିଦ୍ୟମାନ ରହିଛନ୍ତି ତାଙ୍କୁ ନିରବଚ୍ଛିନ୍ନ ପ୍ରୟାସ ଓ ଆସ୍ପୃହା ବଳରେ ଦିନେ ଉପଲବ୍ଧି କରିହୁଏ । ତେବେ ସାଧକ ପକ୍ଷରେ ଅଧିକ କଷ୍ଟସାଧ୍ୟ ବିଷୟ ହେଉଛି ଜଗତର ପ୍ରତୀୟମାନ ସତ୍ୟସବୁ ମଧ୍ୟରେ ଭଗବାନଙ୍କୁ ଦର୍ଶନ କରିବା, ପ୍ରକୃତି ତଥା ଜଗତ୍ ମଧ୍ୟରେ ଯାହାକିଛି ସଂଘଟିତ ହେଉଛି ସେଥିରେ ଭଗବାନଙ୍କୁ ସନ୍ଧାନ କରିବା ଏବଂ ତାଙ୍କର ଦିବ୍ୟ ଉପସ୍ଥିତିକୁ ଅନୁଭବ କରିବା । ଯଦିଓ ଆମେ ଏହି ଧାରଣାକୁ ମାନସିକ ସ୍ତରରେ ସ୍ୱୀକାର କରୁ ଯେ ଭଗବାନ୍ ବିଶ୍ୱର ସକଳ ପଦାର୍ଥ ମଧ୍ୟରେ ବ୍ୟାପ୍ତ ହୋଇ ରହିଛନ୍ତି, ସବୁଠି ଦିବ୍ୟଶକ୍ତି ଓ ସୌନ୍ଦର୍ଯ୍ୟ ଅନ୍ତର୍ନିହିତ ହୋଇ ରହିଛି, ଭଗବାନଙ୍କ କଲ୍ୟାଣକାରୀ ପ୍ରେମ ସବୁକିଛିକୁ ପରିବେଷ୍ଟିତ କରି ରହିଛି, ତଥାପି ବାସ୍ତବ କ୍ଷେତ୍ରରେ ଯେତେବେଳେ ଆମେ ଭୟଙ୍କର, କୁତ୍ସିତ ଓ ମନ୍ଦ ବସ୍ତୁକୁ ଦେଖୁ ସେଥି ମଧ୍ୟରେ ଭଗବାନ୍ ଅଛନ୍ତି ବୋଲି ଆମେ ଅନୁଭବ କରିପାରୁ ନାହିଁ, ବରଂ ସେଗୁଡ଼ିକୁ ଦେଖିଲେ ଆମ ଭିତରେ ଘୃଣା, ଭୟ ଓ ବିକର୍ଷଣ ଭାବ ଜାତ ହୁଏ । ସାଧୁ ଓ ସନ୍ଥମାନଙ୍କ ଭିତରେ ଭଗବାନଙ୍କୁ ଦେଖିବା ଆମ ପାଇଁ ସହଜ ହୁଏ, ମାତ୍ର ପାପୀ, ଅପରାଧୀ ଓ ପତିତମାନଙ୍କ ଭିତରେ ଭଗବାନଙ୍କୁ ଦେଖି ପାରିବା ଆମ ପକ୍ଷରେ ଅତ୍ୟନ୍ତ କଷ୍ଟକର ହୋଇଥାଏ ।

ପ୍ରକୃତରେ ସବୁକିଛି ମଧ୍ୟରେ ଭାଗବତ ଏକତ୍ୱକୁ ଉପଲବ୍ଧି କରିବା ଏକ ଦୁରୂହ ସାଧନା । ଏକତ୍ୱବୋଧର ଜ୍ଞାନକୁ ହୃଦୟ ଓ ଜୀବନରେ ବାସ୍ତବ ସତ୍ୟ ରୂପେ ଧାରଣ କରିବା ପାଇଁ କିଛି ସଂଯୋଗସୂତ୍ର ଓ ଅବଲମ୍ବନ ନିଶ୍ଚିତଭାବେ ପ୍ରୟୋଜନ । ସେଥିପାଇଁ ଅର୍ଜୁନ ଶ୍ରୀକୃଷ୍ଣଙ୍କଠାରୁ ପଥନିର୍ଦ୍ଦେଶକାରୀ ସଙ୍କେତ ଓ ନିଦର୍ଶନସବୁ ଲୋଡ଼ିଲେ । ସେ ଶ୍ରୀକୃଷ୍ଣଙ୍କୁ ନିବେଦନ କଲେ – ''ହେ ପୁରୁଷୋତ୍ତମ ! ଆପଣ ନିଜର ସେହି ଦିବ୍ୟ ଆତ୍ମବିଭୂତିସବୁ ବିଷୟରେ ସମ୍ପୂର୍ଣ୍ଣ ରୂପେ (ଅଶେଷେଣ) କୁହନ୍ତୁ, କିଛି ମଧ୍ୟ ବାଦ୍ ଦିଅନ୍ତୁ ନାହିଁ, ଆପଣ ହିଁ ସେପରି ବର୍ଣ୍ଣନା କରିବା ପାଇଁ ସମର୍ଥ ।''

''ବକ୍ତୁମର୍ହସ୍ୟଶେଷେଣ ଦିବ୍ୟା ହ୍ୟାତ୍ମବିଭୂତୟଃ ।''

(୧୦/୧୬)

ଭଗବାନଙ୍କ ବିଭୂତିସବୁର ବିସ୍ତୃତ, ପୁଙ୍ଖାନୁପୁଙ୍ଖ ଓ ବାରମ୍ବାର ବର୍ଣ୍ଣନାର ଶ୍ରବଣ ଅର୍ଜୁନଙ୍କ ପକ୍ଷରେ ଥିଲା ଅମୃତସ୍ୱରୂପ । ଏହାର ମାହାତ୍ମ୍ୟ ଓ ମାଧୁର୍ଯ୍ୟ ଏପରି ଯେ ଏ ବିଷୟ ଯେତେ ଶୁଣିଲେ ମଧ୍ୟ ତୃପ୍ତି ଆସିବ ନାହିଁ (ତୃପ୍ତିର୍ହି ଶୃଣ୍ୱତୋ ନାସ୍ତି), ଅଧିକରୁ ଅଧିକ ଶୁଣିବା ଲାଗି ହୃଦୟ ଉତ୍କଣ୍ଠିତ ହେବ ।

ଶ୍ରୀଅରବିନ୍ଦ କହନ୍ତି ଯେ ଗୀତାର ଏହି ଭାଗରେ ଏକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଜିନିଷର ଇଙ୍ଗିତ ରହିଛି ଯାହା ସ୍ୱୟଂ ଗୀତା ମଧ୍ୟ ସ୍ପଷ୍ଟ କରି ପ୍ରକାଶ କରି ନାହିଁ, କିନ୍ତୁ ଯାହାର ଉଲ୍ଲେଖ ଉପନିଷଦ୍‌ର ଅନେକ ସ୍ଥାନରେ ରହିଛି ଏବଂ ଯାହା ପରବର୍ତ୍ତୀ କାଳରେ ବୈଷ୍ଣବ ଧର୍ମ ଓ ଶାକ୍ତ ଧର୍ମ ଦ୍ୱାରା ଗଭୀରତର ତାତ୍ପର୍ଯ୍ୟ ସହିତ ବିକଶିତ ହୋଇଛି । ସେଇ ମହତ୍ତ୍ୱପୂର୍ଣ୍ଣ ଜିନିଷଟି

ହେଉଛି ଜଗତରେ ବିରାଜିତ ଭଗବାନଙ୍କୁ ନେଇ ମନୁଷ୍ୟର ଆନନ୍ଦଲାଭର ସମ୍ଭାବନା, ବିଶ୍ୱାନନ୍ଦ, ଜଗଜ୍ଜନନୀଙ୍କର ଲୀଳା ଓ ଭଗବତ୍ ଲୀଳାର ମାଧୁରୀ ଏବଂ ସୌନ୍ଦର୍ଯ୍ୟ ("man's possible joy of the Divine in the world-existence, the universal Ananda, the play of the Mother, the sweetness and beauty of God's Lila.")

ଦିବ୍ୟଗୁରୁ ଶ୍ରୀକୃଷ୍ଣ ଅର୍ଜୁନଙ୍କ ଅନୁରୋଧକ୍ରମେ ଭଗବାନଙ୍କ ଦିବ୍ୟ ବିଭୂତିଗୁଡ଼ିକ ବିଷୟରେ କହିବା ପାଇଁ ସମ୍ମତ ହେଲେ । ମାତ୍ର ଏକଥା ସ୍ପଷ୍ଟ କରିଦେଲେ ଯେ ଭଗବାନ୍ ହେଉଛନ୍ତି ଅନନ୍ତ ଏବଂ ତାଙ୍କ ପ୍ରକାଶ ମଧ୍ୟ ଅନନ୍ତ (''ନାସ୍ତ୍ୟନ୍ତୋ ବିସ୍ତରସ୍ୟ ମେ''– ମୋ ଆତ୍ମବିସ୍ତାରର କୌଣସି ଅନ୍ତ ନାହିଁ) । ସୁତରାଂ ତାଙ୍କ ଅସଂଖ୍ୟ ପ୍ରକାଶ ବିଷୟରେ କହିବା ସମ୍ଭବ ନୁହେଁ । ସେ କେବଳ ଦୃଷ୍ଟାନ୍ତ ସ୍ୱରୂପ କେତୋଟି ପ୍ରଧାନ ପ୍ରଧାନ ବିଭୂତି ବିଷୟରେ ହିଁ କହିବେ ।

ଗୀତାର ଯେଉଁ ଅଧ୍ୟାୟ (ଦଶମ)ରେ ଏହି ବିଭୂତିଗୁଡ଼ିକର ବର୍ଣ୍ଣନା ରହିଛି ତା'ର ନାମ ବିଭୂତି ଯୋଗ । ଅର୍ଥାତ୍ ଭଗବାନଙ୍କ ବିଭୂତି-ତତ୍ତ୍ୱକୁ ବୁଝିବା ଓ ଜୀବନରେ ପ୍ରୟୋଗ କରିବା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଯୋଗ, ଯାହା ପ୍ରତ୍ୟେକ ବ୍ୟକ୍ତି ପାଇଁ ଏକାନ୍ତ ଅପରିହାର୍ଯ୍ୟ । ଲକ୍ଷ୍ୟ କରିବାର କଥା ଯେ ବିଭୂତିଗୁଡ଼ିକର ବର୍ଣ୍ଣନାରେ ଏକ ବିଶେଷ ସୂତ୍ର ପ୍ରୟୋଗ କରାଯାଇଛି । ଏଥିରେ ଏକ ଆରୋହଣଶୀଳ କ୍ରମବିକାଶର ଶକ୍ତି ରହିଛି । ବିଭୂତି ରୂପଗୁଡ଼ିକର ବର୍ଣ୍ଣନା କ୍ରମଶଃ ଉଚ୍ଚରୁ ଉଚ୍ଚତର ପ୍ରକାଶ ମଧ୍ୟଦେଇ ଭଗବତ୍ ବିଶ୍ୱପୁରୁଷଙ୍କର ବିଶାଳତା ମଧ୍ୟକୁ ଉଠିଯାଇଛି ।

ବର୍ଣ୍ଣନା ଆରମ୍ଭ କରି ଶ୍ରୀକୃଷ୍ଣ କହୁଛନ୍ତି –

''ଅହମାତ୍ମା ଗୁଡ଼ାକେଶ ସର୍ବଭୂତାଶୟସ୍ଥିତଃ ।
ଅହମାଦିଶ୍ଚ ମଧ୍ୟଂ ଚ ଭୂତାନାମନ୍ତ ଏବ ଚ ॥
(୧୦/୨୦)

ଅର୍ଥାତ୍, ''ହେ ନିଦ୍ରାଜୟୀ ଅର୍ଜୁନ ! ସମସ୍ତ ପ୍ରାଣୀଙ୍କ ଆଦି, ମଧ୍ୟ ତଥା ଅନ୍ତରେ ମୁଁ ହିଁ ସ୍ଥିତ ଏବଂ ପ୍ରାଣୀମାନଙ୍କର ଅନ୍ତଃକରଣରେ ସ୍ଥିତ ଆତ୍ମା ମଧ୍ୟ ମୁଁ ।''

ଭଗବାନ୍ ପ୍ରତ୍ୟେକ ବସ୍ତୁ ଓ ପ୍ରତ୍ୟେକ ଜୀବର ମନ ଓ ହୃଦୟରେ ଏକ ଗୁହାରେ ବାସ କରିବା ପରି ବାସ କରୁଛନ୍ତି । ଆମ ସମସ୍ତଙ୍କର ଆନ୍ତର ଓ ବାହ୍ୟ ସମ୍ଭୂତି ଓ ଜୀବନଧାରାର ମର୍ମସ୍ଥଳରେ ସେ ଅନ୍ତରାତ୍ମା ରୂପେ ରହିଛନ୍ତି । ଯାହା କିଛି ଅଛି ବା ଯାହା ହୋଇଛି ବା ହେବ ସେସବୁର ସେ ହେଉଛନ୍ତି ଆଦି, ମଧ୍ୟ ଓ ଅନ୍ତ । ସେ ଆମ ଭିତରେ ଗୁପ୍ତଭାବରେ ରହିଛନ୍ତି, ମାତ୍ର ନିଷ୍କ୍ରିୟ ଭାବରେ ନୁହେଁ । ସେ ଆମର ବ୍ୟକ୍ତିତ୍ୱର ପରିବର୍ତ୍ତନସବୁକୁ ତଥା ଆମ ଇନ୍ଦ୍ରିୟାନୁଭୂତିସବୁକୁ ନିରନ୍ତର ବିବର୍ତ୍ତିତ କରାଉଛନ୍ତି ।

ଗଭୀର ଦୃଷ୍ଟିରେ ଦେଖିଲେ ଆମେ ଜାଣିପାରିବା ଯେ ବିଶ୍ୱର ସବୁକିଛି ହେଉଛି ଭଗବାନଙ୍କ ଅଭିବ୍ୟକ୍ତିର ଶକ୍ତି । ସମସ୍ତ ବସ୍ତୁରେ ତାଙ୍କରି ଶକ୍ତି କ୍ରିୟାଶୀଳ, ସକଳ ସୃଷ୍ଟି ଓ କର୍ମରେ ସେ ହିଁ ପ୍ରଧାନ କାରଣ, ପ୍ରଧାନ ପ୍ରେରଣା ଓ ପ୍ରଧାନ ଅବଲମ୍ବନ । ତାଙ୍କଠାରୁ ହିଁ ସବୁକିଛିର ଉତ୍ପତ୍ତି, ତାଙ୍କଠାରେ ହିଁ ସବୁକିଛିର ଶେଷ ପରିଣତି । ସମସ୍ତ ପ୍ରାଣୀ ତାଙ୍କ ଭିତରେ ହିଁ ପରମ ଗତି ଲାଭ କରନ୍ତି ବା ଲୟ ପ୍ରାପ୍ତ ହୁଅନ୍ତି । ସମସ୍ତ ଶ୍ରେଣୀ (class), ପ୍ରାଣୀପ୍ରଭୃତିର ବର୍ଗ (genera), ଜାତି (species) ଓ ବ୍ୟକ୍ତିମାନେ (individuals) ହେଉଛନ୍ତି ଭଗବାନଙ୍କର ଏକ ଏକ ଆତ୍ମ-ପ୍ରକାଶ, ଏକ ଏକ ବିଭୂତି । କିନ୍ତୁ ଯେହେତୁ ସେ ତାଙ୍କର ଆତ୍ମପ୍ରକାଶର ଶକ୍ତି ଭିତର ଦେଇ ଆମ ଆଗରେ ପ୍ରତିଭାତ ହୁଅନ୍ତି, ତେଣୁ ଯାହାକିଛି ବିଶେଷ ଗୁଣସମ୍ପନ୍ନ ବୋଲି ମନେ ହୁଏ ତାହା ମଧ୍ୟରେ ସେ ବିଶେଷ ଭାବରେ ପ୍ରକଟିତ, ଅର୍ଥାତ୍ ସୃଷ୍ଟି ମଧ୍ୟରେ ଯାହା କିଛି ବିଶେଷ ଗୁଣ ବା ସାମର୍ଥ୍ୟର ଅଧିକାରୀ ସେସବୁ ଏକ ବିଶେଷ ଅର୍ଥରେ ବିଭୂତି ଅଟନ୍ତି । ତଥାପି ସେସବୁ ଅନନ୍ତ ଭଗବାନଙ୍କର ଏକ ଅତ୍ୟନ୍ତ ଆଂଶିକ ପ୍ରକାଶ ମାତ୍ର । ଏପରିକି ସମଗ୍ର ବିଶ୍ୱ ଭଗବାନଙ୍କ ଅନନ୍ତ ମହିମାର ଏକ କ୍ଷୁଦ୍ର କଣିକା ସଦୃଶ । ତାଙ୍କ ଜ୍ୟୋତିର ଗୋଟିଏ ମାତ୍ର ରଶ୍ମି ଦ୍ୱାରା ସମଗ୍ର ଜଗତ୍ ଉଦ୍ଭାସିତ । ସେଥିପାଇଁ ଭଗବାନଙ୍କୁ 'ବୃହତ୍' ବୋଲି କୁହାଯାଇଛି; ଯାହାଙ୍କର ବିଶାଳତା ଅକଳ୍ପନୀୟ, ଅପରିସୀମ ଓ ଅତ୍ୟାଶ୍ଚର୍ଯ୍ୟମୟ ।

କାଳ (Time) ଦୃଷ୍ଟିରୁ ବିଚାର କଲେ ଭଗବାନ୍ ହେଉଛନ୍ତି ଅନନ୍ତ କାଳ (ଅହମେବାକ୍ଷୟଃ କାଳଃ) । ସେ ଅନାଦି ଓ ଅବିନଶ୍ୱର । ଦେଶ (space) ଦୃଷ୍ଟିରୁ ବିଚାର କଲେ ଭଗବାନ୍ ସର୍ବତ୍ର ପରିବ୍ୟାପ୍ତ, ପ୍ରତ୍ୟେକଟି ସତ୍ତାରେ ପ୍ରକଟିତ । ତାଙ୍କର ସର୍ବବ୍ୟାପକତା ଏପରି ଚମତ୍କାର ଓ ରହସ୍ୟମୟ ଯେ ଆମେ ଆମର ସବୁ ଦିଗରେ ତାଙ୍କରି ମୁଖ ହିଁ ଦେଖୁ (ଧାତାହଂ ବିଶ୍ୱତୋମୁଖଃ) । ଏପରି କୌଣସି ବସ୍ତୁ, ଜୀବ ବା ସ୍ଥାନ ନାହିଁ ଯେଉଁଠି ତାଙ୍କର ଆତ୍ମା, ସଂକଳ୍ପ ଓ ଶକ୍ତି କାର୍ଯ୍ୟ କରୁ ନାହିଁ ।

ତାଙ୍କର ସୃଜନ ପ୍ରତିଭା ଓ ସୃଷ୍ଟି ସାମର୍ଥ୍ୟ ଅଦ୍ୱିତୀୟ, ଅତୁଳନୀୟ ଓ ଅଭ୍ରାନ୍ତ । ସେ କେବଳ ବିଶ୍ୱସ୍ରଷ୍ଟା ନୁହନ୍ତି, ସେ ପୁଣି ସର୍ବସଂହାରକ ମୃତ୍ୟୁ ଅଟନ୍ତି । ସମସ୍ତ ପ୍ରକାର ସମ୍ବନ୍ଧ, ସମ୍ଭାବନା ଓ ଅନିବାର୍ଯ୍ୟ ପରିଣତିକୁ ସେ ସଂଗଠିତ, ବ୍ୟବସ୍ଥିତ ଓ ନିୟନ୍ତ୍ରିତ କରୁଛନ୍ତି । ବର୍ତ୍ତମାନ 'କାଳ' ତାଙ୍କରି ହାତରେ ବିଧୃତ ହୋଇ ରହିଛି, ଅତୀତକୁ ନିଜ ଭିତରେ ସେ ସଂହରଣ କରି ନିଅନ୍ତି ଏବଂ ଭବିଷ୍ୟତ୍ ସୃଷ୍ଟିର ଯୋଜନା ତାଙ୍କ ସଂକଳ୍ପର ଅନ୍ତର୍ଭୁକ୍ତ (ଉଦ୍ଭବଶ୍ଚ ଭବିଷ୍ୟତାମ୍) ।

ଭଗବାନଙ୍କ ବିଭୂତିମାନଙ୍କ ଭିତରେ ରହିଛନ୍ତି ମାନବ, ଅତିମାନବ, ବିଶ୍ୱଦେବତା, ପ୍ରାଣୀ, ବସ୍ତୁ, ଗୁଣ ଓ ଶକ୍ତିସମୂହ – ଯେଉଁମାନଙ୍କର କୌଣସି ବିଶେଷତ୍ୱ ବା ଶ୍ରେଷ୍ଠତା ରହିଛି । ଗୀତାରେ ଭଗବାନ୍ ଶ୍ରୀକୃଷ୍ଣ ତାଙ୍କ ବିଭୂତିମାନଙ୍କର ଏକ ଦୀର୍ଘ ତାଲିକା ପ୍ରଦାନ କରିଛନ୍ତି । ସେ କହୁଛନ୍ତି, ''ମୁଁ ଆଦିତ୍ୟମାନଙ୍କ ମଧ୍ୟରେ ବିଷ୍ଣୁ, ରୁଦ୍ରମାନଙ୍କ ମଧ୍ୟରେ ଶିବ, ଦେବତାମାନଙ୍କ ମଧ୍ୟରେ ଇନ୍ଦ୍ର, ଦୈତ୍ୟମାନଙ୍କ ମଧ୍ୟରେ ପ୍ରହ୍ଲାଦ, ପୁରୋହିତମାନଙ୍କ ମଧ୍ୟରେ ବୃହସ୍ପତି, ସେନାପତିମାନଙ୍କ ମଧ୍ୟରେ କାର୍ତ୍ତିକେୟ, ମରୁତଗଣଙ୍କ ମଧ୍ୟରେ ମରୀଚି, ଯକ୍ଷ ଓ ରକ୍ଷମାନଙ୍କ ମଧ୍ୟରେ କୁବେର, ନାଗମାନଙ୍କ ମଧ୍ୟରେ ଅନନ୍ତନାଗ, ବସୁମାନଙ୍କ ମଧ୍ୟରେ ଅଗ୍ନି, ଗନ୍ଧର୍ବମାନଙ୍କ ମଧ୍ୟରେ ଚିତ୍ରରଥ ଓ ଦେବର୍ଷିମାନଙ୍କ ମଧ୍ୟରେ ନାରଦ ।'' ସେ ପୁଣି ଜ୍ୟୋତିମାନଙ୍କ ମଧ୍ୟରେ ସୂର୍ଯ୍ୟ, ରାତ୍ରିର ନକ୍ଷତ୍ରମାନଙ୍କ ମଧ୍ୟରେ ଚନ୍ଦ୍ରମା, ଜଳଧରମାନଙ୍କ ମଧ୍ୟରେ ସମୁଦ୍ର, ପର୍ବତଶ୍ରେଣୀମାନଙ୍କ ମଧ୍ୟରେ ହିମାଳୟ, ନଦୀମାନଙ୍କ ମଧ୍ୟରେ ଗଙ୍ଗା । ବୃକ୍ଷମାନଙ୍କ ମଧ୍ୟରେ ସେ ହେଉଛନ୍ତି ଅଶ୍ୱତ୍ଥ, ଅଶ୍ୱମାନଙ୍କ ମଧ୍ୟରେ ଉଚ୍ଚୈଶ୍ରବା ଅଶ୍ୱ, ହସ୍ତୀମାନଙ୍କ ମଧ୍ୟରେ ଐରାବତ, ପକ୍ଷୀମାନଙ୍କ ମଧ୍ୟରେ ଗରୁଡ଼, ସର୍ପମାନଙ୍କ ମଧ୍ୟରେ ବାସୁକୀ, ଧେନୁମାନଙ୍କ ମଧ୍ୟରେ କାମଧେନୁ, ମତ୍ସ୍ୟମାନଙ୍କ ମଧ୍ୟରେ ମକର, ବନ୍ୟପଶୁମାନଙ୍କ ମଧ୍ୟରେ ସିଂହ । ସେ ନିଜକୁ ମାସମାନଙ୍କ ଭିତରେ ମାର୍ଗଶୀର ଓ ଋତୁମାନଙ୍କ ମଧ୍ୟରେ ବସନ୍ତଋତୁ ବୋଲି ଘୋଷଣା କରିଛନ୍ତି ।

ଭଗବାନଙ୍କ ଅନ୍ୟାନ୍ୟ ବିଭୂତିମାନଙ୍କ ଭିତରେ ରହିଛନ୍ତି ଚେତନା, ମନ, କୀର୍ତ୍ତି, ଶ୍ରୀ, ବାକ୍, ସ୍ମୃତି, ମେଧା, ଧୃତି, କ୍ଷମା, ବଳ ଓ ତେଜ, ଦୃଢ଼ ସଂକଳ୍ପ, ଅଧ୍ୟବସାୟ, ଜୟ, ସତ୍ତ୍ୱଗୁଣ ଇତ୍ୟାଦି । ଶ୍ରୀକୃଷ୍ଣ କହୁଛନ୍ତି – ''ମୁଁ ଅକ୍ଷରମାନଙ୍କ ମଧ୍ୟରେ 'ଅ' କାର, ସମାସମାନଙ୍କ ମଧ୍ୟରେ ଦ୍ୱନ୍ଦ୍ୱ, ଶବ୍ଦମାନଙ୍କ ମଧ୍ୟରେ ଓଁକାର, ଛନ୍ଦମାନଙ୍କ ମଧ୍ୟରେ ଗାୟତ୍ରୀ, ବେଦମାନଙ୍କ ମଧ୍ୟରେ ସାମବେଦ, ବିଦ୍ୟାମାନଙ୍କ ମଧ୍ୟରେ ଅଧ୍ୟାତ୍ମ ବିଦ୍ୟା । ଭଗବାନଙ୍କର ଆହୁରି ଅନେକ ବିଭୂତିମାନଙ୍କ ବିଷୟରେ ଗୀତାରେ ଉଲ୍ଲେଖ କରାଯାଇଛି, ଯଥା – ଯୋଦ୍ଧାମାନଙ୍କ ଭିତରେ ସେ ରାମ, ପାଣ୍ଡବମାନଙ୍କ ମଧ୍ୟରେ ଅର୍ଜୁନ, ଋଷିମାନଙ୍କ ମଧ୍ୟରେ ଭୃଗୁ, ଦ୍ରଷ୍ଟା କବିମାନଙ୍କ ମଧ୍ୟରେ ଉଶନା (ଶୁକ୍ରାଚାର୍ଯ୍ୟ), ମୁନିମାନଙ୍କ ମଧ୍ୟରେ ବ୍ୟାସ, ସିଦ୍ଧମାନଙ୍କ ମଧ୍ୟରେ କପିଳ ମୁନି ଏବଂ ଯଜ୍ଞମାନଙ୍କ ମଧ୍ୟରେ ଜପଯଜ୍ଞ ।

ଏହିପରି ଭଗବାନଙ୍କର ଅସଂଖ୍ୟ ବିଭୂତି ରହିଛନ୍ତି । ଆମେ ସେସବୁ ଗଣନା କରିପାରିବା ନାହିଁ । ଜଗତରେ ଯାହାକିଛି ସୁନ୍ଦର, ଗୌରବମୟ, ଶକ୍ତିମନ୍ତ, ତେଜୋଦୀପ୍ତ, ଅଗ୍ରଗଣ୍ୟ ଓ ମହାନ୍ ବୋଲି ଜଣାପଡୁଛି ସେସବୁ ଭଗବାନଙ୍କର ଏକ ଏକ ବିଭୂତି । ସେ ସମସ୍ତଙ୍କ ପ୍ରତି ଆମ ହୃଦୟରେ ପ୍ରେମ, ଭକ୍ତି ଓ ସମ୍ମାନବୋଧ ରହିବା ଆବଶ୍ୟକ । ଏ ସମସ୍ତ ବିଷୟ ବର୍ଣ୍ଣନା କରିବାର ଅସଲ ତାତ୍ପର୍ଯ୍ୟ ହେଉଛି ଭଗବାନ୍ ସର୍ବତ୍ର ବିରାଜମାନ, ସମସ୍ତଙ୍କ ଭିତରେ ତାଙ୍କର ଅସ୍ତିତ୍ୱ ଓ ପ୍ରକାଶ ରହିଛି, ତାଙ୍କ ବ୍ୟତୀତ ଆଉ କିଛି ବି ନାହିଁ । ତାଙ୍କର ମାତ୍ର କୌଣସି ଏକ ଅଂଶରେ ସମଗ୍ର ବ୍ରହ୍ମାଣ୍ଡସ୍ଥିତ ଓ ବ୍ୟାପ୍ତ (''ବିଷ୍ଟଭ୍ୟାହମିଦଂ କୃତ୍ସ୍ନମେକାଂଶେନ ସ୍ଥିତୋ ଜଗତ୍''– ୧୦/୪୨) । ଏହି କଥାଟିକୁ ଉପଲବ୍ଧି କରିପାରିଲେ ଆମ ଭିତରେ ସ୍ୱତଃ ବିସ୍ମୟ ଓ କୃତଜ୍ଞତାର ଭାବ ସୃଷ୍ଟି ହୁଏ; ସର୍ବମୟ ଓ ସର୍ବଶକ୍ତିମାନ୍ ପରମେଶ୍ୱରଙ୍କ ପାଖରେ ସମ୍ପୂର୍ଣ୍ଣ ଆତ୍ମସମର୍ପଣ କରିବା ଏକ ସ୍ୱାଭାବିକ ଆବଶ୍ୟକତା ବା ଏକାନ୍ତ ଅପରିହାର୍ଯ୍ୟ ବୋଲି ମନେ ହୁଏ ।

(କ୍ରମଶଃ) ❑

ପୃଥିବୀର କଲ୍ୟାଣ ପାଇଁ ଭାରତକୁ ରକ୍ଷା କରିବାକୁ ହେବ କାରଣ କେବଳ ଭାରତ ହିଁ ପୃଥିବୀକୁ ଶାନ୍ତି ଓ ନୂତନ ବିଶ୍ୱ ବ୍ୟବସ୍ଥା ଗଠନ ଦିଗରେ ନେତୃତ୍ୱ ଦେଇପାରେ ।

– ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୭)

**ଏଣ୍ଟୋନିନ୍ ରେମଣ୍ଡ ଓ ଫ୍ରାଁସୁଆ ସ୍ୟାମାରଙ୍କର ଆଗମନ :**

୧୯୩୮ର ଜାନୁଆରୀ ମାସରେ ଏଣ୍ଟୋନିନ୍ ରେମଣ୍ଡ (ସପରିବାର) ଏବଂ ଫ୍ରାଁସୁଆ ସ୍ୟାମାର* ପଣ୍ଡିଚେରୀ ଆଶ୍ରମରେ ପହଞ୍ଚିଲେ ।

ରେମଣ୍ଡଙ୍କର 'ଆତ୍ମ-ଜୀବନୀ'ରୁ : ''...ଭାରତର ସହରଗୁଡ଼ିକ ସେତେ ପରିଷ୍କାର-ପରିଚ୍ଛନ୍ନ ନ ଥିଲା ଏବଂ ପଣ୍ଡିଚେରୀର ଜନସାଧାରଣଙ୍କ ମଧ୍ୟରେ କେତେକ ବାସିନ୍ଦାଙ୍କର ଆଚାର-ବ୍ୟବହାର, ଚାଲିଚଳନ ଓ ରୀତିନୀତିସବୁ ଦେଖି ଆମେ ହତବୁଦ୍ଧି ହୋଇ ଉଠିଥିଲୁ । ସର୍ବସାଧାରଣଙ୍କ ସକାଶେ ଉନ୍ମୁକ୍ତ ପଣ୍ଡିଚେରୀର ସମୁଦ୍ର କୂଳରେ ଆରାମରେ ଚଲାବୁଲା କରିବା ସକାଶେ ଲୋକମାନେ ସାହସ କରିପାରୁ ନ ଥିଲେ; କାରଣ ସେଇସବୁ ବାସିନ୍ଦାମାନେ ଅସ୍ୱାସ୍ଥ୍ୟକର ମଇଳା ଆବର୍ଜନାସବୁକୁ ଏଇଠାରେ ହିଁ ଫୋପାଡ଼ି ଦେଉଥିଲେ । ତଥାପି ଶ୍ରୀଅରବିନ୍ଦ ଆଶ୍ରମ, ଯାହାକି ସହରର ବେଶ୍ କେତେକାଂଶ ଅଧିକାର କରିଥିଲା – ଥିଲା ବିଶୁଦ୍ଧ, ନିର୍ମଳ, ଏକେବାରେ ପରିଷ୍କାର ପରିଚ୍ଛନ୍ନ ।...

''ପଣ୍ଡିଚେରୀରେ ପହଞ୍ଚି ଆମେ ଦେଖିଲୁ ଏହା ଏକ ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ଏବଂ ଅନେକାଂଶରେ ଏକ ସୁନ୍ଦର ସହର । ସପ୍ତଦଶ ଓ ଅଷ୍ଟାଦଶ ଶତାବ୍ଦୀର ଔପନିବେଶିକ ଫରାସୀମାନଙ୍କର ସ୍ଥାପତ୍ୟ, ସୁପରିକଳ୍ପିତ ପରିଷ୍କାର ରାସ୍ତାଘାଟ, ସହରବାସୀମାନଙ୍କର ବର୍ଗାକୃତି ସୁଦୃଶ୍ୟ ବାସଭବନ ।...

''ଆଶ୍ରମରେ ସବୁକିଛିର ଯତ୍ନ ନିଆ ଯାଉଥିଲା । ଯଥାର୍ଥରେ କହିଲେ, ମୁଁ ଆଜି ପର୍ଯ୍ୟନ୍ତ ଦେଖିଥିବା ବା ସ୍ୱଳ୍ପକାଳ ନିମିତ୍ତ ବସବାସ କରିଥିବା ସ୍ଥାନଗୁଡ଼ିକ ମଧ୍ୟରେ ଏମିତି ପରିଷ୍କାର ପରିଚ୍ଛନ୍ନ ପରିବେଶ କେବେ ବି ଦେଖି ନ ଥିଲି । ଏହା ପ୍ରକୃତରେ ଥିଲା ସର୍ବୋତ୍କୃଷ୍ଟ । ଆଶ୍ରମର ସେଇ ପୁରାତନ ବାସଭବନଗୁଡ଼ିକୁ ଉତ୍କୃଷ୍ଟ ସ୍ଥିତିରେ ରଖା ଯାଇଥିଲା । ଗୋଲାପି-କମଳା ରଙ୍ଗ ମିଶା ବାଲିର ସରୁ ରାସ୍ତାସବୁକୁ ଯତ୍ନ ସହକାରେ ଝାଡୁ ଦେଇ ପରିଷ୍କାର ରଖାଯାଇ ଥାଏ । ସହରର ଅନ୍ୟସବୁ ସ୍ଥାନମାନଙ୍କ ତୁଳନାରେ ଏହାର ବୈଷମ୍ୟ ବିସ୍ମୟକର ଭାବରେ ବାରି ହୋଇଯାଏ । ଏହିପରି ଏକ ରାସ୍ତା ଉପରେ ଆମମାନଙ୍କୁ ଏକ ବାସଭବନ ଦିଆଗଲା । (ଏହା ଥିଲା ଆଶ୍ରମର ଲାଇବ୍ରେରି ସାମନାରେ ଥିବା ବାସଭବନ, 'ରେଡ୍ ହାଉସ୍' ।) ଏହି ବାସଭବନର ଛାତରେ ଛିଡ଼ା ହେଲେ ବିଶାଳ ସମୁଦ୍ର ଏବଂ ପଣ୍ଡିଚେରୀ ପୋତାଶ୍ରୟ ବେଶ୍ ଭଲ ଭାବରେ ଦେଖି ହୁଏ । ଏହି ଛାତର ଗୋଟିଏ ପାର୍ଶ୍ୱରେ ଦୁଇ ତିନି ଜଣ ବିଶ୍ୱସ୍ତ ସେବକଙ୍କର ବାସଗୃହ ଥିଲା, ଯେଉଁମାନେ ଆମମାନଙ୍କର ପ୍ରତିଟି ଆବଶ୍ୟକତାକୁ ଆଗ୍ରହ ସହକାରେ କରି ଦେବାକୁ ସଦାତତ୍ପର ଥିଲେ ।

---

* ଫ୍ରାଁସୁଆ ସ୍ୟାମାର (François Sammer) ଙ୍କ ସମ୍ବନ୍ଧେ ରେମଣ୍ଡ ଉଲ୍ଲେଖ କରିଛନ୍ତି : ''୧୯୩୫-୩୬ରେ ଟୋକିଓରେ ଆମେମାନେ ଜଣେ ଖୁସୀ ମେଜାଜର ସୁଶ୍ରୀ ଯୁବକଙ୍କୁ ଭେଟିଲୁ, ଯିଏକି ଇତିପୂର୍ବରୁ ଚେକୋସ୍ଲୋଭାକ୍ ସାଇବେରିଆନ୍ ଆର୍ମିରେ ଥିଲେ, ଚେକ୍ ସ୍ଥପତି, ଫ୍ରାଁସୁଆ ସ୍ୟାମାର । ସେ ତଦାନୀନ୍ତନ ସ୍ୱନାମଧନ୍ୟ ବିଖ୍ୟାତ ସ୍ଥପତି 'ଲ କର୍‌ବୁ ସିଅର୍'ଙ୍କର ଜଣେ ମେଧାବୀ ଛାତ୍ର ଥିଲେ ଏବଂ ତାଙ୍କ ସହିତ ରୁଷିଆରେ କର୍ମରତ ଥିଲେ ଏବଂ ତା'ପରେ ସାଇବେରିଆନ୍ ଆର୍ମିରେ ଯୋଗ ଦେଇଥିଲେ, ଯାହାକି ପରିଶେଷରେ ତାଙ୍କୁ ସାଂଘାଇକୁ ଏବଂ ପରେ ଟୋକିଓସ୍ଥିତ ମୋର ଅଫିସକୁ ନେଇ ଆସିଥିଲା । ମୋ ଅଫିସରେ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗୀକୃତ କର୍ମରତ ଯୁବଗଣଙ୍କ ମଧ୍ୟରେ ସ୍ୟାମାର ଅନ୍ୟତମ ଥିଲେ ଏବଂ ପଣ୍ଡିଚେରୀରେ ନିର୍ମିତ ହେବାକୁ ଯାଉଥିବା 'ଗୋଲକୁଣ୍ଡ' ଅଟ୍ଟାଳିକାର ପରିକଳ୍ପନାରେ ସେ ଥିଲେ ଜଣେ ଆଦର୍ଶ ବନ୍ଧୁ ଓ ସହଚର । ଆଶ୍ରମରେ ଥିବାବସ୍ଥାରେ ସେ ଅତ୍ୟନ୍ତ ବିଶ୍ୱସ୍ତ ଭାବରେ ଗୋଲକୁଣ୍ଡ ନିର୍ମାଣ କର୍ମରେ ନିଜକୁ ଉତ୍ସର୍ଗ କରିଥିଲେ ।...''

(ରେମଣ୍ଡଙ୍କର ଆତ୍ମ-ଜୀବନୀ)

‘‘ଆଶ୍ରମର ଭୋଜନ ନିୟମନିଷ୍ଠ ଭାବରେ ନିରାମିଷ ଥିଲା । ଏପରିକି ଆଶ୍ରମ ଭୋଜନାଳୟରେ ପ୍ରସ୍ତୁତ ହେଉଥିବା ଖାଦ୍ୟର ତାଲିକାରେ ଚା’ ବା କଫି ଅନ୍ତର୍ଭୁକ୍ତ ନ ଥିଲା । ଆମେମାନେ ସିଦ୍ଧାନ୍ତ ନେଲୁ ଯେତେଦିନ ପର୍ଯ୍ୟନ୍ତ ଏଠାରେ ରହିବୁ ସାଧକମାନଙ୍କ ସଦୃଶ ଏଠାରେ ଭୋଜନ କରିବୁ ଏବଂ ଏହା ଥିଲା ଆମମାନଙ୍କର ସବୁଠାରୁ ବିସ୍ମୟକର ଅଭିଜ୍ଞତା ।...

‘‘ଶ୍ରୀଅରବିନ୍ଦ ସମ୍ପୂର୍ଣ୍ଣ ଭାବରେ ନିଭୃତରେ ଥା’ନ୍ତି । ସେ ଅନେକ ବର୍ଷ ଧରି ତାଙ୍କ କକ୍ଷରୁ ବାହାରି ନାହାନ୍ତି । କେବଳ ଶ୍ରୀମା’ଙ୍କ ବ୍ୟତୀତ ସେ ଅନ୍ୟ କାହାରିକୁ କ୍ୱଚିତ୍ ସାକ୍ଷାତ୍ କରୁଥିଲେ । ଆଶ୍ରମରେ ପହଞ୍ଚିବା ପରଠୁ ମୋର ସମସ୍ତ ସମ୍ପର୍କ ଶ୍ରୀମା’ଙ୍କ ସହିତ ହିଁ ଥିଲା । କିନ୍ତୁ ଏଠାରେ ପହଞ୍ଚିବାର ଅବ୍ୟବହିତ ପରେ ଶ୍ରୀଅରବିନ୍ଦଙ୍କ ସହିତ ମୋର ସାକ୍ଷାତ୍‌କାର ମାତ୍ର ଅଳ୍ପ ସମୟ ପାଇଁ ଥିଲା । ସେ ତାଙ୍କର ଚେୟାରରେ ବସି ମୋ ଆଡ଼କୁ ଅନାଇଥିଲେ ଏବଂ ମୁଁ ତାଙ୍କ ସାମନାରେ ତାଙ୍କୁ ଅନାଇ ଦଣ୍ଡାୟମାନ ହୋଇଥିଲି । ଆମ ଉଭୟଙ୍କ ମଧ୍ୟରେ ଗୋଟିଏ ବି ଶବ୍ଦ ବିନିମୟ ହୋଇ ନ ଥିଲା । ଏହା ସତ୍ତ୍ୱେ ମୁଁ ତାଙ୍କ ମୁଖମଣ୍ଡଳରେ ବିକଶିତ ଶାନ୍ତି ଓ ସୌନ୍ଦର୍ଯ୍ୟର ଆଭାରେ ତୀବ୍ର ଭାବେ ପ୍ରଭାବିତ ହୋଇ ଉଠିଥିଲି । ଅତୀବ ଆକର୍ଷଣୀୟ ତାଙ୍କର ମହିମମୟ ସାନ୍ନିଧ୍ୟରୁ ଏକ ଅସାଧାରଣ ଅଲୌକିକ ଜ୍ୟୋତିଃର ଉଦ୍ଭବ ହେଉଥିଲା ।...

‘‘ଅଳ୍ପ କେତୋଟି ବାକ୍ୟରେ ଶ୍ରୀମା’ଙ୍କର ମହତ୍ତ୍ୱ ସମ୍ବନ୍ଧେ ଜଣାଇବା ବା ବୁଝାଇବା ମୋ ପକ୍ଷରେ ଖୁବ୍ କଠିନ । ଆଶ୍ରମର ଅନ୍ତେବାସୀ ସାଧକ-ସାଧିକାମାନଙ୍କ ସକାଶେ ସେ ହେଉଛନ୍ତି ଉଭୟ ସେମାନଙ୍କର ଆଧ୍ୟାତ୍ମିକ ଜୀବନର ପଥ-ପ୍ରଦର୍ଶିକା ତଥା ସେମାନଙ୍କର ବ୍ୟାବହାରିକ ଜୀବନର ପରିଚାଳିକା । ପ୍ରତ୍ୟେକଙ୍କର ସୁଖସ୍ୱାଚ୍ଛନ୍ଦ୍ୟ ତଥା ସ୍ୱାସ୍ଥ୍ୟୋନ୍ନତି ନିମିତ୍ତ ସେ ସଦା ସଜାଗ ଦୃଷ୍ଟି ରଖିଥା’ନ୍ତି; ପ୍ରତ୍ୟେକଙ୍କର ଟିକିନିଖି ଆବଶ୍ୟକତା କଥା ବୁଝନ୍ତି, କାହିଁକି ନା ଆଶ୍ରମର ପ୍ରତ୍ୟେକ ସାଧକ ତା’ର ନିଜସ୍ୱ ଧାରାରେ (ସ୍ୱଧର୍ମାନୁଯାୟୀ) ବସବାସ କରିଥା’ନ୍ତି । ଶ୍ରୀମା ଯଥାର୍ଥରେ ଥିଲେ ଜଣେ ଅସାଧାରଣ ବ୍ୟକ୍ତିତ୍ୱ-ସମ୍ପନ୍ନା ମହୀୟସୀ ନାରୀ । ଏହି ବିଶାଳ ବହୁମୁଖୀ ପ୍ରତିଷ୍ଠାନର ପ୍ରତିଟି କ୍ରିୟାକଳାପକୁ ସେ ବେଶ୍ ଶୃଙ୍ଖଳିତ ଭାବରେ ସଙ୍ଗଠିତ କରନ୍ତି । ତାଙ୍କ ଦ୍ୱାରା ଏହି ଅନୁଷ୍ଠାନର ପ୍ରତ୍ୟେକ ବ୍ୟକ୍ତିଙ୍କ ସକାଶେ ନିର୍ଦ୍ଧାର୍ଯ୍ୟ କରାଯାଇଥିବା କର୍ମକୁ ସେମାନେ ନିଜ ନିଜର କର୍ତ୍ତବ୍ୟ କର୍ମ ହିସାବରେ ଗ୍ରହଣ କରି ସେବା ମନୋଭାବରେ ସମ୍ପାଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଥାଏ ଏବଂ ଏପରିକି ସେ ସେମାନଙ୍କର ଭୋଜନ ସମ୍ବନ୍ଧେ ମଧ୍ୟ ଖୁବ୍ ମନୋଯୋଗ ଦେଇଥା’ନ୍ତି । ସେ ତାଙ୍କର ବହୁବିଧ କର୍ମ ସମ୍ପାଦନ ମଧ୍ୟରେ ବି ନିର୍ମାଣ ହେବାକୁ ଯାଉଥିବା ‘ଗୋଲକୁଣ୍ଡ’ର ପରିକଳ୍ପନା, ତା’ର ସମସ୍ତ ହିସାବପତ୍ରର ଦାୟିତ୍ୱ ନେଇଛନ୍ତି । ଏହି ବହୁମୁଖୀ ତଥା ଅତ୍ୟନ୍ତ ଜଟିଳ ବା ସାଧାରଣ ବ୍ୟକ୍ତିଙ୍କ ପକ୍ଷରେ ଦୁର୍ବୋଧ ଅନୁଷ୍ଠାନଟିର ପ୍ରତ୍ୟେକଟି କ୍ରିୟାକଳାପର ଟିକିନିଖି ବିଷୟରେ ପରିଚାଳନା କରିବାରେ ତାଙ୍କର ଯତ୍ନପୂର୍ବକ ଅଭିନିବେଶ ଲକ୍ଷ୍ୟ କରି ମୁଁ ବିସ୍ମୟାଭିଭୂତ ହୋଇ ଉଠୁଥିଲି ଏବଂ ଅଧିକାଂଶ ସମୟରେ ଏସବୁ ମୋତେ ପ୍ରକୃତରେ ଆଶ୍ଚର୍ଯ୍ୟ କରି ପକାଉଥିଲା ।...’’

ଆମର ସ୍ମରଣରେ ଥିବ ଯେ ସାଧକ ମୃତ୍ୟୁଞ୍ଜୟ ୧୯୨୯ରେ ଆଶ୍ରମକୁ ଆସି ଶ୍ରୀମା’ଙ୍କ ଅନୁମତି କ୍ରମେ ପବିତ୍ରଙ୍କର କର୍ମରେ ତାଙ୍କର ଦକ୍ଷିଣ ହସ୍ତ ସ୍ୱରୂପ ଥିଲେ । ତେଣୁ ସ୍ୱଭାବତଃ ସେ ଗୋଲକୁଣ୍ଡ ନିର୍ମାଣ କାର୍ଯ୍ୟରେ ପ୍ରତ୍ୟକ୍ଷ ଭାବରେ ଅଂଶଗ୍ରହଣ କରିଥିଲେ । ସେ ତାଙ୍କର ‘ସ୍ମୃତିକଥା’ରେ ଉଲ୍ଲେଖ କରିଛନ୍ତି :

‘‘ରେମଣ୍ଡ ଦମ୍ପତି ଓ ସ୍ୟାମାରଙ୍କୁ ଦେଖି ଶ୍ରୀମା ମନ୍ତବ୍ୟ ଦେଇଥିଲେ ଯେ ସେମାନେ ହେଉଛନ୍ତି ‘ସର୍ବୋତ୍କୃଷ୍ଟ ମାନବୀୟ ଉପାଦାନର ନମୁନା’ (‘specimen of the best human stuff’) ।

‘‘ମୁଁ ତେଣୁ ପବିତ୍ରଙ୍କୁ ଅକପଟ ଭାବରେ ପଚାରିଲି ଯେ ଶ୍ରୀମା’ଙ୍କର ସେମାନଙ୍କ ସମ୍ବନ୍ଧେ ଉପରୋକ୍ତ ମନ୍ତବ୍ୟର ଯଥାର୍ଥ ଅର୍ଥ କ’ଣ ? ଏମାନେ ତ ଆଧ୍ୟାତ୍ମିକ ଜୀବନ ସମ୍ବନ୍ଧେ କିଛି ବି ଜାଣନ୍ତି ନାହିଁ । ସେଇଠୁ ପବିତ୍ର ମୋତେ ବୁଝାଇ ଦେଲେ ଯେ ତୁମେ ଜଣେ ଭାରତୀୟ ହୋଇଥିବାରୁ ବାଲ୍ୟକାଳରୁ ମଣିଷଙ୍କୁ ସେମାନଙ୍କର ଦାନଶୀଳ ସ୍ୱଭାବ, ଅନ୍ୟମାନଙ୍କ ପ୍ରତି ସେମାନଙ୍କର ଅନୁକମ୍ପା ପ୍ରଦର୍ଶନ ଏବଂ ସେମାନଙ୍କର ଆଚରଣରେ ଧାର୍ମିକ ପ୍ରବଣତା ଆଦିକୁ ବିବେଚନା କରି ସିଦ୍ଧାନ୍ତ ନେବାରେ ଅତ୍ୟନ୍ତ ଅଭ୍ୟସ୍ତ ହୋଇ ଉଠିଛ । କିନ୍ତୁ ରେମଣ୍ଡ ଦମ୍ପତି ଓ ସ୍ୟାମାର ସୁସ୍ପଷ୍ଟ ଭାବରେ ଧାର୍ମିକ ସ୍ୱଭାବର ବ୍ୟକ୍ତି ରୂପେ ଛଳନା କରନ୍ତି ନାହିଁ ଏବଂ ଜଣେ ଭାରତୀୟ ସେମାନଙ୍କୁ ଯେପରି ଦାନଶୀଳ ସ୍ୱଭାବର ହେବାକୁ ଆଶାପୋଷଣ କରିଥାଏ, ସେମାନେ ସେସବୁର ବେଶ୍ ଊର୍ଦ୍ଧ୍ୱରେ ।...

‘‘କହିବା ବାହୁଲ୍ୟ, ମୁଁ ସେମାନଙ୍କ ସଂସ୍ପର୍ଶରେ ଯେତେ

ଯେତେ ଆସିଲି, ସେମାନଙ୍କ ଅନ୍ତରରେ ଥିବା ନିର୍ମଳ, ପରିଶୋଧିତ ମାନବୀୟ ଗୁଣସବୁର ପରିଚୟ ପାଇଲି : ସୁରୁଚିସମ୍ପନ୍ନ ସୌନ୍ଦର୍ଯ୍ୟବୋଧ ଏବଂ ଆଦର୍ଶବାଦୀ ଚିନ୍ତାଧାରା, ଏପରିକି କର୍ମ-ପରିସରରେ ସେମାନଙ୍କର ଉଦାର ଭୌତିକ ଦୃଷ୍ଟିଭଙ୍ଗୀ ଏବଂ ସର୍ବୋପରି ପ୍ରତ୍ୟେକଟି କର୍ମକୁ ଯଥାସମ୍ଭବ ତ୍ରୁଟିଶୂନ୍ୟ ଭାବରେ ଗଢ଼ି ତୋଳିବାରେ ସେମାନଙ୍କର ସ୍ୱଭାବସିଦ୍ଧ ଆନ୍ତରିକ ଆଗ୍ରହ-ପ୍ରବଣତା ।...''

ଆଶ୍ରମରେ ନିତି ସକାଳେ 'ବାଲ୍‌କୋନି ଦର୍ଶନ'* ସମୟର ଧ୍ୟାନ ସମ୍ବନ୍ଧେ ରେମଣ୍ଡ ବର୍ଣ୍ଣନା କରିଛନ୍ତି : ''ମୋ ସକାଶେ ଏଥିରେ ଯୋଗ ଦେବା ବାଧ୍ୟତାମୂଳକ ନ ଥିଲା (ଅବଶ୍ୟ ଏଠାରେ କୌଣସି କିଛିରେ ବାଧ୍ୟବାଧକତା ବା ନିୟମ କାନୁନର କଠିନ ଧରାବନ୍ଧା ନିୟମ ନ ଥିଲା), ତଥାପି ମୁଁ ସ୍ୱତଃ-ପ୍ରବୃତ୍ତ ହୋଇ ଏଥିରେ ଯୋଗ ଦେଉଥିଲି, କାହିଁକି ନା, ମୁଁ ଲକ୍ଷ୍ୟ କଲି ଏହି ପ୍ରକ୍ରିୟାଟିରେ ଅତିବାହିତ କରୁଥିବା ସମୟରେ ସାଂସାରିକ ଯାବତୀୟ ଚିନ୍ତା (ବିଷୟ-ଚିନ୍ତା)ରୁ ମନକୁ ସମ୍ପୂର୍ଣ୍ଣ ପୃଥକ୍ କରି ନେବାର ପ୍ରଚେଷ୍ଟାରେ ବେଶ୍ ସଫଳତା ଲାଭ କରି ପାରୁଛି ଯଦ୍ୱାରା ଏକ ଅଫୁରନ୍ତ ଶକ୍ତି ଓ ଶାନ୍ତି ପାଉଛି ।...'' ଏହିପରି ଆଶ୍ରମର ଅନେକ କଥା ସେ ତାଙ୍କର 'ଆତ୍ମ-ଜୀବନୀ'ରେ ଉଲ୍ଲେଖ କରିଛନ୍ତି ।

ପୁନଶ୍ଚ ରେମଣ୍ଡଙ୍କର ବର୍ଣ୍ଣନାରୁ : ''ମୁଁ ଆଶ୍ରମରେ ପହଞ୍ଚିବା ମାତ୍ରେ ଜଣେ ବ୍ୟବସାୟିକ ନିର୍ମାଣ-କମ୍ପାନୀର ମୁଖ୍ୟ ହିସାବରେ ମୋର ଗ୍ରାହକ (client), ଅର୍ଥାତ୍ ଶ୍ରୀମା'ଙ୍କୁ ଏବଂ ତାଙ୍କ ମାଧ୍ୟମରେ ଶ୍ରୀଅରବିନ୍ଦଙ୍କୁ ଗଭୀର ଭାବରେ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ଆମର କର୍ମ ଦକ୍ଷତା ସମ୍ବନ୍ଧେ, ଅଟ୍ଟାଳିକାଟି ନିର୍ମାଣରେ ଆନୁମାନିକ ଅର୍ଥ ବ୍ୟୟର ଯଥାର୍ଥତା ଏବଂ ଆମର କଠୋର କାର୍ଯ୍ୟ ନିର୍ଘଣ୍ଟ ସମ୍ବନ୍ଧେ ସୂଚନା ଦେଇ ଖୁବ୍ ସମ୍ଭବତଃ ଛ'ମାସ ଭିତରେ ଏହା ସମ୍ପାଦନ କରି ଦେଇ ପାରିବୁ ବୋଲି ଦୃଢ଼ ପ୍ରତିଶ୍ରୁତି ଦେଲି । ପରେ ଏବଂ ପରିଶେଷରେ ମୁଁ ଶ୍ରୀମା'ଙ୍କଠାରୁ (ଏବଂ ସ୍ୱଭାବତଃ ଶ୍ରୀଅରବିନ୍ଦଙ୍କଠାରୁ ମଧ୍ୟ) ଜାଣିବାକୁ ପାଇଲି ଯେ ଏହି ପରିକଳ୍ପନାଟିର ସମ୍ପୂର୍ଣ୍ଣ ସମାପ୍ତି ନିମିତ୍ତ କେତେ ମାସ ଲାଗିବ ବା ଏଥିରେ କେତେ ଖର୍ଚ୍ଚ ହେବ ସେଥିରେ କିଛି ଯାଏ ଆସେ ନାହିଁ । ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ନିର୍ମାଣ କାର୍ଯ୍ୟରେ ଆଶ୍ରମର ପ୍ରାୟ ପ୍ରତ୍ୟେକ ଅନ୍ତେବାସୀ ଅଂଶଗ୍ରହଣ କରିବେ ଅର୍ଥାତ୍ ଏହି କାର୍ଯ୍ୟ କରି ସେମାନେ କିଛି ଶିକ୍ଷା ଲାଭ କରିବେ, କର୍ମ-ସାଧନା ମାଧ୍ୟମରେ କିଛି ଅନୁଭୂତି ଲାଭ କରିବେ; କାରଣ ଏହି ଆଶ୍ରମ ବ୍ୟକ୍ତିର ଆଧ୍ୟାତ୍ମିକ ଅଗ୍ରଗତି ସକାଶେ ଲକ୍ଷ୍ୟ ରଖିବା ସହ ତା'ର ବାହ୍ୟ ପ୍ରକୃତିର ବା ସ୍ୱଭାବର ସମ୍ପୂର୍ଣ୍ଣ ଅଗ୍ରଗତି ଏବଂ ପୂର୍ଣ୍ଣତା ପ୍ରାପ୍ତିର ମଧ୍ୟ ଲକ୍ଷ୍ୟ ରଖିଥାଏ । ତେଣୁ ମୁଁ ତତ୍‌କ୍ଷଣାତ୍ ହୃଦୟଙ୍ଗମ କଲି ଯେ ମୋର ପରିକଳ୍ପନାରେ ଥିବା ଅତ୍ୟନ୍ତ ଜଟିଳ ଅତ୍ୟାଧୁନିକ ଏହି ସୁନ୍ଦର ଅଟ୍ଟାଳିକାଟିକୁ ଯାନ୍ତ୍ରିକ ବିଜ୍ଞାନର କୌଶଳପୂର୍ଣ୍ଣ ଯନ୍ତ୍ରପାତି ମାଧ୍ୟମରେ ନୁହେଁ, କିନ୍ତୁ ପୁରାକାଳର ତିବ୍‌ବତ, ଭାରତ ଏବଂ ଇଣ୍ଡୋ-ଚାଇନାର ଧର୍ମଯାଜକ ତଥା ସାଧୁ-ସନ୍ନ୍ୟାସୀଙ୍କ ସଦୃଶ ଆଶ୍ରମବାସୀଙ୍କ ସହିତ ସମ୍ପାଦନ କରିବାକୁ ହେବ ।...

''ତେଣୁ ନାକାଶିମା ଏବଂ ସ୍ୟାମାରଙ୍କ ବ୍ୟତୀତ ମୁଁ ଯେଉଁମାନଙ୍କ ସହିତ ଏହି ନିର୍ମାଣ କାର୍ଯ୍ୟରେ ଅଗ୍ରସର ହେଲି ସେମାନେ ଆଶ୍ରମର ଅନ୍ତେବାସୀ; ସମସ୍ତେ ସେମାନଙ୍କର ସେବା ମନୋବୃତ୍ତିରେ ନିଜକୁ ସର୍ବାନ୍ତଃକରଣରେ ଉତ୍ସର୍ଗ କରି ଦେଇଥିଲେ । ଅବଶ୍ୟ ଏମାନଙ୍କ ମଧ୍ୟରେ ଦକ୍ଷ ବୈଜ୍ଞାନିକ, ଇଞ୍ଜିନିୟର, ବ୍ୟାଙ୍କ୍ ବ୍ୟବସାୟୀ ଏପରିକି ସ୍ଥାପତ୍ୟ ସମ୍ବନ୍ଧେ କୌଣସି ନିର୍ଦ୍ଦିଷ୍ଟ ଜ୍ଞାନ ନ ଥିବା ବା ତାଲିମ ପାଇ ନ ଥିବା ସରଳ, ଅମାୟିକ ସେବକବୃନ୍ଦ ବି ଥିଲେ ।...

''ଭାରତରେ ପଦାର୍ପଣ କରିବା ପୂର୍ବରୁ ଗୋଲକୁଣ୍ଡ ସମ୍ବନ୍ଧେ ମୋର ପରିକଳ୍ପନା ଥିଲା – ସମଗ୍ର ଅଟ୍ଟାଳିକାଟି ଲୁହାଛଡ଼, ସିମେଣ୍ଟ ଓ ବାଲି ମିଶ୍ରିତ କଂକ୍ରିଟ୍ (reinforced concrete)ରେ ନିର୍ମିତ କରିବି ଯାହାକି ଇତିପୂର୍ବରୁ ଭାରତରେ ଆଦୌ ହୋଇ ନ ଥିବ । କିନ୍ତୁ ଏଠାରେ ପହଞ୍ଚି ଦେଖିଲି ଯେ ଏହି ଧରଣର ନିର୍ମାଣ କାର୍ଯ୍ୟରେ ମୋତେ ସ୍ଥାନୀୟ ସେବକ ଓ ଶ୍ରମିକଙ୍କ ଉପରେ ସମ୍ପୂର୍ଣ୍ଣ ନିର୍ଭର କରିବାକୁ ହେବ ଯେଉଁମାନଙ୍କର କୌଣସି ଆଧୁନିକ ଯନ୍ତ୍ରପାତି ନାହିଁ କିଂବା ସେସବୁକୁ ବ୍ୟବହାର କରିବା ସମ୍ବନ୍ଧେ ଘୁଣାକ୍ଷରରେ କୌଣସ ଜ୍ଞାନ ବି ନାହିଁ; ତେଣୁ ଆମେ (ମୁଁ ଏବଂ ନାକାଶିମା ଓ ସ୍ୟାମାର) ସିଦ୍ଧାନ୍ତ ନେଲୁ ଯେ ପ୍ରଥମେ ଏହି କଠିନ କର୍ମରେ ବ୍ୟବହୃତ ହେବାର ଯନ୍ତ୍ରପାତିସବୁର ନିର୍ମାଣ କାର୍ଯ୍ୟ (working model) ଆରମ୍ଭ କରିବୁ । ଏବଂ

* ଏଠାରେ ପ୍ରକାଶ ଥାଉ କି ଘଟଣାକ୍ରମେ ୧୯୩୮ରେ ହିଁ (ଅର୍ଥାତ୍ ରେମଣ୍ଡଙ୍କର ଆଶ୍ରମରେ ପହଞ୍ଚିବାର ଅବ୍ୟବହିତ ପରେ) ଶ୍ରୀମା'ଙ୍କର ପ୍ରତ୍ୟହ ସକାଳ 'ବାଲ୍‌କୋନି ଦର୍ଶନ'ର ଅୟମାରମ୍ଭ ହୋଇଥିଲା ।

ଆମେ ଏକ ପରୀକ୍ଷାଗାର ସ୍ଥାପନ କଲୁ, ଯେଉଁଥିରେ ଅଟ୍ଟାଳିକାଟିରେ ବ୍ୟବହୃତ ହେବାକୁ ଯାଉଥିବା ବିଭିନ୍ନ ସରଞ୍ଜାମ ଏବଂ ଆମର ମିଶ୍ରିତ କଂକ୍ରିଟ୍-ମିଶ୍ରଣର ସାମର୍ଥ୍ୟ ସମ୍ବନ୍ଧେ ପୁଙ୍ଖାନୁପୁଙ୍ଖ ଭାବରେ ପରୀକ୍ଷା କରାଯାଇ ପାରିବ ।* ଏଥିରେ ସମ୍ପୃକ୍ତ ଥିବା ପ୍ରତ୍ୟେକ ବ୍ୟକ୍ତିଙ୍କର ତୀବ୍ର ଆଗ୍ରହ, ଉଦ୍ଦୀପନା ଓ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱଭାବ (ଏବଂ ଏପରିକି ଏହି କର୍ମରେ ପ୍ରତ୍ୟକ୍ଷ ଭାବରେ ସମ୍ପୃକ୍ତ ନ ଥିବା ଆଶ୍ରମବାସୀଙ୍କର ଅତ୍ୟନ୍ତ ଆଗ୍ରହୋଦ୍ଦୀପକ ସହୃଦୟତା) ଦେଖି ମୁଁ ଚମତ୍କୃତ ହୋଇ ଉଠିଲି । ଏବଂ ମୁଁ ଏହା ବି ଲକ୍ଷ୍ୟ କଲି ଯେ ଏହି ସରଳ, ଅମାୟିକ, ଅନଭିଜ୍ଞ କର୍ମୀଗଣ ହେଉଛନ୍ତି ସବୁଠୁ କଠିନ ପରିଶ୍ରମୀ, ସର୍ବୋତ୍କୃଷ୍ଟ ଭାବରେ ସମର୍ଥ ଓ ଯୋଗ୍ୟ । ଏହାର ଚୂଡ଼ାନ୍ତ ଫଳାଫଳ ଥିଲା ସନ୍ତୋଷଜନକଠାରୁ ଅଧିକ କିଛି ।

“ନିର୍ମାଣ କାର୍ଯ୍ୟ ନିୟମିତ ଓ ଅପରିବର୍ତ୍ତନୀୟ ଭାବେ ଆଗେଇ ଚାଲିଲା; ଯେହେତୁ ବେଶୀ ଭାଗ କାମ ହାତରେ ହିଁ କରିବାକୁ ହେଉଥିଲା, ତେଣୁ ସେହିସବୁ କର୍ମ ବେଶ୍ ତ୍ରୁଟିଶୂନ୍ୟ ଭାବରେ ସମ୍ପୂର୍ଣ୍ଣ ହୋଇ ଉଠୁଥିଲା । କେତେକ କାର୍ଯ୍ୟ ପରିସର ବା ପ୍ରକ୍ରିୟା ଥିଲା ବେଶ୍ ନିପୁଣତା ଓ ସତର୍କତା ସାପେକ୍ଷ ଏବଂ ଅତ୍ୟନ୍ତ କଷ୍ଟସାଧ୍ୟ । ଏଥିପାଇଁ ବିଶେଷ ଉଦ୍ୟମ ଓ କୌଶଳର ଆବଶ୍ୟକତା ଥିଲା । ଉଦାହରଣସ୍ୱରୂପ ଚାରି ଫୁଟ ପ୍ରସ୍ଥ ଓ ଛ' ଫୁଟ ଲମ୍ବ ବିଶିଷ୍ଟ ସମତଳ ଛାତରେ ବ୍ୟବହୃତ ହେବାକୁ ଯାଉଥିବା ଟାଇଲ୍ (ରୁଫ୍ ଟାଇଲ୍)ର ପ୍ରିକାଷ୍ଟିଙ୍ଗ୍ ଅର୍ଥାତ୍ ବ୍ୟବହାର ଯୋଗ୍ୟ ହୋଇ ଉଠିବା ପୂର୍ବରୁ ଢଳେଇ କାମ; ଏଇଟିକୁ ଦୃଢ଼ୀକରଣ କରିବା ସକାଶେ ଲୁହାଛଡ଼ ଇତ୍ୟାଦି ସହାୟକ ସରଞ୍ଜାମସବୁକୁ ଠିକ୍ ଠିକ୍ ମାପରେ ବସାଇବା, ଏହାର ଗଠନ ପ୍ରଣାଳୀର ସଠିକତା ଏବଂ ସିମେଣ୍ଟ ସହିତ ବାଲି ଓ ଗୋଡ଼ିକୁ ସମ୍ପୂର୍ଣ୍ଣ ରୂପେ ପରିଷ୍କାର କରି ଯଥାର୍ଥ ଅନୁପାତରେ ମିଶାଇବା – ଏହିସବୁ କର୍ମ ଏପରି ନିଖୁଣ ଭାବରେ ସମ୍ପାଦିତ ହୋଇଥିଲା ଯେ ଜାପାନରେ ମଧ୍ୟ ମୁଁ ଏପରି ପ୍ରଶଂସନୀୟ ସ୍ତରକୁ ଉନ୍ନୀତ ହୋଇପାରି ନ ଥା'ନ୍ତି । ପରିଣାମସ୍ୱରୂପ, ଖବର ପାଇଛି ଯେ ଏବେ, ତିରିଶ ବର୍ଷ ପରେ ମଧ୍ୟ (୧୯୭୩ରେ ଲିଖିତ) ଗୋଲକୁଣ୍ଡ ଅଟ୍ଟାଳିକାଟି ଅତି ସନ୍ତୋଷଜନକ ଓ ଉତ୍କୃଷ୍ଟ ଅବସ୍ଥାରେ ଦଣ୍ଡାୟମାନ ରହିଛି ଏବଂ ଦର୍ଶନାର୍ଥୀଗଣ (ତଥା ଦେଶ-ବିଦେଶରୁ ଆଗତ ଅତ୍ୟାଧୁନିକ ଉତ୍କୃଷ୍ଟ ସ୍ଥପତିଗଣ) ଏହାର ଭୂରି ଭୂରି ପ୍ରଶଂସା କରୁଛନ୍ତି ।...

“ଦ୍ୱିତୀୟ ମହାଯୁଦ୍ଧର ଘନକୃଷ୍ଣ ବାଦଲ ଘନେଇ ଆସୁଥିଲା । ମୁଁ ମୋର ଯେଉଁ ଜାପାନୀ ବନ୍ଧୁଙ୍କ ସହିତ ଚିଠିପତ୍ର ମାଧ୍ୟମରେ ସମ୍ପର୍କ ରଖିଥିଲି, ସେ ମୋତେ ଜଣାଇଲେ ଯେ ଯେତେ ଶୀଘ୍ର ପାର ୟୁ.ଏସ୍.କୁ ଚାଲି ଆସ, କେବେ ବି ପୁଣି ଜାପାନକୁ ଆସିବାର ସ୍ୱପ୍ନ ଦେଖିବ ନାହିଁ ।...

“ପଣ୍ଡିଚେରୀରେ ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟ ସମାପନ କରିବାକୁ ଆମେ ସମସ୍ତେ ଲାଗି ପଡ଼ିଥିଲୁ, କିନ୍ତୁ ଯେଉଁ ଧାରାରେ ବା ଗତିରେ ଏହା ଆଗେଇ ଚାଲିଥିଲା ସେଥିରୁ ମନେ ହେଉଥିଲା ଯେ ସମାପ୍ତ ହେବାକୁ ବେଶ୍ କିଛି ବର୍ଷ ଲାଗିଯିବ (ପ୍ରକୃତରେ ଏହା ୧୯୪୮ରେ, ଅର୍ଥାତ୍ ଦଶ ବର୍ଷରେ ହିଁ ସମାପ୍ତ ହୋଇଥିଲା) । ତେଣୁ ମୁଁ ସିଦ୍ଧାନ୍ତ ନେଲି ଯେହେତୁ ମୌଳିକ ଭାବରେ ପରିକଳ୍ପିତ ହୋଇଥିବା ଡିଜାଇନ୍‌ସବୁର ନିର୍ମାଣ କାର୍ଯ୍ୟର ସମାପ୍ତି ଘଟିଛି ଏବଂ ପ୍ରାୟ ସେସବୁକୁ ମୁଁ ପୁଙ୍ଖାନୁପୁଙ୍ଖ ଭାବରେ ତଦାରଖ କରି ସାରିଛି; ମୁଖ୍ୟତଃ ନାକାଶିମା ଓ ସ୍ୟାମାରଙ୍କ ଉପରେ ଅଟ୍ଟାଳିକା ନିର୍ମାଣର ସମସ୍ତ ଭାର ଦେଇ ମୁଁ ୟୁ.ଏସ୍.କୁ ଫେରିଯିବି ।

---

* ୧୯୩୭ର ପ୍ରାୟ ଡିସେମ୍ବର ମାସ ବେଳକୁ ଗୋଲକୁଣ୍ଡର ସ୍ଥାପତ୍ୟ ପ୍ରଣାଳୀ ସମ୍ବନ୍ଧୀୟ ପୁଙ୍ଖାନୁପୁଙ୍ଖ ତଥ୍ୟ ତଥା ଅଭ୍ରାନ୍ତତା ଏବଂ ବାସ୍ତବତା ('Architectual Details')ର ପରିପ୍ରକାଶ ଘଟି ସାରିଥାଏ । ନାକାଶିମା ଆଶ୍ରମର ଇଞ୍ଜିନିୟର ଚନ୍ଦୁଲାଲ ଏବଂ ଜ୍ୟୋତିନ୍ଦ୍ରଙ୍କ ସହାୟତାରେ ଦିନରାତି ଅକ୍ଳାନ୍ତ ପରିଶ୍ରମ କରି ଗଣେଶ ମନ୍ଦିର ସମ୍ମୁଖସ୍ଥ ଆଶ୍ରମର ଏକ ବାସଭବନ 'ଗଣପତି ହାଉସ୍'ର ଅଗଣାରେ ସମସ୍ତ ଆସବାବପତ୍ର ସହ ଗୋଲକୁଣ୍ଡର 'ନମୁନା କକ୍ଷ' ('ମଡ଼େଲ୍ ହାଉସ୍' ବା 'Prototype room')ର ନିର୍ମାଣ ସମାପ୍ତ କରି ଦେଇଥିଲେ । ଶ୍ରୀମା ଏହିଟିକୁ ବେଶ୍ କେତେଥର ପରିଦର୍ଶନ କରି ସନ୍ତୋଷଜନକ ମନ୍ତବ୍ୟ ଦେଇଥିଲେ । ଏହା ଫଳରେ ଗୋଲକୁଣ୍ଡର ନିର୍ମାଣ କାର୍ଯ୍ୟଟି ଅଧିକ ମାର୍ଜିତ ଓ ସୁନ୍ଦର ଭାବରେ ସମ୍ପାଦନ କରିବାରେ ରେମଣ୍ଡ ତଥା ତାଙ୍କର ସହକର୍ମୀଗଣ ସ୍ଥିର ନିଶ୍ଚିତ ହୋଇଥିଲେ । ଏବେ ବି ଆଶ୍ରମର ସେହି 'ନମୁନା କକ୍ଷ'ଟି ସଗର୍ବରେ ଅକ୍ଷୁଣ୍ଣ ଭାବରେ ଦଣ୍ଡାୟମାନ ରହିଛି ଏବଂ ବିଭିନ୍ନ ପର୍ଯ୍ୟାୟରେ ଆଶ୍ରମର ଅନ୍ତେବାସୀଙ୍କର ବାସସ୍ଥାନ ରୂପେ ବ୍ୟବହୃତ ହେଉଛି ।

– ସଂଗ୍ରାହକ

''୧୯୩୮ର ଗ୍ରୀଷ୍ମ ଋତୁର ଶେଷ ଆଡ଼କୁ ସେପ୍‌ଟେମ୍ବର ମାସରେ, ଆଶ୍ରମରେ ନିଜର ଘର ଭଳି ଆଠ ମାସ ବିତାଇବା ପରେ ଆମେ (ମୁଁ, ମୋ ସ୍ତ୍ରୀ ଓ ପୁତ୍ର) ତିନି ଜଣ ସମସ୍ତ ଅନ୍ତେବାସୀଙ୍କଠାରୁ ଅତ୍ୟନ୍ତ ଦୁଃଖାର୍ତ୍ତ ହୃଦୟରେ ବିଦାୟ ନେଇ ଏକ ଛୋଟ ଫରାସୀ ଜାହାଜରେ ଆମର ଯାତ୍ରାରମ୍ଭ କଲୁ ।

''ଏତେଦିନ ଧରି ଆଶ୍ରମର ରହଣି କାଳରେ ଏକେବାରେ ନିରାମିଷ ଆହାର କରିବାରେ ଏମିତି ଅଭ୍ୟସ୍ତ ହୋଇ ଉଠିଥିଲୁ ଯେ ଷ୍ଟିମର୍‌ର ଗତାନୁଗତିକ ଧାରାରେ ରନ୍ଧନ ହେଉଥିବା ଖାଦ୍ୟଦ୍ରବ୍ୟର ଗନ୍ଧ ଯୋଗୁଁ ଆମର ବାନ୍ତି ଲାଗିବା ଭଳି ଅବସ୍ଥା ଉପୁଜୁଥିଲା ଏବଂ ଏହିସବୁ ଖାଦ୍ୟ ଖାଇବାକୁ ବେଶ୍ କିଛି ଦିନ ଆମକୁ ଅସ୍ୱସ୍ତିକର ଲାଗିଥିଲା । ଆଶ୍ରମରେ ନିରାମିଷ ଖାଦ୍ୟ ଗ୍ରହଣ ତଥା ଆଲ୍‌କୋହଲ୍ ଜାତୀୟ ଉତ୍ତେଜକ ପାନୀୟ ତଥା ନିଶାଦ୍ରବ୍ୟ ସେବନରୁ ସମ୍ପୂର୍ଣ୍ଣ ମୁକ୍ତ ରହିବା ଦ୍ୱାରା ଆମେମାନେ ଖାଦ୍ୟର ସ୍ୱାଦକୁ ଉତ୍ତମ ରୂପେ ଉପଭୋଗ କରିବାର ସାମର୍ଥ୍ୟକୁ ଅଧିକ ବିଶୁଦ୍ଧ କରି ଗଢ଼ି ତୋଳିଥିଲୁ । ଭୌତିକ ଜଗତ୍ ଆମ ପାଇଁ ପୁଷ୍ଟିକାରକ ଖାଦ୍ୟ ପୋଷଣ କରିବାର ଯେଉଁ ମହତ୍ ଅଭିପ୍ରାୟ ରଖିଛି ସେଇଟିକୁ ପ୍ରକୃତରେ ହୃଦୟଙ୍ଗମ କରିବାରେ ଆମର ଶକ୍ତି, ସାମର୍ଥ୍ୟ ତଥା ବୁଦ୍ଧିମତ୍ତାକୁ କିପରି ବିନିଯୋଗ କରିବୁ – ଏଇସବୁ ତଥ୍ୟକୁ ଷ୍ଟିମର୍‌ରେ ବସି ଅତ୍ୟନ୍ତ ନିବିଡ଼ ଭାବରେ ଅନୁଧ୍ୟାନ କରିବାକୁ ଲାଗିଲୁ ।''

('ଆତ୍ମ-ଜୀବନୀ')

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା ❑

# ପ୍ରିୟ ଭାରତବର୍ଷ

## ଶାନ୍ତି ମହାନ୍ତି

ମୋ' ପ୍ରିୟ ଭାରତ ବର୍ଷ
ଆଲୋକର ଉପାସକ
ପ୍ରେମର ମହକ ।
ଦୃଷ୍ଟି ତା ମଙ୍ଗଳମୟ
ଶ୍ରୁତିରେ ଓଁକାର ।
ଅଗ୍ରଗାମୀ ବିଶ୍ୱର ସମସ୍ତ ଆଶା
ସମସ୍ତ ବିସ୍ତାର ଯେମିତି ତା'ର !!

କେତେ କେତେ ଅଦୃଶ୍ୟ ଅନ୍ଧାରରେ
ସନ୍ତୁଳିତ ହେଉଥିବା ମନସବୁ
ଆସିବାର ପଥ ପଚାରନ୍ତି,
ଭିନ୍ନ ଆକାଶର ପକ୍ଷୀ ଯେତେ
ତା' ଆକାଶକୁ ନିଜର ଭାବନ୍ତି ।

ଇଏ ପୁଣି କେଉଁ ନୀଳ
ଯାହା ଅବିଶ୍ୱସ୍ତ ନୁହେଁ
ଶେଷ ବିଶ୍ୱାସର ଇନ୍ଦ୍ରଧନୁ ହୋଇ
ଦିଶି ଯାଉଥାଏ ।



ଥକି ପଡୁଥିବା ଡେଣାର ପ୍ରତ୍ୟୟତା ସିଏ
କ୍ଳାନ୍ତ ମନର ସୁଦୀପ୍ତ ନୀରବତା ବି ସିଏ
ମୋ ଦେଶ ।

ତା' ସହମତିରେ ପୃଥିବୀ ସୁସ୍ମିତ ଦିଶେ
ଆବେଗ ଛଳଛଳ ନୀଳ ସମୁଦ୍ର
ଶେଷ ନାହିଁ ଯା'ର,
ଅନ୍ତଃହୀନ ଯାତ୍ରାପଥ ।

ନବୀନ ସୂର୍ଯ୍ୟୋଦୟର ଦୃଶ୍ୟ
ଦିଗନ୍ତରେ ତା'ର,
ଅପ୍ରାପ୍ତ ଆଶାର ଆଧାର ଏବଂ
ବିଶ୍ୱାସମୟ ଏକ ଚେତନାକୁ ତୋଳିଧରି
ସେ ଯେମିତି ଉଦାତ୍ତ କଣ୍ଠରେ ଭରା
ମୁକ୍ତି ଓ ପ୍ରାର୍ଥନାର ସ୍ୱର ।... ❑

# ଅନ୍ତିମ ଆକୁତି

## ସନ୍ତୋଷ ରଥ

ଫୁଲ ଫୁଟି ଯେବେ          ଫୁଲ ଝରିଯାଏ
ବାଟର ବାଟୋଇ ଦେଖି
ସାଉଁଟି ନେଇ ସେ          ବିଭୁ ଚରଣରେ
ଦେଇଥାଏ ତା'ର ଭେଟି । (୧)

ଝରିବା ଆଗରୁ          ଝରା ଫୁଲଟିର
ଆକୁତି କି ଶୁଣି ନାହଁ
''ତୁମ ପାଇଁ ପ୍ରଭୁ          ଜନମି ଥିଲି ମୁଁ
ଶୁଭୁ ନାହିଁ ମୋର କୋହ ! (୨)

ମୋ ତନୁ ମେଦୁର          ରଙ୍ଗ ରୁଚିର
ପୀୟୂଷ ରହିଛି ମିଶି
ଭରିଛ ମହକ          ବାସେ ତିନିଲୋକ
ଆଚମ୍ୱିତ ପୁରବାସୀ । (୩)

କଳି ହୋଇ ଯେବେ          ଅଳି କରିଥିଲି
ମରତେ ଆସିଲି ଖସି
ତୁମ ବରଦାନ          ନୁହେଁ ମୋ ଅର୍ଜନ
ହେବା ପାଇଁ ସେବାଦାସୀ । (୪)

ଭଅଁର ଦୋଳିଛି          ବାହୁଡ଼ି ଯାଇଛି
ବାନ୍ଧି ଥିଲା ଯେଉଁ ଫାଶ
ଦେଇ ନାହିଁ ଧରା          ତୁମେ ମୋ ସାହାରା
ନାହିଁ ତହିଁ ଅବିଶ୍ୱାସ । (୫)

ବାସ୍ନା ଦେଇଛ          କଣ୍ଟା ବି ଦେଇଛ
ଅରାତି ଦହନ ପାଇଁ
ହେଲେ ବି ଅବଳା          ନୁହେଁ ମୁଁ ଦୁର୍ବଳା
ନ ପାରିବେ କେହି ଛୁଇଁ । (୬)

ରଖି ନାହିଁ ଆଶା          ତୁଚ୍ଛ ସେ ପ୍ରଶଂସା
ସାଜିବାକୁ ରଙ୍ଗଶାଳା
ରଖିଅଛି ଆଶା          ଭିନ୍ନ ମୋର ଦିଶା
ଉଆଁସି ହେଉଛି ବେଳା । (୭)

ପିନ୍ଧିଥିବ ଯେବେ          ପାଟ ପୀତାମ୍ୱରୀ
ଶିଖରେ ମୟୂର ପୁଚ୍ଛ
ସାଥେ ଦୋଳୁଥିବି          ଚୂଡ଼ାରେ ତୁମର
ଆନ ଚିଜ ସବୁ ତୁଚ୍ଛ । (୮)

ଗଳାରେ ଗଜରା          ତୁଳସୀ ଦୟଣା
ବନ ଫୁଲେ ଭରପୂର
ସବୁ ମହକରେ          ମୋ ତନୁ ମହକ
ମିଶି ହେଉ ଏକାକାର । (୯)

ପୂରୁ ମୋ ସପନ          ଶୁଭେ ବଂଶୀ ସ୍ୱନ
ଶିହରିତ ଦେହ ମନ
ସାର୍ଥକ କର          ଶେଷ ଅଭିଳାଷ
କେତକୀର ନିବେଦନ ।'' (୧୦) ❑

ଅନ୍ତକାଳେ ମୋତେ ସ୍ମରି ଯେ ତେଜଇ କଳେବର,
ଲଭେ ସେ ମୋହରି ଭାବ, ଜାଣ ଅସଂଶୟ ସ୍ଥିର ।
ଯେଉଁ ଭାବ ସୁମରି ଯେ କଳେବର ତେଜେ ଅନ୍ତେ,
ସେ ଭାବ ସେ ପାଏ ପାର୍ଥ ! ସଦା ଯାହା ଚିତ୍ତେ ଚିନ୍ତେ ।
(ଗୀତା ଅଷ୍ଟମ ଅଧ୍ୟାୟ, ଶ୍ଲୋକ ୫,୬)

# ନୈତିକତା ଓ ଆଧ୍ୟାତ୍ମିକତା

## (୧)

## ରାମକୃଷ୍ଣ ଦାସ

*ପ୍ରଶ୍ନ : ନୈତିକତା ଓ ଆଧ୍ୟାତ୍ମିକତା ମଧ୍ୟରେ ପ୍ରଭେଦ କ'ଣ ? ଅଧ୍ୟାତ୍ମ-ସାଧକ କ'ଣ ନୈତିକ ନିୟମ ପାଳନ କରନ୍ତି ନାହିଁ ?*

**ଉତ୍ତର** : ନୈତିକ ନିୟମ ମନ, ବୁଦ୍ଧି, ବିଚାର ଦ୍ୱାରା ପାଳିତ ହୁଏ, ଆଧ୍ୟାତ୍ମିକତା ଅନ୍ତରାତ୍ମା ଅର୍ଥାତ୍ ଭଗବାନଙ୍କ ଦ୍ୱାରା ନିର୍ଦ୍ଦେଶିତ ହୁଏ । ଅଧ୍ୟାତ୍ମ-ସାଧକ ସତ୍ୟରେ ନିବାସ କରନ୍ତି, ସତ୍ୟରେ ପରିଚାଳିତ ହୁଅନ୍ତି, ସତ୍ୟଦୃଷ୍ଟିରେ କାର୍ଯ୍ୟ କରନ୍ତି ।

ଅଧ୍ୟାତ୍ମ-ସାଧକ ନୀତିବାଦୀଙ୍କ ପରି ନୈତିକତାକୁ ତାହାର ସୀମାରେ ଆବଦ୍ଧ ରଖି କଠୋର ଭାବେ ପାଳନ କରନ୍ତି ନାହିଁ, ସେ ପାଳନ କରନ୍ତି ତା' ମଧ୍ୟ ଦେଇ ଆଧ୍ୟାତ୍ମିକତାରେ ପ୍ରବେଶ କରିବା ସକାଶେ । ନୈତିକତାର ଅଧିକାଂଶ ନିୟମ ମନ-ନିର୍ମିତ; ଦେଶ, କାଳ, ପାତ୍ର ଓ ସମାଜ ଅନୁସାରେ ନିର୍ଦ୍ଧାରିତ ଓ ପରିବର୍ତ୍ତିତ ହୁଏ । ସତ୍ୟ, ଅହିଂସାଦି ଧର୍ମ ଯଦ୍ୟପି ନୈତିକତାର ଅନ୍ତର୍ଗତ ତଥାପି ତାହା ମନ, ବୁଦ୍ଧି, ବିଚାର ଏବଂ କର୍ତ୍ତବ୍ୟ ବୁଦ୍ଧି ଦ୍ୱାରା କଠୋର ଭାବେ ପାଳିତ ହେଉଥିବାରୁ ବହୁତ ସମୟରେ ଯଥାର୍ଥ ସତ୍ୟଦୃଷ୍ଟିରେ ତାହାର ପରଣାମ ହୁଏ ବିପରୀତ । ନୀତିବାଦୀ ଆତ୍ମା ଅଥବା ଭଗବାନଙ୍କ ମଧ୍ୟରେ ବାସ କରୁ ନ ଥିବାରୁ ସେ ସତ୍ୟ-ଦୃଷ୍ଟି ପ୍ରାପ୍ତ କରିପାରେ ନାହିଁ; ସେନେଇ ଯଥାର୍ଥ ସତ୍ୟ, ଯଥାର୍ଥ ଅହିଂସା ନିର୍ଣ୍ଣୟ ଓ ପାଳନ କରିବାରେ ଅସମର୍ଥ ହୁଏ ।

ଆଧ୍ୟାତ୍ମିକତା ଭାଗବତ ଧର୍ମ – ସ୍ୱତଃପ୍ରକାଶିତ ଓ ପରମ ସତ୍ୟ; ନୈତିକତା ନିୟମଠାରୁ ଏକେବାରେ ପୃଥକ୍ । ନୀତିବାଦୀ ପରିଚାଳିତ ହୁଏ ଅପ୍ରକାଶିତ ସୀମିତ ବୁଦ୍ଧି ଦ୍ୱାରା ହାତ ଅଣ୍ଡାଳି । ଅଧ୍ୟାତ୍ମବାଦୀ ପରିଚାଳିତ ହୁଏ ପରମ ସତ୍ୟ, ସ୍ୱତଃପ୍ରକାଶ ଭଗବାନଙ୍କ ଦ୍ୱାରା ଅଥବା ଭଗବତ୍ ସ୍ୱରୂପ ଆତ୍ମା ଦ୍ୱାରା । ନୈତିକତାର ଶେଷ ସୀମାରେ ଆଧ୍ୟାତ୍ମିକତାର ଆରମ୍ଭ ହୁଏ । ଆଧ୍ୟାତ୍ମିକ ପ୍ରଦେଶରେ ପ୍ରବେଶ କରିବା ପୂର୍ବରୁ ନୈତିକତାକୁ ତ୍ୟାଗ କରିବା ଉଚିତ ନୁହେଁ । ନୈତିକତାରେ କେତେକ ନିୟମ ଦେଶଗତ । ଅର୍ଥାତ୍ ଗୋଟିଏ ଦେଶରେ ଯେଉଁ ନିୟମ ମହାନ୍ ଧର୍ମ, ଅନ୍ୟ ଦେଶରେ ତାହାହିଁ ମହାନ୍ ପାପ । ଯେପରି ଉତ୍ତର ଭାରତରେ ଭଉଣୀର କନ୍ୟା ଭାଣିଜୀ ନିଜ କନ୍ୟା ତୁଲ୍ୟା; ତା' ପ୍ରତି କୁଦୃଷ୍ଟି ଦେବାର ଅର୍ଥ ନିଜ କନ୍ୟା ପ୍ରତି କୁଦୃଷ୍ଟି ଦେବା । କିନ୍ତୁ ଦକ୍ଷିଣ ଭାରତରେ ସାଧାରଣ ଲୋକଙ୍କ ଘରେ ନୁହେଁ, ଶ୍ରୋତ୍ରିୟ ବ୍ରାହ୍ମଣ ପଣ୍ଡିତ ଘରେ ମାମୁ ସହିତ ଭାଣିଜୀର ବିବାହ ସମ୍ବନ୍ଧ ଅତି ପବିତ୍ର । ଆଜି ପର୍ଯ୍ୟନ୍ତ ବି ଏହା ଚାଲୁଅଛି । ଉତ୍ତର ଭାରତରେ ଏହି ସମ୍ବନ୍ଧ ଏତେ କଳୁଷିତ ଯେ ସେମାନେ ଶୁଣିଲେ କାନରେ ହାତ ଦେବେ । ଏହିପରି ନୈତିକତାରେ ବହୁତ ନିୟମ ଅଛି, ଯାହା ସମୟାନୁସାରେ ପରିବର୍ତ୍ତିତ ହୁଏ, ଯେପରି ବର୍ଣ୍ଣଧର୍ମ ପାଳନ କରିବା ଏବଂ ଶିଖା ଧାରଣ କରିବା ଇତ୍ୟାଦି । ଏହା ପୂର୍ବେ ଏକେବାରେ କଠୋର ନିୟମ ଥିଲା, କାଳକ୍ରମେ ଏହା ଏପରି ପରିବର୍ତ୍ତିତ ହୋଇଛି ଯେ ଶିକ୍ଷିତ ବ୍ୟକ୍ତି ଜାତିଭେଦରେ ଘୃଣା କରୁଛନ୍ତି । ଓଡ଼ିଶା ଓ ବଙ୍ଗଦେଶରେ ଶିଖା (ଚୁଟି) ଦେଖିବାକୁ ମିଳେ ନାହିଁ, କଠୋର ନୀତିବାଦୀ ଉତ୍ତର ପ୍ରଦେଶରେ ମଧ୍ୟ ଏହି ପ୍ରଭାବ ପଡ଼ିବାକୁ ଆରମ୍ଭ କଲାଣି ।

ଆଧ୍ୟାତ୍ମିକ ନିୟମ : ଶାନ୍ତି, ଆନନ୍ଦ, ଭାଗବତ ପ୍ରେମ, ଭକ୍ତି, ଜ୍ଞାନ ଏହିସବୁ ପ୍ରତ୍ୟେକ ଦେଶରେ ସବୁ କାଳରେ, ସବୁ ବ୍ୟକ୍ତିଙ୍କ ସକାଶେ ଏକ ହିଁ ପ୍ରକାରର । ଏହା ଭଗବାନଙ୍କ ଦିବ୍ୟଗୁଣ; ସର୍ବଦା ସର୍ବସ୍ଥାନରେ ଅପରିବର୍ତ୍ତନୀୟ । ସତ୍ୟ, ସନ୍ତୋଷ, ଦୟା, କ୍ଷମାବ୍ରତ ପାଳନ କରିବା, ଅହିଂସା ଆଚରଣ କରିବା, ପରୋପକାର କରିବା, ଶ୍ରେଷ୍ଠଙ୍କୁ ସମ୍ମାନ କରିବା, ଲଘୁଙ୍କୁ ସ୍ନେହ କରିବା, ସତ୍ଶାସ୍ତ୍ର ଅନୁସାରେ ସତ୍ୟ କହିବା ଇତ୍ୟାଦି ହେଲା ନୈତିକତା । ଯଦି ନୀତିବାଦୀ କଠୋରଭାବେ ଏହି ନିୟମକୁ ପାଳନ କରି ଏହି ସୀମାରେ ଆବଦ୍ଧ ନ ହୋଇ ପ୍ରତ୍ୟେକ କର୍ମକୁ ଭଗବାନଙ୍କୁ ଅର୍ପଣ କରେ, ତେବେ ଏହା ଦ୍ୱାରା ହୃଦୟ ଶୁଦ୍ଧ ହୁଏ ଏବଂ ସେ କ୍ରମଶଃ ଶାସ୍ତ୍ରର ରହସ୍ୟ, ଶରୀର ଧାରଣ କରିବାର ଉଦ୍ଦେଶ୍ୟ ବୁଝିପାରେ । ଭଗବାନଙ୍କୁ ପ୍ରାପ୍ତ କରିବା ପ୍ରତ୍ୟେକ ଜୀବନର ଲକ୍ଷ୍ୟ ବୋଲି ତାକୁ କ୍ରମଶଃ ସ୍ପଷ୍ଟ ହେବାକୁ ଲାଗେ ଏବଂ ସେହି ମାର୍ଗରେ ସେ ଆରୂଢ଼ ହୁଏ ।

ଭଗବତ୍ ପ୍ରାପ୍ତି ଅର୍ଥାତ୍ ଅଧ୍ୟାତ୍ମ-ମାର୍ଗରେ ଆରୂଢ଼ ହେବା ମାତ୍ରେ ନୈତିକତାକୁ ସଂପୂର୍ଣ୍ଣ ରୂପେ ବର୍ଜନ କରାହୁଏ ନାହିଁ । ଏହା ହୁଏ ସ୍ୱତଃ ଓ କ୍ରମଶଃ । ଯେପରି କୌଣସି ଜଳପୂର୍ଣ୍ଣ ପାତ୍ରରେ ଅନ୍ୟ କିଛି ବସ୍ତୁ ରଖିବାକୁ ଆରମ୍ଭ କଲେ ଯେତେ ପରିମାଣରେ ବସ୍ତୁ ପ୍ରବେଶ କରେ, ତେତେ ପରିମାଣରେ ଜଳ ସ୍ୱତଃ ବାହାରିପଡ଼େ, ଠିକ୍ ସେହିପରି ଆଧ୍ୟାତ୍ମିକତା । ଆଧ୍ୟାତ୍ମିକ ସାଧକର ମନ-ପ୍ରାଣ-ଶରୀର ଭଗବାନଙ୍କ ସଙ୍ଗେ ପୂର୍ଣ୍ଣ ରୂପେ ଏକ ହୋଇଗଲେ, ସେ ପ୍ରତ୍ୟକ୍ଷ ପ୍ରେରଣା ପାଏ ଭଗବାନଙ୍କଠାରୁ । ଏହା ହଠାତ୍ ବା ଗୋଟିଏ ଦିନରେ ପୂର୍ଣ୍ଣ ହୁଏ ନାହିଁ । କିନ୍ତୁ ଯେତେ ପରିମାଣରେ ଅଧ୍ୟାତ୍ମ-ପ୍ରେରଣା ଆସେ, ତେତେ ପରିମାଣରେ ନୈତିକ ନିୟମ ତ୍ୟାଗ ହୋଇଯାଏ । ମନୁଷ୍ୟ ସକାଶେ ନୈତିକତା ଅପରିହାର୍ଯ୍ୟ, ନୈତିକତା ଛଡ଼ା ବ୍ୟକ୍ତି ସ୍ଥୂଳ ରୂପରେ ମନୁଷ୍ୟ, କିନ୍ତୁ ଆଚରଣରେ ପଶୁ । ସୁତରାଂ ମନୁଷ୍ୟର ନୈତିକତା ପ୍ରଥମ ଅବସ୍ଥା । ତାହାର ଶେଷ ଅବସ୍ଥା ଆଧ୍ୟାତ୍ମିକତା ।

*ପ୍ରଶ୍ନ : ସାଧକ ଆଧ୍ୟାତ୍ମିକତାକୁ ପୂର୍ଣ୍ଣ ରୂପେ ପ୍ରାପ୍ତ ହେଲେ, ଅର୍ଥାତ୍ ଆତ୍ମାରେ ବାସ କଲେ କିଂବା ଭଗବାନଙ୍କ ସଙ୍ଗେ ଏକ ହୋଇଗଲେ, ଉପରେ କୁହା ହୋଇଥିବା ନୈତିକ ନିୟମ ଓ ତ୍ରିଗୁଣ ସ୍ୱତଃ ତ୍ୟାଗ ହେବା ପରେ, ସେ କେଉଁ ଗୁଣରେ ବିଭୂଷିତ ହୁଅନ୍ତି ?*

ଉତ୍ତର : ସେ ହୁଅନ୍ତି ଗୁଣାତୀତ; ଭଗବାନଙ୍କ ସଙ୍ଗେ ଏକ, ଭଗବାନଙ୍କ ଦ୍ୱାରା ଚାଳିତ; ସତ୍ୟ, ସନ୍ତୋଷ, ଦୟା, କ୍ଷମା ଆଦି ସମସ୍ତ ଦିବ୍ୟଗୁଣର ଭଣ୍ଡାର । ଅଧ୍ୟାତ୍ମ-ସାଧକର ନୈତିକତାର ତ୍ୟାଗ ହୁଏ; କିନ୍ତୁ ସତ୍ୟ, ସନ୍ତୋଷ, ଅହିଂସାଦି ତ୍ୟାଗ ହୁଏ ନାହିଁ । ସେ ଭଗବାନଙ୍କ ମଧ୍ୟରେ ବାସ କରିବାରୁ ଭଗବାନଙ୍କର ଏହିସବୁ ଦିବ୍ୟଗୁଣ ତାଙ୍କ ମଧ୍ୟରେ ସ୍ୱତଃ ପ୍ରତିଷ୍ଠିତ ହୁଏ ଏବଂ ତାଙ୍କର ସ୍ୱଭାବରେ ପରିଣତ ହୁଏ । ସ୍ୱାଭାବିକ ରୂପେ ସେ ଗୁଣରେ ଆସକ୍ତ ହୁଅନ୍ତି ନାହିଁ କିଂବା ଏହାକୁ ଜୀବନର ଚରମ ଲକ୍ଷ୍ୟ ବୋଲି ମାନନ୍ତି ନାହିଁ । ତାଙ୍କର ଚରମ ଲକ୍ଷ୍ୟ ଭଗବାନ୍ । ତାଙ୍କର ଏହି ସତ୍ୟାଦି ଗୁଣରେ ଆସକ୍ତି ନ ହେବାରୁ ସେ ହୁଅନ୍ତି ଗୁଣାତୀତ । ସେ ପ୍ରାପ୍ତ କରନ୍ତି ପୂର୍ଣ୍ଣ ପ୍ରକାଶ ଓ ପୂର୍ଣ୍ଣ ସତ୍ୟଦୃଷ୍ଟି । ତାଙ୍କ ପାଖରେ ସତ୍ୟର ଯଥାର୍ଥ ସ୍ୱରୂପ ପ୍ରକାଶ ପାଏ । ନୈତିକ ଦୃଷ୍ଟିରେ ଯାହା ଅସତ୍ୟ, ଅଧର୍ମ ବୋଲି ଭ୍ରମବଶତଃ ପ୍ରତୀତ ହୁଏ, ତାହା ସତ୍ୟ ଦୃଷ୍ଟିରେ ଠିକ୍ ତାହାର ବିପରୀତ ହୋଇପାରେ ।

ଅଧ୍ୟାତ୍ମ-ସାଧକ ତୁଲ୍ୟ ସତ୍ୟାଦି ଦିବ୍ୟଗୁଣ ଓ ସତ୍ୟଦୃଷ୍ଟି ନୈତିକବାଦୀ ମଧ୍ୟରେ ସ୍ୱତଃ ପ୍ରତିଷ୍ଠିତ ହୋଇ ନ ଥାଏ । ସ୍ୱଭାବ-ପ୍ରେରଣାରେ ତାହା ଦ୍ୱାରା ଯଥାର୍ଥ ସତ୍ୟ ଆଚରଣ ହୁଏ ନାହିଁ । କାରଣ ସତ୍ୟର ଉଦ୍‌ଗମ ସ୍ଥାନ ଭଗବାନ୍, ସେ ତାଙ୍କ ମଧ୍ୟରେ ବାସ କରେ ନାହିଁ । ସୀମିତ ଅପ୍ରକାଶ ମନ, ନିର୍ଦ୍ଧାରିତ ନୀତି, ନିୟମ ଅନୁସାରେ ଅନ୍ଧପରି ହାତ ଅଣ୍ଡାଳି ସତ୍ୟକୁ ଖୋଜେ । ଅନିର୍ଦ୍ଦିଷ୍ଟ ଭାବରେ ଏହି ନିୟମରେ ଯଦି ଯଥାର୍ଥରେ ସତ୍ୟର ଆଲୋକ ପଡ଼ିଯାଏ ତେବେ ତାହା ପାଳିତ ହୁଏ, ନଚେତ୍ ବହୁତ ସମୟରେ ସତ୍ୟ ଭ୍ରମରେ ଅସତ୍ୟକୁ ହିଁ ଆଚରଣ କରାହୁଏ । ନୈତିକ ଆଉ ଆଧ୍ୟାତ୍ମିକ କ୍ରିୟା ବାହ୍ୟ ଆଚରଣରେ ସ୍ୱରୂପତଃ ଏକ ପ୍ରତୀତ ହେବାରୁ ଉଭୟ ମଧ୍ୟରେ ପ୍ରଭେଦ ବୁଝିବା ଅଧିକାଂଶ ବ୍ୟକ୍ତିଙ୍କ ପକ୍ଷେ ଦୁରୂହ ହୋଇପଡ଼େ ।

ଯେପରି ପିତା, ମାତା, ପତି ଓ ଦରିଦ୍ର, ରୋଗୀ ଆଉ ବ୍ୟକ୍ତି, ସମାଜ ଓ ଦେଶ,– ଏମାନଙ୍କ ସେବା ଇତ୍ୟାଦି ସମସ୍ତ ଗୁଣ ଦିବ୍ୟ । ନୀତିବାଦୀ ଓ ଅଧ୍ୟାତ୍ମବାଦୀ ଉଭୟେ ଏହାକୁ ଆଚରଣ କରିପାରନ୍ତି । ବାହ୍ୟତଃ ଏହି ଗୁଣ, ଏହିସବୁ କର୍ମ ଉଭୟଙ୍କର ପ୍ରକାରରେ ଏକ । କିନ୍ତୁ ଭାବରେ ଭିନ୍ନତା ହେବାରୁ, ଏକ ବ୍ୟକ୍ତି ସକାଶେ ଏହା ହୁଏ ନୀତି ଏବଂ ତ୍ରିଗୁଣ, ସୁବର୍ଣ୍ଣ ଜଞ୍ଜିର ରୂପେ ବନ୍ଧନ; ଅନ୍ୟ ବ୍ୟକ୍ତି ସକାଶେ ହୁଏ ଗୁଣାତୀତ । ପ୍ରଥମ ବ୍ୟକ୍ତିର ଭାବ ଥାଏ କର୍ତ୍ତବ୍ୟବୋଧ, ଧର୍ମବୋଧ । ସେ ସେଥିରେ ପ୍ରେରିତ ହୋଇ ଏହି ନୀତି ଆଚରଣ କରେ । ଏହା ଆଚରଣ ନ କଲେ ସେ ଅଧର୍ମୀ ହେବ ଏବଂ ପତିତ ହେବ । ଅନ୍ୟ ବ୍ୟକ୍ତି ଧର୍ମ-ଅଧର୍ମର ଧାରଣାର ଊର୍ଦ୍ଧ୍ୱରେ, ସେ ଆତ୍ମା ଅଥବା ଭଗବାନଙ୍କ ମଧ୍ୟରେ ବାସ କରେ । ପୂର୍ଣ୍ଣ ପ୍ରକାଶରେ ଭଗବାନଙ୍କ ଦ୍ୱାରା ଚାଳିତ ହୋଇ ଭଗବାନଙ୍କ ନିର୍ଦ୍ଦେଶରେ ଯନ୍ତ୍ରବତ୍ କାର୍ଯ୍ୟ କରେ । ସେହି କାର୍ଯ୍ୟ ଧର୍ମ ହେଉ ବା ଅଧର୍ମ ହେଉ, ତାହା ପ୍ରତି ଲେଶମାତ୍ର ଭ୍ରୂକ୍ଷେପ କରେ ନାହିଁ । କାରଣ ସେ ଆତ୍ମାରେ ବାସ କରେ ଏବଂ ପ୍ରତ୍ୟେକ ବ୍ୟକ୍ତି ମଧ୍ୟରେ ନିଜକୁ ଦେଖେ । ସେନେଇ ତାହାର କୌଣସି ପ୍ରାଣୀ ପ୍ରତି ଶତ୍ରୁତା ବା ମିତ୍ରତା ନ ଥାଏ । ସେ କୌଣସି ସ୍ୱାର୍ଥରେ ବଶୀଭୂତ ହୋଇ କାର୍ଯ୍ୟ କରେ ନାହିଁ । ସେହି ସକାଶେ ତାହାର କୌଣସି କର୍ମରେ ଆସକ୍ତି ନ ଥାଏ । ସେ ଭଗବାନଙ୍କ

ପ୍ରେରଣାରେ ଗୁରୁଜନ, ସ୍ତ୍ରୀ, ମାତା, ପିତା, ଭ୍ରାତୃ-ବଧ ଆଦି ଜଘନ୍ୟ କାର୍ଯ୍ୟ କରିପାରେ । ନୈତିକ ଦୃଷ୍ଟିରେ ଏହା ଦୁର୍ନିବାର ପାପ-କର୍ମ ବୋଲି ପ୍ରତୀତ ହେଲେ ସୁଦ୍ଧା ସେ ଏହାକୁ ଲେଶମାତ୍ର ଭୟ ବା ଚିନ୍ତା କରେ ନାହିଁ । ଏହି ପାପ ମଧ ତାକୁ ସ୍ପର୍ଶ କରିପାରେ ନାହିଁ । କାରଣ ସେ ବାସ କରେ ଭଗବାନଙ୍କ ମଧରେ, ଭଗବାନଙ୍କ ପାଖରେ ପାପ ପହଞ୍ଚି ପାରେ ନାହିଁ । ଅନ୍ୟ ଭାଷାରେ କହିଲେ ତାହାର ଏହି ହିଂସା, ଦ୍ୱେଷ, କର୍ତ୍ତବ୍ୟ-ବୁଦ୍ଧି ନ ଥାଏ । ସେ ମନରେ ଚାଳିତ ହୁଏ ନାହିଁ । ସେହି କାରଣରୁ ଏହି ହତ୍ୟା କାର୍ଯ୍ୟରେ ପାପର ଉତ୍ପତ୍ତି ହୁଏ ନାହିଁ ।

ଯେପରି ପରଶୁରାମ ମାତା ଆଉ ଭ୍ରାତାଙ୍କୁ ବଧ କଲେ, ଅର୍ଜୁନ ଗୁରୁଜନଙ୍କୁ ବଧ କଲେ, ହନୁମାନ ଲଙ୍କା-ଦହନ ସମୟରେ ସ୍ତ୍ରୀ, ବାଳକ, ପଳାୟିତ, ନିଦ୍ରିତ ବ୍ୟକ୍ତିଙ୍କୁ ପୋଡ଼ି ମାରିଥିଲେ । ଏହିସବୁ ନୈତିକତା ଦୃଷ୍ଟିରେ ପାପ ହୋଇପାରେ, କିନ୍ତୁ ଏହି କର୍ମ ଭଗବତ୍ ପ୍ରେରଣାରେ ସମ୍ପାଦିତ ହୋଇଥିବାରୁ ଏହା ପରମ ଧର୍ମରେ ପରିଣତ ହୋଇଥିଲା । କର୍ତ୍ତୃତ୍ୱାଭିମାନ ନ ଥିଲେ କର୍ମ ହୁଏ ନିଷ୍କର୍ମ । ଯେବେ ପ୍ରେରକ ଭଗବାନ୍, କରିବା ବ୍ୟକ୍ତି ଯଦି ଆତ୍ମସ୍ଥ ଏବଂ ଯନ୍ତ୍ର ତେବେ ଯନ୍ତ୍ରକୁ କର୍ମର ଦୋଷଗୁଣ ସ୍ପର୍ଶ ବା କରିବ କିପରି ? ଯେପର୍ଯ୍ୟନ୍ତ ମନୁଷ୍ୟ ଅଧ୍ୟାତ୍ମ-ଚେତନା ପ୍ରାପ୍ତ କରି ଆତ୍ମାରେ ବାସ ନ କରିଛି, ଭଗବାନଙ୍କ ଦ୍ୱାରା ଚାଳିତ ହୋଇ ଯଥାର୍ଥ ଦୃଷ୍ଟି ପ୍ରାପ୍ତ ନ କରିଛି ସେପର୍ଯ୍ୟନ୍ତ ସେ ଯେତେ ବଡ଼ ନୈତିକ ଆଦର୍ଶର କାମ କରୁ ନା କାହିଁକି ତାହା ଭଗବାନଙ୍କ ସଂକଳ୍ପର ବିରୋଧ ହୋଇପାରେ । ସେହି ସତ୍-କର୍ମ ଦ୍ୱାରା ଅଧର୍ମ ମଧ ହୋଇ ପାରେ ।

କାରଣ ନୀତିବାଦୀର ଅନ୍ତରରେ କାମ, କ୍ରୋଧ, ଲୋଭ, ମୋହ, ମତ୍ସର, ହିଂସା, ଦ୍ୱେଷ ବିଦ୍ୟମାନ ଥାଏ । ସେ ମାନସିକ ଧର୍ମ-ବିଚାର ଦ୍ୱାରା ଏହି ସବୁର ପ୍ରେରଣା, କାମନା, ବାସନା, ହିଂସା, ଦ୍ୱେଷ ଓ ସ୍ୱାର୍ଥକୁ ଚାପି ଦେଇ ବାହ୍ୟକର୍ମ ଓ ବଚନରେ ଅହିଂସା, ସତ୍ୟ ଆଚରଣ କରେ । ଅନ୍ତରରେ ଅସତ୍‌ରେ ବାସ କରି କେବଳ ଶବ୍ଦରେ ସତ୍ୟ କହେ । ବହୁତ ସମୟରେ ଭିତରେ ଚାପ ପଡ଼ିଥିବା ହିଂସା, ସ୍ୱାର୍ଥ, କାମାଦି ପ୍ରବଳ ବେଗରେ ନୈତିକତାକୁ ନିଜ ସ୍ରୋତରେ ଭସାଇ ନେଇଯାଏ । ସେହି ନୀତିବାଦୀ ଦ୍ୱାରା ହୁଏ ପ୍ରବଳ ଅନୀତି । ଯେପର୍ଯ୍ୟନ୍ତ ନୀତିବାଦୀ ଆଧ୍ୟାତ୍ମିକତାରେ ପ୍ରବେଶ ନ କରିଛି, ସେପର୍ଯ୍ୟନ୍ତ ତାହା ଦ୍ୱାରା ସ୍ଥାୟୀ ଭାବେ କୌଣସି ସତ୍‌କର୍ମ ସମ୍ପାଦିତ ହେବା ସମ୍ଭବପର ନୁହେଁ । ଆଜି ମଧ ଆମ୍ଭେମାନେ ନୀତିବାଦୀମାନଙ୍କୁ ନିଜ ଚକ୍ଷୁରେ ଦେଖୁଥାଇ । ନୀତିବାଦୀର ବାହ୍ୟକର୍ମ ହୁଏ ତାହାର ଆନ୍ତର ସ୍ଥିତିର ବିପରୀତ; ଯେପରି ଗୋବରରେ ଗଠିତ କଣ୍ଢେଇ ଉପରେ ନାନା ପ୍ରକାର ରଙ୍ଗରେ ରୂପ ଅଙ୍କନ କରି ସୁନ୍ଦର କରି ଦିଆ ହୋଇଥାଏ ।

କିନ୍ତୁ ଅଧ୍ୟାତ୍ମବାଦୀ ସତ୍ୟ ଓ ଆତ୍ମାରେ ବାସ କରେ । ସର୍ବ ସ୍ଥାନରେ ଆତ୍ମ-ସ୍ୱରୂପ ଭଗବାନଙ୍କୁ ଦେଖେ । ନିଜେ ଆତ୍ମ-ସ୍ୱରୂପ ହୋଇ ଥିବାରୁ ସମସ୍ତ ପ୍ରାଣୀ ମଧରେ ସେ ନିଜକୁ ଦେଖେ ଏବଂ ନିଜ ମଧରେ ସମସ୍ତ ଜଗତକୁ ଦେଖେ । ସୁତରାଂ ତାହାର ଶତ୍ରୁ-ମିତ୍ର ଆସିବେ କେଉଁଠୁ ? ରାଗ ଦ୍ୱେଷାଦି ହେବ କାହା ପ୍ରତି ? ସ୍ୱାର୍ଥସିଦ୍ଧି ହେବ କାହା ସକାଶେ ? ତାହାଠାରୁ ଭିନ୍ନ ଯଦି କେହି ଥିବ, ତେବେ ନା ? ସେ ତ' ଆତ୍ମ-ଜ୍ଞାନରେ ପ୍ରାଣୀ ସହିତ ଏକ ଓ ଅଭିନ୍ନ । ତାହାର ପ୍ରତ୍ୟେକ କାର୍ଯ୍ୟ ହୁଏ ଭଗବାନଙ୍କ ସଂକଳ୍ପ ଓ ତାଙ୍କ ନିର୍ଦ୍ଦେଶରେ । ବାହ୍ୟ ଦୃଷ୍ଟିରେ ତାହା ଦ୍ୱାରା ଯଦି ନୈତିକ ବିରୋଧୀ ହିଂସା ଆଦି କାର୍ଯ୍ୟ ଦେଖାଯାଏ ସେଥିରେ ତାହାର ବ୍ୟକ୍ତିଗତ ଅଭିପ୍ରାୟ ନ ଥାଏ । କାରଣ ସେ ଅହଂଯୁକ୍ତ ପୃଥକ୍ ବ୍ୟକ୍ତି ନ ଥାଏ । ଆତ୍ମ-ଜ୍ଞାନରେ ସଙ୍ଗେ ସଙ୍ଗେ ଅହଂଯୁକ୍ତ ବ୍ୟକ୍ତିତ୍ୱ ନଷ୍ଟ ହୋଇ ଯାଇଥାଏ । ବ୍ରଜ-ବ୍ରାହ୍ମଣୀ ଗୋପୀଗଣ ଏବଂ ବ୍ରଜ-ଯାଜ୍ଞିକ ବିପ୍ରମାନଙ୍କ ଚରିତ୍ରରୁ ଆଧ୍ୟାତ୍ମିକତା ଓ ନୈତିକତାରେ ପାର୍ଥକ୍ୟ ଆମ୍ଭେମାନେ ଦେଖିପାରିବା ।

(କ୍ରମଶଃ)

(*ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ*, ପ୍ରଥମ ଖଣ୍ଡ, ପୃଷ୍ଠା : ୮୮-୯୧) ❑

ଆଗାମୀ କାଲିର ପୂର୍ଣ୍ଣ ସିଦ୍ଧିରେ ପହଞ୍ଚିବା ପର୍ଯ୍ୟନ୍ତ ଆମେ ବିରାମହୀନ ଭାବରେ ଆରୋହଣ କରି ଚାଲିବୁ ସୋପାନରୁ ସୋପାନକୁ, ସତ୍ୟରୁ ସତ୍ୟକୁ ।

— ଶ୍ରୀମା

# ଶ୍ରୀଅରବିନ୍ଦଙ୍କ ଯୁଗ
## ପ୍ରପତ୍ତି

ଶ୍ରୀଅରବିନ୍ଦ ଗୋଟିଏ ନୂତନ ଯୁଗର ପ୍ରତିଷ୍ଠାତା, ଏକ ନୂତନ ସୃଷ୍ଟି, ନୂତନ ମାନବଜାତିର ନିର୍ମାତା । ନୂତନ ଯୁଗର ଅର୍ଥ ହିଁ ନୂତନ ମାନବଜାତିର ଆବିର୍ଭାବ । ତେବେ ଏହି ନୂତନ ମାନବଜାତିର ଅର୍ଥ କ'ଣ ? ଏହି ମନୁଷ୍ୟ (ନୂତନ ମାନବ) କ'ଣ ବର୍ତ୍ତମାନ ମନୁଷ୍ୟଠାରୁ ଭିନ୍ନ ହେବ ଆକାର ପ୍ରକାରରେ, କାର୍ଯ୍ୟରେ, ଖାଦ୍ୟ ପାନୀୟରେ ନା ଦୃଷ୍ଟି ବିଚାରରେ, ଚେତନାରେ ? ଏହି ନୂତନ ମନୁଷ୍ୟଜାତି ସମ୍ବନ୍ଧରେ କିଛି ଜାଣିବା ହୁଏତ ବେଶ୍ ଆମୋଦାୟକ ହେବ । ପ୍ରଥମତଃ, ଏହି ନୂତନ ମାନବଜାତି କ'ଣ ସମ୍ଭବ ? ଦ୍ୱିତୀୟତଃ, ଯଦି ଏହା ସମ୍ଭବ ହୁଏ, ତେବେ କେଉଁ ଭିତ୍ତି ଉପରେ ଏହା ସମ୍ଭବ ହେବ ? ତୃତୀୟତଃ, ଏପରି ଏକ ମାନବଜାତି ପୃଥିବୀ ଉପରେ କେବେ ବା କେତେ ବର୍ଷ ପରେ ଦେଖା ଦେବ ? ଚତୁର୍ଥତଃ, ଯଦି ଏପରି ଏକ ନୂତନ ମାନବଜାତିର ପ୍ରତିଷ୍ଠା ହୁଏ, ତେବେ ଏକ ନୂତନ ଯୁଗର ଆବିର୍ଭାବ ହେବ, ଏକ ନୂତନ ସମାଜ ସୃଷ୍ଟି ହେବ, ସୁତରାଂ ସେହି ନୂତନ ଯୁଗର ଲକ୍ଷଣ କ'ଣ, ବୈଶିଷ୍ଟ୍ୟ କ'ଣ, ଏବଂ ଏହିପରି ଏକ ନୂତନ ସମାଜ କିପରି ପରିଚାଳିତ ହେବ ? ଏହିସବୁ ବିଭିନ୍ନ ବିଷୟରେ ସମ୍ୟକ୍ ଆଲୋଚନା କରିବା ହିଁ ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

**ନୂତନ ମାନବଜାତିର ସମ୍ଭାବନା :**

ତିନୋଟି ଯୁକ୍ତିରୁ ଏକଥା ସ୍ପଷ୍ଟ ଯେ ପୃଥିବୀରେ ଏକ ନୂତନ ମାନବଜାତି ଦେଖା ଦେବ । ମନୁଷ୍ୟଜାତି ଯେପରି ପଶୁଜାତିଠାରୁ ଭିନ୍ନ, ପଶୁ ଯେପରି ଉଦ୍ଭିଦ, ବୃକ୍ଷଲତାଠାରୁ ଭିନ୍ନ, ଆଉ ଉଦ୍ଭିଦ ଯେପରି ଜଡ଼ବସ୍ତୁ, ମାଟି ପଥରଠାରୁ ଭିନ୍ନ; ନୂତନ ମନୁଷ୍ୟ ଜାତି ସେହିପରି ବର୍ତ୍ତମାନ ମନୁଷ୍ୟ ଜାତିଠାରୁ ଭିନ୍ନ ହେବ । ନୂତନ ମନୁଷ୍ୟ ମଧ୍ୟରେ ଏପରି ଏକ ଗୁଣାତ୍ମକ ପାର୍ଥକ୍ୟ ଦେଖା ଦେବ, ଯାହା ଫଳରେ ସେ ବର୍ତ୍ତମାନ ମନୁଷ୍ୟଠାରୁ ସମ୍ପୂର୍ଣ୍ଣ ଭିନ୍ନ ହେବ ଅଥବା ଏହି ଚେତନାର ଆବିର୍ଭାବ ଫଳରେ ମନୁଷ୍ୟ ପ୍ରକୃତିର ଆମୂଳଚୂଳ ରୂପାନ୍ତର ହୋଇ ବର୍ତ୍ତମାନ ମନୁଷ୍ୟ ଏକ ନୂତନ ମନୁଷ୍ୟରେ ପରିଣତ ହେବ । ବର୍ତ୍ତମାନ ଆମ୍ଭେମାନେ ସେହି ତିନୋଟି ଯୁକ୍ତିକୁ ପରୀକ୍ଷା କରିବା :

୧. ବିବର୍ତ୍ତନର ଯୁକ୍ତି ଓ ବିଚାରଧାରା,
୨. ଶାସ୍ତ୍ର ପୁରାଣର ଯୁକ୍ତି ଓ ବିଚାରଧାରା ଏବଂ
୩. ମନୁଷ୍ୟର ଅଭୀପ୍ସା ଓ ସଙ୍କଳ୍ପର ଯୁକ୍ତି ଓ ବିଚାର ।

**୧. ବିବର୍ତ୍ତନର ଯୁକ୍ତି ଓ ବିଚାରଧାରା :**

ଏ ପୃଥିବୀର ସକଳ ବସ୍ତୁ ବିକାଶ ମାର୍ଗରେ ଚାଲିଛି । ଏ ପୃଥିବୀ ମଧ୍ୟ କ୍ରମବିବର୍ତ୍ତନଧାରାରେ ପରିସ୍ଫୁଟ ହୋଇଛି । ପ୍ରଥମେ ଏକ ନିଥର, ନିସ୍ପନ୍ଦ, ପ୍ରାଣହୀନ ଜଡ଼ଜଗତ୍ ଥିଲା । ତା'ପରେ ଏହି ଜଡ଼ ମଧ୍ୟରେ ପ୍ରାଣଭୂମିରୁ ପ୍ରାଣର ଅବତରଣ ଘଟିଲା ଏବଂ ପ୍ରାଣର ପ୍ରତିଷ୍ଠା ହେଲା । ପ୍ରଥମେ ଦେଖା ଦେଲା ଉଦ୍ଭିଦ, ଗୁଳ୍ମ, ଲତା ଓ ବୃକ୍ଷରାଜି । ପ୍ରାଣର ଆବିର୍ଭାବ ହେତୁ ଏକ ନୂତନ ପର୍ଯ୍ୟାୟ ପୃଥିବୀର ବିକାଶଧାରାରେ ଦେଖା ଦେଲା । ଉଦ୍ଭିଦଜଗତ୍, ବୃକ୍ଷଲତା, ଗୁଳ୍ମ ଇତ୍ୟାଦି ପରେ ଦେଖା ଦେଲେ କ୍ଷୁଦ୍ର କ୍ଷୁଦ୍ର କୀଟପତଙ୍ଗ ଓ ତା'ପରେ ସୃଷ୍ଟି ହେଲା ପଶୁ ଜଗତ୍, ବୃହତ୍‌କାୟ ଜୀବଗଣ । ଏଠାରେ କିନ୍ତୁ ପ୍ରକୃତିର ବିବର୍ତ୍ତନ ଶେଷ ହେଲା ନାହିଁ । ବିବର୍ତ୍ତନର ତୃତୀୟ ପାବଚ୍ଛରେ ମନଃଶକ୍ତି ମନୋଭୂମିରୁ ଅବତରଣ କଲା ଏବଂ ମାନବଜାତିର ପ୍ରତିଷ୍ଠା ହେଲା । ପଶୁଜାତିଠାରୁ ଏକ ସମ୍ପୂର୍ଣ୍ଣ ଭିନ୍ନ ପ୍ରକାରର ଜୀବ ଦେଖା ଦେଲେ, ଯେଉଁମାନେ ଏକ ବିଶେଷ ଶକ୍ତି ଧାରଣ କରିଥିବାରୁ ମନୁଷ୍ୟଜାତି ନାମରେ ଅଭିହିତ ହେଲେ ଏବଂ ସେମାନେ ହେଲେ ଏ ପୃଥିବୀର ହର୍ତ୍ତାକର୍ତ୍ତା । କାରଣ ମନଃଶକ୍ତି ବଳରେ ମନୁଷ୍ୟ ଅନ୍ୟ ଦୁଇଟି ଶକ୍ତି ଉପରେ ନିଜର ରାଜତ୍ୱ ପ୍ରତିଷ୍ଠା କଲା ଏବଂ ଜଡ଼ ଶକ୍ତିକୁ ନିୟନ୍ତ୍ରଣ କରି କେତେକ ପରିମାଣରେ ତା'ର ଉପଯୋଗ କଲା । ସେହିପରି ନିଜେ ବଳବାନ୍ ନ ହେଲେ ମଧ୍ୟ ବଳବାନ୍, ବିଷାକ୍ତ ଓ ଭୟଙ୍କର ପ୍ରାଣୀମାନଙ୍କୁ ଜବତ କଲା ଏବଂ ସେମାନଙ୍କ କବଳରୁ ନିଜକୁ ରକ୍ଷା କରି ଏ ପୃଥିବୀରେ ନିଜର ଶ୍ରେଷ୍ଠତ୍ୱ ପ୍ରତିଷ୍ଠା କଲା । ମନୁଷ୍ୟ ବାଘ, ହାତୀ ପରି ବଳବାନ୍ ନୁହେଁ, ମାଙ୍କଡ଼ ପରି

ଜିମ୍ନାଷ୍ଟିକ୍ କରିପାରେ ନାହିଁ, ହରିଣ ବା ଚିତାବାଘ ପରି ଦୌଡ଼ି ପାରେ ନାହିଁ, ପକ୍ଷୀମାନଙ୍କ ପରି ଉଡ଼ିପାରେ ନାହିଁ ବା ମାଛ, କୁମ୍ଭୀର ପରି ଜଳରେ ରହିପାରେ ନାହିଁ, କିନ୍ତୁ ଏ ସମସ୍ତଙ୍କୁ ସେ ନିଜେ ଆୟତ୍ତ କରିଛି କେଉଁ ଶକ୍ତି ବଳରେ ? ମନଃଶକ୍ତି ବଳରେ ମନୁଷ୍ୟ ନିଜର ପ୍ରାଧାନ୍ୟ ବିସ୍ତାର କରିଛି । ମନଃଶକ୍ତି ହେଲା ଯୁକ୍ତି, ବୁଦ୍ଧି, ବିଚାର, ବିଶ୍ଳେଷଣ, ମନୀଷା, ତର୍କ ଶକ୍ତି । ପଶୁମାନେ ଏହି ଶକ୍ତିର ଅଧିକାରୀ ନୁହନ୍ତି, ସୁତରାଂ ମନୁଷ୍ୟଠାରୁ ନିମ୍ନ ସ୍ତରରେ ରହିଛି ପଶୁ ଜଗତ୍ ।

ତେବେ ପ୍ରଶ୍ନ ହେବ ମନୁଷ୍ୟ ସୃଷ୍ଟି ପରେ ପ୍ରକୃତିର ବିବର୍ତ୍ତନଧାରା କ'ଣ ସମାପ୍ତ ହେଲା ? ମନଃଶକ୍ତିର ପ୍ରତିଷ୍ଠାରେ ପ୍ରକୃତିର କ'ଣ ପରିପୂର୍ଣ୍ଣ ବିକାଶ ହେଲା ? ମନ କ'ଣ ପୃଥିବୀ ବିବର୍ତ୍ତନର ଶେଷ ପର୍ଯ୍ୟାୟ ? ମନଃଶକ୍ତି କ'ଣ ପରିପୂର୍ଣ୍ଣ, ପୂର୍ଣ୍ଣାଙ୍ଗ ଓ ସର୍ବସାମର୍ଥ୍ୟଯୁକ୍ତ ? ମନ ଯଦି ଅପୂର୍ଣ୍ଣ, ଖଣ୍ଡିତ, ସୀମିତ, ସଙ୍କୀର୍ଣ୍ଣ ତେବେ ପ୍ରକୃତି ଏପରି ଏକ ଅସମ୍ପୂର୍ଣ୍ଣ ବସ୍ତୁ ନିର୍ମାଣ କରି ସନ୍ତୁଷ୍ଟ ହୋଇ ରହିପାରିବ କି ? ସୁତରାଂ ବିବର୍ତ୍ତନଧାରା ଅଗ୍ରସର ହେବ ଏବଂ ଯାହା ଅସମ୍ପୂର୍ଣ୍ଣ, ଅର୍ଦ୍ଧବିକଶିତ, ଅପରିଣତ, ଅପୂର୍ଣ୍ଣ ତାହା ସମ୍ପୂର୍ଣ୍ଣ, ପୂର୍ଣ୍ଣ ବିକଶିତ ଓ ପରିଣତ ଅବସ୍ଥା ପ୍ରାପ୍ତ ହେବ । ପ୍ରକୃତି ବିକାଶ ମାର୍ଗରେ ଚାଲିଛି ଏବଂ କ୍ରମୋନ୍ନତ ଅବସ୍ଥା ପ୍ରାପ୍ତ ହେଉଛି । ଯାହା ଦିନେ ଅସ୍ପଷ୍ଟ, ଅନ୍ଧକାରମୟ, ସଙ୍କୀର୍ଣ୍ଣ ଓ କ୍ଷୁଦ୍ର ଥିଲା ତାହା ସ୍ପଷ୍ଟ, ଆଲୋକମୟ, ବିଶାଳ ଓ ବୃହତ୍ ହୋଇ ଉଠୁଛି । ଏ ସୃଷ୍ଟିର ମୂଳରେ ଯେଉଁ ଅଖଣ୍ଡ, ଶାଶ୍ୱତ, ପରମ ସତ୍ୟ ଓ ଚେତନା ନିହିତ ଅଛି ତାହା ପ୍ରକୃତିର ବିବର୍ତ୍ତନ ମଧ୍ୟରେ ଧୀରେ ଧୀରେ ନିଜକୁ ଖୋଲି ଦେଉଛି ଏବଂ ଉଚ୍ଚରୁ ଉଚ୍ଚତର ଅବସ୍ଥା ପ୍ରାପ୍ତ ହେଉଛି । ଜଡ଼, ପ୍ରାଣ ଓ ମନ ଏହି ତିନୋଟି ସ୍ତରରେ ସେହି ଏକ ହିଁ ଚେତନା ବିଦ୍ୟମାନ ଏବଂ ସେହି ଏକ ଶାଶ୍ୱତ ଦିବ୍ୟ ଚେତନାର ଜଡ଼, ପ୍ରାଣ, ମନ – ତିନୋଟି ପର୍ଯ୍ୟାୟ ବା ଭୂମି । କିନ୍ତୁ ଏହି ତିନୋଟି ସ୍ତରକୁ ଅତିକ୍ରମ କରି ଏକ ଅଭୂତପୂର୍ବ ପୂର୍ଣ୍ଣ ଚୈତନ୍ୟମୟ ଅବସ୍ଥା ରହିଛି । ଏହିଠାରେ ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଆନନ୍ଦର ଆବିର୍ଭାବ । ଏହା ହିଁ ବିଜ୍ଞାନର ଭୂମି । ଏହି ଚେତନାର ଅଭ୍ୟୁଦୟ ବା ପ୍ରତିଷ୍ଠା ଫଳରେ ପୃଥିବୀରେ ନୂତନ ସୃଷ୍ଟି ସମ୍ଭବ ହେବ, ନୂତନ ସମାଜ ବା ନୂତନ ମାନବଜାତିର ପ୍ରତିଷ୍ଠା ହେବ । ଏହି ପୂର୍ଣ୍ଣ ଜ୍ଞାନମୟ, ପୂର୍ଣ୍ଣ ଜ୍ୟୋତିର୍ମୟ ଅବସ୍ଥାକୁ ଶ୍ରୀଅରବିନ୍ଦ 'ଅତିମାନସ' ଭୂମି ବୋଲି ବର୍ଣ୍ଣନା କରିଛନ୍ତି । ସୁତରାଂ ବିବର୍ତ୍ତନର ଯୁକ୍ତିରୁ ଏକଥା ସ୍ପଷ୍ଟ ଯେ ମନୁଷ୍ୟ ବର୍ତ୍ତମାନ ଅବସ୍ଥାକୁ ଅତିକ୍ରମ କରି ଏକ ସମ୍ପୂର୍ଣ୍ଣ ନୂତନ ଚେତନାରେ ଅଧିରୂଢ଼ ହେବ । ସୁବିଖ୍ୟାତ ଦାର୍ଶନିକ ହେନରୀ ବର୍ଗସଁ ତାଙ୍କର ବିଖ୍ୟାତ ଗ୍ରନ୍ଥ 'Two Sources of Religion & Morality'ର ଶେଷ ଅଧ୍ୟାୟରେ ମନୁଷ୍ୟୋତ୍ତର ଅନ୍ୟ ଏକ ଦେବ ଜାତି (Race of Angels)ର ଆବିର୍ଭାବ କଥା ଉଲ୍ଲେଖ କରିଛନ୍ତି । ଅନ୍ୟତମ ଦାର୍ଶନିକ ତଥା ପ୍ରାଣୀବିଜ୍ଞାନବିତ୍ ସାମୁଏଲ୍ ଆଲେକ୍‌ଜାଣ୍ଡାର (Samuel Alexander) ତାଙ୍କର ବିଖ୍ୟାତ ଗ୍ରନ୍ଥ 'Space-Time Deity'ରେ ଲେଖିଛନ୍ତି ଯେ ପ୍ରକୃତିର ତିନୋଟି ଗ୍ରନ୍ଥି (Three Knots of Nature) ଜଡ଼, ପ୍ରାଣ, ମନର ବିକାଶ ପରେ ଚତୁର୍ଥ ଗ୍ରନ୍ଥିରେ 'Deity' ଅର୍ଥାତ୍ 'ଦେବୀ'ଙ୍କର ଆବିର୍ଭାବ ହେବ । ଏହାଛଡ଼ା ବହୁ ଦାର୍ଶନିକ ଏ ବିଷୟରେ ସ୍ପଷ୍ଟ ଯେ ମନୁଷ୍ୟ ବର୍ତ୍ତମାନ ଅବସ୍ଥାକୁ ଅତିକ୍ରମ କରି ଅନ୍ୟ ଏକ ନୂତନ ଅବସ୍ଥା ପ୍ରାପ୍ତ ହେବ । ଜର୍ମାନ ଦାର୍ଶନିକ ନିତ୍‌ଶେ (Nietszche) ଅତିମାନବର ଆବିର୍ଭାବ କଥା ବହୁ ପୂର୍ବରୁ ଘୋଷଣା କରିଛନ୍ତି, ମାତ୍ର ତାଙ୍କ କଥିତ ଅତିମାନବ ଏକ ବିରାଟ ଦାନବ ବା ରାକ୍ଷସ ଛଡ଼ା ଅନ୍ୟ କିଛି ନୁହେଁ । ପରବର୍ତ୍ତୀ ଯୁଗରେ ହିଟ୍‌ଲରଙ୍କ ଶାସନ କାଳରେ ଜର୍ମାନମାନେ ନିଜକୁ ଏକ ଅତିମାନବ ଜାତି ବା Super Race ବୋଲି ଘୋଷଣା କରି ତା'ର ଫଳାଫଳ ଯାହା ହେଲା ତାହା ସମସ୍ତେ ଜାଣନ୍ତି । ସେ ଯାହା ବି ହେଉ, ବିବର୍ତ୍ତନଧାରାର ଅନୁସରଣ କଲେ ମନୁଷ୍ୟ ବର୍ତ୍ତମାନ ଅବସ୍ଥାକୁ ଅତିକ୍ରମ କରି ଅନ୍ୟ ଏକ ଅବସ୍ଥାରେ ଉପନୀତ ହେବ – ଏହା ସୁନିଶ୍ଚିତ ।

**୨. ଶାସ୍ତ୍ର ପୁରାଣର ଯୁକ୍ତି ଓ ବିଚାରଧାରା :**

ଶାସ୍ତ୍ର ପୁରାଣରେ ମୁନି, ଋଷି ତଥା ସିଦ୍ଧ ସାଧକ ଓ ଯୋଗୀମାନେ ପୃଥିବୀ ଉପରେ ଭାଗବତ ରାଜ୍ୟ ପ୍ରତିଷ୍ଠା ବିଷୟ ବାରଂବାର ଘୋଷଣା କରିଛନ୍ତି । ବାଇବେଲରେ ''The Kingdom of God upon Earth'' ବିଷୟ ଉଲ୍ଲେଖ କରାଯାଇଛି । 'ରାମରାଜ୍ୟ'ର ବିଷୟ ମଧ୍ୟ ଆମ୍ଭେମାନେ ଅନେକ ବାର ଶୁଣିବାକୁ ପାଉଛୁ । ଏହାଛଡ଼ା ଉପନିଷଦ୍‌ର ଋଷିଗଣ ମନୁଷ୍ୟକୁ 'ଅମୃତର ସନ୍ତାନ' ବୋଲି ଘୋଷଣା କରିଛନ୍ତି । ଜରା, ରୋଗ ଓ ମୃତ୍ୟୁର କବଳରେ କବଳିତ ମନୁଷ୍ୟର ଅମୃତତ୍ୱ ଲାଭ ଏକ କାଳ୍ପନିକ ବିଷୟ ନୁହେଁ । ଋଷିଗଣ

'ସତ୍ୟଂ, ଋତଂ, ବୃହତମ୍, ଅନନ୍ତମ୍'ର ଦର୍ଶନ କରିଥିଲେ କିନ୍ତୁ ଏହି ସତ୍ୟ ପୃଥିବୀରେ ଅବତରଣ କରି ଏକ ନୂତନ ସୃଷ୍ଟି ରଚନା କରିବ ଏ ବିଷୟ ହୁଏତ ସ୍ପଷ୍ଟ ରୂପେ ଉଲ୍ଲେଖ କରି ନାହାନ୍ତି । ଉପନିଷଦ୍‌ରେ ହିରଣ୍ମୟ ପୁରୁଷଙ୍କର ବର୍ଣ୍ଣନା ଅଛି ଏବଂ ପାଞ୍ଚୋଟି କୋଷ ବିଷୟରେ ବର୍ଣ୍ଣିତ ହୋଇଛି; ଅନ୍ନମୟ କୋଷ, ପ୍ରାଣମୟ କୋଷ, ମନୋମୟ କୋଷ, ବିଜ୍ଞାନମୟ କୋଷ ଓ ଆନନ୍ଦମୟ କୋଷ । ପୃଥିବୀର ବିବର୍ତ୍ତନରେ ତିନୋଟି କୋଷର ଉଦ୍ଭବ ହୋଇଛି – ଅନ୍ନ, ପ୍ରାଣ ଓ ମନ । ବିଜ୍ଞାନ ଭୂମିର ପ୍ରକାଶ ଘଟି ନାହିଁ, କିନ୍ତୁ ଏହି ଭୂମିର ପ୍ରକାଶ ଓ ପ୍ରତିଷ୍ଠା ଅବଶ୍ୟମ୍ଭାବୀ । ଶ୍ରୀଅରବିନ୍ଦ ଏହି ଭୂମିର ନାମ 'ଅତିମାନସ' ଦେଇଛନ୍ତି ଏବଂ ଏହା ନିଶ୍ଚୟ ଅବତରଣ କରିବ ଏବଂ ପାର୍ଥିବ ପ୍ରକୃତିର ରୂପାନ୍ତର ଘଟାଇବ ।

''....the supramental is a truth and that its advent is in the very nature of things inevitable.'' – Sri Aurobindo

ସୁତରାଂ ବିଭିନ୍ନ ଶାସ୍ତ୍ର ଓ ପୁରାଣମାନଙ୍କରୁ ଏକଥା ସ୍ପଷ୍ଟ ହେବ ଯେ ପୃଥିବୀରେ ଏକ ନୂତନ ସତ୍ୟର ପ୍ରତିଷ୍ଠା ହେବ, ମନୁଷ୍ୟର ସ୍ୱରୂପ ବଦଳିଯିବ ଏବଂ ଦିବ୍ୟଜଗତ୍ ଏ ମର ଜଗତରେ ସ୍ଥାନ ଲାଭ କରିବ ।

**୩. ମନୁଷ୍ୟର ଅଭୀପ୍ସା ଓ ସଙ୍କଳ୍ପର ଯୁକ୍ତି ଓ ବିଚାର :**

ସବୁଠାରୁ ଅକାଟ୍ୟ ଯୁକ୍ତି ଓ ଅବିସମ୍ବାଦିତ ଘଟଣା ଏହି ଯେ ମନୁଷ୍ୟ ସ୍ୱୟଂ ନିରବଚ୍ଛିନ୍ନ ଭାବେ ଅଭୀପ୍ସା କରିଛି ଏକ ଉଚ୍ଚତର ଅବସ୍ଥାରେ ଉତ୍ତୀର୍ଣ୍ଣ ହେବା ପାଇଁ । ସତ୍ୟ, ଜ୍ଞାନ, ଆନନ୍ଦ, ପ୍ରେମ, ଅମୃତତ୍ୱ, ଅମରତ୍ୱ ଓ ଦିବ୍ୟତ୍ୱ ପାଇଁ ସେ ଯୁଗେ ଯୁଗେ ସାଧନା କରି ଆସିଛି । ମାନବଜାତିର ବହୁ ଉତ୍ଥାନ-ପତନ ମଧ୍ୟ ଦେଇ ଏହି ସଙ୍କଳ୍ପ ଓ ଅଭୀପ୍ସା ଏକାନ୍ତ ସ୍ପଷ୍ଟ ହୋଇ ଉଠିଛି । ମନୁଷ୍ୟ ନିଜ ମନରେ ଅପୂର୍ଣ୍ଣ, ପ୍ରାଣରେ ଅପୂର୍ଣ୍ଣ, ଶରୀରରେ ଅପୂର୍ଣ୍ଣ, ସୀମିତ ଓ କ୍ଷୁଦ୍ର; କିନ୍ତୁ ତାହାର ପିପାସା ଅନନ୍ତ, ବହୁମୁଖୀ ଓ ସୁଦୂରପ୍ରସାରୀ । ବର୍ତ୍ତମାନ ଏହି କ୍ଷୁଦ୍ର ସୀମାବଦ୍ଧ ସଙ୍କୀର୍ଣ୍ଣ ଚେତନାକୁ ଧାରଣ କରି ମନୁଷ୍ୟ ଏହି ପୂର୍ଣ୍ଣାଙ୍ଗ ଅବସ୍ଥା ପ୍ରାପ୍ତ ହୋଇପାରେ କି ? ସୁତରାଂ ମନୁଷ୍ୟକୁ ଆଉ ଏକ ଭୂମିକୁ ଉଠିଯିବାକୁ ହେବ, ଯାହାଫଳରେ ମନୁଷ୍ୟର ସଙ୍କୀର୍ଣ୍ଣ, କ୍ଷୁଦ୍ର, ସୀମାବଦ୍ଧ ଚେତନା ଏକ ଅଖଣ୍ଡ, ବ୍ୟାପକ ଓ ବୃହତ୍ ଚେତନାରେ ରୂପାନ୍ତରିତ ହେବ । ଏହି ଚେତନାରେ ଏକ ଗୁଣାତ୍ମକ ପାର୍ଥକ୍ୟ ଦେଖା ଦେବ, ଏହା ମନୋମୟ ଚେତନାର ଏକ ବିସ୍ତୃତି ବା ପ୍ରସାରଣ ନୁହେଁ, ବିଶେଷ ବୁଦ୍ଧିମତ୍ତା ନୁହେଁ, ତୀବ୍ର ମନୀଷା ଓ ପାଣ୍ଡିତ୍ୟ ନୁହେଁ, – ଏହାର ଗୁଣଧର୍ମ ଭିନ୍ନ, ସମ୍ପୂର୍ଣ୍ଣ ଭିନ୍ନ । ଏହା ମୁଖ୍ୟତଃ ଏକ ଅନ୍ତରାତ୍ମିକ ଚୈତ୍ୟ ଚେତନା, ଭାଗବତ ଚେତନାର ଏକ ଜାଗ୍ରତ୍ ଜୀବନ୍ତ ସ୍ପର୍ଶ । ଏହା ଅହଂଶୂନ୍ୟ, ସ୍ୱାର୍ଥରହିତ ଏକ ଧ୍ରୁବ ଚେତନା; ସୁତରାଂ ମନୁଷ୍ୟର ଜୀବନ, ପ୍ରକୃତି, କର୍ମ ଯେ ରୂପାନ୍ତରିତ ହେବ ଏବଂ ହେବା ଅବଶ୍ୟମ୍ଭାବୀ – ଏଥିରେ ସନ୍ଦେହର ଅବକାଶ ନାହିଁ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୬୧ - ୧୬୪)

❑❑❑

ଭାରତ ହେଉଛି ସେହି ଦେଶ ଯେଉଁଠି ଚୈତ୍ୟବିଧାନର ଶାସନ କାର୍ଯ୍ୟକାରୀ ହୋଇପାରେ ଏବଂ ତାହା ନିଶ୍ଚୟ ହେବ ଓ ଏଠାରେ ସେଥିପାଇଁ ସମୟ ଆସିଯାଇଛି । ତା' ଛଡ଼ା, ଏହି ଦେଶ ପାଇଁ ତାହା ହିଁ ଏକମାତ୍ର ସମ୍ଭାବ୍ୟ ମୁକ୍ତି, କାରଣ ଯଦିଓ ଦୁର୍ଭାଗ୍ୟବଶତଃ ଏହି ଦେଶର ଚେତନା ଏକ ବିଦେଶୀ ଜାତିର ପ୍ରଭାବ ଓ ଆଧିପତ୍ୟ ଦ୍ୱାରା ଆଚ୍ଛାଦିତ ହୋଇ ଯାଇଥିଲା କିନ୍ତୁ ସେ ସମସ୍ତ ସତ୍ତ୍ୱେ ଏହାର ରହିଛି ଏକ ଅନନ୍ୟ ଆଧ୍ୟାତ୍ମିକ ପରମ୍ପରା ଓ ଉତ୍ତରାଧିକାର ।

– ଶ୍ରୀମା

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା
## (୫୨)
## ମହେନ୍ଦ୍ରନାଥ ସ୍ୱାଇଁ

**ଉପଶମକାରୀ ଶକ୍ତି :**

ନଭେମ୍ବର ୨୯, ୧୯୧୩ ପ୍ରାର୍ଥନାଟି ପ୍ରଥମ ବିଶ୍ୱଯୁଦ୍ଧ ଆରମ୍ଭର ପୂର୍ବବର୍ତ୍ତୀ ଅବସ୍ଥା । ପୃଥିବୀରେ ସର୍ବତ୍ର ବିଶୃଙ୍ଖଳା, ସଂଘର୍ଷ, ଶକ୍ତିର ପ୍ରତିଯୋଗିତା ତଥା ପ୍ରଦର୍ଶନର ପ୍ରୟାସ । ଏହିପରି ବାତାବରଣ ଭିତରେ ମାନବଜାତି ଶ୍ୱାସରୁଦ୍ଧ, ଅସ୍ତବ୍ୟସ୍ତ । ଠିକ୍ ସେତିକି ବେଳେ ଦିବ୍ୟଜନନୀଙ୍କ ଲେଖନୀରୁ ଝରି ପଡୁଛି ତତ୍କାଳୀନ ମନୁଷ୍ୟର ଅସହାୟତା ଏବଂ ତା'ର ପ୍ରତିକାରର ଅଭୟ ବାଣୀ । ମା ଲେଖନ୍ତି ୧୯୧୩ ମସିହା ନଭେମ୍ବର ମାସ ୨୯ ତାରିଖ ପ୍ରାର୍ଥନାଟିରେ –

WHY all this noise, all this movement, this vain and futile agitation; why this whirlwind carrying men away like a swarm of flies caught in a storm ? How sad is the sight of all that wasted energy, all those useless efforts ! When will they stop dancing like puppets on a string, pulled they know not by whom or what ? When will they find time to sit quietly and go within, to recollect themselves and open that inner door which screens from them Thy priceless treasures, Thy infinite boons ?...

(Prayers and Meditations, P. 38 )

''ଏସବୁ ଗଣ୍ଡଗୋଳ କାହିଁକି, ଏହି ଗତିଶୀଳତା ଏବଂ ନିଷ୍ଫଳ ଉତ୍ତେଜନା କାହିଁକି; ମଣିଷମାନଙ୍କୁ ଝଡ଼ ଭିତରେ ପଡ଼ି ଯାଇଥିବା ମାଛିପଲ ସଦୃଶ କ'ଣ ପାଇଁ ଏହି ଘୂର୍ଣ୍ଣିବାତ୍ୟା ଦୂରକୁ ଉଡ଼ାଇ ନେଇ ଯାଉଛି ? କି କରୁଣ ଦୃଶ୍ୟ, ଶକ୍ତିର କି ଅପବ୍ୟୟ, ଏତେ ପରିଶ୍ରମ କେବଳ ବୃଥା ! ସୂତାରେ ଟଣା ହୋଇ କଣ୍ଢେଇ ପରି ସେମାନଙ୍କର ଏହି ଯେଉଁ ନୃତ୍ୟ ଚାଲିଛି ତା' କେବେ ବନ୍ଦ ହେବ, କ'ଣ ପାଇଁ ବା କାହା ଦ୍ୱାରା ଏଇ ସୂତା ଧରା ହୋଇଛି ସେମାନେ ତାହା ବି ଜାଣନ୍ତି ନାହିଁ ? କେତେବେଳେ ସେମାନଙ୍କୁ ସମୟ ମିଳିବ ନୀରବ ନିଶ୍ଚଳ ହୋଇ ବସିବାକୁ ଏବଂ ନିଜ ଭିତରକୁ ଦୃଷ୍ଟି ଦେବାକୁ ଓ ଆତ୍ମସ୍ଥ ହୋଇ ଅନ୍ତରର ଦ୍ୱାରକୁ ଖୋଲି ଧରିବାକୁ ଏବଂ ସେଠାରେ ବନ୍ଦ ହୋଇ ରହିଥିବା ଭିତର ଦରଜା ଯାହା ତୁମର ଅମୂଲ୍ୟ ସମ୍ପଦ, ଅସୀମ ଦାନକୁ ପରଦାଟିଏ ପରି ସେମାନଙ୍କଠାରୁ ଅଲଗା କରି ରଖିଛି ତାକୁ ଖୋଲି ଦେବାକୁ ?...

ପ୍ରାର୍ଥନାଟିର ଦ୍ୱିତୀୟ ଅନୁଚ୍ଛେଦରେ ମା ଲେଖୁଛନ୍ତି, ''ମୋର ହୃଦୟଙ୍ଗମ ହେଉଛି ଯେ ସେମାନଙ୍କର ଜୀବନ ଦୁଃଖ, ଦୈନ୍ୟ, ଅଜ୍ଞାନତା, ଅନ୍ଧକାରରେ ପୂର୍ଣ୍ଣ; ସେମାନଙ୍କର ଜୀବନ ପାଗଳାମିଜନିତ ଉତ୍ତେଜନା ଏବଂ ମୂଲ୍ୟହୀନ ହତାଶାରେ ପରିପୂର୍ଣ୍ଣ ! ହେ ପ୍ରଭୁ, କେତେବେଳେ ସେ ସମୟ ଆସିବ ଯେତେବେଳେ ଆପଣଙ୍କ ଦିବ୍ୟଜ୍ୟୋତିଃର ଗୋଟିଏ ମାତ୍ର ସ୍ଫୁଲିଙ୍ଗ କଣିକା, ଆପଣଙ୍କର ଦିବ୍ୟପ୍ରେମର ଗୋଟିଏ ମାତ୍ର ବୁନ୍ଦା (drop) ଏହି ଦୁଃଖ-ଯନ୍ତ୍ରଣାକୁ ରୂପାନ୍ତରିତ କରିଦେବ ଏକ ଆନନ୍ଦପୂର୍ଣ୍ଣ ସାଗରରେ ।

ତୃତୀୟ ଅନୁଚ୍ଛେଦରେ ମା ପ୍ରଭୁଙ୍କୁ ପ୍ରାର୍ଥନା ନିବେଦନ-ପୂର୍ବକ କହୁଛନ୍ତି, ''ହେ ପ୍ରଭୁ ମୋର ପ୍ରାର୍ଥନା ତୁମ ଆଡ଼କୁ ଉଠି ଚାଲିଛି : ଅତି କମ୍‌ରେ ସେମାନେ ଯେପରି ପରିଶେଷରେ ଜାଣି ପାରନ୍ତି ତୁମର ପ୍ରଶାନ୍ତି ଏବଂ ସେହି ନୀରବ ନିଶ୍ଚଳଭାବ ତଥା ଅପ୍ରତିହତ ଶକ୍ତି – ଯେଉଁ ଶକ୍ତି ଆସିଥାଏ ଏକ ଅପରିବର୍ତ୍ତନୀୟ ନିଶ୍ଚଳତା, ଏକ ପ୍ରଶାନ୍ତି ମଧ୍ୟରୁ – (comes of an immutable serenity. "Serenity" is a word which comes from the Latin word "Serenus" means calm or peaceful quality or state) – ସେଇମାନଙ୍କ ପାଇଁ ଏହା ଏକ ସୁଯୋଗ ଯେଉଁମାନଙ୍କର ଚକ୍ଷୁ ଉନ୍ମୀଳିତ ହୋଇଛି ଏବଂ ଯେଉଁମାନେ ଆପଣଙ୍କୁ ସେମାନଙ୍କର ସତ୍ତାର ଆଲୋକିତ ନିଭୃତ କୋଣରେ ସର୍ବଦା ଚିନ୍ତନ କରନ୍ତି । ଏଠାରେ ମା "Contemplate" ଶବ୍ଦଟି ବ୍ୟବହାର କରିଛନ୍ତି, ଯେଉଁ ଶବ୍ଦଟିର ଅର୍ଥ – "to think carefully about something or the possibility of doing something."

ଅର୍ଥାତ୍, ''ବିଷୟ ବା ସମ୍ଭାବନା ଉପରେ ସାବଧାନତାର ସହ ବିଚାର କରିବା, ଚିନ୍ତନ କରିବା । ପ୍ରଭୁଙ୍କ ବିଷୟରେ ଚିନ୍ତନ କରିବା ଛଡ଼ା ଆଉ କ'ଣ ବଡ଼ କଥା ଅଛି ?'' "Privilege" ଶବ୍ଦଟିର ଅର୍ଥ ଏକ ବିଶେଷ ଅଧିକାର । ସେହି ବିଶେଷ ଅଧିକାର ପ୍ରାପ୍ତ ବ୍ୟକ୍ତିମାନେ ପ୍ରଭୁଙ୍କର ପ୍ରଶାନ୍ତି, ନିଶ୍ଚଳତା, ଅପ୍ରତିହତ ଶକ୍ତିକୁ ପ୍ରାପ୍ତ ହୁଅନ୍ତି ।

ପ୍ରାର୍ଥନାଟିର ଶେଷରେ ମା ଲେଖୁଛନ୍ତି

"But the hour of Thy manifestation is come.

And soon hymns of gladness will burst forth on every side."

''ହେ ପ୍ରଭୁ, କିନ୍ତୁ ଆପଣଙ୍କର ଦିବ୍ୟ ପରିପ୍ରକାଶର ମୁହୂର୍ତ୍ତ ଉପସ୍ଥିତ ହୋଇଛି ।

ଏବଂ ଦିଗ୍‌ଦିଗନ୍ତରୁ ଅବିଳମ୍ବେ ଆନନ୍ଦର ମଧୁର ମୂର୍ଚ୍ଛନା ଫାଟି ପଡ଼ିବ ।''

ଶେଷ ଧାଡ଼ିରେ ମା ମସ୍ତକ ଅବନତପୂର୍ବକ କହୁଛନ୍ତି, "Before the solemnity of this hour I bow down in devotion."

''ଏହି ଶୁଭ ମୁହୂର୍ତ୍ତର ଗୁରୁତ୍ୱ ଉଦ୍ଦେଶ୍ୟରେ ମୁଁ ମୋର ମସ୍ତକ ଅବନତପୂର୍ବକ ଭକ୍ତିର ପ୍ରଣତି ଢାଳୁଛି ।''

ଏହା ହିଁ ସେହି ଶୁଭବେଳା ଯେଉଁ ପବିତ୍ର ମୁହୂର୍ତ୍ତରେ ପରମ ପ୍ରଭୁଙ୍କ ଦିବ୍ୟ ପରିପ୍ରକାଶକୁ ଅନୁଭବ କରି ହୁଏ ଏବଂ ଅନ୍ତରସ୍ଥ ଜ୍ୟୋତିଃ-ବଳୟ ଭିତରେ ଦର୍ଶନ କରି ହୁଏ । ଏହାରି ଭିତରେ ରହିଛି ମୁକ୍ତିର ପଥ, ଏହାରି ଭିତରେ ନିହିତ ଅଛି ଆଶା – ଇନ୍ଦ୍ରଧନୁର ସପ୍ତ ରଙ୍ଗ, ଯେଉଁ ରଙ୍ଗ ଆନନ୍ଦର ଶକ୍ତ ଡେଣାରେ ବୋଳି ହୋଇ ଯାଇ ତାକୁ ରଞ୍ଜିତ କରି ଦିଏ । ମା ଆମ ସମସ୍ତଙ୍କ ନିମନ୍ତେ ଆମ ତରଫରୁ ପ୍ରଭୁଙ୍କ ନିକଟରେ ଆଲୋଚ୍ୟ ପ୍ରାର୍ଥନାଟିକୁ ନିବେଦନ କରୁଛନ୍ତି ଏବଂ ଦିବ୍ୟ-ଜନନୀଙ୍କର ଏକାନ୍ତ ଇଚ୍ଛା – ଆମେ ଯେପରି ଗୋଟିଏ ଗୋଟିଏ ଋଷି, ଦ୍ରଷ୍ଟା ହୋଇଯାଉ, "Who are able to contemplate Thee in the flaming core of their being."

''କିଏ ସେମାନଙ୍କର ସତ୍ତାର ଜ୍ୟୋତିର୍ମୟ ଇଲାକାରେ ପରମପ୍ରଭୁଙ୍କ ଚିନ୍ତନରେ ମଗ୍ନ ହୋଇ ରହିବାକୁ ସକ୍ଷମ ।''

ଏହି ପରିପ୍ରେକ୍ଷୀରେ ମା'ଙ୍କର କୃପା କିପରି କାର୍ଯ୍ୟ କରେ ଏବଂ କାର୍ଯ୍ୟ କରିବାକୁ ଏକ ପରିପ୍ରକାଶର ସମୟକୁ ଅପେକ୍ଷା କରିଥାଏ ସେ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାର ଅବତାରଣା କଲେ ଅତ୍ୟୁକ୍ତି ହେବ ନାହିଁ ।

ଜନୈକା ସାଧିକା ଆଶ୍ରମରେ ବହୁ ବର୍ଷ ଧରି ରହୁଥିଲେ । ସେ ମା'ଙ୍କର ଅନୁଗତ ହୋଇଥିଲେ ମଧ୍ୟ ନିଜ ଶକ୍ତି ଉପରେ ତାଙ୍କର ଯଥେଷ୍ଟ ବିଶ୍ୱାସ ଓ ଆସ୍ଥା ରହିଥାଏ । ସେଥିପାଇଁ ସେ ସବୁ କାମକୁ ଆଗଭର ହୋଇ ବାହାରନ୍ତି କିନ୍ତୁ ଗୋଟିଏ ବି କାମ ସମାପ୍ତ କରି ପାରନ୍ତି ନାହିଁ । ଥରେ ତାଙ୍କ ଦେହ ଖୁବ୍ ଅସୁସ୍ଥ ହୋଇ ପଡ଼ିଲା, ଯେତେ ଔଷଧ ଖାଇଲେ ମଧ୍ୟ ଯନ୍ତ୍ରଣା ଉପଶମ ହେଲା ନାହିଁ । ଶେଷରେ ଶ୍ରୀମା'ଙ୍କ ପ୍ରତୀକର ଅବଲମ୍ବନରେ ନିର୍ମିତ ଏକ ସୁବର୍ଣ୍ଣ ହାର ଯାହା ତାଙ୍କ ପାଖରେ ଥିଲା ତାକୁ ସେ ମା'ଙ୍କ ପାଖକୁ ପଠାଇ ନିବେଦନ କଲେ,– ''ଦିବ୍ୟଜନନୀ କରୁଣାମୟୀ ମା, ଏହି ପ୍ରତୀକ ହାରଟିକୁ ଦୟା କରି ଆପଣଙ୍କର ଶ୍ରୀହସ୍ତର ସ୍ପର୍ଶ ପ୍ରଦାନପୂର୍ବକ ସେଥିରେ ଆପଣଙ୍କର ଦିବ୍ୟଶକ୍ତି ଭରି ଦେଇ ମୋ ପାଖକୁ ପଠାଇ ଦେବାକୁ ଅନୁରୋଧ ।''

କରୁଣାମୟୀ ମା ସେହି ପ୍ରତୀକଯୁକ୍ତ ସୁନା ହାରଟିକୁ ନିଜ ଦିବ୍ୟ ହସ୍ତର ପାପୁଲି ଉପରେ କିଛି ସମୟ ରଖିଲେ, ତା'ପରେ ଯତ୍ନର ସହିତ ଗୋଟିଏ ଲଫାଫାରେ ପୂରାଇ ଭକ୍ତଙ୍କ ନିକଟକୁ ପଠାଇ ଦେଲେ । ସାଧିକା-ଭକ୍ତଙ୍କ ଅବସ୍ଥା ଏପରି ହୋଇଥାଏ ଯେ ସେ ବିଛଣାରୁ ଉଠିପାରୁ ନ ଥା'ନ୍ତି । ମା'ଙ୍କର ସ୍ପର୍ଶ ଲାଭ କରିଥିବା ହାରଟିକୁ ପାଇବା ମାତ୍ରକେ ତାଙ୍କର ଖୁସି କହିଲେ ନ ସରେ । ତାଙ୍କ ମୁହଁ ଉଜ୍ଜ୍ୱଳ ହୋଇ ଉଠିଲା । ବହୁ କଷ୍ଟରେ ଲଫାପାକୁ ଖୋଲି ହାରଟିକୁ ନିଜ ଛାତି ଉପରେ ରଖିଲେ ଏବଂ ଆଖିବୁଜି ଶୋଇ ପଡ଼ିଲେ । ସେ ଅନୁଭବ କଲେ ଯେପରି ଆସ୍ତେ ଆସ୍ତେ ହାରଟିର ଓଜନ କମି ଯାଉଛି ଏବଂ ତତ୍‌ସହିତ ତାଙ୍କର ଯନ୍ତ୍ରଣା ମଧ୍ୟ କମି କମି ଯାଉଛି । ତାଙ୍କର ମନେ ହେଲା ସେହି ହାରଟି ଭିତରେ ଥିବା ମା'ଙ୍କ ଶକ୍ତି ସକଳ ଯନ୍ତ୍ରଣାକୁ ଶୋଷି ନେଉଛି । ସେ ଅନୁଭବ କଲେ ତାଙ୍କ ପାଦର ବୃଦ୍ଧାଙ୍ଗୁଷ୍ଠିଠାରୁ ଆରମ୍ଭ କରି ମସ୍ତକର କେଶ ପର୍ଯ୍ୟନ୍ତ ଯେତେସବୁ ଯନ୍ତ୍ରଣା ତାହା ତାଙ୍କ ବକ୍ଷସ୍ଥଳରେ ଯେଉଁଠାରେ ସୁନା ହାରଟି ଥିଲା ଠିକ୍ ତା'ର କେନ୍ଦ୍ରବିନ୍ଦୁ ମଧ୍ୟରେ ଠୁଳ ହୋଇଗଲା ଏବଂ ଖୁବ୍ କମ୍ ସମୟ ମଧ୍ୟରେ ସମସ୍ତ ଯନ୍ତ୍ରଣାକୁ ଯେପରି କିଏ ଶୋଷି ନେଲା । ଅବିଳମ୍ବେ ତାଙ୍କର ସବୁ ଯନ୍ତ୍ରଣା ମିଳେଇ ଗଲା ।

ହାରଟିର ଓଜନ କମି ଯିବାର ଅର୍ଥ ମା ତନ୍ମଧ୍ୟରେ ଯେଉଁ ଉପଶମକାରୀ ଦିବ୍ୟଶକ୍ତି ଭରି ଦେଇଥିଲେ ତା'ର ପ୍ରଭାବରେ ତାହା ଓଜନିଆ ହୋଇ ଯାଇଥିଲା; ସେହି ଶକ୍ତି ଶରୀରର ଅନ୍ୟ ଅଂଶମାନଙ୍କୁ ପ୍ରବାହିତ ହୋଇ ଯାଉଥିଲା ବେଳେ ହାରର ଓଜନ କମି କମି ଯାଉଥିଲା ଏବଂ ତାହା ତା'ର ପ୍ରକୃତ ଓଜନ ସ୍ତରକୁ ଆସି ଯାଇଥିଲା ।

ସାଧିକା-ଭକ୍ତଙ୍କ ଚକ୍ଷୁରୁ ପ୍ରବାହିତ ହୋଇ ଆସୁଥିଲା ଦୁଇଧାର କୃତଜ୍ଞତାର ଅଶ୍ରୁ । ସବୁକଥା ଲେଖି ସେ ଶ୍ରୀମାଙ୍କୁ ଜଣାଇ ଦେଲେ । ଚିଠିଟିର ଉତ୍ତରରେ ମା ଲେଖିଥିଲେ –

''ତୁମେ ତୁମର ସବୁକିଛିକୁ ଭଗବାନଙ୍କୁ ନେବା ପାଇଁ ଛାଡ଼ି ଦିଅ, ଭଗବାନଙ୍କୁ ତୁମର ସମସ୍ତ ସାଂସାରିକ ଜଞ୍ଜାଳକୁ ମଧ୍ୟ ନିଃଶେଷ କରିଦେବା ପାଇଁ ଛାଡ଼ି ଦିଅ ।''

('ଦିବ୍ୟ ସମାଚାର' ପୁସ୍ତକ,
ପୃ. ୧୦୧-୧୦୨ରୁ ସଂଗୃହୀତ)

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**

୧. Prayers and Meditations : The Mother

**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika
**Ayurvedic Pimple / Acne Remover**
100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India,** Pondicherry 605001.Ph: 0413-2224935,2339477 Email: ayurlabs@gmail.com

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୮୦)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ଶ୍ରୀଅରବିନ୍ଦଙ୍କ ପତ୍ର :** ତୁମର ଯେଉଁ ଅନୁଭୂତି ହୋଇଛି ତାହା ହେଉଛି ସତ୍ୟ-ଆତ୍ମାର ପ୍ରତ୍ୟକ୍ଷ ଅନୁଭୂତି । ଯେଉଁ ସତ୍ତା ସୁଖରେ, ଦୁଃଖରେ, ବାସନାରେ, ଉତ୍କଣ୍ଠାରେ କିଂବା ଅସ୍ଥିରତାରେ ଅନୁଦ୍‌ବିଗ୍ନ, ଯାହା ବିଶାଳ ଏବଂ ସୁସ୍ଥିର, ଶାନ୍ତିରେ ପରିପୂର୍ଣ୍ଣ ଏବଂ ବହିଃସତ୍ତାର ଆଲୋଡ଼ନକୁ ନିରୀକ୍ଷଣ କରେ, ଯେପରି ଆମେ ଛୋଟ ପିଲାମାନଙ୍କର ଖେଳ ଦେଖିଥାଉ ସେଇ ରୂପେ । ଏହା ପ୍ରକୃତପକ୍ଷେ ତୁମ ମଧ୍ୟରେ ଭାଗବତ ଉପାଦାନ । ଯେତେ ଅଧିକ ତୁମେ ଏହା ମଧ୍ୟରେ ବାସ କରି ପାରିବ, ସେତେ ହିଁ ଦୃଢ଼ତର ହେବ ତୁମ ସାଧନାର ଭିତ୍ତି । ଏହି ସତ୍ତା ମଧ୍ୟ ଦେଇ ହିଁ ଆସିବ ସମସ୍ତ ଉର୍ଦ୍ଧ୍ୱତର ଉପଲବ୍ଧି, ଭଗବାନଙ୍କ ସହ ଏକତ୍ୱ, ଆଲୋକ, ଜ୍ଞାନ, ଶକ୍ତି, ଆନନ୍ଦ, ମା'ଙ୍କର ଉର୍ଦ୍ଧ୍ୱତର ଶକ୍ତି ସମୂହର ଲୀଳା । ଏହା ପ୍ରଥମରୁ ଏକେବାରେ ସ୍ଥାୟୀ ହୁଏ ନାହିଁ, ଯଦିଓ କାହାରି କାହାରି କ୍ଷେତ୍ରରେ ହୋଇଥାଏ । କିନ୍ତୁ ଏଇ ଉପଲବ୍ଧି ଆହୁରି ଅଧିକ ତ୍ୱରାନ୍ୱିତ ହୁଏ ଏବଂ ସ୍ଥାୟିତ୍ୱ ବି ବୃଦ୍ଧି ପାଏ ଯେତେବେଳ ପର୍ଯ୍ୟନ୍ତ ସାଧାରଣ ପ୍ରକୃତି ଦ୍ୱାରା ପୁଣି ଥରେ ଆଚ୍ଛାଦିତ ନ ହୋଇଛି ।

**ସାହାନା :** ତିନୋଟି ପତ୍ର ମାଧ୍ୟମରେ ଶ୍ରୀଅରବିନ୍ଦଙ୍କର ଚିଠିର ପର୍ବ ଏଥର ଶେଷ କରିବି । ଏହି ପତ୍ର ତିନୋଟି ନମୁନା ହିସାବରେ ଦେଉଛି ଯେ କେତେ ତୁଚ୍ଛ ପ୍ରଶ୍ନର ଉତ୍ତର ତାଙ୍କର ଏତେ ସମୟ ଅଭାବ ମଧ୍ୟରେ ସେ କେତେ ପୁଙ୍ଖାନୁପୁଙ୍ଖ ଭାବରେ ବୁଝାଇ ଲେଖୁଥିଲେ । ଏକ ଦିଗରେ ସେ କେଉଁଠି ବସି ତାଙ୍କର ମହାକାବ୍ୟ ''ସାବିତ୍ରୀ'' ଲେଖୁଛନ୍ତି ତ ଆଉ ଏକ ଦିଗରେ ଏଇସବୁ ପତ୍ରଗୁଡ଼ିକୁ ବି ଯତ୍ନ ସହକାରେ ପୁଣି କେତେ ସ୍ନେହଭରା କଥାରେ ଲେଖନ୍ତି । ଏଇ ତିନୋଟି ପତ୍ର ମଧ୍ୟରେ ପ୍ରଥମ ଚିଠିଟି ବିଶେଷ ଉଲ୍ଲେଖଯୋଗ୍ୟ । ତା' ମଧ୍ୟରେ ଯେଉଁ ଦୁଇଟି ମହିଳାଙ୍କର ନାମ ଅଛି ସେମାନେ ଆମର ଆତ୍ମୀୟ ହେଲେ ବି ପ୍ରଥମ ଥର ପାଇଁ କେବଳ ବୁଲିବାକୁ ଆସିଛନ୍ତି, ସ୍ଥାୟୀ ବାସିନ୍ଦା କେହି ବି ନୁହନ୍ତି । ସେମାନଙ୍କ ପାଇଁ କ୍ଷୀର କିପରି ଆଣି ପହଞ୍ଚାଇବାକୁ ହେବ ତା'ର ନିର୍ଦ୍ଦେଶ ଦେଇ ସେ ମୋତେ ଲେଖିଛନ୍ତି । ଏହି ସବୁ ଟିକିନିଖି ଜିନିଷରେ ବି ସେମାନଙ୍କର କି ଅଦ୍ଭୁତ ଦୃଷ୍ଟି ଏବଂ ଦରଦ ଥିଲା, ତାହା ଉପସ୍ଥାପନ କରିବା ଉଦ୍ଦେଶ୍ୟରେ ହିଁ ଏଇ ତିନୋଟି ପତ୍ର ଦେଲି । ଏହିପରି ଅନେକ ପତ୍ର ଆଶ୍ରମର ଆହୁରି ଅନ୍ୟ ସାଧକ-ସାଧିକାମାନଙ୍କୁ ଶ୍ରୀଅରବିନ୍ଦ ଲେଖି ଚାଲୁଥିଲେ ଦିନ ପରେ ଦିନ; ଦୈନନ୍ଦିନ ଅନେକ ଗୁରୁତ୍ୱପୂର୍ଣ୍ଣ ପତ୍ର ସହ ସାଧନା ସମ୍ପର୍କରେ ଶହ ଶହ ପତ୍ର ମଧ୍ୟ ସେ ଲେଖୁଥିଲେ । ସେମାନଙ୍କର ଅନେକ କିଛିର ଆଭାସ ଏଥିରୁ ମିଳିଥାଏ ଏବଂ ଏଇସବୁ ଆଭାସ ହିଁ ସ୍ମରଣ କରାଇ ଦିଏ – ଏମାନେ କିଏ !

**ଶ୍ରୀଅରବିନ୍ଦଙ୍କ ପତ୍ର (୧) :** ଯେଉଁ ପୁସ୍ତକଟି ଏହା ସହ ଫେରସ୍ତ ଦିଆଗଲା, ସେଇଟି ମୋ ମତରେ କୌଣସି ପ୍ରୟୋଜନୀୟ କାର୍ଯ୍ୟର ଉପଯୋଗୀ ନୁହେଁ । ଲେଖକ ବହିଟିକୁ ସଂସ୍କୃତ ରୋମାନ୍‌ସର ଗୋଟିଏ ଅନୁବାଦ ପରି କରି ଦେଖାଇବାକୁ ଚାହିଁଛନ୍ତି ଏବଂ ସେହି କାରଣରୁ ସେ ତା'ର ସ୍ପିରିଟ (ସାରମର୍ମ)କୁ ଏବଂ ଏପରିକି ଭାଷାର ଆଂଶିକ ରୂପକୁ ଇଂରେଜୀଠାରୁ ବେଶୀ ଭାରତୀୟ ହିଁ କରି ତୋଳିଛନ୍ତି । ଅତଏବ ଇଂରାଜୀ ଭାଷାର ସାରମର୍ମ ମଧ୍ୟରେ ପ୍ରବେଶ କରିବାରେ ଏହା ସହାୟକ ହେବ ନାହିଁ । ଇଂରାଜୀ ଲେଖିବାକୁ ଯାଇ ଭାରତୀୟମାନଙ୍କର ସାଧାରଣତଃ ଏକ ପ୍ରକାର ପ୍ରବଣତା ଥାଏ ଭାଷାକୁ ଅତିରଞ୍ଜିତ କରିବାରେ; କେତେବେଳେ କଥାକୁ ଫେଣେଇ ଲେଖିବାରେ ନତୁବା ଆଳଙ୍କାରିକ କରିବାରେ ଏବଂ ଏଇ ଧରଣର ଗୋଟିଏ ବହି ସେଇ ପ୍ରବଣତାକୁ ଆହୁରି ବୃଦ୍ଧି କରିବ । ଇଂରାଜୀ ଲେଖିବାକୁ ହେଲେ ତା'ର ଏକ ରଚନାଶୈଳୀ ରହିବା ଆବଶ୍ୟକ ଯାହାର ଯଥାର୍ଥ ଭାବେ ମୂଳ ସ୍ଥିତିକୁ ଯିବା ଲାଗି କ୍ଷମତା ଥିବ । ଯାହା କହିବାକୁ ଚାହେଁ ତାହା ବେଶ୍ ସହଜ ଓ ସାବଲୀଳ ଭାବେ ଏବଂ ପ୍ରାଣଶକ୍ତି ପୂର୍ଣ୍ଣ ଅକପଟତାର ସହିତ କୁହାଯାଇ ପାରିବ; ଯେଉଁଥିରେ କି ଭାଷାର ମାଧୁର୍ଯ୍ୟ ଅଣା ଯାଇପାରେ ତା'ର ଭିତ୍ତିକୁ ବିନଷ୍ଟ ନ କରି । ଏ ସମ୍ପର୍କରେ ଆର୍‌ନୋଲଡ୍ (Arnold) ହେଉଛନ୍ତି ଖୁବ୍ ଉଚ୍ଚମାନର

ଆଦର୍ଶସ୍ଥାନୀୟ । ଏମରସନ୍ (Emerson) ଏଇ ଦୃଷ୍ଟିରୁ ଟିକେ କମ୍ କିନ୍ତୁ ତାଙ୍କର ପୁସ୍ତକ ମଧ୍ୟ ଚଳିବ ।

ତୁମର ନିଜର ଚିନ୍ତାକୁ ଲେଖାରେ ପ୍ରକାଶ କରିବା ନିଶ୍ଚିତ ରୂପେ ଅନେକ ଭଲ । ଅନ୍ୟମାନେ କିଏ କ'ଣ କହୁଛନ୍ତି ଅବା ଲେଖୁଛନ୍ତି, ତାକୁ ତୁମ ନିଜ ଭାଷାରେ ବ୍ୟକ୍ତ କରିବା ଖୁବ୍ ଭଲ ଅନୁଶୀଳନ ଏବଂ ଏଥିରେ ନିଖୁଣ ଧାରଣାବୋଧର ଏବଂ ମେଧାବୀ ପର୍ଯ୍ୟବେକ୍ଷଣର ପରୀକ୍ଷା ହୋଇଯାଏ । କିନ୍ତୁ ମୋର ମନେ ହୁଏ ତୁମର ଉଦ୍ଦେଶ୍ୟ ତୁମେ ଚାହଁ ଇଂରାଜୀ ଭଲ ବୁଝିବାକୁ ଓ ଭଲ ଭାବେ ଇଂରାଜୀରେ ନିଜକୁ ବ୍ୟକ୍ତ କରିବାକୁ ।

(୧୬.୦୫.୩୨)

**ଶ୍ରୀଅରବିନ୍ଦଙ୍କ ପତ୍ର (୨) :** "କାହିଁକି ତୁମେ ତୁମର ପାଦର ବ୍ୟଥା ଥିଲାବେଳେ ଚଲାବୁଲା କରୁଛ ? ତାକୁ ବିଶ୍ରାମ ଦିଅ । ମା ଯେଉଁ ଲବଣ ପଠାଉଛନ୍ତି ସେଇ ଲବଣ ଗରମ ଜଳରେ ମିଶାଇ ସେଥିରେ ପାଦକୁ ବୁଡାଇ ରଖ । କୋଡ଼ିଏ ମିନିଟ ନିଶ୍ଚୟ ରଖିବ । ବଡ଼ ଚାମଚରେ ଚାମଚେ ଲବଣ ନେଇ ଗୋଟିଏ ପାତ୍ରରେ ଭରି ରହିଥିବା ଗରମ ଜଳ ସହ ମିଶାଇ ପାଦର ଯେଉଁ ଜାଗାରେ କଷ୍ଟ ହେଉଛି ସେଇସବୁ ଜାଗାକୁ ଦିନକୁ ଦୁଇ ଥର କରି ଗରମ ପାଣିରେ ବୁଡାଇ ରଖିବ । ପ୍ରତିଥର ୧୫ରୁ ୨୦ ମିନିଟ ପର୍ଯ୍ୟନ୍ତ ପାଣି ଯେପରି ଗରମ ରହେ ।

(୩୦.୧୨.୩୨)

**ଶ୍ରୀଅରବିନ୍ଦଙ୍କ ପତ୍ର (୩) :** ଆଜି ଆମେ ନଳୀନା ପାଇଁ (ସାହାନାଙ୍କ ବଡ଼ ଭଉଣୀ) ଦ୍ୟୁମାନ୍‌ଙ୍କୁ କହିଛୁ କ୍ଷୀର ଯୋଗାଇ ଦେବାକୁ; କିନ୍ତୁ ଭବିଷ୍ୟତରେ ଅମୃତଙ୍କ ମାଧ୍ୟମରେ ସିଧାସଳଖ ଗୋଶାଳାରୁ କ୍ଷୀର ଆଣିଲେ ଭଲ ହେବ । ସବୁଠାରୁ ଭଲ ହେବ ଯଦି ମାୟା (ଦିଲୀପଙ୍କ ଭଉଣୀ)ର ଘରେ କାମ କରୁଥିବା ଲୋକ ଦୁଇଜଣଙ୍କ ପାଇଁ କ୍ଷୀର ନେଇ ଭୋର ପାଞ୍ଚଟା କି ପାଖାପାଖି ସେଇ ସମୟରେ ମାୟା ଘରକୁ ଯିବା ବାଟରେ ନଳୀନାର ଘରେ ବି କ୍ଷୀର ଦେଇଯିବ । ଆମେ ଅମୃତଙ୍କୁ ଜଣାଉଛୁ ।

(୧୦.୧୨.୩୩)

(କ୍ରମଶଃ)

ଅନୁବାଦ : ଶୁଭ୍ରା ଦାସ ❑


To know is good, to live is better, to be, that is perfect.

*(MCW, Vol. 15, p. 173)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଉଦାରତା ସମ୍ପର୍କରେ

## କୁମାର ଚନ୍ଦ୍ର ମିଶ୍ର

[ଦିବ୍ୟଜନନୀ ଶ୍ରୀମାଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପୁଷ୍ପ ପାଖୁଡ଼ା ବାରଟି ଶ୍ରେୟ ଗୁଣକୁ ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟ ଗୁଣମାନଙ୍କ ମଧ୍ୟରୁ 'ବଦାନ୍ୟତା' ବା 'ଉଦାରତା' (Generosity) ଅନ୍ୟତମ । ହରଗୌରା ପୁଷ୍ପ, ହିନ୍ଦୀରେ ଗୁଲ୍‌ମେହେନ୍ଦି ବା Balsam (ଲାଟିନ୍ ନାମ : Impatiens Balsam) ଏହି ଶ୍ରେୟ ଗୁଣର ପ୍ରତିନିଧିତ୍ୱ କରେ ବୋଲି ଦିବ୍ୟଜନନୀ କହନ୍ତି । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଏହାର ବିଶେଷତ୍ୱ ହେଲା – ''ନିଜକୁ ଦେଇଚାଲେ ବିନା ଚୁକ୍ତିରେ କେବଳ ଦେବାର ଆନନ୍ଦ ଲାଗି ।'' ନିମ୍ନୋକ୍ତ ଆଲୋଚନାଟିରେ 'ଉଦାରତା' ସମ୍ପର୍କରେ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି ।]

ଉଦାରତା ହେଲା ଅନ୍ୟମାନଙ୍କର ସନ୍ତୋଷରେ ନିଜର ସନ୍ତୋଷକୁ ଅନ୍ୱେଷଣ କରିବା । ସେହି ବ୍ୟକ୍ତି ଯଥାର୍ଥରେ ଉଦାର ଯିଏ ଅନ୍ୟମାନଙ୍କ ଗୁଣର ଆଦର କରେ, ଅନ୍ୟମାନଙ୍କ ଐଶ୍ୱର୍ଯ୍ୟ ଓ ବିଭବ ଦେଖି ନିଜେ ଖୁସି ହୁଏ, ଯିଏ ଅନ୍ୟର ସଫଳତା ସକାଶେ ସାହାଯ୍ୟ କରିବା ଲାଗି ସଦା ପ୍ରସ୍ତୁତ ହୋଇ ରହିଥାଏ । ଉଦାରତା ଯଦି ଏକ ସକାରାତ୍ମକ ସଦ୍‌ଗୁଣ ହୁଏ, ପରଶ୍ରୀକାତରତା ହେଉଛି ଏକ ନକାରାତ୍ମକ ବଦ୍‌ଗୁଣ । ଯିଏ ସଂକୀର୍ଣ୍ଣମନା ଓ ସ୍ୱାର୍ଥପର ସେ କଦାପି ଉଦାରମନା ହୋଇପାରେ ନାହିଁ । ସେ ଅନ୍ୟର ଉତ୍କର୍ଷରେ ଈର୍ଷାନ୍ୱିତ ହୋଇଯାଏ ।

ହିନ୍ଦୁ ପରମ୍ପରାରେ ବରୁଣଦେବଙ୍କୁ ଉଦାରତାର ଦେବତା ରୂପେ ପୂଜା କରାଯାଏ । ବେଦରେ ବର୍ଣ୍ଣିତ ବରୁଣ ହେଲେ ସାଗର, ଆକାଶ, ଜଳ ଓ ବର୍ଷାର ଦେବତା; ମକର ବା କୁମ୍ଭୀର ହେଲା ତାଙ୍କର ବାହନ । ଜଳଲୋକ ହେଲା ତାଙ୍କର ସାମ୍ରାଜ୍ୟ । ସେ ସୃଷ୍ଟିର ଆବରଣ ହୋଇଥିବାରୁ ତାଙ୍କର ନାମ ହେଲା ବରୁଣ । ହିନ୍ଦୁମାନେ ପ୍ରଥମେ ବରୁଣଙ୍କୁ ପୂଜା କରିଥା'ନ୍ତି । କାରଣ ସେ ଆକାଶ ଓ ସାଗର ପରି ସର୍ବବ୍ୟାପୀ ହୋଇଥିବାରୁ ତାଙ୍କୁ ପୂଜା କରି ଭକ୍ତ ନିଜ ମନ ଓ ହୃଦୟକୁ ସେହିପରି ବିଶାଳ ଓ ବ୍ୟାପକ କରିବା ଲାଗି ଅଭୀପ୍ସା କରିଥାଏ ଯଦ୍ଦ୍ୱାରା ସେ ଆପଣା ଇଷ୍ଟ ଦେବତାଙ୍କଠାରୁ ପ୍ରାପ୍ତ କରିବାକୁ ଥିବା କରୁଣା, କୃପା, ଆଶୀର୍ବାଦ ବା ଅନୁଗ୍ରହ ପୂର୍ଣ୍ଣ ରୂପେ ଗ୍ରହଣ କରି ପାରିବ ଓ ଉଦାର ମନୋଭାବ ପୋଷଣ କରି ବିଶ୍ୱର ମଙ୍ଗଳ ପାଇଁ ସେସବୁର ଯଥାର୍ଥ ବିନିଯୋଗ କରିପାରିବ । ପୂର୍ଣ୍ଣ କୁମ୍ଭ ବରୁଣଙ୍କ ପ୍ରତୀକ । ଦ୍ୱାଦଶ ଆଦିତ୍ୟମାନଙ୍କ ମଧ୍ୟରୁ ସେ ଅନ୍ୟତମ ।

ବ୍ୟକ୍ତିର ମନ ଓ ହୃଦୟ ଉଦାର ନ ହେଲେ ସେ ଅନ୍ୟକୁ ସାହାଯ୍ୟ କରିପାରେ ନାହିଁ । ସେ ଅନ୍ୟର ଭଲମନ୍ଦ, ଶୁଭ ଅଶୁଭ କାର୍ଯ୍ୟରେ ଯୋଗ ଦେଇପାରେ ନାହିଁ । ''ନିଜର ଯଦି ସବୁ ଠିକ୍‌ଠାକ୍ ଚାଲିଛି ଅନ୍ୟର ବ୍ୟାପାରରେ ମୁଣ୍ଡ ଖେଳାଇବା କ'ଣ ଆବଶ୍ୟକ । କାଦୁଅକୁ ଯିବା କାହିଁକି, ଗୋଡ଼ ଧୋଇବା କାହିଁକି ?'' – ଏପରି ମନୋଭାବ ଯାହାର ରହିଥାଏ ସେ କଦାପି ଉଦାର ହୋଇପାରେ ନାହିଁ । ମାତ୍ର ଦିବ୍ୟ ପୁରୁଷ ଓ ଭଗବାନଙ୍କର ଉଦାରତାର ସୀମା ନ ଥାଏ । ବ୍ରହ୍ମର୍ଷି ନାରଦ ଉଦାର ହୋଇ ନ ଥିଲେ ଦସ୍ୟୁ ରତ୍ନାକର ସମ୍ମୁଖରେ ଆବିର୍ଭାବ ହୋଇ ଯଥାର୍ଥ ମାର୍ଗ ଦର୍ଶନ କରି ନ ଥା'ନ୍ତେ ଓ ବିଶ୍ୱ ବାଲ୍ମିକୀ ମହର୍ଷିଙ୍କ ପରି ଜଣେ କବିଙ୍କୁ ପାଇ ପାରି ନ ଥା'ନ୍ତା କି ରାମାୟଣ ପରି ମହାକାବ୍ୟର ସର୍ଜନା ହୋଇପାରି ନ ଥା'ନ୍ତା । ଶ୍ରୀବିଷ୍ଣୁଙ୍କ ଅବତାର ମର୍ଯ୍ୟାଦା ପୁରୁଷ ଶ୍ରୀରାମ ଉଦାର ହୋଇ ନ ଥିଲେ ଗୁହକ, ଶବରୀ, ଭଲ୍ଲୁକ ଓ ମର୍କଟଗଣ ତାଙ୍କର ଅଲଭ୍ୟ ସାନ୍ନିଧ୍ୟ ଲାଭ କରି ଜୀବନକୁ ସାର୍ଥକ କରିପାରି ନ ଥା'ନ୍ତେ । ଦ୍ୱାପର ଯୁଗରେ ଶ୍ରୀକୃଷ୍ଣଙ୍କ ଉଦାରତା ଯୋଗୁଁ ମୂର୍ଖ, ସରଳ ଗୋପିଗଣ ଦିବ୍ୟପ୍ରେମର ଆସ୍ୱାଦନରୁ ବଞ୍ଚିତ ହୋଇ ନ ଥିଲେ । ଶ୍ରୀକୃଷ୍ଣ – ଯିଏ ଦ୍ୱାରକାଧୀଶ ଓ ସକଳ ବିଭବ ବା ଐଶ୍ୱର୍ଯ୍ୟର ଅଧିକାରୀ ଯୋଗେଶ୍ୱର; ସେ ସାଧାରଣ ଜଣେ ଦୂତ ରୂପେ ପାଞ୍ଚଟି ପଡ଼ା ବା ଗ୍ରାମ ମାଗିବା ଲାଗି ଦୁର୍ଯ୍ୟୋଧନର ଦରବାରରେ ପ୍ରସ୍ତାବ ଦେଇ ନ ଥା'ନ୍ତେ କି ସ୍ୱୟଂ ସୁଦର୍ଶନ ଚକ୍ରଧାରୀ ଅମିତ ବୀର୍ଯ୍ୟ ଶୌର୍ଯ୍ୟର ଅଧିକାରୀ ହୋଇ ମଧ୍ୟ ଅର୍ଜୁନଙ୍କ ସାରଥୀ ରୂପରେ କୁରୁକ୍ଷେତ୍ରରେ ଅବତୀର୍ଣ୍ଣ ହୋଇ ନ ଥା'ନ୍ତେ ।

ଯୁଗାବତାର ମହାପୁରୁଷ ମହାଯୋଗୀ ଶ୍ରୀଅରବିନ୍ଦ ଓ ଦିବ୍ୟଜନନୀ ଶ୍ରୀମାଙ୍କ ଉଦାରତାର ସୀମା ନାହିଁ । ସେସବୁ ବଖାଣି ବସିଲେ ଗୋଟିଏ ବିରାଟ ଗ୍ରନ୍ଥ ରଚନା କରିବାକୁ ପଡ଼ିବ । ତେବେ ବି କେତୋଟି ସାଧାରଣ ବାସ୍ତବ ଘଟଣା ନିମ୍ନରେ

ଉପସ୍ଥାପନ କରାଗଲା । ଶ୍ରୀଅରବିନ୍ଦ ଆଶ୍ରମର ସଂପ୍ରସାରଣ ନିମିତ୍ତ ଯେତେବେଳେ ଧନର ଅଭାବ ଦେଖାଦେଲା ଦିବ୍ୟଜନନୀ ଶ୍ରୀମା ସେତେବେଳେ ନିଜର ସୁବର୍ଣ୍ଣ ଅଳଙ୍କାର ସବୁ ବିକ୍ରୟ କରିବା ନିମିତ୍ତ ବ୍ୟବସ୍ଥା କଲେ । ଜଣେ ସାଧିକା ଏ ବିଷୟରେ ଜାଣି ପାରିଲେ । ହଠାତ୍ ତାଙ୍କ ମନରେ ଏକ ତୀବ୍ର ଅଭୀପ୍ସା ଜାଗ୍ରତ୍ ହେଲା – ଏହି ଅବସରରେ ଯଦି ସେ ଶ୍ରୀମାଙ୍କ ଦ୍ୱାରା ବ୍ୟବହୃତ ଦିବ୍ୟ ସ୍ପର୍ଶ ଲାଭ କରିଥିବା ସ୍ୱର୍ଣ୍ଣ ମୁଦ୍ରିକାଟିଏ କିଣି ନିଜ ନିକଟରେ ସାଇତି ରଖିପାରନ୍ତେ କି ! କିନ୍ତୁ ସେଥିଲାଗି ତ ଧନର ଆବଶ୍ୟକତା ରହିଛି । କରୁଣାମୟୀ ମା ଏ ସାଧିକାଙ୍କ ଅଭୀପ୍ସାର ସ୍ପନ୍ଦନଟି ଅନୁଭବ କରି ଦ୍ୟୁମାନ୍ ଭାଇଙ୍କ ଜରିଆରେ ପ୍ରସ୍ପରିଟି ରୂପେ ଆବଶ୍ୟକୀୟ ଟଙ୍କା ସେହି ସାଧିକାଙ୍କୁ ଦେବା ନିମନ୍ତେ ବ୍ୟବସ୍ଥା କରିଥିଲେ । ସେହି ସାଧିକା ଜଣକ କୃତକୃତ୍ୟ ହୋଇ ମୁଦ୍ରିକାଟିଏ କ୍ରୟ କରି ପାରିଥିଲେ । ଡାହାଣ ହସ୍ତ ଦାନ କରିଥିବା ଧନ ବାମ ହସ୍ତ ଜାଣିପାରି ନ ଥିଲା ।

ମହାଯୋଗୀ ଶ୍ରୀଅରବିନ୍ଦ ଦୀର୍ଘ ଚଉଦ ବର୍ଷ କାଳ ବିଦେଶରେ ଶିକ୍ଷା ଲାଭ କରି ସ୍ୱଦେଶକୁ ଫେରିବା ପରେ ବରୋଦା ରାଜ୍ୟର ରାଜା ସୟାଜିରାଓ ଗାଇକ୍‌ୱାଡ୍ (Sayajirao Gaekwad III)ଙ୍କ ଅନୁରୋଧ କ୍ରମେ ରାଜସ୍ୱ ଓ ଅର୍ଥ ବିଭାଗର ବିଭିନ୍ନ କାର୍ଯ୍ୟ ପ୍ରଣାଳୀ ସମ୍ପର୍କରେ ଅନୁଭୂତି ଲାଭ କରିବା ଅବସରରେ ବରୋଦା କଲେଜରେ ଫରାସୀ ଭାଷାରେ ଶିକ୍ଷାଦାନ କରିଥିଲେ । ତତ୍‌ପରେ ସେ ଉକ୍ତ କଲେଜର ଇଂରାଜୀ ବିଭାଗର ପ୍ରଫେସର, କଲେଜର ଉପାଧ୍ୟକ୍ଷ ଓ ପରେ ଅଧ୍ୟକ୍ଷ ପଦରେ ରହି କାର୍ଯ୍ୟ ନିର୍ବାହ କରିଥିଲେ । ଭାରତୀୟମାନଙ୍କ ଉତ୍ଥାନ ଓ ଭାରତର ସ୍ୱାଧୀନତା ନିମିତ୍ତ ଏକ ଯୁବଗୋଷ୍ଠୀକୁ ପ୍ରସ୍ତୁତ କରିବା ଲାଗି ଏକ ଜାତୀୟ ଶିକ୍ଷାନୁଷ୍ଠାନର ଆବଶ୍ୟକତା ସେ ମର୍ମେ ମର୍ମେ ଅନୁଭବ କରିଥିଲେ । ତେଣୁ ଅଧ୍ୟକ୍ଷ ପଦରୁ ଅବ୍ୟାହତି ନେଇ ସେ ଅଗଷ୍ଟ ୧୫, ୧୯୦୬ ମସିହାରେ ବଙ୍ଗଳା ଜାତୀୟ ମହାବିଦ୍ୟାଳୟ (Bengal National College)ରେ ମାତ୍ର ୧୫୦ ଟଙ୍କା ଦରମାରେ ଅଧ୍ୟକ୍ଷ ପଦକୁ ବରଣ କରି ନେଇଥିଲେ । ତତ୍‌ପରେ ବନ୍ଦେ ମାତରମ୍ ରାଜଦ୍ରୋହ ଅପରାଧ (Bandemataram Seditial case)ରେ ଯେତେବେଳେ ବ୍ରିଟିଶ ସରକାର ତାଙ୍କୁ ବନ୍ଦୀ କରିବା ଲାଗି ମସୁଧା ଚଳାଇଛନ୍ତି ବୋଲି ଜାଣିପାରିଲେ କଲେଜ କର୍ତ୍ତୃପକ୍ଷଙ୍କୁ ଆସନ୍ନ ବିପନ୍ନତାରୁ ମୁକ୍ତ ରଖିବା ଲାଗି ଅଗଷ୍ଟ ୨, ୧୯୦୭ ମସିହାରେ ସ୍ୱୟଂ ଅଧ୍ୟକ୍ଷ ପଦରୁ ଇସ୍ତଫା ଦେଇ ଓହରି ଆସିଲେ । ଏହିପରି ଅନେକ ଘଟଣା ରହିଛି ଯାହା ପ୍ରତିପାଦନ କରେ ଯେ ଦିବ୍ୟଜନନୀ ଶ୍ରୀମା ଓ ପରମ ପ୍ରଭୁ ଶ୍ରୀଅରବିନ୍ଦଙ୍କ ସମଗ୍ର ଜୀବନ ଚରମ ଉଦାରତା ଓ ବଦାନ୍ୟତାର ଏକ ପରିପ୍ରକାଶ ବା ଅଭିବ୍ୟକ୍ତି ମାତ୍ର । ଏଥିରେ କୌଣସି ଦ୍ୱିରୁକ୍ତି ନ ଥାଇପାରେ । ଅବତରଣ କରି ଆସୁଥିବା ଅତିମାନସ ଚେତନା ଶକ୍ତି (Supramental Consciousness force)ର ପ୍ରଚଣ୍ଡ ଆଘାତରୁ ପାର୍ଥିବ ଜଗତକୁ ରକ୍ଷା କରିବା ଲାଗି, ବୃତ୍ରାସୁରକୁ ବଧ କରିବା ଲାଗି ମହର୍ଷି ଦଧୀଚି ନିଜ ଅସ୍ଥି ଦାନ କଲା ପରି ମହାଯୋଗୀ ଶ୍ରୀଅରବିନ୍ଦ ସ୍ୱୟଂ ସ୍ୱତଃପ୍ରବୃତ୍ତ ଭାବେ ନିଜ ପାର୍ଥିବ ଶରୀରକୁ ଅର୍ପଣ କରି ଦେଇଥିଲେ । ଏହାଠାରୁ ଅଧିକ ଉଦାରତାର ନିଦର୍ଶନ ଆଉ କ'ଣ ଥାଇପାରେ ?

ଅଷ୍ଟାଦଶ ଶତାବ୍ଦୀରେ ବ୍ରିଟିଶ ସାମ୍ରାଜ୍ୟର ଜଣେ ବିଖ୍ୟାତ ପାଦ୍ରୀ, ଲେଖକ ଓ ଧର୍ମତତ୍ତ୍ୱବିଦ୍ ଜନ୍ ୱେସ୍‌ଲେ କହନ୍ତି :

"You do not have to be rich to be generous.
Do all the good you can,
By all the means you can,
In all the ways you can,
In all the places you can,
At all the times you can,
To all the people you can,
As long as ever you can."

– John Wesley

''ତୁମେ ଉଦାର ହେବା ଲାଗି ଧନୀ ହେବା ଅନାବଶ୍ୟକ । ତୁମେ ଯେତେସବୁ ଉତ୍ତମ କର୍ମ ସମ୍ପାଦନ କରିପାର – ସେସବୁ କରିଚାଲ । ସବୁ ମାର୍ଗରେ, ସବୁ ଉପାୟରେ, ସବୁ ପଥରେ, ସବୁ ସମୟରେ, ସମସ୍ତ ବ୍ୟକ୍ତିମାନଙ୍କ ନିମିତ୍ତ ଓ ଯେତେ ଦୀର୍ଘ ସମୟ ଲାଗି ସମ୍ଭବ ସେହି ସମସ୍ତ ଶୁଭକର୍ମ କରିଚାଲ ।'' ଲେବାନନ୍‌ର ବିଖ୍ୟାତ କବି ଓ ଲେଖକ ଖଲିଲ ଜିବ୍ରାନ୍ (Khalil Gibran)ଙ୍କ ମନଛୁଆଁ ବାଣୀ ହେଲା – "You give but little when you give your possession. It is when you give yourself that you truly give." ଏହାର ମର୍ମାର୍ଥ ହେଲା : ତୁମର ଯାହା କିଛି ଅଛି ସେଥିରୁ କିଛି ଦେଇ ଦେବାଟା ଖୁବ୍ ସ୍ୱଳ୍ପ ଦାନ ହିସାବରେ ପରିଗଣିତ ହେବ । ତୁମେ ଯେତେବେଳେ

ଆପଣାକୁ ସମ୍ପୂର୍ଣ୍ଣ ଭାବେ ଦେଇଦିଅ ତାହାକୁ ହିଁ ଯଥାର୍ଥ ଦାନ କୁହାଯିବ ।

ବଦାନ୍ୟତା (Charity) ଓ ଉଦାରତା (Generosity) ଦ୍ୱୟ ଯମଜ ସନ୍ତାନ କହିଲେ ଭୁଲ୍ କିଂବା ଅତ୍ୟୁକ୍ତି ହେବ ନାହିଁ । ଜଣେ ଉଦାର ନ ହେଲେ ସେ ଅନ୍ୟକୁ କିଛି ଦାନ କରିପାରେ ନାହିଁ । ଯେ କୃପଣ ହୋଇଥାଏ ସେ ଅନ୍ୟକୁ କୌଣସି ପ୍ରକାରେ ସାହାଯ୍ୟ କରିପାରେ ନାହିଁ ।

ଶ୍ରୀମାଙ୍କ ବକ୍ତବ୍ୟ ହେଲା – ''ଜଣେ ମୋ ନିକଟକୁ ଲେଖିଥିଲେ ଯେ ତାଙ୍କ ମନରେ ଆଦୌ କୌଣସି ସୁଖ ନାହିଁ, କାରଣ ପରମ ଦିବ୍ୟସତ୍ତାଙ୍କଠାରେ ନିବେଦନ କରିବା ଲାଗି, ତାଙ୍କୁ ଉପଲବ୍ଧି କରିବା ଲାଗି ଓ ତାଙ୍କରି କାର୍ଯ୍ୟ କରିପାରିବା ଲାଗି ତାଙ୍କର ଅଲୌକିକ ସାମର୍ଥ୍ୟ ସବୁ ଆସୁ ବୋଲି ସେ ଇଚ୍ଛା କରୁଥିଲେ । ଏବଂ ଦାନ କରିପାରିବା ଲାଗି, ପରମେଶ୍ୱରଙ୍କ କାର୍ଯ୍ୟ ଲାଗି, ତାଙ୍କ ଚରଣରେ ନେଇ ଥୋଇ ଦେଇ ପାରିବା ଲାଗି ସେ ବିପୁଳ ଧନ ସମ୍ପତ୍ତି ମଧ୍ୟ ଲୋଡ଼ୁଥିଲେ ଓ ସେଥିଲାଗି ବ୍ୟାକୁଳତା ମଧ୍ୟ ପ୍ରକାଶ କରୁଥିଲେ । ତେଣୁ ମୁଁ ତାଙ୍କ ପାଖକୁ ଉତ୍ତର ଲେଖି ପଠାଇଲି ଯେ ତାଙ୍କର ଏପରି ଅସୁଖୀ ହୋଇ ପଡ଼ିବାର ଆଦୌ କୌଣସି କାରଣ ନାହିଁ; କାରଣ ଯାହା ପାଖରେ ଯେତିକି ଅଛି, ତା' ପାଖରୁ କେବଳ ସେତିକି ହିଁ ମଗାଯାଏ... ତା' ମଧ୍ୟରେ ଯେତେ ଯାହା ସମ୍ଭାବନା ଓ ସାମର୍ଥ୍ୟ ଅନ୍ତର୍ନିହିତ ହୋଇ ରହିଥାଏ, ତାକୁ କେବଳ ସେତିକି ଅର୍ପଣ କରିଦେବା ଲାଗି କୁହାଯାଏ । ଅର୍ଥାତ୍ ତା' ଜୀବନଟିକୁ ଉତ୍ସର୍ଗ କରିଦେବା ଲାଗି କୁହାଯାଏ ।... ତୁମେ କହିଲେ ଯାହା କିଛିକୁ ବୁଝାଉଛି ତୁମେ ତାହା ଅର୍ପଣ କରିଦିଅ ।... ତୁମ ପାଖରେ କେତେ ପରିମାଣରେ ଧନ ଅଛି ବା ତୁମ ପ୍ରକୃତି ମଧ୍ୟରେ କେତେ ପରିମାଣର ସାମର୍ଥ୍ୟ ରହିଛି ବା ନ ରହିଛି, ଏ କଥାଗୁଡ଼ାକ ତାହା ଉପରେ ଆଦୌ ନିର୍ଭର କରେ ନାହିଁ । ଏହା ତୁମ ଦାନର ପରିପୂର୍ଣ୍ଣତା ବା ସମଗ୍ରତା ଉପରେ ହିଁ ନିର୍ଭର କରେ । ଭାରତୀୟ ଆଖ୍ୟାନମାଳାର ଏକ ପୁସ୍ତକରେ କେବେ ଏପରି ଏକ ଗପ ପଢ଼ିବାର ମନେ ପଡୁଛି ।

''ବୁଢ଼ୀଟିଏ ଥିଲା । ସେ ଭାରି ଦରିଦ୍ର । ତା' ପାଖରେ କିଛି ନ ଥିଲା । ଗୋଟିଏ ଛୋଟ ଭଙ୍ଗାରୁଜା ଚାଳ ଘରେ ସେ ରହୁଥିଲା । ଥରେ କିଏ ଜଣେ ଆମ୍ବଟିଏ ଆଣି ତାକୁ ଦେଇଥିଲା । ସେ ଆମ୍ବଟିର ଅଧା ଖାଇଲା, ବାକୀ ଅଧକ ତା' ଆରଦିନ ପାଇଁ ରଖି ଦେଇଥିଲା । କାରଣ ଆମ୍ବଟି ଭାରି ସ୍ୱାଦିଷ୍ଟ ହୋଇଥିଲା ଏବଂ ଏପରି ଗୋଟିଏ ଫଳ ପାଇବାର ସୌଭାଗ୍ୟ ତା' ଜୀବନରେ କ୍ୱଚିତ୍ ଘଟୁଥିଲା । ସେଦିନ ରାତିରେ କେହି ଜଣେ ଲୋକ ଆସି କୁଡ଼ିଆ ଘରର ତାଟି କବାଟ ଉପରେ ଆଘାତ କରି ଡାକିଲା । ସେ ରାତିକ ତା' ଘରେ ରହିବା ଲାଗି ଇଚ୍ଛା ପ୍ରକାଶ କଲା । ତା'ପରେ ସନ୍ନ୍ୟାସୀ ପରି ଦେଖା ଯାଉଥିବା ସେହି ଲୋକଟି ଘର ଭିତରକୁ ପଶି ଆସି ତାକୁ ଖୁବ୍ ଭୋକ କଲାଣି ବୋଲି ବୁଢ଼ୀକୁ ଜଣାଇଲା । ବୁଢ଼ୀ ତା କଥା ଶୁଣି ଉତ୍ତର ଦେଲା : 'ଏହି ଶୀତ ରାତିରେ ତୁମକୁ ଉତ୍ତାପ ଦେବା ଲାଗି ମୋ ପାଖରେ ନିଆଁର କୌଣସି ବନ୍ଦୋବସ୍ତ ନାହିଁ; ଘୋଡ଼ାଇବାକୁ ଦେବା ଲାଗି କୌଣସି କମ୍ବଳ ନାହିଁ; ମାତ୍ର କେବଳ ଫାଳେ ଆମ୍ବ ଅଛି । ତା' ଛଡ଼ା ଆଉ କିଛି ଖାଦ୍ୟ ନାହିଁ । ଯଦି ତୁମେ ଚାହଁ ସେ ଆମ୍ବ ଫାଳକ ଖାଇପାର । ଆର ଫାଳକ ମୁଁ ଖାଇ ସାରିଛି ।' ପରେ ଜଣା ପଡ଼ିଲା ଯେ ରାତ୍ରିର ସେହି ଆଗନ୍ତୁକ ଜଣକ ସ୍ୱୟଂ ମହାଦେବ ଶିବ ଥିଲେ । ବୁଢ଼ୀ ସତେ ଯେପରି ଏକ ଅନ୍ତର୍ଗତ ଔଜ୍ଜ୍ୱଲ୍ୟରେ ପରିପୂର୍ଣ୍ଣ ହୋଇ ଉଠିଥିଲା । କାରଣ ସେ ନିଜକୁ ତଥା ନିଜ ପାଖରେ ରହିଥିବା ସବୁକିଛିକୁ ପରିପୂର୍ଣ୍ଣ ଭାବରେ ଦାନ କରି ଦେଇଥିଲା ।... ... କାରଣ ପରିମାଣ ଅଥବା ପ୍ରକାର ଦ୍ୱାରା କଦାପି କୌଣସି ଦାନର ବିଚାର କରାଯାଏ ନାହିଁ; ଯେତିକି ନିଷ୍ଠାର ସହ, ଯେତିକି ଆନ୍ତରିକ ଭାବରେ ଦାନଟିକୁ ଦିଆ ଯାଇଥିବ ଓ ଯିଏ ଯେତିକି ପୂର୍ଣ୍ଣ ରୂପେ ଦାନ କରି ପାରୁଥିବ, ତାହାରି ଦ୍ୱାରା ହିଁ ଦାନଟିର ବିଚାର କରାଯିବ ।''

(ମାତୃରଚନାବଳୀ - ୮, ପୃ. ୨୩-୨୪)

ନିଜର ଆବଶ୍ୟକତାରୁ ନିଜକୁ ବଞ୍ଚିତ କରି ଯିଏ ଦେଇପାରେ ସେ ହିଁ ପ୍ରକୃତ ବଦାନ୍ୟ ବ୍ୟକ୍ତି ରୂପେ ବିବେଚିତ ହେବ । ପୁଣି ବିନା ଦ୍ୱିଧାରେ, ମୁକ୍ତ ହସ୍ତରେ ତାହା ଦାନ କରିଥିବା ଆବଶ୍ୟକ । ଦିନେ ଦ୍ୱିତୀୟ ପାଣ୍ଡବ ଅର୍ଜୁନ ଶ୍ରୀକୃଷ୍ଣଙ୍କୁ ପ୍ରଶ୍ନ କରିଥିଲେ : ମୋର ଜ୍ୟେଷ୍ଠ ଭ୍ରାତା ଧର୍ମରାଜ ଯୁଧିଷ୍ଠିର ସବୁବେଳେ ଯିଏ ଯେତେବେଳେ ଯାହା ମାଗେ ସେ ତାହା ଦାନ କରି ଦିଅନ୍ତି । ଅଥଚ ଶୂଦ୍ରପୁତ୍ର କର୍ଣ୍ଣଙ୍କୁ କାହିଁକି ''ଦାନବୀର'' ଆଖ୍ୟା ଦିଆଯାଇଛି ? ଶ୍ରୀକୃଷ୍ଣ ସ୍ମିତହାସ୍ୟ ସହ ଅର୍ଜୁନଙ୍କୁ କହିଲେ, 'ଆସ ପରୀକ୍ଷା କରି ଦେଖିବା । କିଏ ପ୍ରକୃତରେ ଶ୍ରେଷ୍ଠଦାନୀ !' ଏହା କହି ଉଭୟେ ଯୁଧିଷ୍ଠିରଙ୍କ ନିକଟକୁ ଗଲେ । ଶ୍ରୀକୃଷ୍ଣ ଯୁଧିଷ୍ଠିରଙ୍କୁ କହିଲେ : 'ରାଜ୍ୟର ସୀମାନ୍ତରେ ଗୋଟିଏ ସୁବର୍ଣ୍ଣ ପାହାଡ଼ ଆବିଷ୍କୃତ ହୋଇଛି ।

ତାହାକୁ ପ୍ରଜାମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତୁ ।' ଏହା କହି ବୈଷ୍ଣବୀ ମାୟା ଶକ୍ତି ବଳରେ ରାଜ୍ୟ ସୀମାନ୍ତରେ ଗୋଟିଏ ସୁବର୍ଣ୍ଣ ପାହାଡ଼ ସୃଷ୍ଟି କରି ଦେଲେ । ଯୁଧିଷ୍ଠିର ଅର୍ଜୁନଙ୍କୁ ଡାକି ଆଦେଶ ଦେଲେ ଯେ, ପ୍ରଜାମାନଙ୍କୁ ଏକତ୍ରିତ କରି ଅନ୍ୟ ଭାଇମାନଙ୍କ ସାହାଯ୍ୟରେ ସମାନ ଆକାରର ସୁନାମୁଣ୍ଡା ପ୍ରସ୍ତୁତ କରି ବାଣ୍ଟି ଦିଆଯାଉ । ଯଦି କିଛି ବଳକା ରହେ ତେବେ ତାହା ରାଜକୋଷରେ ଆଣି ଜମା କରି ଦିଆଯାଉ । ତତ୍‌ପରେ ଉଭୟେ କର୍ଣ୍ଣଙ୍କ ରାଜ ଦରବାରରେ ଉପନୀତ ହେଲେ । ଶ୍ରୀକୃଷ୍ଣ କର୍ଣ୍ଣଙ୍କୁ ସେହି ଏକା କଥା କହିଲେ । ଅଙ୍ଗରାଜା କର୍ଣ୍ଣ ସଙ୍ଗେ ସଙ୍ଗେ ଅମାତ୍ୟଙ୍କୁ ଡାକି କହିଲେ – 'ଆମ ରାଜ୍ୟ ସୀମାନ୍ତରେ ଏକ ସୁବର୍ଣ୍ଣ ପାହାଡ଼ ଆବିଷ୍କୃତ ହୋଇଛି । ଘୋଷଣା କରି ପ୍ରଜାମାନଙ୍କୁ ଜଣାଇ ଦିଆଯାଉ ଯେ ପ୍ରତ୍ୟେକ ପରିବାର ନିଜର ଆବଶ୍ୟକତା ଅନୁଯାୟୀ ସୁବର୍ଣ୍ଣ ପାହାଡ଼ଟିକୁ ବାଣ୍ଟିକୁଣ୍ଟି ନେଇଯା'ନ୍ତୁ ।' ଶ୍ରୀକୃଷ୍ଣ ଓ ଅର୍ଜୁନ ଫେରନ୍ତା ପଥରେ ମନେ ମନେ ତଉଲାଉ ଥା'ନ୍ତି – ପ୍ରକୃତରେ କିଏ ଅଧିକ ଉଦାର ! ଅନ୍ୟକୁ ଦେବାରେ ଓ ସାହାଯ୍ୟ କରିବାରେ ଯେଉଁଠି ସ୍ୱତଃସ୍ଫୂର୍ତ୍ତତା ରହିଛି ସେଇଠି ହିଁ ଉଦାର ମନୋଭାବ ରହିଛି ବୋଲି କହିପାରିବା ।

ଜଣେ ଉଦାର ବ୍ୟକ୍ତି କୌଣସି ମୂଲଚାଲ ନ କରି ବିନା ସର୍ତ୍ତରେ, ବିନା ଚୁକ୍ତିରେ, ବିନା ପ୍ରତ୍ୟାଶାରେ ନିଜର ସବୁକିଛି ଦିବ୍ୟ ପରମସତ୍ତାଙ୍କ ନିକଟରେ ସମର୍ପଣ କରି ଦେଇପାରେ । ଦେବାର ଆନନ୍ଦ ଲାଗି ଦେଇ ଚାଲିବା, କୌଣସି କୁଣ୍ଠା ନ ରଖି ଦେଇ ଚାଲିବାର ଅନ୍ୟ ନାମ ହେଲା ଉଦାରତା । ଯେଉଁ ମଣିଷମାନେ ଯେତେ ବେଶୀ ଧନ ଦଉଲତ ଜମା କରି ରଖିଥା'ନ୍ତି ସେମାନେ ସେତେ କମ୍ ମହାନୁଭବତାର ପରିଚୟ ଦେଇଥା'ନ୍ତି । ଏ ସମ୍ପର୍କରେ ଦୁଇଟି ବାସ୍ତବ ଘଟଣା ସ୍ମୃତିପଟରେ ଉଙ୍କିମାରେ :

ଗୋଟିଏ ଗ୍ରାମରେ ଶ୍ରୀଜଗନ୍ନାଥଙ୍କର ଭବ୍ୟ ମନ୍ଦିରଟିଏ ନିର୍ମାଣ କରିବା ଲାଗି ଗ୍ରାମବାସୀ ଏକ ମିଳିତ ସଭାରେ ସ୍ଥିର କଲେ । ଏହି ମହତ୍ କାର୍ଯ୍ୟ ନିମିତ୍ତ ପ୍ରତ୍ୟେକ ଗ୍ରାମବାସୀଙ୍କୁ ନିଜର ଶକ୍ତି ସାମର୍ଥ୍ୟ ଅନୁରୂପ ଚାନ୍ଦା ଦେବା ଲାଗି ଅନୁରୋଧ କରାଗଲା । ଲକ୍ଷ୍ୟ କରାଯାଇ ଥିଲା ଯେ ଯେଉଁମାନେ ଜମିଦାର, ଧନୀ, ବ୍ୟବସାୟୀ ସେମାନଙ୍କ ତୁଳନାରେ ସାଧାରଣ ଚାଷୀ, ମୂଲିଆ ପରିବାର ତରଫରୁ ଅଧିକ ଚାନ୍ଦା ଆଦାୟ କରାଯାଇ ପାରିଛି । ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମାଙ୍କ ବାଣୀ ସ୍ମରଣୀୟ –

"A poor man may be very rich if his heart is generous."

''ଜଣେ ଦରିଦ୍ର ବ୍ୟକ୍ତି ମଧ୍ୟ ଅତି ଧନୀ ବିବେଚିତ ହୁଏ ଯଦି ତାହାର ରହିଥାଏ ଏକ ଉଦାର ହୃଦୟ ।''

ଜଣେ ବ୍ୟକ୍ତିର ଉଦାର ମନୋଭାବ ନ ଥିଲେ ସେ ଅନ୍ୟର ଆବଶ୍ୟକତା, ଅନ୍ୟର ଆଚାର, ବ୍ୟବହାର, ଅନ୍ୟର କାର୍ଯ୍ୟକଳାପକୁ ଠିକ୍ ରୂପେ ବୁଝିପାରେ ନାହିଁ; ଅନ୍ୟ ପ୍ରତି ସମ୍ବେଦନଶୀଳ ହୋଇପାରେ ନାହିଁ । ଆମର ଚେତନା ଯେତେ ସମ୍ପ୍ରସାରିତ ହୋଇ ଚାଲିଥିବ ଆମର ଉଦାର ମନୋଭାବ ମଧ୍ୟ ସେତେ ଅଧିକ ବିକଶିତ ହେଉଥିବ ।

ଦିବ୍ୟଜନନୀ ଶ୍ରୀମା ଉଦାରତା ଓ ଲୋଭାତୁରତା ସମ୍ପର୍କରେ ଅତି ଚମତ୍କାର ଅନ୍ତର୍ଦୃଷ୍ଟି ଖୋଲି ଦେଇଛନ୍ତି । ସମାଜରେ ସାଧାରଣ ନୈତିକତା ଦୃଷ୍ଟିରୁ ଦୁଇ ପ୍ରକାରର ଲୋକଙ୍କ ବିଚାର କରାଯାଇଥାଏ । ଗୋଟିଏ ଶ୍ରେଣୀକୁ ଉଦାରମନା ବୋଲି କୁହାଯାଏ ଓ ଆଉ ଗୋଟିଏ ଶ୍ରେଣୀକୁ ଲୋଭଗ୍ରସ୍ତ ବୋଲି କୁହାଯାଏ । ଲୋଭଗ୍ରସ୍ତ ଲୋକଙ୍କୁ ଜନସାଧାରଣ ଘୃଣା କରନ୍ତି, ନିନ୍ଦା କରନ୍ତି, ଯାବତୀୟ ଅପବାଦ ଓ ଦୋଷ ଦେବାରେ ଲାଗିଥା'ନ୍ତି; ଏବଂ ତେଣେ ଉଦାରମନା ଲୋକଙ୍କୁ ନିଃସ୍ୱାର୍ଥପର ଓ ଉପକାରୀ ବୋଲି ପ୍ରଶଂସା କରୁଥା'ନ୍ତି । କିନ୍ତୁ ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ଉଭୟ ଶ୍ରେଣୀର ବ୍ୟକ୍ତି ସେହି ଗୋଟିଏ ସ୍ତରରେ ରହିଥା'ନ୍ତି । ଗୋଟିଏ ଲୋକର ଉଦାରଚିତ୍ତତା ଓ ଆଉ ଗୋଟିଏ ଲୋକର ଲୋଭାସକ୍ତତା, – ଏହି ଦୁଇଟିଯାକ ହିଁ ଏକ ଉଚ୍ଚତର ସତ୍ୟ ବା ଉଚ୍ଚତର ଦିବ୍ୟ ସାମର୍ଥ୍ୟର ଏକ ବିକୃତ ଅବସ୍ଥା ରୂପେ ରହିଛି । ବିଷୟଟିକୁ ସ୍ପଷ୍ଟ କରିବା ଲାଗି ଦିବ୍ୟଜନନୀ ଦୁଇ ପ୍ରକାର ଶକ୍ତିର ଅବତାରଣା କରିଛନ୍ତି । ଗୋଟିଏ ହେଲା ବିକ୍ଷିପ୍ତ ବା ପରିବ୍ୟାପ୍ତ କରି ଦେବା ଶକ୍ତି; ଅନ୍ୟଟି ହେଲା ସଂକେନ୍ଦ୍ରିତ ଓ ସଞ୍ଚିତ କରିବା ଶକ୍ତି । ଯାହାକୁ ଆମେ ଉଦାର ବୋଲୁ କହୁ – ସେ ନାନା ଶକ୍ତିକୁ, ନାନା ବସ୍ତୁକୁ, ଆପଣାର ଯାବତୀୟ ସମ୍ପଦକୁ ଅତ୍ୟନ୍ତ ବନ୍ଧନହୀନ ଭାବରେ କ୍ଷିପ୍ତ କରି ଦେବାରେ ଲାଗିଥା'ନ୍ତି । ସେ ବ୍ୟକ୍ତି ଜଣକ ପରିବ୍ୟାପ୍ତି ସକାଶେ, ବିସ୍ତୃତ ବିତରଣ ସକାଶେ ଏକ ଶକ୍ତି ହୋଇ ରହିଥା'ନ୍ତି । ଅନ୍ୟ ଏକ ଦିବ୍ୟ ସାମର୍ଥ୍ୟ ରହିଛି ଯାହାକି ସଂଗ୍ରହ କରି ଆଣେ, ଯାବତୀୟ ସମ୍ପଦକୁ କେବଳ ଏକତ୍ର ସଞ୍ଚୟ କରିବାରେ ଲାଗିଥାଏ । ଜଡ଼ଧର୍ମୀ ଭୂମିରୁ ଆଧ୍ୟାତ୍ମିକ ହୋଇ ରହିଥିବା ଭୂମିଯାଏ, ନିମ୍ନତର ଭୂମିଠାରୁ

ଉଚ୍ଚତର ଭୂମିଯାଏ, ଯାହାସବୁ ଶ୍ରେୟ ସମ୍ପଦ ରହିଛି ତାହା ଏହି ଶକ୍ତି ଦ୍ୱାରା ସଞ୍ଚିତ ଓ ସଂକେନ୍ଦ୍ରିତ ହେଉଥାଏ । ଏହି ଶକ୍ତିର ସ୍ପନ୍ଦନ ଦ୍ୱାରା ଯିଏ ବଶୀଭୂତ ତାଙ୍କୁ ଆମେ ଲୋଭୀ ବୋଲି କହୁ । ବିସ୍ତୃତ କରୁଥିବା, ପରିବ୍ୟାପ୍ତ କରୁଥିବା ଶକ୍ତିଠାରୁ ସଞ୍ଚିତ ଓ ସଂକେନ୍ଦ୍ରିତ କରି ରଖୁଥିବା ଶକ୍ତି କୌଣସି ପ୍ରକାରେ ନ୍ୟୂନ ନୁହେଁ । ଉଭୟର ସମାନ ଆବଶ୍ୟକତା ରହିଛି । ଯଦି ସେଗୁଡ଼ିକୁ ପରମ ଦିବ୍ୟସତ୍ତାଙ୍କ ନିକଟରେ ଯଥାର୍ଥ ଭାବରେ ସମର୍ପିତ କରି ଦିଆଯାଏ ତେବେ ଦୁଇଟିଯାକ ହିଁ ସମାନ ଭାବରେ, ସମାନ ମାତ୍ରାରେ ଏବଂ ସମାନ ସାର୍ଥକତା ସହିତ ଦିବ୍ୟ କର୍ମର ସାଧନ ରୂପେ ବ୍ୟବହୃତ ହୋଇପାରିବ । କିନ୍ତୁ ଯେତେବେଳେ ସେମାନେ ଅସମର୍ପିତ ଅବସ୍ଥାରେ ଥା'ନ୍ତି ସେତେବେଳେ ଦୁଇଟିଯାକ ହିଁ ଅଜ୍ଞାନମୟ ନାନା ଆବେଗ ଦ୍ୱାରା ପରିଚାଳିତ ହେଉଥା'ନ୍ତି । ଗୋଟିଏ ପଛରୁ ଠେଲି ହୋଇ ସବୁକିଛିକୁ କେବଳ ଫୋପାଡ଼ି ଦେବାରେ ଲାଗିଥାଏ ଓ ଆରଟି ଆପଣାକୁ କୃପଣ ଭାବରେ ଧରି ରଖିବ ବୋଲି ପଛକୁ ଟାଣି ହୋଇ ଆସୁଥାଏ । ମାତ୍ର ଦୁଇଟିଯାକ ଏପରି ନାନା ଶକ୍ତି ଦ୍ୱାରା ତାଡ଼ିତ ହେବାରେ ଲାଗିଥା'ନ୍ତି, ଯେଉଁଗୁଡ଼ିକ ସେମାନଙ୍କ ସ୍ୱ-ଚେତନା ସମ୍ମୁଖରେ ଅତ୍ୟନ୍ତ ଅସ୍ପଷ୍ଟ ହୋଇ ରହିଥାଏ ଏବଂ ତେଣୁ ଦୁଇଟି ମଧ୍ୟରୁ କୌଣସି ଗୋଟିକୁ ଗ୍ରହଣ କରିବାରେ ଆଦୌ ସେପରି କିଛି ଫରକ ନ ଥାଏ । ଯୋଗର ଉଚ୍ଚତମ ଦୃଷ୍ଟିକୋଣଟିକୁ ପୋଷଣ କରି ଏତେ ବେଶୀ ପ୍ରଶଂସିତ ଉଦାରମନା ବ୍ୟକ୍ତିଟିକୁ କୁହାଯାଇ ପାରେ – ''ଚେତନାର ମାନଦଣ୍ଡରେ ମୂଲ୍ୟାୟନ କରି ଦେଖିଲେ ଉଦାର ହେବା ଲାଗି ତୁମର ଯାବତୀୟ ବେଗ ଓ ଆବେଗର ପ୍ରକୃତରେ ଆଦୌ କୌଣସି ମହତ୍ତ୍ୱ ଅଥବା ତାତ୍ପର୍ଯ୍ୟ ନାହିଁ; କାରଣ, କେବଳ ଅହଂ ଏବଂ ଅଜ୍ଞାନ ପ୍ରେରିତ ବାସନାରୁ ହିଁ ସେଗୁଡ଼ିକ ଉଦ୍ଭବ ହୋଇଛି ।'' ଅନ୍ୟପକ୍ଷରେ ଯେଉଁମାନଙ୍କୁ ଲୋଭର ଅପବାଦରେ ଦୋଷୀ କରାଯାଇଥାଏ ସେମାନଙ୍କ ମଧ୍ୟରେ ତୁମକୁ ହୁଏତ ଧନ ଗଚ୍ଛିତ ଓ ସ୍ତୂପୀକୃତ କରି ରଖୁଥିବା ଏପରି ଜଣେ ବ୍ୟକ୍ତି ଦେଖିବାକୁ ମିଳିବେ, ଯିଏକି ଆପଣା ପ୍ରକୃତି ଦ୍ୱାରା ଆପଣା ଉପରେ ନ୍ୟସ୍ତ କୌଣସି କାର୍ଯ୍ୟରେ ସମ୍ପୂର୍ଣ୍ଣ ସ୍ଥିର ଏବଂ ସଂକେନ୍ଦ୍ରିତ ଏକ ସଂକଳ୍ପ ଦ୍ୱାରା ଆପଣାକୁ ନିଯୁକ୍ତ କରି ରଖିଛି, ଯଦି ଥରେ ଯେକୌଣସି ପ୍ରକାରେ ତା'ର ନିଦକୁ ଭାଙ୍ଗି ଦିଆଯାଏ ତେବେ ସେ ପରମ ଦିବ୍ୟସତ୍ତାଙ୍କର ଜଣେ ଅତ୍ୟନ୍ତ ଉପଯୁକ୍ତ ନିମିତ୍ତ ବୋଲି ପ୍ରମାଣିତ କରି ଦେଇ ପାରିବ ।

(ମାତୃରଚନାବଳୀ - ୩, ପୃ. ୧୯୬ - ୧୯୭)

ଉଭୟ ବଦାନ୍ୟ ବ୍ୟକ୍ତି ଓ ଲୋଭାସକ୍ତ ବ୍ୟକ୍ତି ଯଦି ସ୍ୱ-ଅର୍ଜିତ ସମ୍ପଦକୁ କେବଳ ପରମ ଦିବ୍ୟସତ୍ତାଙ୍କ ନିକଟରେ ଅର୍ପଣ କରି ଦେଇଥା'ନ୍ତି ତେବେ ଉଭୟେ ହିଁ ପ୍ରଶଂସାର ପାତ୍ର ହୋଇ ରହିବେ । ଶ୍ରୀମା କହନ୍ତି :

"True wealth is that which one offers to the Divine."

– The Mother

''ତାହାହିଁ ଯଥାର୍ଥ ସମ୍ପଦ ଯାହା ଜଣେ ଭଗବାନଙ୍କୁ ଅର୍ପଣ କରିଥାଏ ।'' – ଶ୍ରୀମା

ଅନ୍ୟଥା ଉଦାର ବ୍ୟକ୍ତିଙ୍କ ଦ୍ୱାରା ପ୍ରତିଷ୍ଠିତ ଶିକ୍ଷାୟତନ, ଚିକିତ୍ସାଳୟ ବା ସେବାସଦନ ତାଙ୍କର ସେହିସବୁ କର୍ମ ପଶ୍ଚାତ୍‌ରେ କ୍ରିୟାଶୀଳ ଅହଂର ହିଁ ଏକ ବାହ୍ୟ ପ୍ରକାଶ ହୋଇ ରହିବ । ଲୋଭାସକ୍ତ ବ୍ୟକ୍ତି ଯେପରି ନିଜ ଅହଂ ଓ ସ୍ୱାର୍ଥ ଦ୍ୱାରା ପ୍ରେରିତ ହୋଇ କାର୍ଯ୍ୟ କରୁଥାଏ, ବଦାନ୍ୟ ବ୍ୟକ୍ତିଟି ମଧ୍ୟ ସେପରି ଅଜ୍ଞାନର ଅନ୍ୟ ଏକ ପ୍ରାନ୍ତ ବିନ୍ଦୁରେ ରହି କାର୍ଯ୍ୟ କରୁଥାଏ । ଉଭୟ ସଂକେନ୍ଦ୍ରଣ ଶକ୍ତି ଓ ସମ୍ପ୍ରସାରଣ ଶକ୍ତି ଯଦି ଈଶ୍ୱରାଭିମୁଖୀ ହୁଏ ତେବେ ଉଭୟର ସମାନ ଆବଶ୍ୟକତା ରହିଛି ବୋଲି କହିବାକୁ ହେବ । ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମାଙ୍କ ବକ୍ତବ୍ୟ ପ୍ରଣିଧାନ ଯୋଗ୍ୟ :

"All are justified by the truth that is in them, all equally important, equally needed, different but indispensable instruments of the Divine Manifestation."

(CWM, Vol. 3, P. 120)

ଏହାର ଭାବାନୁବାଦ ହେଲା :

''ସେଗୁଡ଼ିକର ସମାନ ମହତ୍ତ୍ୱ ରହିଛି, ସମାନ ଆବଶ୍ୟକତା ରହିଛି । ସେଗୁଡ଼ିକ ପରସ୍ପରଠାରୁ ଯେତେ ଭିନ୍ନ ହୋଇ ରହିଥିଲେ ମଧ୍ୟ ଈଶ୍ୱରୀୟ ପରମ ଅଭିବ୍ୟକ୍ତି ନିମନ୍ତେ ସେଗୁଡ଼ିକ ପ୍ରତ୍ୟେକେ ଗୋଟିଏ ଗୋଟିଏ ଅପରିହାର୍ଯ୍ୟ ସାଧନ ହୋଇ ରହିଛନ୍ତି ।''

(ମାତୃରଚନାବଳି - ୩, ପୃ. ୧୯୮)

"The generosity of the one, the avarice of the other are deformations of a higher truth, a greater divine power."

(CWM, Vol. 3, P. 119)

''ଜଣକର ଉଦାରତା ଓ ଅନ୍ୟର ଅର୍ଥପିପାସା ବା ଲୋଭାସକ୍ତି – ଏ ଦୁଇଟି ଏକ ଉଚ୍ଚତର ସତ୍ୟ, ତଥା ଉଚ୍ଚତର ଦିବ୍ୟ ସାମର୍ଥ୍ୟର ବିକୃତି ମାତ୍ର ।'' ଲୋଭାସକ୍ତ ଓ ଉଦାରତା ସେହି ଏକା ବ୍ୟକ୍ତିଠାରେ ମଧ ଦେଖା ଦେଇପାରେ ।

ମହାଭାରତରୁ କାହାଣୀଟିଏ –

ଶସ୍ୟ ଉତ୍ପାଦନ ହ୍ରାସ ପାଇଯିବା ଯୋଗୁଁ ରାଜ୍ୟରେ ଦୁର୍ଭିକ୍ଷ ଦେଖା ଦେବାରୁ ଭୀମଙ୍କୁ ଡାକି ଯୁଧିଷ୍ଠିର କହିଲେ : ''ତ୍ୱରିତ କୁବେରଙ୍କ ନିକଟକୁ ଯାଇ ଶହେ ଶଗଡ଼ ତଣ୍ଡୁଳ ବସ୍ତା ମାଗି ଆଣ, ଯେପରି ପ୍ରଜାଗଣଙ୍କୁ କ୍ଷୁଧାତୁର ଅବସ୍ଥାରେ କାଳାତିପାତ କରିବାକୁ ନ ପଡ଼େ ।'' ଭୀମ ଶହେଟି ଶଗଡ଼ ନେଇ କୁବେର ପୁରୀରେ ଯାଇ ପହଞ୍ଚି ଯାହା ଦେଖିଲେ ତାହା ତାଙ୍କୁ ନିରାଶାର ଛାୟାରେ ଅଭିଭୂତ କରିଦେଲା । ଭୀମ ଲକ୍ଷ୍ୟ କଲେ ଯେ କୁବେର ଭୂମି ଉପରେ ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ି ରହିଥିବା ଚାଉଳକୁ ଗୋଟି ଗୋଟି କରି ଉଠାଇ ଯତ୍ନର ସହ ଗୋଟିଏ ପାତ୍ରରେ ଏକତ୍ରିତ କରୁଛନ୍ତି । ଭୀମ ଭାବିଲେ, ଯେଉଁ ବ୍ୟକ୍ତି ଭୂମିରେ ବିକ୍ଷିପ୍ତ ହୋଇ ପଡ଼ିଥିବା ଚାଉଳ ପ୍ରତି ଏତେ ଲୋଭାସକ୍ତ ସେ କ'ଣ ଶହେ ଶଗଡ଼ ଚାଉଳ ଦେଇପାରିବ ! ତେବେ କୁବେରଙ୍କ ସମ୍ମୁଖରେ ଆସି ପହଞ୍ଚି ଯାଇଛନ୍ତି ଯେତେବେଳେ, ଜ୍ୟେଷ୍ଠଭ୍ରାତାଙ୍କ ନିର୍ଦ୍ଦେଶ ଅନୁଯାୟୀ କୁବେରଙ୍କୁ ରାଜ୍ୟରେ ଦୁର୍ଭିକ୍ଷ ପଡ଼ିଥିବା କଥା ଜଣାଇ ଶହେ ଶଗଡ଼ ତଣ୍ଡୁଳ ଦେବା ଲାଗି ଅନୁରୋଧ କଲେ । କୁବେର ବିନା କୁଣ୍ଠା ବା ସଙ୍କୋଚରେ ଅମାର ଘରର ଦ୍ୱାର ସଙ୍ଗେ ସଙ୍ଗେ ଉନ୍ମୁକ୍ତ କରି ଦେଇ ସ୍ତୂପୀକୃତ ଅମାପ ତଣ୍ଡୁଳରୁ ଶହେ ଶଗଡ଼ ତଣ୍ଡୁଳ ନେଇଯିବା ଲାଗି ନିର୍ଦ୍ଦେଶ ଦେଲେ । ଭୀମଙ୍କର ବିସ୍ମୟର ସୀମା ନ ଥାଏ । ତେବେ ସେ ଶହେ ଶଗଡ଼ ତଣ୍ଡୁଳ ଭରି କରି ଫେରିଲା ବେଳକୁ ଭୀଷଣ ବର୍ଷା ହେଲା ଓ ରାସ୍ତାର ସମ୍ମୁଖରେ ଏକ କର୍ଦ୍ଦମାକ୍ତ ଖାତ ଦେଖା ଦେଲା । ତାକୁ ଅତିକ୍ରମ କଲାବେଳେ ଶଗଡ଼ର ଚକ ଲାଖିଗଲା । ଯେତେ ପ୍ରୟାସ କଲେ ବି ସମ୍ମୁଖରେ କାଦୁଅ ଭରା ଖାତକୁ ଅତିକ୍ରମ କରିବା ସମ୍ଭବ ହେଲା ନାହିଁ । ତେଣୁ ଫେରି ଆସି ଭୀମ କୁବେରଙ୍କୁ ସମସ୍ୟାଟି ଅବଗତ କରାଇଲେ । କୁବେର ଭୀମଙ୍କୁ ପରାମର୍ଶ ଦେଇ କହିଲେ ଯେ ସେ ଅମାର ଘରୁ ଆଉ କେତେ ବସ୍ତା ଚାଉଳ ନେଇ ସେହି କର୍ଦ୍ଦମାକ୍ତ ଖାତଟିକୁ ସମତଳ କରି ଦିଅନ୍ତୁ ଓ ତା'ରି ଉପର ଦେଇ ଶଗଡ଼ ଗାଡ଼ି ନେଇ ଆଗେଇ ଯା'ନ୍ତୁ । ଭୀମଙ୍କର ଆଶ୍ଚର୍ଯ୍ୟର ସୀମା ନ ଥାଏ । ସେ ନୀରବରେ କୁବେରଙ୍କ ନିର୍ଦ୍ଦେଶ ପାଳନ କରି ଫେରି ଆସି କୁବେରଙ୍କୁ ପ୍ରଶ୍ନ କଲେ : ''ମୁଁ ଆପଣଙ୍କୁ ସାକ୍ଷାତ୍ କରିବା ଲାଗି ଆସିବା ସମୟରେ ଦେଖିଥିଲି ଯେ ଆପଣ ଭୂମି ଉପରେ ଏଣେ ତେଣେ ବିକ୍ଷିପ୍ତ ହୋଇ ପଡ଼ିଥିବା ଚାଉଳକୁ ଗୋଟି ଗୋଟି କରି ଗୋଟେଇ ପାତ୍ରରେ ଯତ୍ନର ସହ ସାଇତି ରଖୁଥିଲେ । ଅଥଚ କେତେ ବସ୍ତା ଚାଉଳ ନେଇ କର୍ଦ୍ଦମାକ୍ତ ଖାତକୁ ସମତଳ କରିଦେବା ଲାଗି କିପରି ପରାମର୍ଶ ଦେଇ ପାରିଲେ ?'' କୁବେର ଭୀମଙ୍କୁ ବୁଝେଇ କହିଲେ : ''ଭୂମି ଉପରେ ବିକ୍ଷିପ୍ତ ହୋଇ ପଡ଼ି ରହିଥିବା ଚାଉଳଗୁଡ଼ିକ ସଂଗ୍ରହ କରି ନ ଥିଲେ ତାହା କାହାରି ଦ୍ୱାରା ବ୍ୟବହୃତ ହୋଇପାରି ନ ଥା'ନ୍ତା । ଅନ୍ୟ ପକ୍ଷରେ କେତୋଟି ବସ୍ତା ଚାଉଳରେ ଖାତଟି ସମତଳ କରି ଦେବା ଦ୍ୱାରା ଶଗଡ଼ଗୁଡ଼ିକ ଠିକ୍ ସମୟରେ ଯୁଧିଷ୍ଠିରଙ୍କ ରାଜ୍ୟରେ ପହଞ୍ଚିଯିବ ଏବଂ ପ୍ରଜାଗଣଙ୍କ ସମେତ ସମସ୍ତେ ଆଶ୍ୱସ୍ତ ହେବେ ଓ ଏତତ୍ ଦ୍ୱାରା ବହୁଲୋକ ଉପକୃତ ହେବେ ।'' ଏହିପରି ଲୋଭଗ୍ରସ୍ତ ଲୋକର ସଂକେନ୍ଦ୍ରଣ ଶକ୍ତି ଓ ଉଦାର ବ୍ୟକ୍ତିର ସମ୍ପ୍ରସାରଣ ଶକ୍ତି କୁବେରଙ୍କ ଚରିତ୍ରରେ ଯୁଗପତ୍ ପ୍ରକାଶିତ ହୋଇଥିଲା ।

ଯିଏ ବିତ୍ତଶାଳୀ ସେ ଅନ୍ୟକୁ ଦାନ କରିପାରେ । କିନ୍ତୁ ଏ କ୍ଷେତ୍ରରେ ପାତ୍ର ଓ ଅପାତ୍ରର ବିଚାର ଅତି ଗୁରୁତ୍ୱପୂର୍ଣ୍ଣ । ଯୋଗ୍ୟ ବ୍ୟକ୍ତିକୁ ସାହାଯ୍ୟ ନ କରିବା ଯେପରି ଏକ ଅପରାଧ, ଅଯୋଗ୍ୟ ବ୍ୟକ୍ତିକୁ ଦାନ କରିବା ମଧ ସେହିପରି ଏକ ଅକ୍ଷମଣୀୟ ଅପରାଧ । ଏ ବିଷୟରେ ଧର୍ମରାଜ ଯୁଧିଷ୍ଠିର ଅର୍ଜୁନଙ୍କୁ ଅତି ବିସ୍ତାର ଭାବେ ଶାନ୍ତି ପର୍ବରେ ବୁଝାଇ କହିଛନ୍ତି, ଯାହାର ସାରମର୍ମ ହେଲା – ''ଦୂରଦୃଷ୍ଟିର ଅଭାବ ଯୋଗୁଁ ଯେଉଁ ବ୍ୟକ୍ତି ନିଜର ଧର୍ମାର୍ଜିତ ଅର୍ଥକୁ ଅଯୋଗ୍ୟ ବ୍ୟକ୍ତିକୁ ଦାନ କରିଥା'ନ୍ତି ସେ ଶହେ ବର୍ଷ ନର୍କବାସ କରନ୍ତି । ଯେଉଁ ବ୍ୟକ୍ତି ଅଯୋଗ୍ୟ ବ୍ୟକ୍ତିଙ୍କୁ ଦାନ କରି ଯୋଗ୍ୟ ବ୍ୟକ୍ତିଙ୍କୁ ଦାନ କରିବାରେ ବିଫଳ ହୋଇଥା'ନ୍ତି ସେ ମଧ ପାପଗ୍ରସ୍ତ ହୁଅନ୍ତି । କାରଣ ସେ ଯୋଗ୍ୟ ଓ ଅଯୋଗ୍ୟ ବ୍ୟକ୍ତିଙ୍କ ମଧରେ ଥିବା ଭିନ୍ନତା ବା ପାର୍ଥକ୍ୟ ଯଥାର୍ଥ ରୂପେ ନିରୂପଣ କରିପାରି ନ ଥା'ନ୍ତି । ଅପାତ୍ରରେ ଦାନ କରି ସତ୍ପାତ୍ରରେ ଦାନ ନ କରିବା – ଏ ଉଭୟ ପଦକ୍ଷେପ ହିଁ ଦୋଷାବହ । ତେଣୁ ଉଦାରତା ବା ବଦାନ୍ୟତା ପରି ଶ୍ରେୟଗୁଣକୁ ଆଚରଣ କଲାବେଳେ ଯଥେଷ୍ଟ ସତର୍କତା ଅବଲମ୍ବନ କରିବାକୁ ହେବ ଓ ଦୂର ଦୃଷ୍ଟିସମ୍ପନ୍ନ ହେବାକୁ ପଡ଼ିବ ।

ଉଦାରତା ବା ହିତୈଷଣା ଅନ୍ୟର ଯେପରି ପ୍ରକୃତ

ଉପକାରରେ ଲାଗିପାରେ ସେଥିପ୍ରତି ସଚେତନ ଓ ସଜାଗ ହେବାକୁ ପଡ଼ିବ । ସରକାରଙ୍କର ଟଙ୍କିକିଆ ଚାଉଳ ବିତରଣ ଓ ପାଞ୍ଚ ଟଙ୍କିଆ ଭୋଜନ ବ୍ୟବସ୍ଥାର ପଶ୍ଚାତରେ ସଦିଚ୍ଛା, ବଦାନ୍ୟତା ବା ହିତୈଷଣାର ଭାବନା ଅବଶ୍ୟ ରହିଛି । କିନ୍ତୁ ପରିଣାମ ସମ୍ପର୍କରେ ଅନୁଧ୍ୟାନ କଲେ ଲକ୍ଷ୍ୟ କରାଯାଏ ଯେ, ଏତତ୍ ଦ୍ୱାରା ଅନେକ ବ୍ୟକ୍ତି ଆଳସ୍ୟର ଶିକାର ହେବା ସଙ୍ଗେ ସଙ୍ଗେ ଆପଣା ଉପାର୍ଜିତ ଧନକୁ ଅନ୍ୟାନ୍ୟ କ୍ଷତିକାରକ ଅଭ୍ୟାସରେ ବିନିଯୋଗ କରୁଛନ୍ତି ।

ଏକଦା ଦଣ୍ଡକାରଣ୍ୟର ଆଦିମ ଅଧିବାସୀମାନଙ୍କ ଆର୍ଥିକ ସ୍ୱଚ୍ଛଳତାରେ ଉନ୍ନତି ଆଣିବା ନିମିତ୍ତ ଗାଈ, କୁକୁଡ଼ା, ଛେଳି, ମେଣ୍ଢା ଇତ୍ୟାଦି ଗୃହପାଳିତ ପଶୁମାନଙ୍କୁ ଯୋଗାଇ ଦିଆଗଲା । ପଶୁଗୁଡ଼ିକୁ ଲାଳନପାଳନ କରି ସେମାନଙ୍କର ବଂଶ ବିସ୍ତାର କରି ଜନଜାତି ଯେପରି ଅଧିକ ଲାଭବାନ୍ ହୋଇପାରିବେ ସେଥିଲାଗି ଏପରି ପଦକ୍ଷେପ ନିଆ ଯାଇଥିଲା । କିନ୍ତୁ ବର୍ଷକ ପରେ ରାଜସ୍ୱ ବିଭାଗର କର୍ମଚାରୀମାନେ ସେହି ଗ୍ରାମଗୁଡ଼ିକୁ ଯାଇ ଜାଣିବାକୁ ପାଇଲେ ଯେ ଇତି ମଧ୍ୟରେ ପଶୁଗୁଡ଼ିକୁ ସେମାନଙ୍କ ଆରାଧ୍ୟ ଠାକୁର ଠାକୁରାଣୀମାନଙ୍କୁ ବଳି ରୂପେ ଅର୍ପଣ କରି ଅଧିବାସୀଗଣ ଉଦରସ୍ଥ କରି ସାରିଛନ୍ତି । ନିଶ୍ଚିତ ରୂପେ ସେମାନଙ୍କୁ ଶିକ୍ଷିତ କରାଇବା, ନୂତନ ଚେତନାର ଆଭାସ ଦେବା, ମନୋଭାବ ପରିବର୍ତ୍ତନ କରିବା ଅଧିକ ଉପକାରୀ ହୋଇ ପାରନ୍ତା । ଆନ୍ତର ଚେତନାର ପରିବର୍ତ୍ତନ ନ କରି ବାହ୍ୟ ପରିସ୍ଥିତି ଓ ପରିବେଶକୁ ପରିବର୍ତ୍ତନ କରିବା ନିମିତ୍ତ ଯାବତୀୟ ପ୍ରୟାସ ବିଫଳତାରେ ହିଁ ପର୍ଯ୍ୟବସିତ ହୁଏ ।

ଶ୍ରୀମା କହନ୍ତି :

"And if all the efforts to improve human conditions have miserably failed in the end in spite of all the ardour and enthusiasm and self-consecration they have inspired at first, it is precisely because the transformation of the conditions of human life can only be achieved by another preliminary transformation, the transformation of the human consciousness."

(CWM, Vol. 12, P. 95)

ମଣିଷ ଜୀବନର ଅବସ୍ଥାରେ ଉନ୍ନତି ଆଣିବା ଲାଗି ପ୍ରାରମ୍ଭିକ ଯାବତୀୟ ଆଗ୍ରହ, ଉତ୍ସାହ ଓ ଆତ୍ମ-ତ୍ୟାଗ ସତ୍ତ୍ୱେ ସକଳ ଚେଷ୍ଟା ଯେ ଶେଷରେ ଶୋଚନୀୟ ଭାବେ ବିଫଳ ହୋଇଯାଏ, ତା'ର ସ୍ପଷ୍ଟ କାରଣ ହେଲା ସର୍ବପ୍ରଥମେ ଅନ୍ୟ ଏକ ପରିବର୍ତ୍ତନ ହେଲେ ଯାଇ ମନୁଷ୍ୟର ଜୀବନାବସ୍ଥାରେ ପରିବର୍ତ୍ତନ ସମ୍ଭବ ହେବ, ତାହା ହେଲା ମାନୁଷୀ ଚେତନାର ପରିବର୍ତ୍ତନ ।

(ମାତୃରଚନାବଳି - ୧୨, ପୃ. ୧୪୯)

ଉଦାରତା ଆତ୍ମାକୁ ଶାନ୍ତି ପ୍ରଦାନ କରେ । ଗ୍ରହଣ କରିବା ଅପେକ୍ଷା ଦାନ କରିବା ଅଧିକ ଶୁଭଙ୍କର । ଯଦି ଜଣେ ଉଦାର ସ୍ୱଭାବର ହୋଇଥାଏ, କୌଣସି ହିସାବ ନ ରଖି ଯିଏ ନିଜର ସବୁକିଛି ଓ ନିଜକୁ ସ୍ୱତଃସ୍ଫୂର୍ତ୍ତ ଭାବେ ଦେଇ ପାରୁଥାଏ, ତେବେ ସେ କଦାପି ଅସୁଖୀ ହୁଏ ନାହିଁ । ଯିଏ ସବୁବେଳେ ଖାଲି ନେବାକୁ ଚାହେଁ, ସବୁ ବିଷୟ ବସ୍ତୁକୁ ନିଜ ଆଡ଼କୁ ଟାଣି ଆଣୁଥାଏ ସେ ଜୀବନରେ କଦାପି ସୁଖୀ ହୋଇପାରେ ନାହିଁ । ମାନବସମାଜ ପାଇଁ ଉଭୟ ଉଦାରତା ଓ ବଦାନ୍ୟତା ଗୁଣର ଆବଶ୍ୟକତା ରହିଛି, କାରଣ –

"Nobleness and generosity are the soul's ethereal firmament; without them, one looks at an insect in a dungeon."

(CWM - 10, p. 282)

ଏହାର ଓଡ଼ିଆ ଭାବାନୁବାଦ ହେଲା – ''ସଦାଶୟତା ଓ ଉଦାରତା ହେଉଛି ଆତ୍ମାର ସ୍ୱର୍ଗୀୟ ଗଗନ ମଣ୍ଡଳ; ସେସବୁ ବିନା ଜଣେ ହୁଏତ ଭୂଗର୍ଭସ୍ଥ ବନ୍ଦୀଶାଳାରେ ଗୋଟିଏ କୀଟକୁ ଦେଖୁଥାଏ ମାତ୍ର ।'' ❑

ଏକମାତ୍ର ଦିବ୍ୟ ଭଗବତ୍ ଶକ୍ତି ହିଁ ଭାରତବର୍ଷକୁ ସାହାଯ୍ୟ କରିପାରିବେ । ଯଦି ତୁମେ ଦେଶ ମଧ୍ୟରେ ବିଶ୍ୱାସ ଓ ସଂହତି ସ୍ଥାପନ କରିପାର ତେବେ ଏହା ଯେକୌଣସି ମାନବ ସୃଷ୍ଟ ଶକ୍ତିଠାରୁ ଅଧିକ ଶକ୍ତିଶାଳୀ ହେବ ।

– ଶ୍ରୀମା

# କବି ନିଶିକାନ୍ତ

## (୧୧)

ସାଧନା ଜୀବନର ପ୍ରାରମ୍ଭିକ ଅବସ୍ଥାରେ ବାଧାବିପତ୍ତିର ତୀବ୍ର ଆଲୋଡ଼ନ ମୁହୂର୍ତ୍ତରେ ନିଶିକାନ୍ତଙ୍କୁ ଲିଖିତ ଶ୍ରୀଅରବିନ୍ଦଙ୍କର ପୁନଶ୍ଚ କେତୋଟି ପତ୍ରରୁ ଉଦ୍ଧୃତି :

''ଇତି ପୂର୍ବରୁ ମୁଁ ତୁମ ମଧ୍ୟରେ ଜାଗି ଉଠିଥିବା ବାଧା-ବିପତ୍ତିର ସ୍ୱରୂପ ସମ୍ବନ୍ଧେ ତୁମକୁ ଜଣାଇଛି ଯେ ସେଇଟି ହେଉଛି ତୁମ ପ୍ରାଣିକ ମନ ଓ ପ୍ରାଣିକ ଅହଂବୋଧର ବିଦ୍ରୋହ ବ୍ୟତୀତ ଅନ୍ୟ କିଛି ନୁହେଁ; ଏବଂ ଏକଥା ବି ତୁମକୁ ସୂଚାଇ ଦେଇଛି ଯେ କେଉଁ ଏକମାତ୍ର ପନ୍ଥା ଅନୁସରଣ କରି ଏହାକୁ ଅତିକ୍ରମ କରାଯାଇ ପାରେ । ତୁମ ଉପରେ ଆମର ଏକ ସ୍ୱତନ୍ତ୍ର ଏକାଗ୍ରତାର ସହାୟତାରେ, ତୁମର ଏକ ଆନ୍ତରିକ ପ୍ରଚେଷ୍ଟାରେ ତୁମେ ତୁମର ମନ ଓ ହୃଦୟରେ ପ୍ରଥମ କରି ଚୈତ୍ୟ-ଉନ୍ମୀଳନ ଘଟାଇ ପାରିଥିଲ, ଯାହାକି ସାମୟିକଭାବେ ତୁମେ ତୁମର ପ୍ରାଣିକ ଚେତନାରୁ ଯୌନ-ପ୍ରବୃତ୍ତିର ଆବେଶକୁ ଅପସରାଇ ଦେଇ ପାରିଥିଲ, ପ୍ରତ୍ୟାଖ୍ୟାନ କରି ପାରିଥିଲ । କିନ୍ତୁ, ଅଧିକାଂଶ କ୍ଷେତ୍ରରେ ଯେମିତି ଘଟିଥାଏ, ସାଧକର ପ୍ରାଣରେ ବସାବାନ୍ଧି ରହିଥିବା ଯାବତୀୟ ଅସ୍ୱଚ୍ଛ ବା ଲୁକ୍କାୟିତ, ଅହମିକା-ପ୍ରକାଶକ ସ୍ୱାର୍ଥପର ଚିନ୍ତାଧାରାସବୁ ଯେତେବେଳେ ବିଦ୍ରୋହ କରି ଉପରକୁ ଅର୍ଥାତ୍ ଜାଗ୍ରତ୍ ଚେତନାକୁ ଉଠି ଆସେ ଏବଂ ଯାବତୀୟ କାମନାବାସନା, ଦାବି, ନୈରାଶ୍ୟ, ଅଭିଯୋଗର ପ୍ରକୃତ ବା କାଳ୍ପନିକ କାରଣମାନ ଦର୍ଶାଇ ନିଜର ସ୍ୱଧର୍ମ ସମ୍ବନ୍ଧେ ବିଭିନ୍ନ ଭୁଲ୍ ଧାରଣା*, ମିଥ୍ୟା ବିଚାରଧାରା ଏବଂ ବିଶେଷତଃ କୌଣସି କିଛିକୁ ଦୃଢ଼ତାର ସହିତ ଅତ୍ୟାବଶ୍ୟକ ବୋଲି ଜାହିର କରିବାର ଭ୍ରାନ୍ତ ମନୋଭାବ ଯାହାକି ଚୈତ୍ୟ ଓ ଆଧ୍ୟାତ୍ମିକ ମନୋଭାବର ସମ୍ପୂର୍ଣ୍ଣ ବିପରୀତ ଏବଂ ସାଧନା ସକାଶେ ଯଥାର୍ଥ ମୌଳିକ ସର୍ତ୍ତସବୁର ସମ୍ପୂର୍ଣ୍ଣ ଅସଙ୍ଗତ ବା ବିରୋଧାତ୍ମକ ମନୋଭାବ — ଏହିସବୁ ହାବଭାବ ସାଧକ ମଧ୍ୟରେ ଏକ ସଙ୍ଗେ ଗୋଳିଆମିଶା ହୋଇ ଏକ ବିଶୃଙ୍ଖଳ ମିଶ୍ର ଅବସ୍ଥା (a confused farrago) ସୃଷ୍ଟି କରେ । ଏହି ଧରଣର ଅବସ୍ଥାସବୁର ବର୍ଣ୍ଣନାରେ ମୋ ପାଖକୁ ପ୍ରେରିତ ତୁମର ଏଇ ପତ୍ରଟି ଭରପୂର । ସାଧକର ଆଧ୍ୟାତ୍ମିକ ସମ୍ଭାବନା ବା ସୁଯୋଗକୁ ପଣ୍ଡ କରିଦେବା ସକାଶେ ବିରୋଧୀ ଶକ୍ତିରାଜି ତା'ର ଏଇ ଧରଣର ବିଶୃଙ୍ଖଳ ପ୍ରାଣିକ ଅବସ୍ଥାକୁ ବ୍ୟବହାର କରନ୍ତି ଏବଂ ତାକୁ ଏଠାରୁ ପଳାଇ ଯିବାକୁ ନଛୋଡ଼ବନ୍ଦା ହୋଇ ନିର୍ଦ୍ଦେଶ ଦେବାରେ ଲାଗିଥା'ନ୍ତି । ତେଣୁ ଏ କ୍ଷେତ୍ରରେ ତୁମର ଏକମାତ୍ର ସମ୍ଭାବନା ବା ସୁଯୋଗ ଗ୍ରହଣ କରିବା ହେଉଛି ଏହିସବୁ ଭ୍ରାନ୍ତ ଧାରଣା ଓ ଭ୍ରାନ୍ତ ବିଶ୍ୱାସର ଅନୁପ୍ରବେଶକୁ ନିଜ ଭିତରେ ପ୍ରବେଶ କରିବାକୁ ନ ଦେଇ ଏକେବାରେ ଏହାର ବିପକ୍ଷରେ ଅସମ୍ମତ ହୋଇ ଉଠିବା ଏବଂ ଏହିସବୁ ପ୍ରରୋଚନା ପ୍ରତି ଆଦୌ କର୍ଣ୍ଣପାତ ନ କରିବା । ଆତ୍ମ-ନିବେଦନର ଏକ ଯଥାର୍ଥ ମନୋଭାବକୁ ଦୃଢ଼ତାର ସହିତ ସର୍ବାନ୍ତଃକରଣରେ ବରଣ କରିନେବା ଏବଂ ଯାବତୀୟ କାମନା-ବାସନା, ଦାବି, ଅହଂକାର ଓ ତୁମ ପ୍ରାଣିକ ମନର ଉପରବର୍ଣ୍ଣିତ ମନୋବୃତ୍ତିକୁ ପ୍ରତ୍ୟାଖ୍ୟାନ କରିବା ଯାହାକି ବସ୍ତୁସକଳ ପ୍ରତି ଏକ ଭୁଲ୍ ଧାରଣାରେ ଭରପୂର ରହିଥାଏ । ଏପରିକି ଆପାତତଃ ଯୁକ୍ତିଯୁକ୍ତ ଧାରଣା ବୋଲି ମନେ ହେଉଥିଲେ ମଧ୍ୟ ଏହା ଉପରେ ଆସ୍ଥା ବା ବିଶ୍ୱାସ ରଖାଯାଇ ପାରିବ ନାହିଁ ।

''ତୁମ ଆଗରୁ ଅନ୍ୟମାନେ ସେମାନଙ୍କର ପ୍ରାଣିକ ମନ ଓ ଅହଂକାରର ଭ୍ରାନ୍ତିପୂର୍ଣ୍ଣ ଘୂର୍ଣ୍ଣିରେ ପଡ଼ି ଏହାକୁ ଯଥାର୍ଥ ବୋଲି ସାବ୍ୟସ୍ତ କରି ଅବାଧରେ ଉପଭୋଗ କରିଛନ୍ତି । ଫଳ ସ୍ୱରୂପ ସେମାନେ ଅପରିବର୍ତ୍ତନୀୟ ଭାବେ ବାରଂବାର ପ୍ରାଣିକ ସଙ୍କଟର ସମ୍ମୁଖୀନ ହୋଇଛନ୍ତି ଏବଂ କେତେକଙ୍କ କ୍ଷେତ୍ରରେ ସାଧନାରେ ବିଫଳ ମନୋରଥ ହୋଇ ଏଠାରୁ ପ୍ରସ୍ଥାନ କରିଛନ୍ତି; ଅନ୍ୟ କେତେକଙ୍କ କ୍ଷେତ୍ରରେ ସେମାନଙ୍କର ଚୈତ୍ୟସତ୍ତାର ବାରଂବାର ତୀବ୍ର ପ୍ରତିକ୍ରିୟା ବା ହସ୍ତକ୍ଷେପ ଫଳରେ ପରିଶେଷରେ ସେହି ବିଶୃଙ୍ଖଳ ଅବସ୍ଥାରୁ ବାହାରି ଆସିବାକୁ ସଫଳ ହୋଇଛନ୍ତି ।

* କବିତା ରଚନା ଏବଂ ଚିତ୍ର ଆଙ୍କିବା ସମ୍ବନ୍ଧେ ଅଧୁନା ତୁମର ଯେଉଁ ମନୋଭାବ ସୃଷ୍ଟି ହୋଇଛି, ସେଇଟି ହେଉଛି ତୁମ ପ୍ରାଣିକ ମନ ଓ ଅହଂକାରସମ୍ଭୂତ ଭ୍ରାନ୍ତ ଧାରଣାର ଅନ୍ତର୍ଭୁକ୍ତ । ଏହା ତୁମ ସାଧନାରେ କ୍ଷତି ଘଟାଇବା ସକାଶେ ଚତୁର ଭାବରେ ସୃଷ୍ଟି କରାଯାଇଥିବା ଏକ ତ୍ରୁଟି, ଅର୍ଥାତ୍ ବିରୋଧୀ ଶକ୍ତିରାଜିର ଏକ ଚାଲବାଜ ।

ପୁନଶ୍ଚ ଆମେ ଜାଣିଛୁ ଯେ ଏହି ପରିସ୍ଥିତିରେ ପ୍ରାଣିକ ମନର ଦୃଢ଼ ଭାବରେ ଅଧିକାର ଜାହିର କରିବା, କୋଳାହଳପୂର୍ଣ୍ଣ ଆପତ୍ତି ଏବଂ ଚୂଡ଼ାନ୍ତ ପ୍ରସ୍ତାବର ପ୍ରରୋଚନାରେ କିଛି କରିବାକୁ ଆଗଭର ହୋଇ ଉଠିବା ହେଉଛି ବାଧାବିପତ୍ତିର ସମ୍ମୁଖୀନ ହେବାରେ ଅତ୍ୟନ୍ତ କଦର୍ଯ୍ୟ ପନ୍ଥା । ଏହା ଫଳରେ ଅହଂ-ପ୍ରବୃତ୍ତିର ଦୃଢ଼ ଦାବି, ବିଦ୍ରୋହର ହଠାତ୍ ବିସ୍ଫୋରଣ ଘଟିଥାଏ ଏବଂ ପୁନଃ ପୁନଃ ପ୍ରାଣିକ ସଙ୍କଟାବସ୍ଥା ଆସେ ଯାହାକି ଅବିରତ ଭାବରେ ଲାଗି ରହିଥାଏ । ତେଣୁ ତୁମେ ତୁମ ମସ୍ତିଷ୍କରୁ ଏହି ଭ୍ରାନ୍ତ ଧାରଣାଟିକୁ ସମ୍ପୂର୍ଣ୍ଣ ରୂପେ ମୂଳୋତ୍ପାଟନ କରିଦେବା ଉଚିତ ଯେ ଶ୍ରୀମା'ଙ୍କ ପାଖରୁ ଏଇଟା ବା ସେଇଟା ଦାବି କରିବାର ଅଧିକାର ତୁମର ରହିଛି । ତୁମେ ତାଙ୍କୁ ଭଗବତୀ ଜନନୀ ରୂପେ ବରଣ କରି ନେଇଛ ବୋଲି ସେ ଯେ ପ୍ରତିଟି କଥାରେ ତୁମକୁ ସନ୍ତୁଷ୍ଟ କରିବାକୁ ବାଧ୍ୟ ଏବଂ ଏଥିରେ ତାଙ୍କର କୌଣସି ଅସମ୍ମତି ପ୍ରକାଶ କରିବା ଅର୍ଥ ତୁମ ପ୍ରତି ଏକ ଅପରାଧମୂଳକ ସିଦ୍ଧାନ୍ତ ନେଇଛନ୍ତି, ଯାହା ଫଳରେ ତୁମେ ଭୟଙ୍କର କ୍ରୋଧ ପ୍ରକାଶ କରିପାର ।

''ଶ୍ରୀମା ତାଙ୍କର ଦିବ୍ୟ ଦୃଷ୍ଟି ଓ ଦିବ୍ୟ ବୁଝାମଣାରେ ପୂର୍ଣ୍ଣ ସ୍ୱାଧୀନ ଭାବେ ପ୍ରତିଟି କାର୍ଯ୍ୟ ଓ ପ୍ରତିଟି କଥାର ସିଦ୍ଧାନ୍ତ ନିଅନ୍ତି ଏବଂ ତାଙ୍କୁ ସାଧକମାନଙ୍କର କାମନାବାସନା, ମତାମତ କିଂବା ଦୃଢ଼ ଦାବି ମୁତାବକ କାର୍ଯ୍ୟ କରନ୍ତୁ ବୋଲି ଆଶା କରାଯାଇ ପାରିବ ନାହିଁ କିଂବା ସେମାନେ ସେମାନଙ୍କର ମନରେ ତାଙ୍କ କର୍ମଧାରାର ଉଦ୍ଦେଶ୍ୟ ବା ପଦ୍ଧତି ଓ ପରିଚାଳନା ସମ୍ବନ୍ଧେ ବିବେଚନା କରି ଆଦୌ ସିଦ୍ଧାନ୍ତ ନେଇ ପାରିବେ ନାହିଁ । କାହିଁକି ନା ଶ୍ରୀମା'ଙ୍କର କର୍ମଧାରାର ସ୍ୱରୂପ କେବେ ହେଲେ ଅତି ସାଧାରଣ ଚେତନାର ଗତିବିଧିରେ ଅନବରତ ଅବଗାହନ କରୁଥିବା ସାଧକମାନଙ୍କର ମନ ସ୍ତରର ଅନ୍ତର୍ଭୁକ୍ତ ନୁହେଁ । ତାଙ୍କ ସକାଶେ ସାଧକମାନଙ୍କର ନିର୍ଦ୍ଦେଶ ବା ସେମାନଙ୍କର ଦାବି ଓ ବାସନାଜନିତ ଅନୁରୋଧ ପାଳନ କରିବା ଅର୍ଥ ନିଜ ଉଦ୍ଦେଶ୍ୟକୁ ନିରର୍ଥକ କରି ଦେବା ଏବଂ ତାଙ୍କ ସକାଶେ ଏହା ଏକ ନିଷ୍ଫଳ କାର୍ଯ୍ୟ ହେବ ।

''ଏତଦ୍‌ବ୍ୟତୀତ ଏହି ଯୋଗର ପ୍ରଧାନ ନୀତି ହେଉଛି ଭଗବାନଙ୍କ ନିକଟରେ ସାଧକର ଆତ୍ମ-ନିବେଦନ ଓ ସମର୍ପଣ ଏବଂ ତା' ନିଜର ଚେତନାଠାରୁ ଊର୍ଦ୍ଧ୍ୱତର ଏକ ଚେତନା ଦ୍ୱାରା ପ୍ରଦର୍ଶିତ ମାର୍ଗକୁ ଅନୁସରଣ କରିବା । ଏହି ସ୍ଥିତିର ଉତ୍‌କ୍ରମଣ ବା ଉଲ୍ଲଙ୍ଘନ ଏବଂ ଭଗବାନଙ୍କ ଉପରେ ବା ଗୁରୁଙ୍କ ଉପରେ ନିଜସ୍ୱ ନିମ୍ନ ଚେତନାର ଇଚ୍ଛା ବା ପ୍ରବୃତ୍ତିକୁ ଲଦି ଦେବା କସ୍ମିନ୍ କାଳେ ଗ୍ରହଣୀୟ ନୁହେଁ; ତଥାପି ଦାବି ଜାହିର କରୁଥିବା ତୁମ ଚିଠିରେ ଯେଉଁ ମନୋବୃତ୍ତି ପୋଷଣ କରିଛ ସେଇଟି ଏହି ସମାନ ସ୍ଥିତି ବ୍ୟତୀତ ଅନ୍ୟ କିଛିକୁ ବୁଝାଉ ନାହିଁ । ଯଦି ତୁମେ ବାଧାବିପତ୍ତିରୁ ଉଦ୍ଧାର ପାଇବା ପାଇଁ ଚାହଁ ତେବେ ଏହି ଉପସ୍ଥିତ ମନୋଭାବ ନିଶ୍ଚିତ ରୂପେ ତୁମ ମଧ୍ୟରୁ ଅନ୍ତର୍ହିତ ହୋଇଯିବା ଉଚିତ ।

''ପରିସ୍ଥିତିଟିକୁ ବୁଝାଇବା ପାଇଁ ଏବଂ ତୁମ ସକାଶେ ଏହାକୁ ବିପଦଶୂନ୍ୟ କରି ଦେବା ପାଇଁ ଚେଷ୍ଟା କରିଛି ମାତ୍ର । ଏଥିରେ ମୁଁ ଯେଉଁସବୁ କଥା ଉତ୍ଥାପନ କରିଛି ବା ବର୍ଣ୍ଣନା କରିଛି, ସେସବୁକୁ ତୁମେ ଗ୍ରହଣ କରିପାର ବା ନ କରିପାର – ତୁମ ଉପରେ ଏହା ନିର୍ଭର କରୁଛି; କିନ୍ତୁ ସାଧନା ସକାଶେ ଏହା ହିଁ ଏକମାତ୍ର ସମ୍ଭାବ୍ୟ ପନ୍ଥା ।''

(CWSA, Vol. 31, P. 223 - 25)

*

''ବର୍ତ୍ତମାନ ମୁଁ କେବଳ ଏତିକି କହିପାରେ ଯେ ତୁମେ ଗୋଟିଏ ପରେ ଗୋଟିଏ ଅଙ୍ଗେ ଲିଭାଉଥିବା ଏହି ଘଟଣାସବୁ ହେଉଛି ଗୋଟିଏ ପକ୍ଷରେ ଚୈତ୍ୟସତ୍ତା ଓ ଚୈତ୍ୟ ପ୍ରଭାବ ପ୍ରତି ତୁମ ମନ ଓ ପ୍ରାଣର ଉନ୍ମୁକ୍ତ ଥିବା ଅଂଶସବୁ ଏବଂ ଅନ୍ୟ ପକ୍ଷରେ ତୁମର ବିଦ୍ରୋହୀ ପ୍ରାଣ – ଏ ଦୁଇଟି ମଧ୍ୟରେ ସଂଘଟିତ ସଂଘର୍ଷ । ବିଦ୍ରୋହୀ ପ୍ରାଣର ଅଂଶଗୁଡ଼ିକ ସର୍ବଦା ନିଜର ଅହଂବୋଧରୁ ଉଦ୍ଭୂତ ବାସ୍ତବ ବା କଳ୍ପିତ ଅଭିଯୋଗ ଯାହାକି ଦୈହିକ ବା ମାନସିକ ଦୁଃଖକଷ୍ଟରେ ଅଧିକ ଉଦ୍‌ବିଗ୍ନ ହୋଇ ପ୍ରବଳ ଭାବରେ ଚିତ୍କାର କରୁଥାଏ । ଏହା ହେଉଛି ଏକ ସଂଗ୍ରାମ ଯାହା ଭିତର ଦେଇ ତୀବ୍ର ଭାବରେ ପ୍ରାୟ ଉଣାଧିକେ ପ୍ରତ୍ୟେକ ସାଧକଙ୍କୁ ଅତିକ୍ରମ କରିବାକୁ ହୋଇଥାଏ; କିନ୍ତୁ ଏହି ଦୁଃଖକଷ୍ଟ ଓ ସଂଗ୍ରାମରୁ ଉଦ୍ଧାର ପାଇବାର ଏକମାତ୍ର ପନ୍ଥା ହେଉଛି ମନ ନିଜକୁ ଆତ୍ମା ବା ଚୈତ୍ୟ ପ୍ରଭାବ ପ୍ରତି ସର୍ବାନ୍ତଃକରଣରେ ଉପସ୍ଥାପିତ କରିବା ଏବଂ ସମଗ୍ର ପ୍ରାଣକୁ ଯଥାର୍ଥ ମନୋଭାବ ପୋଷଣ କରିବା ପ୍ରତି ଆନୟନ କରିବା । ପୁନଶ୍ଚ ଆମେ ଏହି ଧରଣର ବାଧାବିପତ୍ତି ସମ୍ବନ୍ଧେ ଆଦୌ କିଛି ବି ଜାଣି ନାହୁଁ – ଏପରି ଚିନ୍ତାକୁ ନିଜ ଭିତରେ ପ୍ରଶ୍ରୟ ଦେବା ହେଉଛି ଅତ୍ୟନ୍ତ ଅଯୌକ୍ତିକ ଏକ ମୂଢ଼ତା; ପକ୍ଷାନ୍ତରେ ଆମେ ଏସବୁ ସମ୍ବନ୍ଧେ ବେଶ୍ ପରିଚିତ, ଅଧିକନ୍ତୁ ଆମେ ଏକଥା ସମ୍ବନ୍ଧେ ବି ବେଶ୍

ପରିଚିତ ଯେ ଏହି ସମସ୍ୟାର ସମାଧାନ ବିଦ୍ରୋହୀ ପ୍ରାଣର ତୃପ୍ତି ଲାଭରେ ନିହିତ ନ ଥାଏ । କିନ୍ତୁ ଅନ୍ତରାତ୍ମା ନିକଟରେ, ଭଗବାନଙ୍କ ନିକଟରେ ପ୍ରାଣର ବିନମ୍ର ନିବେଦନ ଓ ସମର୍ପଣରେ ହିଁ ଏହାର ସମାଧାନ ନିହିତ ରହିଛି ।''

(CWSA, Vol. 31, P. 149)

*

''ତୁମେ ଏବେ ଅଗ୍ରଗତି କରିବାକୁ ସକ୍ଷମ ହୋଇ ପାରିଛ, କାରଣ ଏବେ ତୁମେ ତୁମର ଦାବି, ଦୁଃଶ୍ଚିନ୍ତା, ଅଶାନ୍ତି ପ୍ରକାଶରୁ କେତେକ ମାତ୍ରାରେ ମୁକ୍ତ ହୋଇ ଉଠିଛ । ତୁମ ଭିତରେ ଏକ ମାନସିକ ସମତା ଆସିଛି ଏବଂ ଶ୍ରୀମା'ଙ୍କ ପ୍ରତି ଉନ୍ମୁକ୍ତ ରହିବାରେ ବିଶ୍ୱାସ, ଭରସା ଆସିଛି । ଏହା ହିଁ ହେଉଛି ତୁମର ପ୍ରଧାନ ଶକ୍ତି, ସାମର୍ଥ୍ୟ ଏବଂ ତୁମେ ଏହାକୁ କସ୍ମିନ୍‌କାଳେ ଆଲୋଡ଼ିତ ହେବାକୁ ପ୍ରଶ୍ରୟ ଦେବ ନାହିଁ କିଂବା ତୁମଠୁ ଏହାକୁ ଅପସାରିତ ବା ଅନ୍ତର୍ହିତ ହେବାକୁ ଦେବ ନାହିଁ । ତୁମେ ତୁମ 'ଜନ୍ମଦିନ' କବିତାଟିରେ ବର୍ଣ୍ଣନା କରିଥିବା ହୃଦ୍‌ଗତ ମନୋଭାବ ହେଉଛି ତୁମ ସକାଶେ ଏକେବାରେ ଯଥାର୍ଥ । ଏହି କାରଣରୁ ଏହା ଯଥାର୍ଥ ଯେ ତୁମେ ଏବେ ଠିକ୍ ପଥରେ ଅଗ୍ରଗତି କରିବାକୁ ଉନ୍ମୁକ୍ତ ହୋଇ ରହିଛ, ଯେଉଁ ପଥରୁ ତୁମକୁ ବିଚ୍ୟୁତ କରିବା ସକାଶେ ବିରୋଧୀ ଶକ୍ତିରାଜି ତୁମ ମଧ୍ୟରେ ଅନବରତ ଅସନ୍ତୋଷର ଭାବ ବା ଏଠାରୁ ଚାଲିଯିବାର କୁ-ମନ୍ତ୍ରଣା ଅନୁପ୍ରବେଶ କରାଇବାରେ ଲାଗିଥିଲେ ।

''ଯେହେତୁ ଇତିପୂର୍ବରୁ 'କ'ଙ୍କ କ୍ଷେତ୍ରରେ ଏବଂ ବେଶ୍ ଅନେକଙ୍କ କ୍ଷେତ୍ରରେ ବିରୋଧୀ ଶକ୍ତିରାଜି ଏହି ସମାନ ଧରଣର, ଅର୍ଥାତ୍, 'ଅବସାଦ, ଅତ୍ୟଧିକ ଦୁଃଖକଷ୍ଟ, ଅଶାନ୍ତି ଆଦିର ମନୋଭାବ ପୋଷଣ କରିବାର ପ୍ରବୃତ୍ତି'ର ଅବସ୍ଥା ଉପୁଜାଇଛନ୍ତି । ସେହି ବିରୋଧୀ ଶକ୍ତିରାଜି ତୁମ ଉପରେ ସମାନ ଧରଣର ନୈତିକ ଚାପ ପ୍ରୟୋଗର ଏକ ଉପାୟ ସ୍ୱରୂପ ଏପରି ଅବସ୍ଥା ଆରୋପ କରିଥିଲା; କିନ୍ତୁ ତୁମେ ଏସବୁକୁ ପ୍ରଶ୍ରୟ ଦେବାର କୌଣସି କାରଣ ନାହିଁ । ପୁନଶ୍ଚ ଆମେ ଆମର ଯୋଗଶକ୍ତିର ଚାପରେ ଅନେକ ସାଧକଙ୍କୁ ଏଠାରୁ ଦୂରେଇ ଦେବାକୁ ବାଧ କରିଛୁ ଏବଂ ଭବିଷ୍ୟତରେ ମଧ୍ୟ ଅନେକଙ୍କୁ ଏଠାରୁ ଚାଲିଯିବା ସକାଶେ ବାଧ କରିବୁ – ଏହି ଧାରଣା ହେଉଛି ସାମ୍ପ୍ରତିକ ଆଶ୍ରମରେ ଅତ୍ୟଧିକ ମାତ୍ରାରେ ଆଳସ୍ୟ ପରାୟଣ ବେକାର ମସ୍ତିଷ୍କର ସାଧକମାନଙ୍କ ଉଦ୍ଭାବିତ ନିର୍ବୋଧ ଧାରଣାଗୁଡ଼ିକ ମଧ୍ୟରୁ ଅନ୍ୟତମ । ପ୍ରକୃତରେ କହିବାକୁ ଗଲେ ଆମେ କେବେ ହେଲେ କୌଣସି ସାଧକକୁ ଏଠାରୁ ଚାଲିଯିବା ସକାଶେ ଚାପ ପ୍ରୟୋଗ କରୁ ନାହିଁ, ଏହା ଅସମ୍ଭବ । ଆମମାନଙ୍କର ହସ୍ତକ୍ଷେପ ବା କର୍ମଧାରା ହେଉଛି ଏହାର ସମ୍ପୂର୍ଣ୍ଣ ବିପରୀତ । ଏହି ଧରଣର ଭ୍ରାନ୍ତ ଧାରଣାସବୁ ବିପରୀତ ଅଦିବ୍ୟ ଶକ୍ତିର ଚାତୁରୀ ଯାହାକି ସାଧକମାନଙ୍କୁ ଦିଗ୍‌ଭ୍ରାନ୍ତ କରି ଏଠାରୁ ଚାଲି ଯିବାକୁ ପ୍ରରୋଚନା ବା ଚାପ ଦେଇଥାଏ, ଯଦ୍ୱାରା ସେମାନେ ସେମାନଙ୍କର ସାଧନା କରି ପାରିବାର ସମ୍ଭାବନା ଓ ସୁଯୋଗକୁ ହରାଇ ପାରିବେ । ଏ କ୍ଷେତ୍ରରେ ଯଦି ସାଧକମାନଙ୍କର ପ୍ରାଣ ଖୁବ୍ ବିଚଳିତ, ଅସ୍ଥିର ଥାଏ ତେବେ ସେମାନେ ଏହି ପ୍ରଭାବଶାଳୀ ଶକ୍ତିର କବଳରେ ପଡ଼ି ତା'ର କୁ-ମନ୍ତ୍ରଣାସବୁକୁ ଗ୍ରହଣ କରନ୍ତି ଏବଂ ଏଠାରୁ ଚାଲିଯିବା ସକାଶେ ଆନ୍ତରିକ ଭାବରେ ଇଚ୍ଛା ପୋଷଣ କରିବାକୁ ଆରମ୍ଭ କରି ଦିଅନ୍ତି । ଯଦି ସେମାନେ ନଛୋଡ଼ବନ୍ଧା ହୋଇ ଅତ୍ୟଧିକ ମାତ୍ରାରେ ସେହି ଇଚ୍ଛା ପୋଷଣ କରନ୍ତି ତେବେ ସେ କ୍ଷେତ୍ରରେ ଆମେ ସେମାନଙ୍କୁ ଏଠାରୁ ଚାଲିଯିବାରେ କୌଣସି ବାଧା ଦେଉ ନାହିଁ, କାହିଁକି ନା ଯେଉଁମାନେ ଭଗବାନଙ୍କୁ ଚାହାନ୍ତି ନାହିଁ ବା ଶେଷ ପର୍ଯ୍ୟନ୍ତ ଭଗବତ୍ ମାର୍ଗ ଅନୁସରଣ କରିବାକୁ ଅନିଚ୍ଛୁକ ବା ଯେଉଁମାନେ ଯୌନ-ପ୍ରବୃତ୍ତି, ଯଶଖ୍ୟାତି, ଆନନ୍ଦ ଉପଭୋଗ ଏବଂ ଏଇ ଧରଣର ଯାବତୀୟ ସମ୍ଭୋଗକୁ ଭଗବତ୍ ମାର୍ଗ ଅନୁସରଣ କରିବା ଅପେକ୍ଷା ଅଧିକ ବାଞ୍ଛନୀୟ ବୋଲି ନିଷ୍ପତ୍ତି ନେଇ ସାରିଥା'ନ୍ତି, ସେମାନଙ୍କ ଉପରେ ଭଗବାନଙ୍କୁ ଆରୋପ କରିବା କସ୍ମିନ୍‌କାଳେ ସମ୍ଭବ ନୁହେଁ ।''

(୩୧ ମାର୍ଚ୍ଚ ୧୯୩୭) (CWSA, Vol. 32, P. 371-72)

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା

❑❑❑

ଭାରତ ପୃଥିବୀରେ ତା'ର ଯଥାର୍ଥ ଆସନ ଗ୍ରହଣ କରିବ କେବଳ ସେତିକିବେଳେ ଯେତେବେଳେ ସେ ପୂର୍ଣ୍ଣାଙ୍ଗ ଭାବରେ ହୋଇ ଉଠିବ ଦିବ୍ୟ ଜୀବନର ବାର୍ତ୍ତାବହ ।

– ଶ୍ରୀମା

କାହାଣୀ :

# ଡ୍ୟାନ୍ କିପରି ସନ୍ତରଣ ପାଇଁ ସାହସ ସଂଚୟ କଲା

## ମୀରା ଗୁଥୀ

[ଭୟ ହେଉଛି ଲୁକ୍କାୟିତ ହୋଇ ରହିଥିବା ଏକ ସମ୍ମତି । ତୁମେ ଯେତେବେଳେ କୌଣସି ଜିନିଷକୁ ଭୟ କର, ଏହାର ଅର୍ଥ ହେଉଛି ତୁମେ ଏହାର ସମ୍ଭାବନାକୁ ପ୍ରବେଶ କରିବା ସକାଶେ ଅନୁମତି ଦିଅ ଏବଂ ଏହିପରି ଭାବେ ଏହାକୁ ବଳବତ୍ତର କରାଅ । କୁହାଯାଇପାରେ ଯେ ଏହା ହେଉଛି ଅବଚେତନାର ଏକ ସମ୍ମତି । ଭୟକୁ ଜୟ କରିବାର ଅନେକ ଉପାୟ ରହିଛି । ସାହସ, ବିଶ୍ୱାସ, ଜ୍ଞାନ – ଏଗୁଡ଼ିକ ହେଉଛନ୍ତି ସେହି ଉପାୟଗୁଡ଼ିକ ମଧ୍ୟରୁ କେତୋଟି ।
(CWM : Vol. 14, p. 243) – ଶ୍ରୀମା]

ଡ୍ୟାନ୍ ସମୁଦ୍ର ଉପକୂଳବର୍ତ୍ତୀ ଏକ କ୍ଷୁଦ୍ର ସହରରେ ବାସ କରୁଥିଲା । ସମୁଦ୍ର ତା'ର ଭାରି ପ୍ରିୟ । ଢେଉସବୁ ବେଳାଭୂମି ଛୁଇଁ ଫେରି ଯାଉଥିବା ବେଳେ ଡ୍ୟାନ୍‌ର ପାଦ ଗୋଇଠି ତଳେ ପାଣି ଫୋଟକାମାନେ ଫାଟି ମିଳାଇ ଯିବାର ଅପୂର୍ବ ଅନୁଭୂତି ଏବଂ ପ୍ରତ୍ୟେକଟି ଲେଉଟା ଢେଉ ସହ ତା'ର ପାଦ ଧୀରେ ଧୀରେ ବାଲି ତଳେ ପୋତି ହୋଇ ପଡୁଥିବାର ଶିହରଣ ତା' ପାଇଁ ଖୁବ୍ ଉପଭୋଗ୍ୟ ।

ସେ ସମୁଦ୍ରକୁ ଯେତିକି ଭଲ ପାଉଥିଲା ସେତିକି ଭୟ ବି କରୁଥିଲା – ବିଶେଷ କରି ଝଡ଼ ସମୟରେ ଯେତେବେଳେ ଉତ୍ତାଳ ତରଙ୍ଗ ଫୁଲି ଉଠି ଭୀଷଣ ଗର୍ଜନ କରି କୂଳରେ ସଜୋରରେ ବାଡ଼େଇ ହୋଇ ଯାଉଥିଲା ଆଉ ପ୍ରବଳ ଝଞ୍ଜା ଢେଉମାଳାକୁ ଉନ୍ମତ୍ତ କରି ତୋଳୁଥିଲା । ତା' ହୃଦୟର ଗଭୀର ଗହନରେ ଏହି ଭୟ ଶକ୍ତ ଓ ଜମାଟ ବାନ୍ଧି ରହିଥିଲା । କେଉଁଠୁ ଓ କେବେ ଏ ଭୟର ଉତ୍ପତ୍ତି ତାକୁ ଜଣା ନ ଥିଲା; କିନ୍ତୁ ଏତିକି ସେ ଜାଣି ଥିଲା ଯେ ଏହି ଭୟ ତାକୁ କେବେ ହେଲେ ସମୁଦ୍ରରେ ସନ୍ତରଣ କରିବାକୁ ଦେବ ନାହିଁ ।

ଯେତେବେଳେ ସମୁଦ୍ରର ବେଳାଭୂମିରେ ତା'ର ବନ୍ଧୁମାନେ ଫୁଟବଲ ଖେଳି ସାରି ସମୁଦ୍ରରେ ସନ୍ତରଣ ପାଇଁ ଲମ୍ଫ ଦେଉଥିଲେ, ଡ୍ୟାନ୍ କୂଳରେ ସେମିତି ବସି ରହୁଥିଲା । ବନ୍ଧୁମାନେ ତାକୁ ହାତ ହଲାଇ, ପାଟି କରି ଡାକୁଥିଲେ ସେମାନଙ୍କ ସହ ଯୋଗ ଦେବା ପାଇଁ । ସେ ନିଜକୁ ନିଜେ କହୁଥିଲା, ''ଆଜି ନୁହେଁ, ଆଉ ଦିନେ ଯିବି...'' – କିନ୍ତୁ ସେ ଅନ୍ୟ ଦିନଟି କେବେ ବି ଆସୁ ନଥିଲା ।

ଥରେ ଏକ ନୂଆ ପରିବାର ତାଙ୍କ ସହରକୁ ଆସିଲେ ଏବଂ ଡ୍ୟାନ୍‌ର ଘର ପାଖରେ ଭଡ଼ାଘରଟିଏ ନେଇ ରହିଲେ । ତାଙ୍କ ସହ ଆସିଥିବା ତାଙ୍କର ପୁଅ ଡ୍ୟାନ୍‌ର ସମବୟସୀ ଥିଲା ।

ସେ ନୂଆ ପରିବାର ଆସିବାର ଅଳ୍ପ କେତେ ସପ୍ତାହ ପରେ ଡ୍ୟାନ୍ ଯେତେବେଳେ ସମୁଦ୍ର କୂଳରେ ଅସହାୟ ଦୃଷ୍ଟିରେ ବନ୍ଧୁମାନଙ୍କୁ ସନ୍ତରଣ କରୁଥିବାର ଚାହିଁ ରହିଥିଲା, ସେ ନୂତନ ଆଗନ୍ତୁକ ବାଳକଟି ଆସି ତା' ପାଖରେ ବସିଲା ।

ସେ ନିଜର ପରିଚୟ ଦେବାକୁ ଯାଇ କହିଲା, ''ମୋ ନାମ ଆରନ୍'' ।

ଉତ୍ତରରେ ଡ୍ୟାନ୍ କହିଲା, ''ମୁଁ ହେଉଛି ଡ୍ୟାନ୍'' ।

ଆରନ୍ ପଚାରିଲା, ''ତୁମେ ତୁମର ବନ୍ଧୁମାନଙ୍କ ସହ ସନ୍ତରଣରେ ଯୋଗ ଦେଉ ନାହଁ କାହିଁକି ?''

ନିଜର ଭୟକୁ ଗୋପନ ରଖି ଡ୍ୟାନ୍ ସାମାନ୍ୟ କାନ୍ଧ ଦୋହଲାଇ ମିଥ୍ୟାର ଆଶ୍ରୟ ନେଇ କହିଲା, ''ମୁଁ ସମୁଦ୍ରକୁ ଏତେ ବେଶୀ ଭଲ ପାଏନା ।''

ଆରନ୍ କହିଲା, ''ଓଃ, ଏମିତି କଥା ।''

କେଉଁ ବିଷୟରେ ଗପସପ ହେବେ ବୁଝି ନ ପାରି ଦୁଇଜଣ କିଛି ସମୟ ନୀରବରେ ବସି ରହିଲେ ।

ଆରନ୍ କିଛିଟା ସଭ୍ରମତା ରକ୍ଷା କରି ପଚାରିଲା, ''ତୁମେ ଓ ତୁମର ବନ୍ଧୁମାନେ କ'ଣ ନିୟମିତ ଏଠାକୁ ଆସ ?''

''ପ୍ରାୟ ପ୍ରତିଦିନ'', ଡ୍ୟାନ୍ ଉତ୍ତର ଦେଲା ।

''ଆଉ ତୁମେ ଏଠାରେ ଏକା ବସି ରୁହ ?'' – ଆରନ୍ କହିଲା ।

ତା' ନିକଟରେ ବାଲିରେ ପୋତା ହୋଇଥିବା ବଲ୍‌ଟି ଦେଖାଇ ଡ୍ୟାନ୍ କିଛିଟା ଆତ୍ମରକ୍ଷା ଭଙ୍ଗୀରେ ଉତ୍ତର ଦେଲା,

''ହଁ, ଫୁଟବଲ ଖେଳି ସାରିବା ପରେ ।'' କିଛି ସମୟ ପରେ ସେ ପଚାରିଲା, ''ତୁମେ ଖେଳିବାକୁ ଚାହଁ କି ?''

ତତ୍‌କ୍ଷଣାତ୍ ଆରନ୍ ଉଠିପଡ଼ି ଉତ୍ତର ଦେଲା, ''ମୁଁ ଖୁସୀରେ ଖେଳିବି !''

ଅଳ୍ପ କ୍ଷଣ ପରେ ଦୁହେଁ ପ୍ରତିଦ୍ୱନ୍ଦ୍ୱୀ ହୋଇ ବଲ୍ ପଛରେ ଧାଇଁବା, ଗୋଇଠା ମାରିବା, ତାକୁ ଅକ୍ତିଆର କରିବା ଇତ୍ୟାଦି ଖେଳର ଉଦ୍ଦାମତା ଭିତରେ ମଜ୍ଜି ଗଲେ ।

ତା'ପରେ ଆରନ୍ ଏକ ତଥ୍ୟ ଉପସ୍ଥାପକ ଭଳି ଆରମ୍ଭ କଲା, ''ମୁଁ ତୁମ ଭଳି ଗୋଟିଏ ବାଳକକୁ ଜାଣେ ।...''

''ତୁମେ କ'ଣ କହିବାକୁ ଚାହଁ ?'' ବଲ୍‌ଟିକୁ ଆରନ୍‌ଠାରୁ ଭିଡ଼ି ନେଉ ନେଉ ଡ୍ୟାନ୍ ପ୍ରଶ୍ନ କଲା ।

''ଠିକ୍ ତୁମ ଭଳି ସେ ସମୁଦ୍ରକୁ ଭୟ କରେ ।'' ଆରନ୍ କହିଲା ।

ଧଡ଼୍ କରି ଡ୍ୟାନ୍ ଖେଳ ବନ୍ଦ କରି ବଲଟି ଉଠାଇ ଧରିଲା, ''ମୁଁ ତ ସମୁଦ୍ରକୁ ଭୟ କରେନି !'' କ୍ରୋଧରେ ଚିତ୍କାର କରି ଉଠିଲା ସେ, ''ମୁଁ ସମୁଦ୍ରରେ ପହଁରିବାକୁ ଚାହେଁନି, ବାସ୍ ଏତିକି ।''

ଆରନ୍ ଆମୋଦିତ ହେଲା ଭଳି ମୁଣ୍ଡ ହଲାଇଲା ଓ ସ୍ମିତ ହସି କହିଲା, ''ସେ ପିଲାଟି ବି ଏପରି କହୁଥିଲା ଏବଂ ତୁମେ ଜାଣିଛ ? ସେ ଏକଥାକୁ ବିଶ୍ୱାସ ମଧ୍ୟ କରୁଥିଲା । ଯାହା ବି ହେଉ ଦୁଃଖର ବିଷୟ ହେଲା ତା'ର ବାପା ଜଣେ ନାବିକ ଥିଲେ । ଅଧିକନ୍ତୁ ସେ ଜାହାଜର କ୍ୟାପ୍‌ଟେନ୍ ହିଁ ଥିଲେ । ତୁମେ କଳ୍ପନା କରି ପାରୁଛ ? ଜଣେ କ୍ୟାପ୍‌ଟେନ୍‌ଙ୍କର ପୁଅ ପାଣିକୁ ଡରୁଥିଲା । ପୁଅର ଭୀରୁତା ଦେଖି ନାବିକ ଜଣକ ଖୁବ୍ ଲଜ୍ଜା ବୋଧ କରୁଥିଲେ । ଦିନେ କ୍ରୋଧର ଆବେଗରେ ସେ ପୁଅକୁ ସମୁଦ୍ରକୁ ଠେଲି ଦେଲେ । ସେ ଭାବିଥିଲେ ଏହି ଉପାୟରେ ତାଙ୍କର ପୁଅ ଭୟକୁ ଅତିକ୍ରମ କରିଯିବ ଓ ପହଁରିବାକୁ ଆରମ୍ଭ କରିବ ।''

ଡ୍ୟାନ୍ ଏକ ଦୀର୍ଘ ନିଃଶ୍ୱାସ ନେଲା ।

ଆରନ୍ କହି ଚାଲିଥାଏ, ''ସେ ଯାହା ବି ହେଉ ଭୟର କବଳରୁ ନିଜକୁ ମୁକ୍ତ କରିବା ପରିବର୍ତ୍ତେ ବାଳକଟି ଅଧିକରୁ ଅଧିକ ଭୟଭୀତ ହୋଇଉଠିଲା । ସେ ଭୟରେ ଏତେ ସ୍ତମ୍ଭୀଭୂତ ହୋଇଯାଇଥିଲା ଯେ ତା'ପରେ ସମୁଦ୍ର କୂଳର ବାଲି ଉପରେ ନିଜର ପାଦ ଥାପିବାକୁ ବି ସେ ନାରାଜ ହୋଇ ଉଠିଲା ।''

କଥା ହେଉ ହେଉ ସମୁଦ୍ର କୂଳରେ ପୁଣି ଦୁହେଁ ବସି ସାରିଥିଲେ । ଡ୍ୟାନ୍ ପଚାରିଲା, ''ତା'ପରେ କ'ଣ ହେଲା ?''

''ବାଳକଟି ଚାହୁଁଥିଲା ତା'ର ବାପା ତା' ପାଇଁ ଗର୍ବିତ ହୁଅନ୍ତୁ । ଦିନେ ସେ ପୁଣି ସାହସ ସଞ୍ଚୟ କରି ସମୁଦ୍ରକୂଳକୁ ଗଲା । ସମୁଦ୍ର ଭିତରକୁ ଛନ୍ଦାଛନ୍ଦି ହୋଇ ପଡ଼ିରହିଥିବା ପଥର ଗଦା ଉପରେ ବସି ରହି ଚିନ୍ତା କରୁଥିଲା କ'ଣ କରିବ, ଇଚ୍ଛା କରୁଥିଲା ଟିକେ ସାହସୀ ହୋଇ ଉଠନ୍ତା କି ! ସେ ଲକ୍ଷ୍ୟ କଲା କିଛି ଗୋଟାଏ ତା' ନିକଟରେ ଥିବା ସମୁଦ୍ର ପାଣିରେ ପହଁରୁଛି ।''

''କ'ଣ ସେଇଟା ? କିଛି ଗୋଟାଏ ଭୟ କଲା ଭଳି ଥିଲା କି ? ବାଳକଟି କ'ଣ କୂଳକୁ ଦୌଡ଼ି ପଳାଇ ଆସିଲା ?'' ଖୁବ୍ ବ୍ୟଗ୍ର ଓ କୌତୂହଳମିଶା କଣ୍ଠରେ ଡ୍ୟାନ୍ ପ୍ରଶ୍ନମାନ ପଚାରି ବସିଲା ।

''ନା । ମୁଁ ଯାହା କହିବାକୁ ଚାହୁଁଛି ହିଁ, ବାଳକଟି ଭୟଭୀତ ହୋଇଥିଲା, ମାତ୍ର ସେ ସେଠାରୁ ଦୌଡ଼ି ପଳାଇ ଯାଇ ନଥିଲା । ସେ ସେଠାରେ ନିଶ୍ଚଳ ଭାବେ ବସି ରହିଥିଲା, କିଏ ଯେମିତି ତାକୁ କିମିଆଁ କରି ଦେଇଛି ।'' – ଆରନ୍ କହିଲା ।

''ସମୁଦ୍ରରେ କ'ଣ ପହଁରୁ ଥିଲା ?'' – ନିଜର ପ୍ରତ୍ୟେକଟି ଶବ୍ଦ ଉପରେ ଯଥେଷ୍ଟ ଗୁରୁତ୍ୱ ଦେଇ ପ୍ରଶ୍ନ କଲା ଡ୍ୟାନ୍ ।

''ତାହା ଗୋଟିଏ ଡଲ୍‌ଫିନ୍ ଥିଲା ।'' – ଆରନ୍ ଉତ୍ତର ଦେଲା ।

''ଓଃ ! ମୁଁ ଜୀବନରେ କେବେ ସତ ଡଲ୍‌ଫିନ୍‌ଟିଏ ଦେଖିନି !'' ଡ୍ୟାନ୍ ବିସ୍ମୟଭରା କଣ୍ଠରେ ଚିତ୍କାର କରି ଉଠିଲା ।

''ବାସ୍ତବିକ ଏହା ଏକ ସମ୍ମୋହକ ଯାଦୁବିଦ୍ୟା ଭଳି ଥିଲା । ଡଲ୍‌ଫିନ୍‌ଟି ବାଳକର ବେଶ୍ ପାଖକୁ ଚାଲି ଆସିଲା ଏବଂ କ୍ରୀଡ଼ାକୌତୁକ କଲା ଭଳି ଡିଆଁକୁଦା ଆରମ୍ଭ କରିଦେଲା । ଡଲ୍‌ଫିନ୍‌କୁ ଦେଖି ଡରିଯିବା ପରିବର୍ତ୍ତେ ବାଳକଟି ଖୁବ୍ ଆମୋଦିତ ଓ ଉତ୍ତେଜିତ ହୋଇ ଉଠିଥିଲା'', ଆରନ୍ କହି ଚାଲିଲା ।

''ଡଲ୍‌ଫିନ୍‌ଟି ଭାରି କ୍ରୀଡ଼ାପ୍ରବଣ ଓ ଚଗଲା ବି ଥିଲା । ସେ ବାଳକଟିର ଏତେ ନିକଟକୁ ଆସି ଯାଉଥିଲା ଯେ ସେ ଯେମିତି ଡଲ୍‌ଫିନ୍‌ର ନାକଟିକୁ ମଧ୍ୟ ସହଜରେ ଛୁଇଁ ଦେଇ ପାରିବ – ଅବଶ୍ୟ ସେ ସାଙ୍ଗେ ସାଙ୍ଗେ କୁଦାମାରି ପଳାଇ ଯାଉଥିଲା । ବାରଂବାର ସେ ସେମିତି କରୁଥିଲା । ପ୍ରତିଥର ବାଳକଟି ଡଲ୍‌ଫିନ୍‌ର ନିକଟତର ହେବାକୁ ଚେଷ୍ଟା କରୁଥିଲା କାରଣ ସେ ତାକୁ ଛୁଇଁବାକୁ ଚାହୁଁଥିଲା, ଆଦରରେ ତାକୁ ଆଉଁଶି ଦେବାକୁ ଏବଂ ତା'ର ବନ୍ଧୁ ହେବାକୁ ଚାହୁଁଥିଲା ।''

''ତା'ପରେ ?'' ଡ୍ୟାନ୍ ଖୁବ୍ ଧୈର୍ଯ୍ୟହରା ଭାବେ ପ୍ରଶ୍ନ କରିଉଠିଲା ତା'ପରେ କ'ଣ ଘଟିଲା ଜାଣିବା ପାଇଁ ।

''ବାଳକଟି ଘୁଞ୍ଚି ଘୁଞ୍ଚି ପଥରଟିର ଶେଷ ପ୍ରାନ୍ତ ପର୍ଯ୍ୟନ୍ତ ଚାଲି ଯାଇଥିଲା, କାରଣ ସେ ଡଲ୍‌ଫିନ୍ ସହ ଖେଳିବାକୁ ଚାହୁଁଥିଲା, ସେ ଯେ ପଥରର ଏତେ ଧାରରେ ଠିଆ ହୋଇଛି ସେ ସମ୍ପର୍କରେ ସେ ସଚେତନ ନଥିଲା । ତା'ପରେ ତା'ର ଗୋଡ଼ ଖସି ଯିବାରୁ ସେ ପାଣି ଭିତରେ ପଡ଼ିଗଲା ଏବଂ ଖୁବ୍ ଜୋର୍‌ରେ ହାବୁକାଏ ପାଣି ଚାରିଆଡ଼େ ଛିଞ୍ଚାଡ଼ି ହୋଇପଡ଼ିଲା !'' ଡ୍ୟାନ୍‌ର ସମ୍ପୂର୍ଣ୍ଣ ତଲ୍ଲୀନ ହୋଇ ଶୁଣିବାରେ ଆମୋଦିତ ହୋଇ ଆରନ୍ ବର୍ଣ୍ଣନା କରି ଚାଲିଥିଲା ।

କଥା ମଝିରେ ଡ୍ୟାନ୍ ପଚାରି ବସିଲା, ''ତା'ପରେ କ'ଣ ହେଲା ?'' ସେ ଖୁବ୍ ଉତ୍କଣ୍ଠିତ ହୋଇ ଜାଣିବାକୁ ଚାହୁଁଥିଲା, ''ବାଳକଟି କ'ଣ ପାଣିରେ ବୁଡ଼ିଗଲା କି ?''

''ବାଳକଟି ଅବଶ୍ୟ ଭୟଭୀତ ହୋଇ ଉଠିଥିଲା । ସମସ୍ତ ଶକ୍ତି ଖଟାଇ ସେ ତା'ର ଗୋଡ଼ ଦୁଇଟିକୁ ଛାଟିବାକୁ ଲାଗିଥିଲା ଏବଂ ହାତ ଦୁଇଟିକୁ ପାଣିରେ ବାଡ଼େଇ ଚାଲିଥିଲା, ଯେମିତି ସେ ଭାସି କରି ରହିବ । କିନ୍ତୁ ତା'ର ସବୁ ପ୍ରୟାସ ବ୍ୟର୍ଥ ହେବାରେ ଲାଗିଥିଲା । ସେ ବୁଡ଼ିବାକୁ ଲାଗିଲା । କିଛି ପାଣି ମଧ୍ୟ ପିଇ ଯାଇଥାଏ ଏବଂ ତଳକୁ ତଳକୁ ଯିବାକୁ ଆରମ୍ଭ କରିଥାଏ ।'' – ଆରନ୍ କହିଲା ।

''ତା'ପରେ ?'' ଉତ୍କଣ୍ଠିତ ହୋଇ ଡ୍ୟାନ୍ ପ୍ରଶ୍ନ କଲା ।

''ତା'ପରେ ? କିଏ ତାକୁ ରକ୍ଷା କରିବାକୁ ଆସିଥିବ ବୋଲି ତୁମେ ଭାବୁଛ ?'' ଆରନ୍ ଓଲଟା ପ୍ରଶ୍ନ କଲା ।

''ସିଏ କ'ଣ ସେଇ ଡଲ୍‌ଫିନ୍ କି ?'' ଡ୍ୟାନ୍ ବେଶ୍ ଉତ୍ତେଜନା ଭରା କଣ୍ଠରେ କହିଲା ।

''ହଁ, ନିଶ୍ଚିତ ଭାବେ ! ପିଲାଟି ନିଜ ତଳ ଭାଗରେ କିଛି ଗୋଟାଏ ଅଛି ବୋଲି ଅନୁଭବ କରିବାକୁ ଆରମ୍ଭ କଲା ଏବଂ ଧୀର ଓ କୋମଳ ଭାବରେ ତାହା ତାକୁ ଉପରକୁ ଟେକି ଧରିଲା । ସେ ବୁଝିପାରିଲା ଡଲ୍‌ଫିନ୍ ହିଁ ତା' ଶରୀରର ନିମ୍ନଭାଗକୁ ଯାଇ ତାକୁ ଉପରକୁ ଉଠାଇ ନେଇଛି । ବାଳକଟି ନିଜ ଜୀବନ ରକ୍ଷା ପାଇଁ ଡଲ୍‌ଫିନ୍‌ର ପିଠିକୁ ଜାବୁଡ଼ି ଧରିଲା ଓ ଧଇଁ ସଇଁ ହୋଇ ସଜୋରରେ ନିଃଶ୍ୱାସ ନେବାକୁ ଲାଗିଲା ।''

''ସେ ଖୁବ୍ ଡରି ଯାଇଥିବ,'' ଡ୍ୟାନ୍ ଚିନ୍ତିତ ଭାବେ କହିଲା ।

''ହଁ, ସେ ଅବଶ୍ୟ ଖୁବ୍ ଡରି ଯାଇଥିଲା, କିନ୍ତୁ ସେ ଅନୁଭବ କଲା ଯେ ସମୁଦ୍ର ଲହଡ଼ିମାନେ ଏତେ ଭୀତିପ୍ରଦ ନୁହଁନ୍ତି । ସେମାନେ ତୁମକୁ ଆତ୍ମସାତ୍ କରି ଦେବେ ନାହିଁ କି ତୁମର କିଛି ଅନିଷ୍ଟ କରିବେ ନାହିଁ । ବାଳକଟି ବିପନ୍ନାବସ୍ଥାରେ ଭାରସାମ୍ୟ ରଖି ପିଠି ଉପରେ ରହିସାରିବା ପରେ ଡଲ୍‌ଫିନ୍‌ଟି ଧୀରେ ଧୀରେ ପାଣିରେ ପହଁରିବାକୁ ଲାଗିଲା ଏବଂ କିଛି କ୍ଷଣ ପରେ ବାଳକର ଭୟ ମିଳେଇ ଯିବାକୁ ଆରମ୍ଭ କଲା । ତା'ପରେ ତାକୁ କଷ୍ଟକରି ହାତ ଓ ପାଦ ସାହାଯ୍ୟରେ ଭରା ଦେଇ ନିକଟରେ ଥିବା ପଥର ଉପରକୁ ଉଠିଯିବା ପାଇଁ ଡଲ୍‌ଫିନ୍‌ଟି ସାହାଯ୍ୟ କଲା । ଯଦିଓ ବାଳକଟି ସମ୍ପୂର୍ଣ୍ଣ ହାଲିଆ ହୋଇ ପଡ଼ିଥିଲା କିନ୍ତୁ ଖୁସୀ ଥିଲା । ସେହି ଦିନଠାରୁ ସେ ବାଳକଟି ପ୍ରତିଦିନ ସମୁଦ୍ରକୁ ଯାଇ ଡଲ୍‌ଫିନ୍ ସହ ପହଁରିବାକୁ ଲାଗିଲା । ପ୍ରତିଦିନ ଅଳ୍ପ ଅଳ୍ପ କରି ଡଲ୍‌ଫିନ୍ ତାକୁ ସାହସ ଦେବାରେ ଲାଗିଥିଲା ।'' – ଆରନ୍ କଥାରେ ପୂର୍ଣ୍ଣଚ୍ଛେଦ ଟାଣି କହିଲା ।

''ଏହିପରି ଭାବେ ସେ ସମୁଦ୍ର ପ୍ରତି ଥିବା ତା'ର ଭୟକୁ ଅତିକ୍ରମ କରି ପାରିଲା ?'' – ଡ୍ୟାନ୍ ପଚାରିଲା ।

ଆରନ୍ ସମ୍ମତି ଜଣାଇଲା ଏବଂ ଉଠିପଡ଼ି ସାର୍ଟଟିକୁ ଉତାରି ଦେଇ ସମୁଦ୍ର ଆଡ଼େ ଧାଇଁବାକୁ ଲାଗିଲା । ତା'ର ବେକରେ ଏକ ସୁଦୃଶ୍ୟ ନୀଳ ଡଲ୍‌ଫିନ୍ ଆକୃତିର ଲକେଟଟିଏ ଝୁଲୁଥାଏ । ସମୁଦ୍ର ଭିତରେ ସେ ଡ୍ୟାନ୍‌କୁ ହାତ ହଲାଇଲା, ଡ୍ୟାନ୍ ବି ପ୍ରତ୍ୟୁତ୍ତରରେ ସେପରି କଲା ।

ଠିକ୍ ପରେ ପରେ ଜଣେ ଭଦ୍ରବ୍ୟକ୍ତି ଆସି ଡ୍ୟାନ୍ ପାଖରେ ବସିଲେ । ଡ୍ୟାନ୍ ତତ୍‌କ୍ଷଣାତ୍ ତାଙ୍କୁ ଆରନ୍‌ର ବାପା ବୋଲି ଚିହ୍ନି ଦେଲା । ସେମାନଙ୍କ ଚେହେରାରେ ଖୁବ୍ ସାମଞ୍ଜସ୍ୟତା ଥିଲା ।

''ମୁଁ ଆରନ୍‌ର ବାପା । ତୁମେ ନିଶ୍ଚୟ ଡ୍ୟାନ୍ । ତୁମ ମା ତୁମକୁ ଏଇ ନାମରେ ଡାକିବା ମୁଁ ଅନେକ ବାର ଶୁଣିଛି । ତୁମେ କେମିତ ତୁମ ବନ୍ଧୁମାନଙ୍କ ସହ ସମୁଦ୍ରରେ ପହଁରିବାକୁ ଯାଇ ନାହଁ ?'' ସେ ପଚାରି ବସିଲେ ।

ଡ୍ୟାନ୍ କେବଳ ଟିକିଏ କାନ୍ଧଟି ହଲାଇ ଦେଇ ଚୁପ୍ ରହିଲା ।

ସେ ଦୁଇଜଣ ବସିରହି ପିଲାମାନଙ୍କର ସମୁଦ୍ର ସନ୍ତରଣ ଉପଭୋଗ କରୁଥିଲେ ।

''ତୁମେ ଜାଣିଛ, ଆରନ୍ ବି ଛୋଟ ଥିଲା ବେଳେ ସମୁଦ୍ରକୁ ଦେଖି ଖୁବ୍ ଭୟ ପାଉଥିଲା । ମୁଁ ଯେତେ ଚେଷ୍ଟା

କଲେ ବି ତାକୁ ଭୟମୁକ୍ତ କରିପାରୁ ନଥିଲି । ଏପରିକି ଥରେ ମୁଁ ତାକୁ ସମୁଦ୍ରକୁ ଫୋପାଡ଼ି ଦେଇଥିଲି । ଭାବିଥିଲି ଏପରି କଲେ ହୁଏତ ତା'ର ଭୟ ଛାଡ଼ିଯିବ, କିନ୍ତୁ ଏହା କିଛି କାମରେ ଲାଗିଲାନି । ତା'ପରେ ଅଳ୍ପ କେତେଟା ସପ୍ତାହ ପରେ କ'ଣ ହେଲା କେଜାଣି ସେ ତା' ଭୟରୁ ଉତ୍ତୀର୍ଣ୍ଣ ହୋଇଗଲା ! ଆଜି ଯାଏଁ ମୁଁ ଜାଣିନି କ'ଣ ହେଲା କିଂବା କେମିତି ହେଲା ! ସେ ମୋତେ ତାହା କେବେ ବି କହିବାକୁ ଚାହେଁନା !'' ଆରନ୍‌ର ବାପା କଥା ଶେଷ କଲେ ।

ଡ୍ୟାନ୍ ମୃଦୁଭାବେ ହସିଦେଲା କିନ୍ତୁ କିଛି କହିଲାନି । ସେ ବୁଝିପାରିଲା ଯେ ଆରନ୍ ହେଉଛି ସେହି ବାଳକ ଯାହାକୁ ଡଲ୍‌ଫିନ୍ ସାହାଯ୍ୟ କରିଥିଲା ।

ପିଲାମାନେ ଦଳବଦ୍ଧ ଭାବେ ସମୁଦ୍ରରୁ ଉଠି ଆସିଲେ ଏବଂ ଡ୍ୟାନ୍ ଆଗରେ ସେମାନେ ସମୁଦ୍ରରେ ଯାହାସବୁ ଆମୋଦ-ପ୍ରମୋଦ କରିଥିଲେ ଗପିଗଲେ । ଡ୍ୟାନ୍ ସବୁଥର ଭଳି ଏଥର ମଧ୍ୟ ହସି ଦେଲା । ତା'ପରେ ସେମାନେ ଘରମୁହାଁ ହେଲେ । ଆରନ୍, ଯିଏକି ଅନ୍ୟ ପିଲାମାନଙ୍କ ସହ ସନ୍ତରଣରେ ଯୋଗ ଦେଇଥିଲା, ଡ୍ୟାନ୍‌କୁ କହିଲା, ''ଡ୍ୟାନ୍ ଟିକେ ରହିଯାଅ । ତୁମକୁ ମୋର କିଛି ଦେବା ପାଇଁ ଅଛି ।''

ଆରନ୍ ତା' ବେକରେ ଝୁଲୁଥିବା ନୀଳ ଡଲ୍‌ଫିନ୍ ଆକୃତିର ଲକେଟ୍‌ଟି ସହ ଚେନ୍‌ଟିର ହୁକ ଖୋଲି ଡ୍ୟାନ୍ ଆଗରେ ଟେକି ଧରିଲା ଏବଂ କହିଲା, ''ଡଲ୍‌ଫିନ୍ ସହ ମୋର ଯୋଗାଯୋଗର ଅଳ୍ପ କେତେ ଦିନ ପରେ ମୁଁ ଏହାକୁ ଏକ ଉପହାର ସ୍ୱରୂପ ପାଇଥିଲି । ମୋର ବାପା ମୋତେ ଏହା ଦେଇଥିଲେ ଯଦିଓ ସେ ଡଲ୍‌ଫିନ୍ ସମ୍ପର୍କରେ କିଛି ବି ଜାଣି ନଥିଲେ । ଏହା ମୋତେ ଯଥେଷ୍ଟ ଆତ୍ମବିଶ୍ୱାସ ଓ ନିର୍ଭରତା ଦେଇଛି ମୋର ଭୟକୁ ଜୟ କରିବା ପାଇଁ । ଏବେ ବି ଏହା ମୋତେ ଦେଉଛି, ମୁଁ କିନ୍ତୁ ଚାହୁଁଛି ତୁମେ ଏଇଟି ରଖ ।''

ଡ୍ୟାନ୍ ଆରନ୍ ଆଡ଼େ ଚାହିଁ ହସିଲା । ନିଜର ଆଙ୍ଗୁଠିଗୁଡ଼ିକରେ ଲକେଟ୍‌କୁ ଜାବୁଡ଼ି ଧରି ଅନୁଭବ କରିବାକୁ ଚେଷ୍ଟା କଲା ତା'ର ଭୟ ଅପସାରଣକାରୀ ଶୀତଳତା । ନିଜ ବେକରେ ସେଇଟିକୁ ନେଇ ଗଳାଇ ଦେଲା । ଖୁବ୍ ମୃଦୁ କଣ୍ଠରେ ଆରନ୍‌କୁ କହିଲା, ''ତୁମକୁ ଧନ୍ୟବାଦ ।''

ପରଦିନ ସକାଳ ହେଉ ହେଉ ଡ୍ୟାନ୍ ସମୁଦ୍ରକୂଳକୁ ଚାଲିଲା । ସେ ସମୁଦ୍ରତୀରରେ ଠିଆହୋଇ ତା'ର ପାଦକୁ ଢେଉର ପାଣିରେ ଓଦା ହେବାକୁ ଛାଡ଼ିଦେଲା । ସେ ଲକେଟ୍‌ଟିକୁ ଛୁଇଁଲା, ତା'ର ସୌନ୍ଦର୍ଯ୍ୟକୁ ତାରିଫ କରିବା ସହ ସେଥିରୁ ନିଃସରିତ ହେଉଥିବା ସାହସରେ ଭିଜି ଯିବାକୁ ଆରମ୍ଭ କଲା । ସେ ସମୁଦ୍ରକୂଳରେ ଅନେକ କ୍ଷଣ ଠିଆ ହୋଇରହିଲା; କିନ୍ତୁ ସାହସ ସଞ୍ଚୟ କରିପାରୁ ନଥାଏ ପାଣିରେ ପଶି ଯିବାକୁ । ଭଗ୍ନହୃଦୟରେ ସେ ଫେରି ଯିବାକୁ ବସିଛି, ହଠାତ୍ ବୁଲିପଡ଼ି ଦେଖିଲା କିଛି ଗୋଟାଏ ପାଣି ଭିତରୁ ଡେଇଁ ପଡୁଛି । ଖୁବ୍ ଯତ୍ନର ସହ ସେଇଟା କ'ଣ ସେ ଦେଖିବାକୁ ଚାହିଁଲା ଏବଂ ସେ ତାକୁ ଆଉ ଥରେ ଦେଖିଲା । ସେ ହସିଦେଲା ଏବଂ ସମୁଦ୍ର ସୁଅରେ ପଶିଗଲା, ଗଭୀରରୁ ଗଭୀରକୁ ଗଲା । କିଛି ଗୋଟେ ତାକୁ ସାହସ ଦେଉଥିଲା ଭୟର ସମ୍ମୁଖୀନ ହେବା ପାଇଁ ଏବଂ ପ୍ରତିଟି ଅଗ୍ର ପଦକ୍ଷେପରେ ନିଜ ପ୍ରତି ତା'ର ଆସ୍ଥା ଓ ବିଶ୍ୱାସ ଦୃଢ଼ରୁ ଦୃଢ଼ତର ହେଉଥିଲା । ଯଦିଓ ସେ ଦ୍ୱିଧାଗ୍ରସ୍ତ ହୋଇ ଉଠୁଥିଲା, ଶ୍ରମକ୍ଳାନ୍ତ ଅବସ୍ଥାରେ ବି ସେ ସମୁଦ୍ର ଭିତରକୁ ଯିବାରେ ଲାଗିଥିଲା । ପାଣି ତା'ର ଅଣ୍ଟା ଯାଏଁ ହେବା ପରେ ସେ ଫେରି ଆସିବାର ସିଦ୍ଧାନ୍ତ ନେଲା । ଠିକ୍ ତା'ପରେ, ଏକ ବିରାଟ ଢେଉ ତା' ଉପରେ କଚାଡ଼ି ହୋଇ ପଡ଼ିଲା ଓ ତାକୁ ଠେଲି ତଳେ ପକାଇ ଦେଲା । ସମ୍ପୂର୍ଣ୍ଣଭାବେ ସମୁଦ୍ର ପାଣିରେ ବୁଡ଼ିଯିବା ପରେ ଡ୍ୟାନ୍‌ର ନାକ, ଆଖିରେ ପାଣି ପଶିବାକୁ ଆରମ୍ଭ କଲା ଓ ତା'ର ଭୟର ସୀମା ରହିଲା ନାହିଁ । ଭୀତତ୍ରସ୍ତ ଡ୍ୟାନ୍ ପ୍ରଚଣ୍ଡ ଭାବରେ ଏଣେ ତେଣେ ଗୋଡ଼ ଛାଟିବାକୁ ଲାଗିଲା । ବଞ୍ଚିରହିବାର ପ୍ରବଣତା ତାକୁ ପାଣି ସହ ଶକ୍ତ ଭାବେ ମୁକାବିଲା କରି ହସ୍ତ ସଞ୍ଚାଳନ ପୂର୍ବକ କୂଳରେ ପହଞ୍ଚିବାକୁ ସାହାଯ୍ୟ କଲା । ସମ୍ପୂର୍ଣ୍ଣଭାବେ ଶକ୍ତିହୀନ, ଧଇଁ ସଇଁ ହୋଇ ନିଃଶ୍ୱାସ ନେବାକୁ ଚେଷ୍ଟା କରୁଥିବା ଡ୍ୟାନ୍ ସମୁଦ୍ର ବେଳାରେ କ୍ଳାନ୍ତ ହୋଇ ପଡ଼ିଗଲା । ସେ କ୍ଳାନ୍ତଶ୍ରାନ୍ତ ହୋଇଯାଇ ଥିଲେ ବି ଖୁସୀ ଥିଲା । କିଛି ସମୟ ପରେ ସେ ଉପରକୁ ଚାହିଁଲା ଏବଂ କିଛି ଗୋଟାଏ ପାଣି ଭିତରୁ ଲମ୍ଫ ଦେବାର ଦେଖିଲା । ସ୍ମିତହାସ୍ୟ ସହ ସେ ଲକେଟ୍‌ଟିକୁ ହୃଦୟରେ ଜାବୁଡ଼ି ଧରିଲା ।

(Walk the Luminous Path ରୁ ସଂଗୃହୀତ
ଅନୁବାଦ ଓ ଉପସ୍ଥାପନା : ଜୟନ୍ତୀ)

❑❑❑

ଅମର କଥା :

# ଭିନ୍ନ ଏକ ଆଲାପ

## ନିର୍ଭୟ ରଞ୍ଜନ ପାଢ଼ୀ

କାହିଁ କେତେ ହଜାର ବର୍ଷ ତଳେ ପ୍ରାଚୀନ ଭାରତର ଏକ କ୍ଷୁଦ୍ର ପଲ୍ଲୀରେ ବାସ କରୁଥିଲେ ତତ୍କାଳୀନ ଭାରତର ବିଜ୍ଞମଣ୍ଡଳୀମାନଙ୍କ ମଧ୍ୟରୁ ଅନ୍ୟତମ, ମହାନ୍ ଉଦ୍ଦାଳକ ।

ବିଦ୍ୟାଧ୍ୟୟନ ସମୟ ଉପନୀତ ହେବା ସତ୍ତ୍ୱେ ପୁତ୍ର ଶ୍ୱେତକେତୁଙ୍କର ସେଥିପ୍ରତି ଅନାଗ୍ରହ ଭାବ ଲକ୍ଷ୍ୟ କରି ଉଦ୍ଦାଳକ କହିଲେ, ‘‘ଜୀବନକୁ ବ୍ୟାପୀ ରହିଥିବା ଅଜ୍ଞାନତାରୁ ମୁକ୍ତ ହେବା ପାଇଁ ଯେଉଁ ଜ୍ଞାନାଲୋକ ଜରୁରୀ, ସେଥିପ୍ରତି ଉନ୍ମୁଖ ହେବାର ସମୟ ତୁମ ପାଇଁ ଉପସ୍ଥିତ । ନିଜ ପରିବାରର ପରମ୍ପରା ଓ ସମାଜ ପାଇଁ ଥିବା ତୁମର ଦାୟିତ୍ୱର ନିର୍ବାହନ ନିମିତ୍ତ ତୁମର ବିଦ୍ୟାଧ୍ୟୟନ ଏକାନ୍ତ ପ୍ରୟୋଜନ ।’’

ପିତାଙ୍କ ପରୋକ୍ଷ ନିର୍ଦ୍ଦେଶକୁ ସମ୍ମାନ ଦେବାକୁ ଯାଇ ଶ୍ୱେତକେତୁ ଗୁରୁକୁଳ ଅଭିମୁଖେ ଯାତ୍ରାରମ୍ଭ କଲେ ।

ବାର ବର୍ଷ ବ୍ୟାପୀ ତାଙ୍କ ବିଦ୍ୟାଧ୍ୟୟନ ସମାପନ ଅନ୍ତେ ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ ଶ୍ୱେତକେତୁ । ଗୁରୁକୁଳରୁ ସଦ୍ୟ ଜ୍ଞାନ ପ୍ରାପ୍ତ କରି ଫେରିଥିବା ଶ୍ୱେତକେତୁଙ୍କ ହାବଭାବରେ ନିଜ ଆହରିତ ଜ୍ଞାନ-ସମ୍ବନ୍ଧୀୟ ଆତ୍ମ-ମୁଗ୍ଧତା ଓ ବେପରୁଆ ଭାବର ଝଲକ ବିଦ୍ୟମାନ ଥିବା କଥା ଉଦ୍ଦାଳକଙ୍କ ପ୍ରଜ୍ଞାଶୀଳ ଦୃଷ୍ଟିରୁ ବାଦ୍ ଯାଇପାରିଲା ନାହିଁ । ଦିନେ ଉଦ୍ଦାଳକ ଶ୍ୱେତକେତୁଙ୍କ ସହ ଆଳାପ କରୁଥିବା ସମୟରେ ପ୍ରଶ୍ନ କଲେ, ‘‘ଆଶା କରେ ତୁମେ ଗୁରୁକୁଳରେ ଉତ୍ତମ ରୂପେ ଜ୍ଞାନ ଉପାର୍ଜନ କରିଥିବ । ଯାହା ସ୍ଥୂଳ ଚକ୍ଷୁକୁ ଦେଖାଯାଏ ନାହିଁ, ତାକୁ କିପରି ଦେଖା ଯାଇପାରେ; ଯାହା ସ୍ଥୂଳ ମନ ଦ୍ୱାରା ବୁଝି ହୁଏନା, ତାକୁ କିପରି ବୁଝା ଯାଇପାରେ – ଆଶା କରେ ଏହାର ରହସ୍ୟ ମଧ୍ୟ ଜାଣିପାରିଥିବ ।’’

ପିତାଙ୍କ ନିକଟରୁ ଏ ଧରଣର ପ୍ରଶ୍ନ ପ୍ରତି ଅପ୍ରସ୍ତୁତ ଥିବା ଶ୍ୱେତକେତୁ କିଞ୍ଚିତ ବିସ୍ମିତ ହୋଇ ଚାହିଁ ରହିଲେ । କିନ୍ତୁ ସେ ଜିଜ୍ଞାସୁ । ତାଙ୍କ ଜ୍ଞାନପ୍ରାପ୍ତିଜନିତ ଆତ୍ମଗରିମା ପ୍ରତିକ୍ରିୟା ପ୍ରକାଶ ନକରି ନମ୍ର ହେବାକୁ ଲାଗିଲା ।

‘‘ମୋ ଗୁରୁଦେବ ମୋତେ ଏ ସମ୍ବନ୍ଧରେ ବିଦ୍ୟାଦାନ କରି ନାହାନ୍ତି । ସମ୍ଭବତଃ ସେ ତାହା କରି ନାହାନ୍ତି କୌଣସି ବିଶେଷ କାରଣରୁ । ଆପଣ ମଧ୍ୟ ମୋ ଗୁରୁ । ଦୟାକରି ମୋତେ ଶିଷ୍ୟ ରୂପେ ଗ୍ରହଣ କରନ୍ତୁ ।’’ ନିଜ ଗୁରୁଙ୍କ କ୍ଷମତା ଅକ୍ଷମତା ସମ୍ପର୍କରେ ଅଜ୍ଞାନ ଶ୍ୱେତକେତୁ ତାଙ୍କ ନିରୀହତା ବ୍ୟକ୍ତ କଲେ ।

ଏହା ପରେ ପିତା ଓ ପୁତ୍ରଙ୍କ ମଧ୍ୟରେ ଯେଉଁ ଆଳାପ ସଂଘଟିତ ହୋଇଥିଲା, ସଭ୍ୟତାର ସେ ପ୍ରାରମ୍ଭିକ ଯୁଗରେ ଆଧ୍ୟାତ୍ମିକ ଜିଜ୍ଞାସା ଓ ତା’ର ଉତ୍ତର, ପରବର୍ତ୍ତୀ ସମୟର ଅସଂଖ୍ୟ ଜ୍ଞାନପିପାସୁମାନଙ୍କୁ ଆଲୋକର ପଥ ଦର୍ଶାଇ ଆସିଛି ।

ଆନନ୍ଦିତ ଉଦ୍ଦାଳକ ଶ୍ୱେତକେତୁଙ୍କ ବୋଧଶକ୍ତି ପ୍ରତି ସମ୍ବେଦନଶୀଳ ରହି ତାଙ୍କୁ ତାଙ୍କ ଜିଜ୍ଞାସାର ଉତ୍ତର ଦେବାକୁ ଆରମ୍ଭ କରିଥିଲେ । ତାଙ୍କ ଭାଷା କେବେ ସ୍ପଷ୍ଟ, କେବେ ସାଙ୍କେତିକ । ଶ୍ୱେତକେତୁଙ୍କ କ୍ରମାଗତ ଅନୁରୋଧ ଯୋଗୁଁ ବ୍ୟବହାରିକ ଜୀବନର ଅନେକ ସାଧାରଣ ବିଷୟମାନଙ୍କୁ ମାଧ୍ୟମ କରି ତାଙ୍କ ଶିକ୍ଷଣ ଶୈଳୀ ରୂପ ଧାରଣ କରୁଥିଲା ।

‘‘ଏକଦା ଏ ବିଶାଳ ସୃଷ୍ଟି ସୃଜିତ ହେବା ପୂର୍ବରୁ ସେହି ଏକ ଏବଂ ଅଦ୍ୱିତୀୟ ବିଶ୍ୱବ୍ୟାପ୍ତ ମହାଚେତନା ଧ୍ୟାନମଗ୍ନ ଥିଲା କାହିଁ କେତେ କାଳ ଧରି । ମହାକାଳର କେଉଁ ଏକ ଦିବ୍ୟ ମୁହୂର୍ତ୍ତର ସଂଯୋଗରେ, ଏକ ଅମାପ ଶୁଭେଚ୍ଛା ଦ୍ୱାରା ପ୍ରେରିତ ହୋଇ ସେ ନିଜକୁ ପ୍ରକଟିତ ତଥା ବିଭକ୍ତ କରିବାକୁ ନିଷ୍ପତ୍ତି ନେଲା । ଯେହେତୁ ସେ ମୂଳ ଚେତନାର ସ୍ୱରୂପ ଅସୀମ ଓ ଅନନ୍ତ, ହଜାର ହଜାର ବର୍ଷ ଧରି କ୍ରମାଗତ ଅବ୍ୟାହତ ରହିଥିବା ତା’ ସୃଜନୀ ପ୍ରକ୍ରିୟା ମଧ୍ୟ ଅସଂଖ୍ୟ ସ୍ତରରେ ବ୍ୟାପ୍ତ । କିନ୍ତୁ ଏଡ଼େ ପ୍ରଚଣ୍ଡ ସତ୍ୟକୁ ଧାରଣ କରିଥିବା ଏ ସୃଷ୍ଟି ମିଥ୍ୟା-ମାୟାମୂଳକ ଏକ ଚିନ୍ତାଧାରାରୁ ସୃଷ୍ଟ ବୋଲି କିଛି ଆଚାର୍ଯ୍ୟ ମତ ପୋଷଣ କରନ୍ତି । ଜାଣିରଖ, ତାହା ସତ୍ୟ ନୁହେଁ । ଏ ସମଗ୍ର ସୃଷ୍ଟି ମୁଖ୍ୟତଃ ତିନି ପ୍ରକାର ମୌଳିକ ନିୟମ ଦ୍ୱାରା କର୍ମଶୀଳ – ସ୍ଥିତି, ଗତି ଓ ପରିବର୍ତ୍ତନ ।’’ ଉଦ୍ଦାଳକ ତାଙ୍କ ବକ୍ତବ୍ୟ ଆରମ୍ଭ କଲେ ।

ସୃଷ୍ଟି-ରହସ୍ୟ ସମ୍ବନ୍ଧରେ ସବିଶେଷ ଆଲୋକପାତ କରି ସାରି ଉଦ୍ଦାଳକ ଶ୍ୱେତକେତୁଙ୍କୁ ନିକଟରେ ଥିବା ଏକ ବଟବୃକ୍ଷରୁ

ଫଳଟିଏ ସଂଗ୍ରହ କରି ଆଣିବାକୁ ନିର୍ଦ୍ଦେଶ ଦେଲେ । ଶ୍ୱେତକେତୁ ନେଇ ଆସନ୍ତେ, ଫଳଟିକୁ ଭାଙ୍ଗିବା ପାଇଁ କହିଲେ ଉଦ୍ଦାଳକ ।

''କ'ଣ ଦେଖୁଛ ?''

''ଆଜ୍ଞା ମଞ୍ଜି ।''

''ମଞ୍ଜିଟିକୁ ମଧ ଭାଙ୍ଗ ।''

''ବିଶେଷ କିଛି ନାହିଁ ଆଜ୍ଞା ।''

ମଞ୍ଜିଟିକୁ ଭାଙ୍ଗି ଶ୍ୱେତକେତୁ ଉତ୍ତର ଦେଲେ ।

''ଏ ସ୍ଥୂଳ ଦୃଷ୍ଟି ପାଇଁ ଯାହା 'କିଛି ନାହିଁ', ତା' ମଧ୍ୟରୁ ଏ ମହାଦ୍ରୁମର ସୃଷ୍ଟି, କିଛି ବୁଝୁଛ ?''

କିଞ୍ଚିତ ବିସ୍ମିତ, କିଞ୍ଚିତ ପୁଲକିତ ଶ୍ୱେତକେତୁ ବୁଝିବାକୁ ଆରମ୍ଭ କରୁଥିଲେ । ବୁଝୁଥିଲେ, ଅସଂଖ୍ୟ ବିସ୍ମୟରେ ଭରପୂର ଏ ବିଶାଳ ଭୌତିକ ସୃଷ୍ଟି, ଯାହାର ବୈଚିତ୍ର୍ୟ ପଣ୍ଡିତମାନଙ୍କୁ ମଧ ଭ୍ରମିତ କରି ଆସିଛି, ତାକୁ ଓତଃପ୍ରୋତଃ ଭାବେ ଲାଗି ରହିଛି ତା'ଠାରୁ ବହୁ ଗୁଣରେ ବିଶାଳ ଏକ ସୁକ୍ଷ୍ମ ଜଗତ୍ ।

''ଯେପରି ପାଣି ସହ ମିଶି ରହିଥିବା ଲବଣ ସ୍ଥୂଳ ଆଖିକୁ ଦେଖାଯାଉ ନ ଥିଲେ ମଧ ତା'ର ଉପସ୍ଥିତି ବାସ୍ତବ ଓ ଜିହ୍ୱା ଦ୍ୱାରା ତା'ର ସେ ଉପସ୍ଥିତି ଅନୁଭବ କରାଯାଇପାରେ, ଠିକ୍ ସେହିପରି ଏ ସମଗ୍ର ସୃଷ୍ଟିରେ ସେ ମହାଚେତନାର ଉପସ୍ଥିତି ସେତିକି ବାସ୍ତବ ଓ ତାକୁ ଭିନ୍ନ ଭିନ୍ନ ଉପାୟରେ ଅନୁଭବ କରାଯାଇପାରେ ।'' ଉଦ୍ଦାଳକ ସ୍ପଷ୍ଟ କଲେ ।

ଶ୍ୱେତକେତୁଙ୍କ ଜ୍ଞାନବଳୟକୁ ଆହୁରି ପ୍ରସାରିତ କରିବା ଉଦ୍ଦେଶ୍ୟରେ ଉଦ୍ଦାଳକ ନାନାଦି ପ୍ରକାର ଦୃଷ୍ଟାନ୍ତର ଆଶ୍ରୟ ନେଉଥିଲେ । ଏକ ନମୁନା –

''ଯେପରି ମାଟିରୁ ନିର୍ମିତ ଅନେକ ଧରଣର ପାତ୍ର ଭିନ୍ନ ଭିନ୍ନ ନାମ ବହନ କରୁଥିବା ସତ୍ତ୍ୱେ ସେସବୁର ମୂଳ ପରିଚୟ ମାଟି; ଠିକ୍ ସେହିପରି ଆମମାନଙ୍କର ବାହ୍ୟ ପରିଚୟ ବହୁବିଧ ହୋଇଥିବା ସତ୍ତ୍ୱେ ଆମ ମୂଳ ଅସ୍ତିତ୍ୱ ସେହି 'ଏକମେବା-ଦ୍ୱିତୀୟମ୍' ମହାଶକ୍ତି । ସେ ସଚ୍ଚିଦାନନ୍ଦରୂପୀ ମୂଳ ସ୍ୱରୂପକୁ ଉପଲବ୍ଧି ନକରି ପାରିଥିବା ବ୍ୟକ୍ତି ବହୁ ଧାରାରେ ବିଭକ୍ତ ହୋଇଥିବା ତା'ର ବାହ୍ୟ ପରିଚୟରେ ଅଟକି ରହିଥାଏ ଏବଂ ସେ ବିଚ୍ଛିନ୍ନତା ତା'ର ଅନେକ ଦୁଃଖଯାତନାର କାରଣ ହୋଇଥାଏ ।'' ଏକଥା ବୁଝାଇ ଉଦ୍ଦାଳକ ପୁତ୍ର ଶ୍ୱେତକେତୁଙ୍କୁ ନେଇଯାଇଥିଲେ ସୁନା କାମ କରୁଥିବା ବଣିଆ ଓ ଲୁହାକାମ କରୁଥିବା କମାର ନିକଟକୁ । ବୁଝାଇଥିଲେ ସେହି ଏକହିଁ ତତ୍ତ୍ୱ – ଏକହିଁ ମହାଶକ୍ତି ଏ ସମଗ୍ର ସୃଜନର ଆଧାର ହୋଇଥିବା ସତ୍ତ୍ୱେ, ଯାହା ପ୍ରାୟତଃ ଆମ ମନ ବିସ୍ମରି ଯାଏ, ତାହା ହେଉଛି, ବିବିଧତା ସର୍ବଶକ୍ତିମାନ ଈଶ୍ୱରଙ୍କ ଏକ ମହତ୍ତ୍ୱପୂର୍ଣ୍ଣ ଗୁଣ । ଅଗଣତ ବିବିଧତା ମଧ୍ୟରେ ସେହି ଏକହିଁ ମହାଶକ୍ତିଙ୍କୁ ଉପଲବ୍ଧି କରିପାରିବା ଅଧ୍ୟାତ୍ମ ମାର୍ଗର ଏକ ଅନିବାର୍ଯ୍ୟ ସର୍ତ୍ତ ।

ଶ୍ୱେତକେତୁଙ୍କୁ ଜୀବନର ବ୍ୟାପକତା ଓ ବିବିଧତା ସମ୍ପର୍କରେ ଅବଗତ କରାଇବା ନିମିତ୍ତ ସତର୍କ ଥିବା ଉଦ୍ଦାଳକ ଥରେ ଶ୍ୱେତକେତୁଙ୍କୁ କିଛିଦିନ ଉପବାସରେ ରଖାଇ ସେହି ଉପବାସ ସମୟରେ ତାଙ୍କୁ ସେ ଗୁରୁକୁଳରେ ଅଧ୍ୟୟନ କରିଥିବା ବେଦମନ୍ତ୍ର ପାଠ କରିବାକୁ କୁହନ୍ତେ, ଶ୍ୱେତକେତୁ ନିଜ ଦୁର୍ବଳତା ଯୋଗୁଁ ସେସବୁ ସ୍ମରଣ ନକରି ପାରିବା ଜନିତ ଅକ୍ଷମତା ପ୍ରକାଶ କଲେ ।

''ମନେରଖ ବତ୍ସ ! ମୂଳ ଉତ୍ସରୁ ବିଚ୍ଛିନ୍ନ ହୋଇଥିବା ଆମର ଏ ସ୍ଥୂଳ ଶରୀର ହିଁ ସେ ମହାଚେତନାର ଆଧାର ହୋଇପାରେ, ଏହାର ଅବହେଳା ସେ ମହତ୍ ଉପଲବ୍ଧିରେ ବାଧକ ମଧ ହୋଇପାରେ ।'' ଉଦ୍ଦାଳକ ଚେତାଇ ଦେଲେ ।

ଉଦ୍ଦାଳକଙ୍କ ଦୃଷ୍ଟାନ୍ତ-ଭିତ୍ତିକ ଶିକ୍ଷଣ ଶୈଳୀର ଅନ୍ୟ ଏକ ନମୁନା – ''ଯେମିତି ଏକ ପୋଷାପକ୍ଷୀ ଯେତେ ଯୁଆଡ଼େ ଉଡ଼ି ବୁଲିଲେ ମଧ ତାକୁ ତା'ର ପ୍ରକୃତ ଶାନ୍ତି ତା' ମାଲିକର ସାନ୍ନିଧ୍ୟରେ ମିଳିଥାଏ, ଠିକ୍ ସେହିପରି ଆମ ବାହ୍ୟ ପରିଚୟ ଯେତେ ବହିର୍ମୁଖୀ ହେବାକୁ ଚେଷ୍ଟା କଲେ ମଧ ତା'ର ପ୍ରକୃତ ଶାନ୍ତି ତା' ଅନ୍ତଃକରଣରେ ଥିବା ପରମାତ୍ମାଙ୍କ ସାନ୍ନିଧ୍ୟରେ ହିଁ ମିଳିଥାଏ । ସେ ସାନ୍ନିଧ୍ୟ ବନ୍ଧନ ବା ଆସକ୍ତି ନୁହେଁ, ଆମ ପ୍ରତି ତାଙ୍କ ନିବିଡ଼ ପ୍ରେମର ନିଦର୍ଶନ ।''

ଶ୍ୱେତକେତୁଙ୍କ ଜିଜ୍ଞାସା ଶିଥିଳ ହେବାର ନାମ ଧରୁ ନଥିବା ଲକ୍ଷ୍ୟକରି ଉଦ୍ଦାଳକ ତାଙ୍କ ଶିକ୍ଷାଦାନରେ ମଧ କାର୍ପଣ୍ୟ କରୁ ନଥା'ନ୍ତି ।

ଥରେ ଶ୍ୱେତକେତୁଙ୍କୁ ଏକ ପୁଷ୍ପଉଦ୍ୟାନ ମଧ୍ୟକୁ ନେଇଯାଇ ଉଦ୍ଦାଳକ ଅଙ୍ଗୁଳି ନିର୍ଦ୍ଦେଶ କଲେ ନିକଟରେ ଥିବା ଏକ ମହୁଫେଣା ଉଦ୍ଦେଶ୍ୟରେ ।

''ଯେପରି ବହୁପ୍ରକାର ପୁଷ୍ପରୁ ସଂଗୃହୀତ ହୋଇଥିବା ମହୁ ସେ ମହୁଫେଣାରେ ଏକତ୍ର ଏବଂ ସେ ମହୁମାନଙ୍କର ଉତ୍ସ ଥିବା ପୁଷ୍ପମାନଙ୍କର ସ୍ୱତନ୍ତ୍ର ପରିଚୟ ସେଠାରେ ବିଲୀନ, ଯେପରି ବହୁ ନାମ ବହନ କରି ବହମାନ ଥିବା ନଦୀମାନଙ୍କର ସମୁଦ୍ରରେ ମିଳନ ପରେ ସେମାନଙ୍କ ସ୍ୱତନ୍ତ୍ର ନାମ ଓ ଅସ୍ତିତ୍ୱର ପରିଚୟ ନଥାଏ; ଠିକ୍ ସେହିପରି ଆମ ସ୍ଥୂଳ ପରିଚୟ, ସ୍ଥୂଳ

(*ଅବଶିଷ୍ଟାଂଶ ୪୮ ପୃଷ୍ଠାରେ ଦେଖନ୍ତୁ*)

# ସୁସ୍ଥତାର ପରମ ଗୋପନୀୟତା

## (୧୨)

## ସୂର୍ଯ୍ୟକାନ୍ତି ମହାନ୍ତି

### ଜୀବନ

ମନୁଷ୍ୟ ଶରୀରର ବାରଟି ମନଃଶକ୍ତି ମଧ୍ୟରୁ 'ଜୀବନ' ଅନ୍ୟତମ । ଏହା ଅବଚେତନ ମନର କାର୍ଯ୍ୟ ପରିସର ଅନ୍ତର୍ଭୁକ୍ତ, ଯାହାର ଅବସ୍ଥିତି ପ୍ରଜନନ ଅଙ୍ଗ, ବୃକକ୍ ଓ ମୂତ୍ରାଶୟରେ । ଭାରତୀୟ ଦର୍ଶନ ଅନୁଯାୟୀ ଏହା ସ୍ୱାଧିଷ୍ଠାନ ଚକ୍ର ଭାବରେ ପରିଚିତ । ଏହାର ରଙ୍ଗ ନାରଙ୍ଗୀ, ମୌଳିକ ଉପାଦାନ ଜଳ ଏବଂ ଧ୍ୱନି 'ରାମ୍' ଅଟେ । କେତେକ ଦାର୍ଶନିକ ଏହି ଚକ୍ରକୁ ମନୁଷ୍ୟର ପ୍ରକୃତ ଶକ୍ତିକେନ୍ଦ୍ର ବୋଲି ଗ୍ରହଣ କରନ୍ତି । କାରଣ ଶାଶ୍ୱତ ଜୀବନକୁ ଏକ ରହସ୍ୟମୟ ଶକ୍ତି ଭାବରେ ବିଚାର କରାଯାଏ । ଜୀବନ ହେଉଛି ଜୀବନ୍ତ ସତ୍ତାର ଏକ ଅବସ୍ଥା, ଯାହା ମନୁଷ୍ୟର ମନର ଅବସ୍ଥାକୁ ପ୍ରଭାବିତ କରି ପ୍ରତିକ୍ରିୟା ସୃଷ୍ଟି କରେ ।

ଯୌନାଙ୍ଗରେ ଅବସ୍ଥିତ ଏହି ଜୀବନୀ ଶକ୍ତି ଏ ପୃଥିବୀକୁ ନୂତନ ଜୀବନ ଆଣିବାରେ ସମର୍ଥ ଏବଂ ଏକ ନୂତନ ଆତ୍ମାର ସ୍ୱାସ୍ଥ୍ୟ ଓ ପ୍ରାଣ ଶକ୍ତିକୁ ମଧ୍ୟ ଏହା ପ୍ରଭାବିତ କରେ । ଏଣୁ ଜୀବନୀ ଶକ୍ତିର ସୁବିନିଯୋଗ ସ୍ୱାସ୍ଥ୍ୟ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ ଅଟେ । କେହି କେହି ଏହାକୁ ମନଃଶକ୍ତି ଭାବରେ ଗ୍ରହଣ କରିବାକୁ କୁଣ୍ଠାବୋଧ କରି ଥାଆନ୍ତି । ମାତ୍ର ଏହାର ଅଛି ଏକ ଉତ୍ସାହୀ ଶକ୍ତି । ଯେତେବେଳେ ଜଣେ ବାରଂବାର ନିଜ ଭିତରେ ଜୀବନୀ ଶକ୍ତିକୁ ଆବାହନ କରେ ସେତେବେଳେ ଶରୀରର ବିଭିନ୍ନ ଅଙ୍ଗରେ ଘଟିତ ହୁଏ ଅଲୌକିକ ଘଟଣା । ସେ ଲାଭ କରେ ଆଗ୍ରହ, ଉତ୍ତେଜନା, ଉତ୍ସାହ ଓ ବିଦ୍ୟୁତ ଶକ୍ତିର ସମ୍ମିଶ୍ରିତ ଏକ ନୂତନ ଜୀବନ୍ତ ସ୍ରୋତ । ସାଧାରଣତଃ ବାର୍ଦ୍ଧକ୍ୟର ଆଗମନରେ ଏହି ଶକ୍ତିକୁ ଆବାହନ କରି ଜଣେ ନିଜ ଜୀବନକୁ ପରିବର୍ତ୍ତିତ କରିପାରେ ।

ବୈଜ୍ଞାନିକମାନେ ସ୍ୱୀକାର କରନ୍ତି ଯେ ମନୁଷ୍ୟ ମଧ୍ୟରେ ଥିବା ଏକ ବିପୁଳ, ଅବ୍ୟବହୃତ ଏବଂ ସୁରକ୍ଷିତ ଭାବରେ ବନ୍ଦ ହୋଇ ରହିଥିବା ଜୀବନୀ ଶକ୍ତି ହେଉଛି ଏକ ମାନସିକ ଗୁଣ । ଏହା ଭାଷା ମାଧ୍ୟମରେ ପ୍ରଭାବିତ ହେଉଥିବାରୁ ଜଣେ ଦୁର୍ବଳ ବ୍ୟକ୍ତି ବି ଉତ୍ତମ ଶବ୍ଦ ବ୍ୟବହାର କରି ତା' ଜୀବନୀ ଶକ୍ତିକୁ ପୁନରୁର୍ଜୀବୀତ କରିପାରେ । ଏପରିକି ନିଜର ଦୁରାରୋଗ୍ୟ ଅବସ୍ଥାକୁ ଆରୋଗ୍ୟ ବି କରିପାରେ । ପୁନଶ୍ଚ ପ୍ରତ୍ୟେକ କୋଷ ଓ ପରମାଣୁରେ ଜୀବନୀ ଶକ୍ତିର ଉପାଦାନ ଓ ଧୀଶକ୍ତି ନିହିତ । ଯେତେବେଳେ ଜୀବନ ସମ୍ବନ୍ଧରେ ସକାରାତ୍ମକ ଶବ୍ଦ କୁହାଯାଏ, ପ୍ରତ୍ୟେକ କୋଷ ଏହାର ଉତ୍ତର ଦିଏ । କାରଣ କୋଷ ଗ୍ରହଣଶୀଳ ହୋଇଥିବାରୁ ଏହାକୁ ଜଣେ ଭାଷା ମାଧ୍ୟମରେ ଉଜ୍ଜୀବିତ କରିପାରେ । ଫୋନ୍ ବ୍ୟାଟେରୀକୁ ଯେପରି ବିଦ୍ୟୁତ ଦ୍ୱାରା ଉଜ୍ଜୀବିତ କରାଯାଏ, ସେହିପରି କୋଷକୁ ମଧ୍ୟ ଉଜ୍ଜୀବିତ କରାଯାଏ । ଯଦି ଜଣେ ଉତ୍ତମ ରୂପେ ବଞ୍ଚିବା ପାଇଁ ଚାହୁଁଥାଏ, ତା'ହେଲେ ତା'ର ସୁନ୍ଦର ଜୀବନ ସମ୍ପର୍କିତ ଭାଷାକୁ ଶରୀର ଗ୍ରହଣ କରି ନେଇ କାର୍ଯ୍ୟ କରିବା ଆରମ୍ଭ କରି ଦିଏ – ପ୍ରଥମେ ସଚେତନ ଏବଂ ତା'ପରେ ଅବଚେତନ ସ୍ତରରେ । ଏଣୁ ଯେତେବେଳେ ଜଣେ ଅନୁଭବ କରେ କ୍ଳାନ୍ତ, ଦୁର୍ବଳ ଓ ନିରୁତ୍ସାହିତ, ସେତେବେଳେ ନିଜ ଭିତରେ ଥିବା ଏହି ବିଶାଳ ଶକ୍ତିକୁ ଆବାହନ କରି କୋଷ ମଧ୍ୟଦେଇ କାର୍ଯ୍ୟକ୍ଷମ ହେବାର ପରିସ୍ଥିତି ସୃଷ୍ଟି କରେ ।

ବୈଜ୍ଞାନିକମାନଙ୍କ ମତରେ ଶରୀର ନିର୍ମିତ ହୋଇଛି ଏକ ଲକ୍ଷ କୋଟି ପରମାଣୁ ଦ୍ୱାରା । ପ୍ରତ୍ୟେକ ପରମାଣୁର କେନ୍ଦ୍ରରେ ଆଲୋକ ଅଛି, ଯାହାର ଚତୁଃପାର୍ଶ୍ୱରେ ଆଂଶିକ ଆଲୋକର ବଳୟ କ୍ରମାଗତ ଘୂର୍ଣ୍ଣାୟମାନ ଅବସ୍ଥାରେ ଅଛି । ଏହି ପରମାଣୁଗୁଡ଼ିକ ପ୍ରତ୍ୟେକ ଜୀବନ୍ତ ଓ ଶକ୍ତି ସମ୍ପନ୍ନ ମଧ୍ୟ । ଯେତେବେଳେ ଜୀବନୀ ଶକ୍ତିକୁ ଆବାହନ କରାଯାଏ, ଶରୀର ମଧ୍ୟସ୍ଥ ସେହି ଆଣବିକ ଶକ୍ତି କାର୍ଯ୍ୟକାରୀ ହୁଏ । ବାସ୍ତବରେ ଆଣବିକ ଶକ୍ତି କେନ୍ଦ୍ର ହେଉଛି ମଣିଷ ନିଜେ ।

ସ୍ୱାସ୍ଥ୍ୟ କ୍ଷେତ୍ରରେ ଏହା କିପରି କାର୍ଯ୍ୟକାରୀ ହୁଏ ତାହାର ଏକ ଉଦାହରଣ ଏଠାରେ ପ୍ରଦତ୍ତ କରାଯାଇପାରେ । ଏକଦା ଜଣେ ଅଳ୍ପ ବୟସ୍କ ଯୁବକ ନିମୋନିଆ ସହ ଭୀଷଣ ଜ୍ୱର ଓ ଯନ୍ତ୍ରଣା ଭୋଗ କଲେ । ସମସ୍ତ ଡାକ୍ତରୀ ଚିକିତ୍ସା ସତ୍ତ୍ୱେ ରୋଗ ଉପଶମ ନ ହେବାରୁ ତାଙ୍କର ମା ତାଙ୍କ ବିଛଣା ପାଖରେ ବସି ଭଗବାନଙ୍କୁ ପ୍ରାର୍ଥନା କରି ବାରଂବାର କହି ଚାଲିଲେ, ''ତୁ

ନିଶ୍ଚୟ ସୁସ୍ଥ ହେବୁ । ତୋ' ଜୀବନର ସମସ୍ତ ଯୋଜନା ଫଳବତୀ କରାଇ ପାରିବୁ । ତୋ' ଜୀବନ ସୁରକ୍ଷିତ, ତୋ' ସ୍ୱାସ୍ଥ୍ୟ ସୁରକ୍ଷିତ । ଭଗବତ୍ ଶକ୍ତି ତୋ' ସହ ସର୍ବଦା ରହିଛି ।'' ଏହାର ଅନେକ ସମୟ ପରେ ଯୁବକ ଜଣକ ଭଲ ଭାବରେ କାଶିବା ପାଇଁ ଶକ୍ତି ପାଇଲା । ତା'ପରେ ଧୀରେ ଧୀରେ କଥା କହିବାକୁ ଆରମ୍ଭ କଲା । ଯନ୍ତ୍ରଣା କମ୍ ହୋଇ ଆସିଲା ଏବଂ ପୂର୍ଣ୍ଣ ସୁସ୍ଥ ହେବା ପାଇଁ କିଛି ଦିନ ସମୟ ଲାଗିଲା ।

ମନୁଷ୍ୟ ଶରୀରର ପ୍ରକୃତ ଧର୍ମ ବୁଝିବାର ଅଭାବ କାରଣରୁ ଅଧିକାଂଶ ମାନସିକ ଓ ଶାରୀରିକ ଅସୁସ୍ଥତା ଘଟିଥାଏ । ଏପରି ବୁଝାଯାଏ ଯେ ମନୁଷ୍ୟ କେବଳ ଆଂଶିକ ଭାବେ ଜୀବନ୍ତ । କାରଣ, ସେ ବୁଝିପାରେନି ଯେ ତା' ନିଜ ଭିତରେ ଥିବା ଜୀବନୀ ଶକ୍ତିକୁ ସେ ନିଜେ ହିଁ ଜାଗରିତ କରିପାରେ । ଏଥିପାଇଁ ପୃଥିବୀର ବିଭିନ୍ନ ସ୍ଥାନରେ ଅନୁଷ୍ଠାନମାନ ଖୋଲା ଯାଇ ମଣିଷର ଅନ୍ତର୍ନିହିତ ଶକ୍ତି ଏବଂ ଏହାର ବ୍ୟବହାର ସମ୍ବନ୍ଧରେ ଶିକ୍ଷା ଦିଆଯାଉଛି ।

ବିଭିନ୍ନ ଲୋକଙ୍କର ଭିନ୍ନ ଭିନ୍ନ ଚିନ୍ତାଧାରା ଦୃଷ୍ଟିରୁ ସମାନ ଶାରୀରିକ କଷ୍ଟର କାରଣ ସମସ୍ତଙ୍କ ପାଇଁ ସମାନ ହୋଇ ନ ଥାଏ । ଯେଉଁମାନଙ୍କର ପ୍ରାଣଶକ୍ତିର ଅଭାବ ଥାଏ, ସେମାନଙ୍କର କଥାବାର୍ତ୍ତା ସାଧାରଣତଃ ନୀରସ ଓ ବିରକ୍ତିଜନକ ଏବଂ ଯେଉଁମାନେ ପ୍ରାଣବନ୍ତ, ସେମାନଙ୍କର ଭାଷା ଉତ୍ସାହଜନକ ହୋଇଥାଏ । ଏଣୁ ଜୀବନୀ ଶକ୍ତିକୁ ଆବାହନ କରି ଏହାର ସ୍ରୋତରେ ପ୍ଳାବିତ ହୁଅ ।

ଏକଦା ଜଣେ ଯୁବକ ସିଫିଲିସ୍ (Syphilis) ରୋଗରେ ପୀଡ଼ିତ ହେଲେ । ତାଙ୍କ ପିଠିରେ ବହୁତ ଯନ୍ତ୍ରଣା ହେଉଥିଲା । ଓଠ, କାନ ଓ ଶରୀରର ଅନ୍ୟ କେତେ ଅଙ୍ଗକୁ ରୋଗ ଆକ୍ରମଣ କରିଥିଲା । ଏଭଳି ପରିସ୍ଥିତିରେ ଡାକ୍ତର ତାଙ୍କୁ କହିଥିଲେ ଯେ ତାହା ଦୁରାରୋଗ୍ୟ ହୋଇଛି । ଦୁଃଖରେ ଭାଙ୍ଗି ପଡ଼ିଥିବା ଯୁବକ ଜଣେ ଆଧ୍ୟାତ୍ମିକ ଗୁରୁଙ୍କର ସହାୟତା ଲୋଡ଼ିଲେ । ଗୁରୁ ପ୍ରଥମତଃ ରୋଗୀଙ୍କୁ ସାନ୍ତ୍ୱନା ଦେଲେ । ତା'ପରେ ସେ ନିଜେ ଦୀର୍ଘ ସମୟ ଧରି ଧ୍ୟାନସ୍ଥ ହେଲେ । ପରେ ସେ ରୋଗୀକୁ ତିନିଦିନ ପାଇଁ ଘରକୁ ଫେରିଯିବା ପାଇଁ କହିଲେ । ଏହି ସମୟ ମଧ୍ୟରେ ଧ୍ୟାନ ଓ ଭଗବତ୍ କୃପା ସମ୍ବନ୍ଧୀୟ ପୁସ୍ତକ ପଢ଼ିବା ପାଇଁ ପରାମର୍ଶ ଦେଲେ ।

ଆହୁରି ମଧ୍ୟ ନିଜକୁ ନିଜେ କିଛି କହିବା ପାଇଁ ରୋଗୀକୁ ଉପଦେଶ ଦେଲେ । ''ମୁଁ ମୋ ଜୀବନର ସମସ୍ତ ଖରାପ କାର୍ଯ୍ୟ କରିବାରୁ ନିବୃତ୍ତ ରହୁଛି । ଏହି ମୁହୂର୍ତ୍ତରୁ ମୁଁ ପବିତ୍ର ଜୀବନଯାପନ କରିବି । ଏ ବିଶ୍ୱବ୍ରହ୍ମାଣ୍ଡକୁ ମୁଁ ମୋର ସମସ୍ତ ଅପରାଧ ପାଇଁ କ୍ଷମା ମାଗୁଛି ଏବଂ ଏକ ନୂତନ ତଥା ଉନ୍ନତ ଜୀବନଯାପନ କରିବାକୁ ପ୍ରସ୍ତୁତ ଅଛି । ମୁଁ ନିର୍ମଳ, ନିଷ୍ପାପର, ସୁସ୍ଥ ଓ ମୁକ୍ତ ବୋଲି ଅନୁଭବ କରୁଛି ।'' ଏହିପରି ଭାବରେ ରୋଗୀ ନିଜକୁ କହି ଚାଲି ନିଜ ମାନସିକ ସ୍ଥିତିକୁ ଶାନ୍ତ ଓ ସ୍ଥିର କଲା ।

ତିନି ଦିନ ପରେ ଗୁରୁଙ୍କୁ ସାକ୍ଷାତ୍ କରି ନିଜ ଯନ୍ତ୍ରଣାର ହ୍ରାସ ହୋଇଛି ବୋଲି ଜଣାଇଲା । ତା'ପରେ ଜୀବନୀ ଶକ୍ତିକୁ ପ୍ରାର୍ଥନା ଓ ଆବାହନ କରିବାକୁ ଗୁରୁ ପରାମର୍ଶ ଦେଲେ । ଏହି ଅଭ୍ୟାସର କିଛି ଦିନ ପରେ ସେ ଯନ୍ତ୍ରଣାମୁକ୍ତ ହେଲେ ଏବଂ ପୂର୍ବ ସ୍ୱାସ୍ଥ୍ୟ ଫେରି ପାଇଲେ ।

ସାଧାରଣତଃ ମନୁଷ୍ୟର ଗଭୀର ମାନସିକ ଓ ଆବେଗିକ ସଂଘର୍ଷ ଏପରି ପରିସ୍ଥିତି ସୃଷ୍ଟି କରେ ଯେ ଡାକ୍ତର କହିଥା'ନ୍ତି ତାହା ଦୁରାରୋଗ୍ୟ । ମାତ୍ର ମନ ମଧ୍ୟରୁ ସଂଘର୍ଷ ଦୂର ହୋଇଗଲେ ରୋଗ ବି ଚାଲିଯାଏ । ଏହା ଜାପାନୀ ଦାର୍ଶନିକ ଡକ୍ଟର Masaharu Taniguchi କହନ୍ତି ।

ଅନେକ ସମୟରେ କୁହାଯାଏ ଯେ ଜୀବନ ଶୈଳୀ ପରିବର୍ତ୍ତନ କର । ଏହାର ଅର୍ଥ ହେଉଛି ନିଜର ଭୌତିକ ଜୀବନର ପରିପ୍ରକାଶ ସର୍ବଦା ପବିତ୍ର ହେବା ଆବଶ୍ୟକ । ଏହା ଆତ୍ମାର ବିକାଶ ଓ ଅଭିବୃଦ୍ଧି ନିମିତ୍ତ ଉତ୍ତମ ଓ ଉନ୍ନତ ଜୀବନଯାପନକୁ ବୁଝାଏ । ଏଥିରେ ଶାରୀରିକ ଓ ମନସ୍ତାତ୍ତ୍ୱିକ ପରିବର୍ତ୍ତନ ହୋଇଥାଏ ।

ନିଜର ଜୀବନ କେନ୍ଦ୍ରକୁ ରୋଗମୁକ୍ତ ରଖିବା ପାଇଁ ଚାହିଁଲେ ଅନ୍ୟ ପ୍ରତି ଅସତ୍ୟ, ଅପବିତ୍ର, ଅପବାଦ ଓ ଅପମାନଜନକ ଭାଷା ପ୍ରୟୋଗ ନ କରିବା ଏବଂ ଏପରି ଶବ୍ଦ ପ୍ରତି କର୍ଣ୍ଣ ବି ବନ୍ଦ ରଖିବା ଉଚିତ । ମସ୍ତିଷ୍କର ସମ୍ମୁଖ ଭାଗରେ ଥିବା ଇଚ୍ଛାଶକ୍ତି କେନ୍ଦ୍ର ଓ ବେକର ମୂଳରେ ଥିବା ଉତ୍ସାହ କେନ୍ଦ୍ର – ଏ ଦୁଇଟି ଜୀବନ କେନ୍ଦ୍ର ସହିତ ସମ୍ପର୍କିତ । ଏହି ଜୀବନୀ ଶକ୍ତି ଅବଚେତନ ଅଞ୍ଚଳରେ ଥିବା ସୋଲାର ପ୍ଲେକ୍ସସ୍ ଓ ସହସ୍ରାର ଚକ୍ରକୁ ଗଠନମୂଳକ ଭାବରେ ନିୟନ୍ତ୍ରଣ କରେ ମଧ୍ୟ । ମେରୁଦଣ୍ଡ ହେଉଛି ବିଦ୍ୟୁତ୍‌ଶକ୍ତିର ଏକ କେବୁଲ୍ ତାର ପରି, ଯାହା ଶକ୍ତିକୁ ପରିଚାଳନା ଓ ପରିବହନ କରେ । ଏହା ମଧ୍ୟ ଦେଇ ସ୍ନାୟବିକ ବ୍ୟବସ୍ଥା ମାଧ୍ୟମରେ ଜୀବନୀ ଶକ୍ତି ପ୍ରବାହିତ ହୁଏ । ଫଳରେ ଶରୀରରେ ପଞ୍ଚ-ମହାଭୂତ ସନ୍ତୁଳିତ ଭାବରେ କାର୍ଯ୍ୟ କରନ୍ତି ।

ଏଣୁ ଜୀବନୀ ଶକ୍ତି ଉପରେ ଧ୍ୟାନ କେନ୍ଦ୍ରିତ କରି ଆବାହନ କଲେ ଶରୀରର ନାଡ଼ି, ତନ୍ତୁ, ସ୍ନାୟୁ, ମାଂସପେଶୀ ଏବଂ କୋଷ ମଧ୍ୟ ଦେଇ ଶକ୍ତି ପ୍ରବାହିତ ହୁଏ ଏବଂ ଚକ୍ଷୁର ଦୃଷ୍ଟିଶକ୍ତି, ଚର୍ମର ଉଜ୍ଜ୍ୱଳତା ଏବଂ ସମଗ୍ର ଶରୀରର ସୁସ୍ଥତା ରକ୍ଷା ହୁଏ । ଏହା ସହିତ ସମସ୍ତ ଗ୍ରନ୍ଥି ବି ଶାନ୍ତ ଭାବରେ କ୍ରିୟାଶୀଳ ହୁଏ ।

ଶରୀରର ପ୍ରତ୍ୟେକ କୋଷ ଓ ପରମାଣୁରେ ଜୀବନ ଶକ୍ତି ଓ ଧୀ ଶକ୍ତି ଥିବାରୁ, ଜୀବନ ସମ୍ବନ୍ଧୀୟ କୌଣସି ଉତ୍ତମ କଥା ଭାବିଲେ ବା ପ୍ରକାଶିତ କଥିତ ଭାଷା ଉନ୍ନତ ହେଲେ ଏହାର ପରିଣାମରେ ଜଣେ ଆଶ୍ଚର୍ଯ୍ୟାନ୍ୱିତ ହୋଇପାରେ । ଅର୍ଥାତ୍, ଏହି ଉତ୍ତମ ଭାଷାର ଉତ୍ତର ପ୍ରତ୍ୟେକ କୋଷ ହିଁ ଦେଇଥାଏ । ଏପରିକି ଏକ ନୂତନ ସୁନ୍ଦର କଳ୍ପନା ଜୀବନ ସମ୍ମୁଖରେ ଉପସ୍ଥାପିତ କଲେ, ଶରୀର ଏହି ମାନସିକ ଚିତ୍ରକୁ ଗ୍ରହଣ କରି ନେଇ ତାହା ଉପରେ କାର୍ଯ୍ୟ କରିବା ଆରମ୍ଭ କରିଦିଏ । ଜୀବନର ଏହି ଗତିଶୀଳ ପ୍ରକୃତିକୁ ଓ ଅନ୍ତର୍ନିହିତ ଅପରିସୀମ ଶକ୍ତିକୁ ଲାଭ କରିବା ପାଇଁ ଜଣେ କିପରି ନିଜକୁ ଯୋଗ୍ୟ କରିପାରିବ ଏହା ତା' ନିଜ ପ୍ରୟାସ ଉପରେ ନିର୍ଭର କରେ ।

ଏଣୁ ମନେ ରଖିବାକୁ ହେବ ଯେ ଜୀବନୀ ଶକ୍ତି ଥିବା ପ୍ରଜନନ ଅଙ୍ଗ ହେଉଛି ପବିତ୍ରତାର କେନ୍ଦ୍ରସ୍ଥଳ ।

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**


୧. 'The Healing Secret of the Ages' by Catherine Ponder, P. 14, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, P. 15, Published by Kuldeep Jain.


(*ପୃଷ୍ଠା ୪୫ର ଅବଶିଷ୍ଟାଂଶ*)

ଅସ୍ତିତ୍ୱ ଭିନ୍ନ ଭିନ୍ନ ହୋଇଥିଲେ ମଧ୍ୟ ଆମ ଅନ୍ତିମ ଗନ୍ତବ୍ୟ ସେହି ମହାଚେତନାର ଆନନ୍ଦମୟ ଆଶ୍ଲେଷ ।'' ଉଦ୍ଦାଳକ ବୁଝାଇ କହିଲେ ।

ଜନ୍ମ ଜନ୍ମ ଧରି ବ୍ୟାପ୍ତ ଆମର ଯାତ୍ରା, କର୍ମଫଳ, ପ୍ରାରବ୍ଧ – ଏସବୁ ବିଷୟରେ ଦୀର୍ଘ ଓ ବ୍ୟାପକ ଆଲୋକପାତ କରି ଉଦ୍ଦାଳକ ଜୀବନର କିଛି ମୌଳିକ ସମସ୍ୟା ସମ୍ପର୍କରେ ଶ୍ୱେତକେତୁଙ୍କ ଦୃଷ୍ଟି ଆକର୍ଷଣ କରାଇ କହିଲେ, ''ଚକ୍ଷୁରେ ପଟଳ ଓ ହାତରେ ବନ୍ଧନ ଥିବା ବ୍ୟକ୍ତିଟିଏ ଯେପରି କୌଣସି ଅଜ୍ଞାତ ସ୍ଥାନରୁ ନିଜ ମୁକ୍ତିର ମାର୍ଗ ପାଏ ନାହିଁ, ଠିକ୍ ସେହିପରି ଅବିଦ୍ୟା ଓ ଆସକ୍ତିରୂପକ ବନ୍ଧନ ଓ ପଟଳଯୁକ୍ତ ବ୍ୟକ୍ତି ପାଇଁ ତା' ମୁକ୍ତିର ମାର୍ଗ କଷ୍ଟକର ହୋଇ ପଡ଼ିଥାଏ । ଗୁରୁଙ୍କ ସାନ୍ନିଧ୍ୟ ହିଁ ତାକୁ ସେ ପଟଳ ଓ ବନ୍ଧନରୁ ମୁକ୍ତି ଦେଇଥାଏ ।''

''ସୂକ୍ଷ୍ମ ସତ୍ୟ ପ୍ରତି ଉନ୍ମୁଖ ଥିବା ବ୍ୟକ୍ତି ସ୍ଥୂଳ ଜୀବନର ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ନିଶ୍ଚିତ । ଏଥିପାଇଁ ଯାହା ଲୋଡ଼ା ତାହା ହେଉଛି ତୀବ୍ର ଆନ୍ତରିକତା ଓ ଇଚ୍ଛାଶକ୍ତି ।'' ଉଦ୍ଦାଳକଙ୍କ ଏ ଶେଷ ବକ୍ତବ୍ୟ ପରେ କୃତଜ୍ଞ ଶ୍ୱେତକେତୁ ପିତାଙ୍କ ଉଦ୍ଦେଶ୍ୟରେ ମଥାନତ କଲେ ।

ଛାନ୍ଦୋଗ୍ୟ ଉପନିଷଦ୍‌ରେ ବର୍ଣ୍ଣିତ ଏ ଦୀର୍ଘ ଓ ଅନୁପମ କଥୋପକଥନ ଭାରତର ପ୍ରାଚୀନ ଅମର କଥାମାନଙ୍କ ମଧ୍ୟରୁ ଅନ୍ୟତମ । ❑

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୩)

## ଗୟାଧର ଦାଶ

### ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭିନବତ୍ୱ

ଅଧିକାଂଶ ଅଭିଭାବକମାନେ ପୂର୍ଣ୍ଣାଙ୍ଗ ଶିକ୍ଷା କ'ଣ, ତାହା ଜାଣନ୍ତି ନାହିଁ । ସେମାନଙ୍କୁ ପୂର୍ଣ୍ଣାଙ୍ଗ ଶିକ୍ଷା ବିଷୟରେ ଅବଗତ କରିବା ସକାଶେ ବିଶେଷ ତାଲିମ ଦେବାର ବ୍ୟବସ୍ଥା ରହିବା ବିଧେୟ । ପିଲାଟି ପ୍ରାଥମିକ ଅବସ୍ଥାରେ କିଛି ଜାଣି ନ ଥାଏ । ତେଣୁ ମାତାପିତା ଯେଉଁ ବିଦ୍ୟାଳୟକୁ ପଠାଇବେ, ସେ ସେଠାରେ ହିଁ ଶିକ୍ଷା ଲାଭ କରେ । ପିଲାଟି ସ୍ୱେଚ୍ଛାରେ କୌଣସି ବିଦ୍ୟାଳୟ ପ୍ରତି ଆକୃଷ୍ଟ ହୋଇ କିଂବା ତାକୁ ସେହି ବିଦ୍ୟାଳୟଟି ଭଲ ଲାଗୁଛି ବୋଲି ଆସି ନ ଥାଏ । ଯେଉଁ ବିଦ୍ୟାଳୟରେ ପାଠପଢ଼ା ଉତ୍ତମ କିଂବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବା ସଂଖ୍ୟା ଅଧିକ ସେହି ବିଦ୍ୟାଳୟକୁ ମାତାପିତାମାନେ ନିଜର ପିଲାମାନଙ୍କୁ ପଠାଇ ଥାଆନ୍ତି ।

ମାତାପିତାମାନେ ଏହି ଆଶା ରଖନ୍ତି ଯେ ସେମାନଙ୍କ ପିଲା ସମାଜ ପାଇଁ ଉପଯୋଗୀ ହେଉ । କିନ୍ତୁ ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ସଫଳତା ନୁହେଁ କି ପିଲାଙ୍କୁ ଉପଯୋଗୀ କରିବା ନୁହେଁ । ଏହା ଏକ ଅଭିନବ ଶିକ୍ଷା, ଏକ ଆତ୍ମଶିକ୍ଷା । ଏହି ଶିକ୍ଷା ତିନୋଟି ମୂଳ ସୂତ୍ର ଉପରେ ପର୍ଯ୍ୟବସିତ । ପ୍ରଥମଟି ହେଲା ପିଲାଙ୍କୁ କିଛି ବି ଶିକ୍ଷା ଦିଆଯାଇ ପାରିବ ନାହିଁ (Nothing can be taught) । ପିଲା ଭିତରେ ସକଳ ଶିକ୍ଷା ମହଜୁଦ ହୋଇ ରହିଛି ଏବଂ ତାହାକୁ ଉନ୍ମୋଚନ କରି ଆଣିବାରେ ମାତାପିତା ଓ ଶିକ୍ଷକମାନେ ଉପଯୁକ୍ତ ପରିବେଶ ଯୋଗାଇ ଦେବେ ଏବଂ ଆବଶ୍ୟକ ସ୍ଥଳେ ସାହାଯ୍ୟ ଓ ସହଯୋଗ କରିବେ । ଦ୍ୱିତୀୟଟି ହେଉଛି ଶିକ୍ଷା ପାଇଁ ପିଲାର ପରାମର୍ଶ ଲୋଡ଼ିବାକୁ ହେବ (Mind has to be consulted in its growth) । ପିଲାମାନଙ୍କର ଗୋଟିଏ ମନ ଅଛି ବୋଲି ଆମେ ଜାଣିଥିଲେ ବି ଗ୍ରହଣ କରି ପାରୁନା । ବଡ଼ ମଣିଷଙ୍କ ଇଚ୍ଛାରେ ସେ ବାଟ ଚାଲିବ, କାରଣ ସେ ଛୋଟ ପିଲା । ତା'ର ପସନ୍ଦ, ଅପସନ୍ଦ କିଛି ନାହିଁ ଏବଂ ବଡ଼ମାନେ ଯାହା କହିବେ ସେ ତାହା କରିବ । ପରାଧୀନ ପୋଷା ପ୍ରାଣୀଟିଏ ପରି ସେ କେବଳ ବୋଲ ମାନିବ । ଏହା ଦ୍ୱାରା ପିଲାଟିର କେତେ ଯେ କ୍ଷତି ହୁଏ ତାହା ଆମେ ଜାଣି ପାରୁନା । ମାଙ୍କଡ଼, ଘୁଷୁରି, ମେଣ୍ଢା ପରି ଅନ୍ୟକୁ ଅନୁକରଣ କରି ବାଟ ଚାଲିବା ଦ୍ୱାରା ସେ ସ୍ୱାଧୀନ ଭାବରେ ଜୀବନ ବଞ୍ଚିବାର କଳା ଶିଖି ପାରେନା । ତେଣୁ ପିଲାର ଆଗ୍ରହ, ପସନ୍ଦ ଓ ଅପସନ୍ଦକୁ ଜାଣିବାକୁ ହେବ । ତା'ର ସ୍ୱଭାବ ଓ ସ୍ୱଧର୍ମକୁ ମଧ୍ୟ ଜାଣିବାକୁ ହେବ । ସେ ତା'ର ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ ବାଟ ଚାଲିବା ପାଇଁ ଆମେ ତାକୁ ଉତ୍ସାହିତ କରିବା ଉଚିତ । ତୃତୀୟ ମୂଳ ସୂତ୍ରଟି ହେଉଛି ନିକଟସ୍ଥ ପାରିପାର୍ଶ୍ୱିକ ଅବସ୍ଥାରୁ ଆରମ୍ଭ କରି ଦୂରଦୂରାନ୍ତ ପର୍ଯ୍ୟନ୍ତ, ବର୍ତ୍ତମାନ ଯାହା ଅଛି ତହିଁରୁ ଆରମ୍ଭ କରି ଭବିଷ୍ୟତରେ ଯାହା ହୋଇ ଉଠିବ ସେଥିନିମିତ୍ତ କାର୍ଯ୍ୟ କରିବା (To work from the near to the far, from that which is, to that which shall be) । ନିକଟରୁ ଦୂରକୁ, ଅଳ୍ପରୁ ବେଶୀ, ସସୀମରୁ ଅସୀମ, ଅପୂର୍ଣ୍ଣରୁ ପୂର୍ଣ୍ଣ, ଅବିଦ୍ୟାରୁ ବିଦ୍ୟା, ବର୍ତ୍ତମାନରୁ ଭବିଷ୍ୟତ୍ ଆଡ଼କୁ ଗତି କରିବା ଶିକ୍ଷାର ମୌଳିକ ପ୍ରଣାଳୀ ଅଟେ । ଏ କ୍ଷେତ୍ରରେ ପିଲାର ଆଗ୍ରହ, ବୟସ ଓ ସାମର୍ଥ୍ୟକୁ ପ୍ରାଧାନ୍ୟ ଦିଆଯାଏ । ପିଲାଟି ଯେତିକି ବୁଝିପାରିବ ବା କାର୍ଯ୍ୟରେ ଲଗାଇ ପାରିବ, ସେତକ ନ ଦେଇ ଯଦି ବେଶୀ ପାଠ ବା କାର୍ଯ୍ୟ ଦିଆଯାଏ ତେବେ ତା'ର ମସ୍ତିଷ୍କଟି ଭାରାକ୍ରାନ୍ତ ହୋଇଯାଏ । ଫଳରେ ସେ ପାଠ ବୁଝି ପାରେନା ଏବଂ ପାଠ ପ୍ରତି ତା'ର ଆଗ୍ରହ କମି ଯାଏ । ପିଲାଟି ହୁଏତ ପାଠକୁ ଘୋଷି ଦେଇ ପରୀକ୍ଷାରେ କୃତକାର୍ଯ୍ୟ ହେଲେ ବି ପରୀକ୍ଷା ପରେ ପାଠଗୁଡ଼ିକୁ ସେ ଭୁଲି ଯାଏ । ପ୍ରକୃତରେ ପିଲାଟିକୁ ପଢ଼ିବା ପାଇଁ ବହୁତ ସମୟ ଦେବା ଆବଶ୍ୟକ । ଗାଡ଼ି ଧରିବାକୁ ନାହିଁ ଯେ ସବୁବେଳେ ତାକୁ ତରତର କରିବା । ପର୍ଯ୍ୟାପ୍ତ ସମୟ ମିଳିଲେ ପିଲାଟି ସ୍ୱାଧୀନ ଭାବରେ ଅନେକ କିଛି ଚିନ୍ତା କରିପାରିବ ଏବଂ ବିଷୟଟିକୁ ପୁଙ୍ଖାନୁପୁଙ୍ଖ ଭାବେ ପଢ଼ି ବୁଝିବା ସକାଶେ ସମର୍ଥ ହୋଇ ପାରିବ । ବେଶୀ ଖାଇଲେ ଅଜୀର୍ଣ୍ଣ ହେବା ପରି ବେଶୀ ପାଠ ଦେଲେ ସେ ତାହାକୁ ବୁଝିବାରେ ଅସମର୍ଥ ହେବ । ସୁତରାଂ ପିଲାଟି ଅଳ୍ପରୁ ବେଶୀ ଆଡ଼କୁ ଯିବ

ଏବଂ ଧୀରେ ଧୀରେ ବଢ଼ିବ । ସ୍ୱାତନ୍ତ୍ର୍ୟ ଓ ସ୍ୱାଚ୍ଛନ୍ଦ୍ୟ ଭିତରେ ରହି ପିଲାଟିକୁ ଯଦି ନିର୍ଭୟରେ ତା'ର ସ୍ୱାଭାବିକ ଧାରାରେ ବଞ୍ଚିବା ଓ ବଢ଼ିବାକୁ ଦିଆଯାଏ ତେବେ ଶିକ୍ଷାଟି ଫଳପ୍ରଦ ହୋଇଥାଏ । ପିଲାଟି ଆଗରେ ଯଦି ଦୂରଟାକୁ ଆଣି ରଖାଯାଏ, ଅପ୍ରାପ୍ତକୁ କମ୍ ସମୟ ଭିତରେ ପାଇବା ପାଇଁ କୁହାଯାଏ ଏବଂ ଭବିଷ୍ୟତକୁ ବର୍ତ୍ତମାନ ଉପରେ ଲଦି ଦିଆଯାଏ ତେବେ ପିଲାଟି ବାଟବଣା ହୁଏ । ସେ କ'ଣ କରିବ, କ'ଣ ନ କରିବ ଏବଂ କ'ଣ ହେବ ବା ନ ହେବ ତାହା ସେ ଜାଣି ପାରେନା । ପ୍ରକାରାନ୍ତରେ ଭଲଟା ହିଁ ଭେଲ ହୁଏ । ଦିଅଁ ଗଢୁ ଗଢୁ ବାନର ହୋଇଯାଏ । ବହୁ କ୍ଷେତ୍ରରେ ଏପରି ଘଟେ ଯେ ପିଲା ମାତାପିତାଙ୍କର ଆଶା ଓ ଅଭିଳାଷକୁ ପୂର୍ଣ୍ଣ କରିବା ପାଇଁ ଅତ୍ୟଧିକ ପରିଶ୍ରମ କରେ; କିନ୍ତୁ ହେଲା ବେଳକୁ ଅଲଗା ହୁଏ । ଯଦି ଆଶା ରୂପକ ସଫଳତା ମିଳିଯାଏ ତେବେ ପରବର୍ତ୍ତୀ ଜୀବନ ଧାରାଟି କ'ଣ ହୁଏ ତାହା ପ୍ରାୟ ଅନୁଭବୀ ମାତାପିତାମାନେ ଊଣାଅଧିକେ ଜାଣନ୍ତି ।

ପୂର୍ଣ୍ଣାଙ୍ଗ ଶିକ୍ଷାର ତିନୋଟି ମୌଳିକ ସୂତ୍ର ବ୍ୟତୀତ ଆଉ ତିନୋଟି ନିୟାମକ ସୂତ୍ର (Guiding Principle) ରହିଛି, ଯାହା ପିଲାକୁ ନିଜକୁ ଜାଣିବା, ଜଗତକୁ ବୁଝିବା ଏବଂ ସର୍ବୋପରି ପରମ ସତ୍ୟ ପ୍ରତି ସଚେତନ ହେବା ସକାଶେ ବାଟ ଦେଖାଏ । ସେହି ତିନୋଟି ସୂତ୍ର ହେଲା – ସତ୍ୟ (Truth), ସ୍ୱାଧୀନତା (Liberty) ଓ ସଂହତି (Harmony) । ବିଶେଷତଃ ଭବିଷ୍ୟତର ଆହ୍ୱାନ ପ୍ରତି ସଚେତନ ହେବା, ନିଜ ଉପରେ କର୍ତ୍ତୃତ୍ୱ ହାସଲ କରିବା, ଦିବ୍ୟ ସ୍ୱଭାବରେ ନିଜକୁ ଗଢ଼ିବା ଏବଂ ଜ୍ଞାନକୁ ଧାରଣ କରିବାରେ ସମର୍ଥ ହେବା ଦିଗରେ ଏହି ନିୟାମକ ସୂତ୍ର ତିନୋଟି ଅବ୍ୟର୍ଥ ସାଧନ ରୂପେ କାର୍ଯ୍ୟ କରିଥାଏ ।

ପୂର୍ଣ୍ଣାଙ୍ଗ ଶିକ୍ଷାର ସୂତ୍ରଗୁଡ଼ିକୁ ଜୀବନ ବିଦ୍ୟାଳୟରେ ପ୍ରୟୋଗ କରିବାକୁ ହେଲେ ଆମକୁ ଯୋଗ୍ୟ ହୋଇ ଉଠିବାକୁ ପଡ଼ିବ । ଆମର ଦାୟିତ୍ୱ ପ୍ରତି ସଚେତନ ହେବାକୁ ପଡ଼ିବ । ସର୍ବପ୍ରଥମେ ଶିଶୁ, ଶିକ୍ଷା ଓ ଶିକ୍ଷାକେନ୍ଦ୍ର ପ୍ରତି ଆମର ପୁରୁଣା ଦୃଷ୍ଟିଭଙ୍ଗୀଟିକୁ ପରିବର୍ତ୍ତନ କରିବା ସକାଶେ ଆମେ ପ୍ରସ୍ତୁତ କି ? ଗୋଟିଏ ପିଲାକୁ ପୃଥିବୀକୁ ଆଣି ତାକୁ ଖାଇବା, ପିନ୍ଧିବା ଓ ରହିବାକୁ ଦେଇ; ତା'ର ସ୍ୱାସ୍ଥ୍ୟ ଆଡ଼କୁ ଅଳ୍ପ ବହୁତ ଦୃଷ୍ଟି ରଖି; ତା'ର ସ୍ଥୂଳ ଦାବୀଗୁଡ଼ିକୁ ପୂରଣ କରି ଦେଇ, ତା'ର ମାନସିକ ଶିକ୍ଷାର ଦାୟିତ୍ୱ ଶିକ୍ଷକମାନଙ୍କ ଉପରେ ଛାଡ଼ି ଦେଇ ଆମର କର୍ତ୍ତବ୍ୟ ଶେଷ ହେଲା ବୋଲି ନିଶ୍ଚିନ୍ତରେ ରହି ପାରିବା କି ? ଆମେ ଯଦି ପ୍ରକୃତରେ ପିଲାର ଅଗ୍ରଗତି ହେଉ ବୋଲି ଚାହୁଁଥିବା ତେବେ ନିଜର ଅଗ୍ରଗତି ପ୍ରତି ସତର୍କ ଦୃଷ୍ଟି ଦେବାକୁ ପଡ଼ିବ । ଆମେ ଯାହା ନୁହେଁ ତାହା ହେବା ପାଇଁ ପିଲାକୁ ବାଧ୍ୟ କରିବା କେଉଁ ଶିକ୍ଷାର ନିୟମ ? ଏହା ଦ୍ୱାରା ପିଲାଟି ଶୁଦ୍ଧ ଶିକ୍ଷା ବଦଳରେ ବିକୃତ ଶିକ୍ଷାଗୁଡ଼ାଏ ପାଇଥାଏ । ନିଜେ ନ ବଦଳିଲେ ଆମେ ପିଲାକୁ ବା ସମାଜକୁ ବଦଳାଇ ପାରିବା ନାହିଁ । ନିଜଠାରେ କୌଣସି ଆଦର୍ଶ ନ ଥାଇ ବୃଥାରେ ଆମେ ଆଦର୍ଶ ମାତାପିତା ବୋଲି ଗର୍ବ କରି ପାରିବା କି ? ଯେଉଁମାନେ ପିଲାର ମାତାପିତା ବୋଲି ଗର୍ବ କରନ୍ତି, ପିଲାର ଉନ୍ନତିରେ ଅଯଥା ଉଲ୍ଲସିତ ହୁଅନ୍ତି ସେମାନେ ନିଜକୁ ନିଜେ ଯେତେ ଆଦର୍ଶବାନ୍ କହିଲେ ବି ନିଜର ଗଉଁଗୁଡ଼ାକ ସେତେ ବାହାରକୁ ଫୁଟି ଉଠୁଥାଏ ଏବଂ ଅହଂକାରଟି ଜଳ ଜଳ ହୋଇ ଦେଖା ଯାଉଥାଏ । ଆମର ଯାବତୀୟ ତ୍ରୁଟି ପାଇଁ ଭବିଷ୍ୟତ୍ ବଂଶଧରମାନେ ଆମକୁ ହିଁ ଦୋଷୀ ରୂପେ ସାବ୍ୟସ୍ତ କରିବେ ।

ମାନବଜାତିର କ୍ରମବିକାଶ ଧାରାରେ ଆମେ ଏପରି ଏକ ସନ୍ଧିକ୍ଷଣରେ ବାସ କରୁଛନ୍ତି ଯେ ଆମେ ଯଦି ପ୍ରକୃତରେ ବଦଳିବାକୁ ଚାହିଁବା, ଏକ ନୂତନ ଜୀବନ ବଞ୍ଚିବାକୁ ଚାହିଁବା ତେବେ ଅଳ୍ପ ପ୍ରୟାସରେ ଆମେ ଆମର ଲକ୍ଷ୍ୟ ଦିଗରେ ଆଗେଇ ଯାଇ ପାରିବା; କାରଣ ଚେତନାର ଦିଗ୍‌ବଳୟରେ ଅତିମାନସ ସୂର୍ଯ୍ୟ ଉଦୟ ହୋଇଛି । ସେହି ସୂର୍ଯ୍ୟ ହେଉଛି ଦିବ୍ୟଜନନୀଙ୍କର ରୂପାନ୍ତରକାରିଣୀ ମହାଶକ୍ତି । ସେହି ଶକ୍ତିର ପ୍ରଭାବରେ ଜୀବନର ଘନ ଅନ୍ଧକାର ନିମିଷକ ମାତ୍ରେ ଉଭେଇ ଯାଏ । 'ଆମେ ଯେପରି ଅଛୁ' ସେଇ ନୀତିରେ ବିଶ୍ୱାସ କରିବା ନାହିଁ, କିଛି ହେବା ପାଇଁ ଚାହିଁବା । ଆମେ ଯଦି ନ ବଦଳିବା ତେବେ ପ୍ରକୃତି ଆମକୁ ବାଧ୍ୟ କରିବ । ପରିସ୍ଥିତି ଏପରି ହେବ ଯେ ଆମେ ନାନା ବାଧାବିଘ୍ନ, ଦୁଃଖକଷ୍ଟ ଦେଇ ବଦଳିବାକୁ ବାଧ୍ୟ ହେବା । ଏହି ସତ୍ୟକୁ ବୁଝିବା ଏକାନ୍ତ ଆବଶ୍ୟକ । ଆମର ସଂକଳ୍ପ ଓ ଅଧ୍ୟବସାୟ ଉପରେ ନିଜର ତଥା ଶିଶୁର ଭବିଷ୍ୟତ୍ ନିର୍ଭର କରେ ।

ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରକୁ ଅନ୍ୟ ଶିକ୍ଷାକେନ୍ଦ୍ର ସହ ତୁଳନା କରିବା ବାଞ୍ଛନୀୟ ନୁହେଁ । ବାହାରେ କ'ଣ ହେଉଛି ବା ନ ହେଉଛି, କିଏ ପିଲାଙ୍କୁ କେତେ ଦେଉଛି ବା ତାଙ୍କଠାରୁ କେତେ ନେଉଛି, ସେଥିସହ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର କୌଣସି ମତଲବ ନାହିଁ । ବାହାରେ ବହୁତ ଭଲ ବିଦ୍ୟାଳୟମାନ ରହିଛି । ମାତାପିତା ଚାହିଁଲେ ସେଠାକୁ ତାଙ୍କର ପିଲାମାନଙ୍କୁ ପଠାଇ ପାରିବେ ।

ସେହିସବୁ ବିଦ୍ୟାଳୟମାନଙ୍କରେ ଯାହାକିଛି ହେଉଛି, ସେହି କଥାକୁ ଦୋହରାଇବା ପୂର୍ଣ୍ଣାଙ୍ଗ ଶିକ୍ଷାର ଲକ୍ଷ୍ୟ ନୁହେଁ । ପାଠ୍ୟକ୍ରମକୁ ନିର୍ଦ୍ଧାରିତ ସମୟ ଭିତରେ ତରତର ହୋଇ ସାରି ଦେବା, ବାରଂବାର ପରୀକ୍ଷା କରାଯାଇ ପିଲାକୁ କେବଳ ପାଠ ପ୍ରତି ମନ ଦେବାକୁ ପ୍ରବର୍ତ୍ତାଇବା ଏବଂ ପରୀକ୍ଷା ପ୍ରତି ଭୟ ସୃଷ୍ଟି କରିବା ପୂର୍ଣ୍ଣାଙ୍ଗ ଶିକ୍ଷାର ଉଦ୍ଦେଶ୍ୟ ନୁହେଁ । ପିଲାମାନେ ସର୍ବୋଚ୍ଚ ନମ୍ବର ରଖି ଉତ୍ତୀର୍ଣ୍ଣ ହେଲେ ବିଦ୍ୟାଳୟର ସୁନାମ ହେବ ଏବଂ ବିଦ୍ୟାଳୟ ପ୍ରତି ପିଲା ଓ ଅଭିଭାବକମାନେ ଆକୃଷ୍ଟ ହେବେ, ଏହା ମଧ୍ୟ ପୂର୍ଣ୍ଣାଙ୍ଗ ଶିକ୍ଷାର ଉଦ୍ଦେଶ୍ୟ ନୁହେଁ । ପୂର୍ଣ୍ଣାଙ୍ଗ ଶିକ୍ଷା କେବଳ ମାନସିକ ବା ବୌଦ୍ଧିକ ବିକାଶକୁ ପ୍ରାଧାନ୍ୟ ଦିଏନା । ଏହା ବ୍ୟକ୍ତିର ଶରୀର, ପ୍ରାଣ, ମନ, ଚୈତ୍ୟ ଓ ଆତ୍ମାର ଶିକ୍ଷା ଉପରେ ସମାନ ଗୁରୁତ୍ୱ ପ୍ରଦାନ କରେ । ତେଣୁ ଗୋଟିଏକୁ ପ୍ରାଧାନ୍ୟ ଦେଇ ଅନ୍ୟଟିକୁ ଉପେକ୍ଷା କରିବାରେ ପିଲାର ପୂର୍ଣ୍ଣାଙ୍ଗ ବିକାଶ ହୋଇ ପାରେନା । ସୁତରାଂ ପୂର୍ଣ୍ଣାଙ୍ଗ ଶିକ୍ଷା ଏକ ନିତ୍ୟ ନୂତନ ଶିକ୍ଷା ଏବଂ ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ହେଉଛି ଏହି ଶିକ୍ଷାର ଏକ ଗବେଷଣାଗାର । ପ୍ରସ୍ତୁତି ପଥରେ ପୂର୍ଣ୍ଣାଙ୍ଗ ଶିକ୍ଷା ଆଗେଇ ଚାଲିଛି । ପୂର୍ଣ୍ଣାଙ୍ଗ ଶିକ୍ଷାରେ ପିଲାର ଶାରୀରିକ, ପ୍ରାଣିକ, ମାନସିକ, ଚୈତ୍ୟିକ ଓ ଆଧ୍ୟାତ୍ମିକ ବିକାଶ ସହ ସାମାଜିକ ମୂଲ୍ୟବୋଧ ଉପରେ ଗୁରୁତ୍ୱ ଦିଆ ଯାଉଥିବାରୁ ପ୍ରତ୍ୟେକ ମାତାପିତା ନିଜର ପିଲାମାନଙ୍କୁ ଏହିପରି ଶିକ୍ଷାକେନ୍ଦ୍ରକୁ ପଠାଇବା ପୂର୍ବରୁ ଶହେଥର ନିଜକୁ ପଚାରିବାକୁ ପଡ଼ିବ ଏବଂ ନିଜକୁ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଜଣେ ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକ ଓ ପରିଚାଳକ ରୂପେ ମଣିବାକୁ ହେବ । ନୂଆ ହେବାରେ ଯଦି ଆମ ଭିତରେ ଏକ ଆକୁତି ଆସେ ତେବେ ନୂଆ କିଛି କରିବାରେ ଆମକୁ ନାନା ବାଟ ଦେଖାଯିବ । ପ୍ରତ୍ୟେକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରରେ ଯଦି କୌଣସି ନା କୌଣସି ଗୋଟିଏ ନୂତନତ୍ୱ ପ୍ରକାଶ ପାଏ ତେବେ ତାହା ହିଁ ହେବ ପୂର୍ଣ୍ଣାଙ୍ଗ ଶିକ୍ଷାର ଏକ ଅଭିନବ ପ୍ରକାଶ ବା ସଫଳ ରୂପାୟନ । ଆମର ନିଷ୍ଠା, ଦୃଢ଼ ଇଚ୍ଛାଶକ୍ତି ଓ ସକାରାତ୍ମକ ମନୋଭାବ ହିଁ ପୂର୍ଣ୍ଣାଙ୍ଗ ଶିକ୍ଷାର ବିକାଶକୁ ତ୍ୱରାନ୍ୱିତ କରି ପାରିବ ।

ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକ ଓ ପରିଚାଳକ ହେଉଛନ୍ତି ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ରର ଚାରୋଟି ସ୍ତମ୍ଭ । ଏହି ଚାରୋଟି ସ୍ତମ୍ଭ ଉପରେ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର ଇମାରତଟି ଛିଡ଼ା ହୋଇଛି । ଇଟା, ପଥର, ବାଲି, ସିମେଣ୍ଟରେ ତିଆରି ଘରଟି ଆଜି ଅଛି, କାଲି ହୁଏତ ଭାଙ୍ଗି ଯାଇପାରେ । କିନ୍ତୁ ଶିକ୍ଷକ, ଶିକ୍ଷାର୍ଥୀ, ଅଭିଭାବକ ଓ ପରିଚାଳକମାନଙ୍କର ପ୍ରେମ ଓ ସୌହାର୍ଦ୍ଦ୍ୟପୂର୍ଣ୍ଣ ପାରସ୍ପରିକତାରେ ଗଢ଼ି ଉଠିଥିବା ଘରଟି କେବେ ବି ଭାଙ୍ଗି ଯାଏନା । ଏମାନଙ୍କୁ ନେଇ ପୂର୍ଣ୍ଣାଙ୍ଗ ଶିକ୍ଷାର ପରିବାର ଗଠିତ ହୋଇଥାଏ । ଯେଉଁ ପରିବାରରେ ଶ୍ରଦ୍ଧା, ଆତ୍ମୀୟତା, ପ୍ରେମ ଓ ବନ୍ଧୁତା ଅତୁଟ ରହେ ସେହି ପରିବାରଟି ନୂତନ ସମାଜ ଗଠନରେ ଅଗ୍ରଦୂତ ରୂପେ କାର୍ଯ୍ୟ କରେ । ଆମେ ଯଦି ପ୍ରକୃତରେ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ଭଲ ପାଉଥିବା ତେବେ ଆମ ପରିବାରର ସମସ୍ତ ସଦସ୍ୟଙ୍କ ପ୍ରତି ଆମର ଶ୍ରଦ୍ଧା ରହିବ, ଆପଣାର ଭାବ ଜୀବନ୍ତ ହେବ ଏବଂ ଶିକ୍ଷାନୁଷ୍ଠାନର ସର୍ବାଙ୍ଗୀଣ ବିକାଶ ନିମିତ୍ତ ଆମ ସମସ୍ତଙ୍କର ଅବଦାନ ରହିବ ।

(କ୍ରମଶଃ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. Early Cultural Writings, *A System of National Education*, P. 384-385, Author – Sri Aurobindo


ଭାରତର ଭବିଷ୍ୟତ୍ ଖୁବ୍ ସ୍ୱଷ୍ଟ । ଭାରତ ହିଁ ଜଗତର ଗୁରୁ । ପୃଥିବୀର ଭବିଷ୍ୟତ୍ ରୂପରେଖ ଭାରତ ଉପରେ ନିର୍ଭର କରେ । ଭାରତ ହିଁ ଜୀବନ୍ତ ଆତ୍ମା । ଭାରତବର୍ଷ ପୃଥିବୀରେ ଦିବ୍ୟ-ଅଧ୍ୟାତ୍ମ ଜ୍ଞାନକୁ ମୂର୍ତ୍ତ କରୁଛି । ଭାରତ ସରକାର ଭାରତବର୍ଷର ଏହି ତାତ୍ପର୍ଯ୍ୟକୁ ସ୍ୱୀକାର କରିବା ଉଚିତ ଏବଂ ତାଙ୍କର କ୍ରିୟାବଳିରେ ତଦନୁଯାୟୀ ପରିଚାଳିତ ହେବା ଉଚିତ ।

– ଶ୍ରୀମା

# ଦିବାସ୍ୱପ୍ନ

## (୬)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏହାର ରଚନା କାଳ ୧୯୩୨ ମସିହା । ସେସମୟରେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ଏପରିକି ଶିକ୍ଷାୟତନର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନ ଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ ।

ଏପରି ଏକ ପରିବେଶରେ ଜଣେ କାଳ୍ପନିକ ଶିକ୍ଷକ ଗତାନୁଗତିକ ଶିକ୍ଷାପଦ୍ଧତି ବିରୋଧରେ କେବଳ ଯେ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପନ୍ଥା ଉଦ୍ଭାବନ କରିବାକୁ ମଧ୍ୟ ପ୍ରୟାସୀ ହୋଇ ଉଠିଛନ୍ତି । ଅବଶ୍ୟ ଏହି ମରମୀ ଶିକ୍ଷକ ଜଣଙ୍କର ପ୍ରସ୍ତୁତ ‘ପ୍ରଣାଳୀ’ ଓ ‘ପ୍ରୟୋଗ’ ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ’ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ବରଂ ଶିକ୍ଷାର୍ଥୀମାନଙ୍କ ପାଇଁ ତାଙ୍କର ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସେମାନଙ୍କୁ ଶିକ୍ଷିତ କରିବାରେ ପ୍ରେରଣା ଯୋଗାଇଛି । ଧୀରେ ଧୀରେ ସେ ପିଲାମାନଙ୍କର ନିକଟତର ହେବାରେ ଲାଗିଛନ୍ତି ।

ବିଗତ ସଂଖ୍ୟାରେ ଆମେ ପଢ଼ିଛେ, ଶ୍ରେଣୀଗୃହରେ ଜଣେ ଯୁବ ସାଧୁବାବା ଧର୍ମଶିକ୍ଷା ଦେବା ଉଦ୍ଦେଶ୍ୟରେ ଆସିଛନ୍ତି । କିନ୍ତୁ ପିଲାମାନଙ୍କର ସେପରି ଧର୍ମଶିକ୍ଷା ପ୍ରତି କୌଣସି ଆଗ୍ରହ ପରିଲକ୍ଷିତ ହୋଇ ନାହିଁ । ପରେ ଶ୍ରେଣୀ ଶିକ୍ଷକଙ୍କ ସହ ତାଙ୍କର ଭାବର ଆଦାନ-ପ୍ରଦାନରେ ସେ ବୁଝିପାରିଛନ୍ତି ଏପରି ଶିକ୍ଷା ପ୍ରତି ପିଲାମାନଙ୍କର ଜିଜ୍ଞାସା ସୃଷ୍ଟି କରିବାକୁ ଉପଯୁକ୍ତ ପରିବେଶ ଓ ପ୍ରସ୍ତୁତି ଆବଶ୍ୟକ । ସେଥିରେ ମାତାପିତା, ଶିକ୍ଷକ, ଅଭିଭାବକ ସମସ୍ତଙ୍କ ଜୀବନରେ ଉଚ୍ଚତର ଆଦର୍ଶ ନେଇ ବଞ୍ଚିବାର ଆକୁତି ସହ ପ୍ରୟୋଗ ପାଇଁ ପଥ ପ୍ରସ୍ତୁତି ଏକାନ୍ତ ବାଞ୍ଛନୀୟ । କହିବା ବାହୁଲ୍ୟ ସାଧୁବାବାଙ୍କର ଜୀବନ ଦର୍ଶନରେ ପରିବର୍ତ୍ତନ ଆସିଛି ।

ଶିକ୍ଷାବର୍ଷର ଅର୍ଦ୍ଧେକ ସମୟ ଅତିବାହିତ ହେବା ବେଳକୁ ଶିକ୍ଷକ ଜଣକ ଆରମ୍ଭ କରିଛନ୍ତି ଇତିହାସ ଶିକ୍ଷା କାର୍ଯ୍ୟକ୍ରମ । ତାଙ୍କର ଦୃଢ଼ ଧାରଣା ହୋଇଛି ଇତିହାସକୁ ହୃଦୟଗ୍ରାହୀ କରିବାକୁ ହେଲେ ତାକୁ ଗଳ୍ପ ମାଧ୍ୟମରେ ହିଁ ଶିକ୍ଷା ଦେବା ଆବଶ୍ୟକ । ନିଜ ନିର୍ବାଚିତ ପଦ୍ଧତିରେ ଶିକ୍ଷକ ଜଣକ ସଫଳତା ହାସଲ କରିଛନ୍ତି । ତାଙ୍କର ସୃଜନ ପ୍ରତିଭା ବ୍ୟର୍ଥ ହୋଇନି । ଏବେ ତାଙ୍କର ପ୍ରୟୋଗଶାଳାର କିଛି ଅଭିନବ ଉଦ୍ଭାବନ ସମ୍ପର୍କରେ ଜାଣିବା ।...]

### ତୃତୀୟ ଭାଗ

### ଛ’ ମାସ ପରେ

(I)

ପ୍ରତିବର୍ଷ ପରି ଏ ବର୍ଷ ମଧ୍ୟ ଆମ ସ୍କୁଲରେ ବେଶ୍ ଆଗୁଆ ପ୍ରସ୍ତୁତି ଚାଲିଲା । ଡାଇରେକ୍ଟର ମହାଶୟ ଆସିବେ । ସେଥିପାଇଁ ସ୍କୁଲରେ ବିଭିନ୍ନ କାର୍ଯ୍ୟକ୍ରମ ଚାଲିବ । ତର୍କ ପ୍ରତିଯୋଗିତା, କବିତା ପାଠ, ସାଂସ୍କୃତିକ କାର୍ଯ୍ୟକ୍ରମ ଇତ୍ୟାଦି । ଭଲ କରୁଥିବା ପିଲାଙ୍କୁ ପୁରସ୍କାର ଦିଆଯାଏ । ଅନ୍ୟମାନଙ୍କୁ ମଧ୍ୟ କିଛି କିଛି ଦିଆଯାଏ । ସ୍କୁଲର ସବୁ ପିଲାଙ୍କୁ ଲଡୁ ବଣ୍ଟାଯାଏ ।

ସବୁ ପିଲାଙ୍କୁ ଏକାଠି କରି ପ୍ରଧାନ ଶିକ୍ଷକ ଭଲ ପିଲାମାନଙ୍କୁ ବାଛୁଥିଲେ । ଯେଉଁମାନେ ଭଲ ଗୀତ ଗାଇ ପାରନ୍ତି, ଭଲ କହି ପାରନ୍ତି, ଇତ୍ୟାଦି । ଏ ବିଷୟରେ ମୋ ପାଖକୁ ମଧ୍ୟ ନୋଟିସ ଆସିଥିଲା, କିନ୍ତୁ ସେ ପ୍ରକାର ବଛାବଛି ପାଇଁ ମୁଁ ପିଲାଙ୍କୁ ପଠାଇ ନ ଥିଲି । ପ୍ରଧାନ ଶିକ୍ଷକ ମୋତେ କାରଣ ପଚାରିବାରୁ ମୁଁ କହିଲି, ‘‘ମୋ ଶ୍ରେଣୀର ପିଲାମାନେ ଏଥିରେ ଭାଗ ନେଇ ପାରିବେ ନାହିଁ ।’’

‘‘କାହିଁକି ?’’

‘‘ଏ ସବୁ ତ କେବଳ ଡାଇରେକ୍ଟର ମହାଶୟଙ୍କୁ ଖୁସି କରିବା ପାଇଁ ଓ ପ୍ରଶଂସା ପାଇବା ପାଇଁ କରାଯାଉଛି ନା ?’’

''ହଁ, ଏହା ହିଁ ଆମର ପ୍ରଥା ଓ ଅଧିକାରୀ ମହାଶୟ ମଧ୍ୟ ଏଇଆ ଚାହାନ୍ତି ।''

''ଆଜ୍ଞା, ହୋଇଥିବ । କିନ୍ତୁ ମୋ ମନ ଏଥିରେ ମାନୁ ନାହିଁ । ମୁଁ ଏଥିରେ ଭାଗ ନେବି ନାହିଁ । ମୋ ଶ୍ରେଣୀର ପିଲାମାନେ ମଧ୍ୟ ଆସିବେ ନାହିଁ ।''

''ତେବେ ମୋତେ ଅଧିକାରୀଙ୍କୁ ଜଣାଇବାକୁ ପଡ଼ିବ, ଆପଣ ମୋ ସହ ସହଯୋଗ କରୁ ନାହାନ୍ତି ଓ ମୋ କାମରେ ବାଧା ଦେଉଛନ୍ତି ।''

''ଆଜ୍ଞା, ଆପଣ ଲେଖି ପାରନ୍ତି । ମୁଁ ତାଙ୍କୁ ବୁଝାଇବା ପାଇଁ ଚେଷ୍ଟା କରିବି ।''

''ଠିକ୍ ଅଛି, ତାହା ହିଁ ହେଉ ।''

ପ୍ରଧାନ ଶିକ୍ଷକ ସେହି ରାଗରେ ସାଙ୍ଗେ ସାଙ୍ଗେ ମୋ ବିରୋଧରେ ଅଭିଯୋଗ ଲେଖି ଅଧିକାରୀଙ୍କ ପାଖକୁ ପଠାଇଲେ ।

କାର୍ଯ୍ୟକ୍ରମ ପାଇଁ ଅନ୍ୟ ପିଲାମାନେ ବଛାଗଲେ । ଶ୍ୟାମ ସୁନ୍ଦର ଓ ଭୀମଶଙ୍କର ସଂସ୍କୃତ ଶ୍ଳୋକ ଆବୃତ୍ତି ପାଇଁ, ଦେବ ସିଂହ ଓ ଖେମଚାନ୍ଦ କବିତା ପାଠ ପାଇଁ, ଚମ୍ପକ ଓ ରମଣୀକ, ନେମିଚାନ୍ଦ ଓ ସଜନ ଲାଲ ତର୍କ ପାଇଁ, ବାକି ପନ୍ଦର ଜଣ ମୋଟା ତାଗଡ଼ା ପିଲା କ୍ରୀଡ଼ା ପ୍ରଦର୍ଶନ ପାଇଁ ।

ମୁଁ ମନେ ମନେ ରାଗି ଉଠିଲି, ଭାବିଲି, ''ଧନ୍ୟ ଏ ପ୍ରଧାନ ଶିକ୍ଷକ, ଆଉ ଧନ୍ୟ ଏ ସ୍କୁଲ ଓ ବର୍ତ୍ତମାନର ଶିକ୍ଷା ପଦ୍ଧତି । ଯେଉଁ ପିଲାମାନେ ବଛା ଯାଇଛନ୍ତି, ସେମାନଙ୍କର କାହାରି ବିଷୟ ସହିତ ସମ୍ପର୍କ ହିଁ ନାହିଁ । ଶ୍ୟାମ ସୁନ୍ଦର ଓ ଭୀମ ଶଙ୍କରର କଣ୍ଠ ଖୁବ୍ ସୁନ୍ଦର, ବ୍ରାହ୍ମଣ ପିଲା, ଘରେ ସଂସ୍କୃତ ଶୁଣିଥିବେ, ତେଣୁ ସେମାନଙ୍କୁ ବଛା ଯାଇଛି । କିନ୍ତୁ ବିଚରା ସେ ଦୁଇଜଣଙ୍କର ଯେତେ ଘୋଷିଲେ ମଧ୍ୟ ମନେ ରହେନି, ଘୋଷି ଘୋଷି ପ୍ରାଣ ବାହାରି ଯିବ । ତେବେ ଏ ପରିସ୍ଥିତିରେ ଆଉ କ'ଣ ବା ହୋଇପାରେ !'' ମୁଁ ମନ ଦୁଃଖରେ ଘରକୁ ଗଲି । ଖାଇ ବସିଛି, ଏହି ସମୟରେ ବଡ଼ ଅଧିକାରୀଙ୍କର ଚିଠି ମିଳିଲା, ''ଅଫିସରେ ଆସି ମୋତେ ଦେଖା କରନ୍ତୁ, କିଛି କାମ ଅଛି ।'' ମୁଁ ଜାଣିଥିଲି କାମ କ'ଣ । ଭଗବାନଙ୍କ ନାଁ ନେଇ ମୁଁ ଅଫିସରେ ପହଞ୍ଚିଲି । ଦେଖିଲି ଯେ ସେ ରାଗରେ ତମତମ ହେଉଛନ୍ତି । ରାଗରେ ଓଠ ମଧ୍ୟ ଥରୁଛି । ମୋତେ ଦେଖି ପଚାରିଲେ, ''ତୁମ ପିଲାମାନେ କାର୍ଯ୍ୟକ୍ରମରେ କାହିଁକି ଭାଗ ନେବେ ନାହିଁ ? ସେମାନଙ୍କ ଭିତରେ କେତେଜଣ ବହୁତ ଭଲ ପିଲା ଅଛନ୍ତି ।''

ମୁଁ ଭିତରେ ଶାନ୍ତ ଥିଲି । କିନ୍ତୁ ତାଙ୍କ କଥାରେ ମୋର ମଧ୍ୟ ରାଗ ଚଢ଼ି ଯାଇଥିଲା । ମୁଁ କହିଲି, ''ତେବେ କ'ଣ ଭଲ ପିଲା ସବୁ ଅନ୍ୟମାନଙ୍କର ମନୋରଞ୍ଜନ କରିବା ପାଇଁ ଅଛନ୍ତି ? ଅନ୍ୟମାନଙ୍କ ଆଗରେ ନାଚି କୁଦି ସ୍କୁଲ ପାଇଁ ମିଛ ପ୍ରଶଂସା ପାଇବା ପାଇଁ ଅଛନ୍ତି ?''

ମୋର ଏ ଗରମ ଜବାବ ଶୁଣି ଅଧିକାରୀ ଟିକେ ଥଣ୍ଡା ପଡ଼ି ଗଲେ । କହିଲେ, ''ଭାଇ, ଆମ ପାଇଁ ତ ଏସବୁ ନୂଆ ନୁହେଁ । ଗତ କେତେ ବର୍ଷ ଧରି ଡାଇରେକ୍ଟର ଆସିଲେ ଏମିତି କାଯ୍ୟକ୍ରମ ସବୁ ଚାଲିଥାଏ ।''

ମୁଁ ବି ଟିକିଏ ନରମ ହୋଇ କହିଲି, ''କ୍ଷମା କରନ୍ତୁ ଆଜ୍ଞା । ପ୍ରଥା ଯାହା ବି ହେଉ, ମୋ ମତରେ ଏହା ଠିକ୍ ନୁହେଁ । ଆମକୁ ତାହା ଭାଙ୍ଗିବାକୁ ପଡ଼ିବ । ଏ ତ ପୂରା ଜାଲିଆତି ଆଉ ଉପରକୁ ଦେଖାଇ ହେବା କଥା । ଏଥିରେ ଡାଇରେକ୍ଟରଙ୍କୁ ମଧ୍ୟ ଧୋକ୍କା ଦିଆଯାଉଛି ।

''ଆମେ ଯାହା ସବୁ ଦେଖାଇବା, ପିଲାଙ୍କୁ ମାରିପିଟି ଜବରଦସ୍ତ ଘୋଷାଇ ଶିଖାଇଥିବା ନା ? ଏ ତ ଆମ ପଢ଼ାର ସ୍ୱାଭାବିକ ଫଳ ନୁହେଁ । କେତେ ଦିନ ଧରି ରିହରସାଲ ଚାଲିବ, ଘୋଷା ଚାଲିବ । ତା'ପରେ ପିଲା ଶୁଆ ପରି ଗାଇ ଶୁଣାଇବେ । ତା' ମଧ୍ୟ ଷ୍ଟେଜ୍ ପଛରୁ ସାହାଯ୍ୟ ପାଇ କରି । ଏହା ଦ୍ୱାରା ପିଲାଙ୍କର ସମୟ ଓ ଶକ୍ତି ଉଭୟ ନଷ୍ଟ । ତାଙ୍କ ପାଠ ପଛେଇ ଯିବ । ଯେଉଁ କାମ ପାଇଁ ଯେଉଁ ପିଲାମାନଙ୍କୁ ବଛା ଯାଇଛି, ସେଥିପାଇଁ ସେମାନେ ଯୋଗ୍ୟ ନୁହନ୍ତି; ତାଙ୍କୁ ମାରିପିଟି ଯୋଗ୍ୟ କରାଯାଉଛି ।''

''କିନ୍ତୁ ଏଥିରେ ଜାଲିଆତି କଥା କେଉଁଠୁ ଆସିଲା ?''

''ଜାଲିଆତି ହେଉଛି ଯେତେବେଳେ ଆମେ ଡାଇରେକ୍ଟରଙ୍କୁ ଦେଖାଇବା ପାଇଁ ଚାହୁଁଛେ ଯେ ଆମ ପିଲାମାନେ କେତେ ଭଲ, ସ୍କୁଲ କେତେ ସୁନ୍ଦର । କିନ୍ତୁ ପ୍ରକୃତରେ ଆମେ କ'ଣ, ତା' ଆମେ ଭଲ ଭାବରେ ଜାଣିଛେ ।''

ଅଧିକାରୀ କିଛି ସମୟ ଚୁପ୍ ରହି ଭାବିଲେ । ମୁଁ ପୁଣି କହିଲି, ''ଆଜ୍ଞା, ଆମେ ତ ଛଳନା କରୁଛେ । ପିଲାମାନଙ୍କୁ ମଧ୍ୟ ଆମେ ସେହି ରାସ୍ତାରେ ନେଇ ଯାଉଛେ । ଆମ ଅଧିକାରୀ ମଧ୍ୟ ଆମ ଉପରେ ଖୁସି ହେବାର ଅଭିନୟ କରି ପୁରସ୍କାର ଦେଲା ବେଳେ କହିବେ, 'ଏ ପିଲାମାନେ ଯେଉଁ ବୁଦ୍ଧିମତ୍ତା, ରୁଚି ଆଉ ଯୋଗ୍ୟତାର ପରିଚୟ ଦେଇଛନ୍ତି, ଏଥିପାଇଁ ମୁଁ ବହୁତ ଖୁସି । ଏମାନଙ୍କ ଭିତରୁ କିଛି ପିଲାଙ୍କୁ ଦେଖିଲେ ଦୃଢ଼

ବିଶ୍ୱାସ ଆସେ ଯେ ସେମାନେ ଭବିଷ୍ୟତରେ ଜଣେ ଜଣେ ବିଦ୍ୱାନ୍, ଭଲ ନାଗରିକ ବା ପ୍ରକୃତ ମଣିଷ ହେବେ । ତାଙ୍କୁ ଉତ୍ସାହିତ କରିବା ପାଇଁ କିଛି ପୁରସ୍କାର ରଖାଯାଇଛି । ଏ ବ୍ୟବସ୍ଥାକୁ ମୁଁ ହାର୍ଦିକ ସ୍ୱାଗତ ଜଣାଉଛି । ଆଜି ସେହି ଛାତ୍ରମାନଙ୍କୁ ପୁରସ୍କାର ଦେବା ସମୟରେ ମୋତେ ବହୁତ ଖୁସି ଲାଗୁଛି ।' କିନ୍ତୁ କ'ଣ ଏକଥା ସେ ତାଙ୍କ ହୃଦୟରୁ କହୁଥିବେ ? କ'ଣ ସେ ଜାଣି ନାହାନ୍ତି ଯେ ସାରା କାର୍ଯ୍ୟକ୍ରମ କେବଳ ତାଙ୍କୁ ଖୋସାମତ କରିବା ପାଇଁ ? ପିଲାମାନଙ୍କୁ ଯଦି ଘୋଷାଇ ଦିଆ ନ ଯାଏ, ଏତେ ପରିଶ୍ରମ କରି ପ୍ରସ୍ତୁତ କରା ନ ଯାଏ, ତେବେ ଏମାନେ କିଭଳି ବିଦ୍ୱାନ୍, ଯଥାର୍ଥ ନାଗରିକ ବା ମଣିଷ ହେବେ; ତାହା ଆପଣ, ମୁଁ ଓ ପିଲାମାନଙ୍କର ମାଆବାପା ସମସ୍ତେ ଭଲ କରି ଜାଣନ୍ତି ।''

ଅଧିକାରୀ କହିଲେ, ''ତୁମେ ପଢ଼ିଛ ଗୁଡ଼ାଏ, କିନ୍ତୁ ଅଭିଜ୍ଞତା କିଛି ନାହିଁ । ବ୍ୟବହାରିକ ଜ୍ଞାନ ତୁମର କଞ୍ଚା । ତୁମ ପାଇଁ ସବୁ ଜିନିଷ କେବଳ ନୀତି ନିୟମରେ ବନ୍ଧା । କିନ୍ତୁ ମୋତେ ସବୁ ଦିଗକୁ ଦେଖିବାକୁ ପଡ଼ିବ ।''

ମୁଁ କହିଲି, ''ସେ କଥା ସତ, ତଥାପି ମୁଁ ଏଥିରେ ଭାଗ ନେଇ ପାରିବି ନାହିଁ । ଏ ପ୍ରହସନ ମୁଁ ସହି ପାରିବି ନାହିଁ ।''

– ''ତେବେ ତୁମେ କ'ଣ କରିବ ?''

– ''ମୋ ଶ୍ରେଣୀକୁ ଆପଣ ଏ ଛଳନାରୁ ମୁକ୍ତ ରଖନ୍ତୁ ।''

– ''କିନ୍ତୁ ଏଥିରେ ତ ଅସୁବିଧା ବହୁତ ହେବ । ଅନ୍ୟ ଶିକ୍ଷକ ଓ ଅଧିକାରୀ ମୋତେ କ'ଣ କହିବେ ? ମୋର ଅସୁବିଧା କେତେ ବଢ଼ିଯିବ ! ମୋର ତ ଆଶା ଥିଲା ଯେ ତୁମ ଶ୍ରେଣୀର ଭଲ ପିଲାମାନଙ୍କୁ ଦେଖି ଡାଇରେକ୍ଟର ଆହୁରି ଖୁସି ହୋଇଯିବେ । କିନ୍ତୁ ତୁମେ ତ...''

ମୁଁ କହିଲି, ''ଆପଣ ମୋତେ ଏଥିରୁ ଦୂରେଇ ରଖନ୍ତୁ । ମୁଁ ଡାଇରେକ୍ଟରଙ୍କ ମନୋରଞ୍ଜନ ପାଇଁ କିଛି କରିବି । ମୁଁ ଏମିତି କିଛି କରିବି ଯାହା ଫଳରେ ପିଲାଙ୍କର ସମୟ, ଶକ୍ତି ନଷ୍ଟ ହେବନି । ତାଙ୍କୁ ଛଳନା କରିବାକୁ ପଡ଼ିବନି । ଆପଣ ତାଙ୍କୁ ଆମ ଶ୍ରେଣୀକୁ ଆଣିବେ । ମୋର ଦୃଢ଼ ବିଶ୍ୱାସ ଯେ ମୋ କାମ ଦ୍ୱାରା ଆପଣ ଓ ସେ ଦୁହେଁଯାକ ଖୁସି ହୋଇଯିବେ ।''

ସେ କିଛି ସମୟ ଭାବିଲେ । ତା'ପରେ ଅଳ୍ପ ହସି ମୋତେ କହିଲେ, ''ଆଚ୍ଛା, ତୁମେ ଗୋଟିଏ କାମ କର । ମୁଁ ତୁମ ପ୍ରଧାନ ଶିକ୍ଷକଙ୍କୁ ଗୋଟିଏ ଚିଠି ଲେଖି ଦେଉଛି । ସେ ତୁମକୁ ଏସବୁଥିରୁ ମୁକ୍ତ ରଖିବେ । କିନ୍ତୁ ଦେଖ, ତୁମେ ତାଙ୍କୁ ଚିଡ଼ାଇବନି । ସେ ବିଚରା ପୁରୁଣାକାଳିଆ ଲୋକ । ତୁମେ ସିନା ଉତ୍ସାହଭରା ଯୁବକ । ମତେ ତ ଦୁହିଁଙ୍କୁ ସମ୍ଭାଳିବାକୁ ପଡ଼ିବ । ଆଉ ତୁମେ ଜାଣ ସେ କି କଷ୍ଟ କାମ ।''

ମୁଁ ମନେ ମନେ ଅଧିକାରୀଙ୍କୁ ପ୍ରଶଂସା କରି କହିଲି, ''ମୁଁ ତେବେ ଆସୁଛି ଆଜ୍ଞା ?''

ଆଜି ସ୍କୁଲରେ ପୂରା ଧୂମ୍‌ଧାମ ପ୍ରସ୍ତୁତି ଚାଲିଛି । ଡାଇରେକ୍ଟର ଆସିବେ ।

ଛୋଟ ବଡ଼ ଅଧିକାରୀ, ଗାଁ ଲୋକ, ପିଲା ଓ ଶିକ୍ଷକ ସମସ୍ତେ ଆସି ଗଲେଣି । ମୋ ସାଙ୍ଗ ଶିକ୍ଷକମାନଙ୍କର ଛାତି ଧଡ଼ପଡ଼ ହେଉଥିଲା । ତଥାପି ସେମାନେ ସ୍ଥିର ହୋଇ କାମ କରିବାକୁ ଚେଷ୍ଟା କରୁଥିଲେ । ପ୍ରଧାନ ଶିକ୍ଷକ ସ୍କୁଲର ଦୁଷ୍ଟ ପିଲାମାନଙ୍କୁ ଡାକି, ଧମକାଇ କହିଲେ, ''ଦେଖ, ବଦମାସ ଦଳ, ଟିକିଏ ବି ପାଟି ବା ଗଣ୍ଡଗୋଳ କରିଥିବ ତ କାଲି ତୁମ ପିଠିରୁ ଛାଲ ଉତ୍ତାରି ଦେବି । ବୁଝିଲ !''

ତାଳିମାଡ଼ ଓ ସଙ୍ଗୀତ ଭିତରେ ଡାଇରେକ୍ଟର ଆସିଲେ । ପ୍ରଧାନ ଶିକ୍ଷକ ସ୍କୁଲରେ ବାର୍ଷିକ ବିବରଣୀ ବେଶ୍ ଛଟାଗାଳି ପଢ଼ିବାକୁ ଆରମ୍ଭ କଲେ । ଦାମ୍ଭିକତାର ଅଭିନୟ କରି ଖୁବ୍ ବଡ଼ ପାଟିରେ ସେ ପଢୁଥା'ନ୍ତି । ସତେ ଯେପରି ସେ ମୋଟେ ଡରୁ ନାହାନ୍ତି । କିନ୍ତୁ ବିବରଣୀ ଶେଷ ହେଲା ବେଳକୁ ସେ ଝାଳରେ ଗୋଟାପଣେ ଭିଜି ଯାଇଥିଲେ ଓ ତାଙ୍କ ଗଳା ବସି ଆସିଥିଲା । ଏହା ପରେ କବିତା ପାଠ ଓ ନାଟକ କାର୍ଯ୍ୟକ୍ରମ ଆରମ୍ଭ ହେଲା । ପିଲାମାନେ ଗ୍ରାମୋଫୋନ୍ ପରି କବିତା ଶୁଣାଇଲେ । ସେମାନଙ୍କ ମୁହଁରେ କିଛି ବି ଭାବ ନ ଥିଲା । ସେମାନେ ହାତଗୋଡ଼ ହଲେଇ ବଡ଼ ଜୋର୍‌ରେ ବୋଲୁଥା'ନ୍ତି । କିନ୍ତୁ ଦୁଃଖର କଥା ଯେ ଯେଉଁ କବିତା ସବୁ ବଛା ଯାଇଥିଲା ସେସବୁ ଭଲ ଭଲ କବିଙ୍କର ସୁନ୍ଦର ଲେଖା ହୋଇଥିଲେ ମଧ୍ୟ ଏତେ କଠିନ ଥିଲା ଯେ ପିଲାମାନେ ସେସବୁ କିଛି ବୁଝି ପାରି ନ ଥିଲେ । ବିଚରାମାନେ ନ ବୁଝି ପଢୁଥିଲେ ଓ ଅଭିନୟ କରୁଥିଲେ । ସଂଳାପଗୁଡ଼ିକ ଉପଦେଶପୂର୍ଣ୍ଣ ଥିଲା । ଯେଉଁ ଉପଦେଶ ବଡ଼ଙ୍କ ମୁହଁରେ ଶୋଭା ପାଇବା କଥା, ସେସବୁ ପିଲାଙ୍କ ମୁହଁରେ ହାସ୍ୟାସ୍ପଦ ଲାଗୁଥିଲା । ଉପଦେଶର ଏ ପ୍ରହସନ ବଡ଼ ଖାପଛଡ଼ା ଲାଗୁଥିଲା । କେବଳ ମୁଁ ନୁହେଁ, ଖୋଦ୍ ଡାଇରେକ୍ଟର ମଧ୍ୟ ଏ ସବୁ ଅନୁଭବ କରୁଥିଲେ । ତେଣୁ ସେ

ମୁରୁକି ମୁରୁକି ହସୁଥିଲେ । ମୋର ସାଥି ଶିକ୍ଷକମାନେ ପ୍ରକୃତିସ୍ଥ ହୋଇ ଦେଖିବାକୁ ଚେଷ୍ଟା କରିଥିଲେ ଏହାହିଁ ଅନୁଭବ କରିଥା'ନ୍ତେ ।

ସଭା ଶେଷ ହେଲା । ଅଧିକାରୀ ବହୁତ ଖୁସି । ପୁରସ୍କାର ବଣ୍ଟାଗଲା । ପ୍ରଧାନ ଶିକ୍ଷକ, ଅଧିକାରୀ ଓ ଅନ୍ୟମାନେ ସମସ୍ତେ ଆଜିର କାର୍ଯ୍ୟକଳାପରେ ସନ୍ତୁଷ୍ଟ ଥିଲା ଭଳି ଜଣା ପଡୁଥିଲେ । ବଡ଼ ଅଧିକାରୀ ଭଦ୍ରାମୀ ଦୃଷ୍ଟିରୁ କହିଲେ, ''ଆପଣଙ୍କ ସ୍କୁଲର କାମ ଦେଖି ମୁଁ ବହୁତ ଖୁସି ।''

ଏହି ସମୟରେ ଆମ ଅଧିକାରୀ ଡାଇରେକ୍ଟରଙ୍କୁ କହିଲେ ଯେ, ''ଚତୁର୍ଥ ଶ୍ରେଣୀର ଶିକ୍ଷକ ଆପଣଙ୍କୁ କିଛି କାମ ଦେଖାଇବାକୁ ଚାହୁଁଛନ୍ତି । ଏହି ପରଦା ପଛରେ ସେ ତା'ର ବ୍ୟବସ୍ଥା କରିଛନ୍ତି ।''

ଡାଇରେକ୍ଟର ବଡ଼ ଉଦାର ମନରେ ସାଙ୍ଗେ ସାଙ୍ଗେ ରାଜି ହୋଇଗଲେ । ମୁଁ ପରଦା ପଛକୁ ଚାଲିଗଲି । ତିନି ଥର ଘଣ୍ଟି ବାଜିଲା ଓ ମୁଁ ପରଦା ଖୋଲି ଦେଲି ।  ମୁଁ ମଝିରେ ଓ ଚାରିପଟେ ମୋ ପିଲାମାନେ ଛିଡ଼ା ହୋଇଥା'ନ୍ତି । ପ୍ରତିଦିନ ଗାଉଥିବା ଗୀତରୁ ଗୋଟିକୁ ପ୍ରାର୍ଥନା ରୂପରେ ଆମେ ଗାଇଲୁ । ସମସ୍ତେ ଚୁପ୍‌ଚାପ୍ ବସି ଦେଖୁଥିଲେ । ହଠାତ୍ ପୁଣି କ'ଣ କାର୍ଯ୍ୟକ୍ରମ ଆରମ୍ଭ ହେଲା ।

ପ୍ରାର୍ଥନା ପରେ ପିଲାମାନେ 'କଚେରୀ ମୁଁ ଯିବି' ନାଟକ ଆରମ୍ଭ କଲେ । ଜଣେ ପିଲା ମୂଷା ହୋଇଥିଲା, ଅଣ୍ଟାରେ ଖଣ୍ଡେ ରସି ବାନ୍ଧି ସେ ତା'ର ଲାଞ୍ଜ ତିଆରି କରିଥିଲା । ମୁଣ୍ଡ ଉପରେ କଳାକନା ବାନ୍ଧି ହାତ ଓ ଗୋଡ଼ ଲଗାଇ ଚିଁ ଚିଁ କରି ଡେଉଁଥିଲା । ନାଟକଟିରେ ଜଣେ ଜଣେ ପିଲା ଦର୍ଜି, ବଣିଆ, ମୃଦଙ୍ଗବାଲା ଓ ରାଜା ହୋଇଥିଲେ । ମୁଁ ରାଜାଙ୍କ ସିପାହୀ ହୋଇଥିଲି ।

ସମସ୍ତେ ସବୁଦିନ ଭଳି ସାଧାରଣ ପୋଷାକ ପିନ୍ଧିଥିଲେ । ରାଜା ହୋଇଥିବା ପିଲାଟି ଟେବୁଲ ଉପରେ ଗମ୍ଭୀର ହୋଇ ବସିଥିଲା । ସେ ତା'ର ଟୋପିକୁ ଟିକେ ବଙ୍କା କରି ପିନ୍ଧିଥିଲା । ମୁଁ ସିପାହୀ ଭାବରେ ମୋ ନିଶକୁ ମୋଡ଼ି ଉପରକୁ କରି ଦେଇଥିଲି । ମୁଣ୍ଡରେ ପଗଡ଼ି ଭିଡ଼ିଥିଲି ଓ ହାତରେ ଗୋଟିଏ ଛୁରୀ ଧରି ଥିଲି । ମୃଦଙ୍ଗବାଲା ଗୋଟିଏ ମୃଦଙ୍ଗ ଧରିଥିଲା । ବାକି ସବୁ ପିଲାମାନେ ଖାଲି ହାତରେ ଥିଲେ ।

ଆମର ରଙ୍ଗମଞ୍ଚ ପୂରା ସାଦାସିଧା ଥିଲା । ପରଦା ପଛରେ ଗୋଟିଏ ପଟାରେ ପୂରା କାର୍ଯ୍ୟକ୍ରମ ଲେଖା ହୋଇଥିଲା । ଘରଟି ସଫାସୁତୁରା ଥିଲା । ଜଣେ ପିଲା ଘରୁ ଛୋଟ ଦରି ଗୋଟିଏ ମାଗିଆଣି ତଳେ ବିଛେଇ ଦେଇଥିଲୁ । ରଙ୍ଗମଞ୍ଚକୁ ସଜାଇବା ପାଇଁ ସ୍କୁଲରେ କିଛି ନ ଥିଲା । ତଥାପି ନିମ୍ବ ଓ ଅଶ୍ୱତ୍ଥ ଡାଳ ପତ୍ରରେ କାନ୍ଥସବୁ ସଜାଇ ଦେଇଥିଲୁ । ଚଟାଣ ଉପରେ ରଙ୍ଗୀନ ଖଡ଼ିରେ ପିଲାମାନେ ନିଜ ଇଚ୍ଛା ଅନୁସାରେ ଚିତ୍ର ସବୁ କରିଥିଲେ । ମୂଷାର ନାଟକ ଆରମ୍ଭ ହେଲା ଓ ସରିଲା । ସମସ୍ତେ ଚୁପ୍‌ଚାପ୍ ଦେଖିଲେ । ପିଲାମାନଙ୍କୁ ଏବଂ ସ୍କୁଲର ଅନ୍ୟ ଛାତ୍ରମାନଙ୍କୁ ଖୁବ୍ ମଜା ଲାଗୁଥାଏ । ବଡ଼ମାନେ ଆଶ୍ଚର୍ଯ୍ୟ ହୋଇ ଭାବୁଥିଲେ, ''ଏ ନୂଆ କଥା କ'ଣ ?''

ପିଲାମାନେ ନାଟକଟି ଖୁବ୍ ସୁନ୍ଦର କରୁଥା'ନ୍ତି । କିଛି ଭୁଲ୍ କରୁ ନ'ଥାନ୍ତି । ପଛରୁ ତାଙ୍କୁ କେହି କହୁ ନ ଥା'ନ୍ତି । ଯେଉଁଠି ସାମାନ୍ୟ ଭୁଲ୍‌ର ସୂଚନା ମିଳୁଥାଏ, ମୁଁ ସିଧାସଳଖ ତାକୁ ସଜାଡ଼ି ଦେଉଥାଏ । ଦ୍ୱିତୀୟ ନାଟକ ଥିଲା ''ବୁଢ଼ୀ'' ଓ ତୃତୀୟଟି ''ଠେକୁଆ'' ।

ନାଟକ ପାଇଁ ଗୋଟିଏ ମାତ୍ର ପରଦା ଥିଲା । ମଞ୍ଚ ପାଇଁ ଅନ୍ୟ କିଛି ଦୃଶ୍ୟ ବା ଚିତ୍ର ନ ଥିଲା । ପିଲାମାନେ କେତେବେଳେ ମୁଣ୍ଡରେ କିଛି ପକାଇ ଦେଉଥା'ନ୍ତି ତ କେତେବେଳେ ହାତରେ କିଛି ଧରୁଥା'ନ୍ତି । ବାକି ସବୁ ମଜା ଆସୁଥିଲା ପିଲାଙ୍କ ଅଭିନୟରୁ ।

ଗୋଟିଏ ପ୍ରାର୍ଥନା ସହିତ କାର୍ଯ୍ୟକ୍ରମ ଶେଷ ହେଲା । ମୁଁ ରଙ୍ଗମଞ୍ଚ ଉପରକୁ ଆସିଲି । ନାଟକର ମ୍ୟାନେଜର ଭଳି ମୁଁ କହିଲି, ''ଭଦ୍ରମଣ୍ଡଳୀ ! ଆଗ୍ରହର ସହ ଆମର ନାଟିକାଗୁଡ଼ିକୁ ଦେଖି ଥିବାରୁ ଆମେ ଆପଣଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ । ଏ ବିଷୟରେ ମୋର କିଛି କହିବାର ଅଛି । ଆପଣମାନେ ଦୟାକରି ଶୁଣିବେ ବୋଲି ଆଶା ।

''ଏମାନେ ସବୁ ଚତୁର୍ଥ ଶ୍ରେଣୀର ପିଲା । ଡାଇରେକ୍ଟରଙ୍କ ଆସିବା ଅବସରରେ ଯେତେବେଳେ ନାଟକ କରିବା କଥା ଉଠିଲା, ଏମାନେ ସମସ୍ତେ ବଡ଼ ଉତ୍ସାହରେ ବାହାରି ପଡ଼ିଲେ । ସାଙ୍ଗେ ସାଙ୍ଗେ କାହାଣୀ ବଛା ହୋଇଗଲା । ଯେଉଁ ଗପସବୁ ସେମାନେ ପଢ଼ିଥିଲେ ଓ ଶୁଣିଥିଲେ, ସେସବୁକୁ ସେମାନେ ଆଜି ନାଟକ ରୂପରେ ଆପଣମାନଙ୍କୁ ଦେଖାଇଲେ । ପ୍ରତି ସପ୍ତାହରେ ବିନା ପ୍ରସ୍ତୁତିରେ ସେମାନେ ଯେପରି ନାଟକ କରନ୍ତି, ଆଜି ମଧ୍ୟ ସେହିପରି କଲେ । ଆମ ଶ୍ରେଣୀରେ କିଛି ଘୋଷା ଯାଏ ନାହିଁ । ପିଲାମାନେ ଗପଗୁଡ଼ିକୁ ଖୁବ୍ ଭଲ ଭାବରେ ମନେ ରଖିଥା'ନ୍ତି । ତେଣୁ କାହାର କ'ଣ କହିବା ଓ କରିବା କଥା ତା' ସେମାନେ ଭଲ ଭାବରେ ଜାଣନ୍ତି । ତେଣୁ ମଞ୍ଚ

ଉପରେ ନିଜ ଇଚ୍ଛା ଅନୁସାରେ କଥାଗୁଡ଼ିକ ଖାପ-ଖୁଆଇ କହି ପାରନ୍ତି । ଏହା ଆପେ ଆପେ ନାଟକ ହୋଇଯାଏ । ପିଲାଙ୍କୁ ତାଙ୍କର ପାର୍ଟ ଘୋଷିବାକୁ ପଡ଼େନି । ସିନ୍, ସିନେରୀ ଓ ବେଶ ପୋଷାକ ତ ନାଟକରେ ମାମୁଲି, ଅସଲ କଥା ହେଉଛି ଅଭିନୟ ଓ ଭାବ ପ୍ରଦର୍ଶନ । ଆମେ ଆମ ଶ୍ରେଣୀରେ ଏହା ଉପରେ ଜୋର୍ ଦେଉ । ବେଶ ପୋଷାକ ଉପରେ ନୁହେଁ । ଫଳରେ ପିଲାର ଅଭିନୟ ଶକ୍ତିର ପୂରା ବିକାଶ ହୋଇପାରେ । ଆପଣ ଏବେ ଯେଉଁ ନାଟକଗୁଡ଼ିକ ଦେଖିଲେ ସେଥିରୁ ଏ ବିଷୟରେ କିଛି ପ୍ରମାଣ ପାଇଥିବେ । ମୋ ପିଲାମାନଙ୍କୁ ଏ ପ୍ରକାର କାମ ବହୁତ ମଜା ଲାଗେ । ସେମାନେ ଅନ୍ତରର ସହ ଏ କାମ କରିବାକୁ ଚାହାନ୍ତି । ସେମାନଙ୍କୁ କେବେ ପ୍ରଶଂସା କରିବା, ପୁରସ୍କାର ଦେବା ଦରକାର ପଡ଼େ ନାହିଁ । ଏହି କାମରେ ଭାଗ ନେବାରେ ହିଁ ସେମାନେ ପୂରା ସନ୍ତୁଷ୍ଟ ।

— ''ଭଦ୍ରଗଣ ! ଆପଣଙ୍କ ଧୈର୍ଯ୍ୟ ଓ ପିଲାଙ୍କ ନାଟକ ପ୍ରତି ଆଦର ପାଇଁ ମୁଁ ପୁଣି ଥରେ ଆପଣଙ୍କୁ ଧନ୍ୟବାଦ ଦେଉଛି ।''

ଡାଇରେକ୍‌ଟର ମହାଶୟ ବହୁତ ଖୁସି ହୋଇ ଯାଇଥିଲେ । ସେ ଇଂରାଜୀରେ ଯାହା କହିଲେ ତା'ର ମର୍ମ ଏହିପରି ଥିଲା :

''ଆମେ ବର୍ତ୍ତମାନ ଯେଉଁ ମନୋଜ୍ଞ ଅନୁଭୂତିଟି ପାଇଲେ, ସେଥିପାଇଁ ମୁଁ ଉଭୟ ଛାତ୍ର ଓ ଶିକ୍ଷକଙ୍କୁ ଅଭିନନ୍ଦନ ନ ଜଣାଇ ରହିପାରୁ ନାହିଁ । ଏହା ଖୁବ୍ ସୁନ୍ଦର ହୋଇଥିଲା । ମୋତେ ଲାଗିଲା ସତେ ଯେପରି ମୁଁ ମୋ ଦେଶ – ଇଂଲଣ୍ଡର ଗୋଟିଏ ନୂଆ ସ୍କୁଲରେ ଅଛି । ମୂଷା, ଦର୍ଜି, ରାଜା ଇତ୍ୟାଦି ଭାବରେ ଛୋଟ ପିଲାଙ୍କର ସ୍ୱତଃସ୍ଫୂର୍ତ୍ତ ଓ ନିର୍ଭୟ ଅଭିନୟ ଖୁବ୍ ଚମତ୍କାର । ଆବୃତ୍ତି ଅତୀତର କଥା । ଏହା ଗୋଟିଏ ଭୟଙ୍କର ରାକ୍ଷସ ଭଳି । କୁନି କୁନି ପିଲାଙ୍କର ଆତ୍ମାକୁ ଏହା ମାରି ଦିଏ ।''

କିଛି ସମୟ ରହି ସେ ପୁଣି କହିଲେ, ''ମୁଁ ପୁଣି ଥରେ କହୁଛି ଯେ ଆଜିର ନୂଆ ଅଭିନୟ ଦେଖି ମୁଁ ଅତ୍ୟନ୍ତ ଖୁସି । ମୁଁ ସେମାନଙ୍କୁ ପୁରସ୍କାର ଦେବି ନାହିଁ । ଅଭିନୟ କଲାବେଳେ ସେମାନେ ଯେଉଁ ନିଷ୍କପଟ ଆନନ୍ଦ ଅନୁଭବ କରୁଥିଲେ, ତାହା ସେମାନଙ୍କ ପାଇଁ ସବୁଠାରୁ ବଡ଼ ପୁରସ୍କାର । ମୁଁ ପ୍ରକୃତରେ ଆଜି ଖୁବ୍ ଖୁସି । ବହୁତ ବହୁତ ଖୁସି ।''

ସଭା ଶେଷ ହେଲା । ଲୋକମାନେ ନିଜ ନିଜ ଘରକୁ ଗଲେ ।

ଅଧିକାରୀଙ୍କର ଖୁସିର ସୀମା ନ ଥିଲା । ସେ ଡାଇରେକ୍‌ଟରଙ୍କ ସହ ମୋର ପରିଚୟ କରାଇ ମୋର ପ୍ରୟୋଗ ବିଷୟରେ କହିଲେ । ଡାଇରେକ୍‌ଟର ମୋ ସହ ହାତ ମିଳାଇ କହିଲେ,''ସାବାସ ! ତୁମେ ବାସ୍ତବିକ ସଫଳ । ତୁମର ପ୍ରୟୋଗ ଚାଲୁ ରଖ । ଏହା ହିଁ କିଛି କାମର କଥା । ବାକି ସବୁ ନିରର୍ଥକ, ମୂଲ୍ୟହୀନ !''

ଡାଇରେକ୍‌ଟରଙ୍କ ଏହି କଥାରେ ଆମ ଅଧିକାରୀଙ୍କ ମନ ଗର୍ବରେ କିପରି ଫାଟି ପଡୁଥିବ, ସେକଥା ନିଜେ ହିଁ ଭାବନ୍ତୁ ! ମୁଁ ତ ଭାରି ଖୁସି ହୋଇଗଲି ।

ଖୁସି ମନରେ ମୁଁ ଘରକୁ ଫେରିଲି । ଡାଇରେକ୍‌ଟର ମହାଶୟ ମୋ ସହ ହାତ ମିଳାଇ ମୋତେ ସାବାସି ଦେଇଛନ୍ତି । ଏହା ମୋର ଖୁସି ହେବାର ଗୋଟିଏ କାରଣ । କିନ୍ତୁ ପ୍ରକୃତ କାରଣ ହେଉଛି ମୋ ପ୍ରୟୋଗକୁ ଗ୍ରହଣ କରାଯାଇ ଥିଲା । ମୁଁ ଭାବିଲି ଯେ ଡାଇରେକ୍‌ଟର ମହାଶୟ ତ ଜଣେ ରାଜନୈତିକ ଲୋକ । ତେଣୁ ତାଙ୍କୁ ସ୍କୁଲ ଓ ନୂଆ ଶିକ୍ଷା ନୀତି ଇତ୍ୟାଦି ବିଷୟରେ କ'ଣ ଜଣା ? କିନ୍ତୁ ପରେ ଶୁଣିଲି ଯେ ସେ ତାଙ୍କ ପିଲାମାନଙ୍କୁ ୟୁରୋପର ଗୋଟିଏ ନୂଆ ପ୍ରକାରର ସ୍କୁଲରେ ପାଠ ପଢ଼ାଉଛନ୍ତି । ଏଥିଯୋଗୁଁ ତାଙ୍କର ନୂଆ ଶିକ୍ଷା ପ୍ରଣାଳୀ ପ୍ରତି ଏତେ ଆଦର ।

ରାତିରେ ଦୁଇ ଚାରିଜଣ ସାଥି ଶିକ୍ଷକ ମୋତେ ଭେଟିବା ପାଇଁ ଆସିଲେ । ସେମାନେ ଆଜିର ଘଟଣା ବିଷୟରେ ମୋତେ ପଚାରି ବୁଝିଥିଲେ । ସେହି ସମୟରେ ଅଧିକାରୀଙ୍କର ଚିଠି ଆସିଲା ଓ ମୁଁ ତାଙ୍କ ଘରକୁ ବାହାରିଲି ।

ଅଧିକାରୀ ଆଜି ବହୁତ ଖୁସିଥିଲେ । ଡାଇରେକ୍‌ଟର ସ୍କୁଲ ଉପରେ ଖୁସି ହୋଇ ଯାଇଥିଲେ । ଯାଉ ଯାଉ ମୋତେ ବସିବାକୁ କହି ଆରମ୍ଭ କଲେ, ''ଭାଇ, ମୋତେ କୁହତ ଯେ ପିଲାମାନେ ନାଟକ ଘୋଷିଥିଲେ କି ନାହିଁ ?''

ମୁଁ ଓଲଟା ପଚାରିଲି, ''କୁହନ୍ତୁ ତ ସେମାନଙ୍କ କାମ ଦେଖି ଆପଣଙ୍କ ମନକୁ କ'ଣ ଆସିଲା ?''

ଅଧିକାରୀ କହିଲେ, ''ମୁଁ ତ ବହୁତ ଖୁସି । କିନ୍ତୁ ପିଲାମାନେ କେମିତି ଏସବୁ ମନେ ରଖିଥିବେ ? ସେମାନେ ତ ଖୁବ୍ ସୁନ୍ଦର ଅଭିନୟ କରୁଥିଲେ, କଥା କହୁଥିଲେ !''

ମୁଁ କହିଲି, ''ଆପଣଙ୍କ କଥା ସତ । ମୁଁ ତାଙ୍କୁ ଗପ ଶୁଣାଇଥିଲି । ଗପ ସେମାନଙ୍କୁ ଭଲ ଲାଗିଥିଲା । ଗପର ଚରିତ୍ରଗୁଡ଼ିକ ସ୍ଥାନରେ ସେମାନେ ନିଜେ ଥିଲା ଭଳି କଳ୍ପନା

କଲେ । ଗପର ଯାହା ସବୁ ସେମାନେ ଗ୍ରହଣ କରି ନେଇଥିଲେ, ତାକୁ ହିଁ ନିଜ ଭାଷାରେ କେବଳ ପ୍ରକାଶ କରୁଥିଲେ ।''

ଅଧିକାରୀ ପଚାରିଲେ, ''କିନ୍ତୁ ତାଙ୍କୁ ଅଭିନୟ ଶିଖାଇଲା କିଏ ?''

ମୁଁ କହିଲି, ''କିଏ ଶିଖାଇବ ? ଆମେ ପ୍ରତି ସପ୍ତାହରେ ଖେଳ ଭଳି ନାଟକ କରୁ । ମୁଁ ନିଜେ ବି ସେଥିରେ ଭାଗ ନିଏ । ମୁଁ ମୋ ନିଜ ଚରିତ୍ର ମୋତେ ଯେମିତି ଆସେ ଅଭିନୟ କରେ । ପିଲାମାନେ ବି ତାଙ୍କ ନିଜର ଅଭିନୟ କରନ୍ତି ।''

ଅଧିକାରୀ କହିଲେ, ''କିନ୍ତୁ ଏହା କିପରି ହୋଇ ପାରୁଛି ? ଏସବୁ ତ ମୁଁ କିଛି ବୁଝି ପାରୁନି ।''

ମୁଁ କହିଲି, ''ପିଲାମାନଙ୍କର ଆଖି ସବୁବେଳେ ଖୋଲା । ସେମାନେ ଦର୍ଜି, ବଢ଼େଇ, କୁମ୍ଭାର, ମୂଷା ଇତ୍ୟାଦିଙ୍କୁ ଦେଖୁଛନ୍ତି । ତାଙ୍କ ବିଷୟରେ ଶୁଣୁଛନ୍ତି । ଗପରେ ବି ତାଙ୍କର ବର୍ଣ୍ଣନା ଅଛି । ପିଲାଙ୍କର ପ୍ରଖର କଳ୍ପନା ଶକ୍ତି ମଧ୍ୟ ଅଛି । ସେଥିପାଇଁ ସେମାନେ ତାଙ୍କର ଅନୁଭୂତି ଓ କଳ୍ପନା ଶକ୍ତିକୁ ମିଶାଇ ଅଭିନୟ କରି ପାରନ୍ତି । ଯିଏ ଯେମିତି ପାରିଲା, ସେ ସେମିତି କଲା । ସେମାନେ ନିଜେ ଏସବୁକୁ ପରୀକ୍ଷା କରନ୍ତି । ଅନୁଭବ ଓ କଳ୍ପନା ଶକ୍ତିକୁ ରଙ୍ଗମଞ୍ଚ ଉପରେ ପ୍ରକାଶ କରିବାର ବାଟ ସେମାନେ ଖୋଜି ବାହାର କରନ୍ତି ।''

ଅଧିକାରୀ କହିଲେ, ''ଏ ତ ବଡ଼ ଗଭୀର ଓ କଠିନ କଥା ।''

ମୁଁ କହିଲି, ''ଆଜ୍ଞା ହଁ, କିନ୍ତୁ ପିଲାମାନେ କ'ଣ ଏତେ କଥା ଭାବି କାମ କରନ୍ତି ? ମୁଁ କେବଳ ଆପଣଙ୍କୁ ଅଲଗା ଅଲଗା କରି ବୁଝାଉଛି ନା !''

ଅଧିକାରୀ କହିଲେ, ''ଓହୋ ବୁଝିଲି ! ଆଜି ତ ତୁମେ ଖୁବ୍ ସୁନ୍ଦର କାମ କଲ । ଡାଇରେକ୍ଟର ଆଜି ବହୁତ ଖୁସି ହୋଇ ଯାଇଥିଲେ ।''

ମୁଁ କହିଲି, ''ସେ ଖୁସି ନ ହୋଇଥିଲେ ବି ଆମର ନାଟକ ଚାଲିଥା'ନ୍ତା ।''

ଅଧିକାରୀ କହିଲେ, ''କିନ୍ତୁ ତୁମେ ତୁମର ଏ ପ୍ରୟୋଗ ବିଷୟରେ ମୋତେ ତ କେବେ କିଛି କହିନ । ବୋଧହୁଏ ତୁମର ପ୍ରଧାନ ଶିକ୍ଷକ ବା ଅନ୍ୟ ଶିକ୍ଷକମାନେ ମଧ୍ୟ କିଛି ଜାଣନ୍ତି ନାହିଁ ।''

ମୁଁ କହିଲି, ''ସତ କଥା । ମୁଁ କେବେ ସେମାନଙ୍କୁ ଏ ବିଷୟରେ କିଛି କହିନି । ସେମାନେ ତ ଭାବନ୍ତି ଯେ ଏ ସବୁ ବାଜେ କଥା । ସେମାନେ ତ ଷାଣ୍ମାସିକ ପରୀକ୍ଷା ପାଇଁ ପାଠ୍ୟକ୍ରମ ସାରିବାରେ ବ୍ୟସ୍ତ ।''

ଅଧିକାରୀ କହିଲେ, ''କିନ୍ତୁ ସେମାନେ ଏ ବିଷୟରେ କିଛି ସୂଚନା ମଧ୍ୟ ନ ପାଇଲେ କେମିତି ?''

ମୁଁ କହିଲି, ''ଆମେ ପ୍ରତି ସପ୍ତାହରେ ବାହାରକୁ ବୁଲିଯାଉ । ସେଠି ଖେଳରେ ଏସବୁ କରୁ । ମୁଁ ଗୋଟିଏ ଚାଦର ନେଇଯାଏ । ତାକୁ ଆମେ ପରଦା କରୁ । ଦୁଇଜଣ ପିଲା ସେ ପରଦାକୁ ଧରି ଛିଡ଼ା ହୁଅନ୍ତି । ଅଭିନୟ କଲା ବାଲା ଗୋଟିଏ ପଟରେ, ଦେଖିଲା ବାଲା ଆର ପଟରେ ରହନ୍ତି ।''

ଅଧିକାରୀ ପଚାରିଲେ, ''ଏ କଥା ସତ ?''

ମୁଁ କହିଲି, ''ଆଜ୍ଞା, ମୁଁ ପୂରା ସତ କହୁଛି ।''

ଅଧିକାରୀ କହିଲେ, ''ଆଚ୍ଛା, ଏଣିକି ମୁଁ ମୋର ସ୍କୁଲମାନଙ୍କରେ ପ୍ରତି ଶ୍ରେଣୀରେ ନାଟକ କାର୍ଯ୍ୟକ୍ରମ ରଖିବି । ଡାଇରେକ୍ଟରଙ୍କୁ ତ ଏ ବହୁତ ପସନ୍ଦ । ପ୍ରକୃତରେ ନାଟକଗୁଡ଼ିକ ବହୁତ ଭଲ ହୋଇଥିଲା । କବିତା ଆବୃତ୍ତି ଇତ୍ୟାଦି ନ ରଖିଲେ କ୍ଷତି ବି କ'ଣ ହେବ ?''

ମୁଁ କହିଲି, ''ତାହା ହିଁ ତ ମୋ କହିବା କଥା । ଆପଣ ଯାହା ଚାହାନ୍ତି କରନ୍ତୁ ।''

ଅଧିକାରୀ କହିଲେ, ''ହଁ, ମୁଁ ସେଇଆ କରିବି । ଡାଇରେକ୍ଟର ବି ତ କହୁଥିଲେ ଯେ ଏ ଘୋଷିବା କାମର ବିନାଶ ହେଉ । ମୋର ମଧ୍ୟ ସେଇ ଘୋଷି ହେବାର ଦିନଗୁଡ଼ିକ ଭଲ ଭାବରେ ମନେ ଅଛି । ଅବଶ୍ୟ ପିଲାଦିନୁ ମୁଁ ଟିକିଏ ଚାଲାକ । ତେଣୁ ମୋର ବେଶୀ ଅସୁବିଧା ହୋଇ ନାହିଁ । ଅନ୍ୟମାନେ ତ ଘୋଷି ଘୋଷି ମରି ଯାଉଥିଲେ ।''

ମୁଁ ମନେ ମନେ ହସୁଥିଲି । ମୁଁ ଭାବୁଥିଲି, ଯାହାହେଉ ଡାଇରେକ୍ଟର ଆସିବାରୁ ଅନେକ କିଛି ହୋଇଗଲା । ମୋ ପ୍ରୟୋଗରେ ଆଜିର ଏ ଅନୁଭୂତିର ସ୍ଥାନ ମଧ୍ୟ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ମୁଁ ଘରକୁ ଯାଇ ଶୋଇଗଲି ।

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ)

❑❑❑

**ଚେତନାର ଦିଗ୍‌ବଳୟ :**

# ମୃତ୍ୟୁ ଭୟ : ହେତୁ ଓ ତହିଁରୁ ଉତ୍ତରଣ

***ପ୍ରଶ୍ନ :** (କ) ମୃତ୍ୟୁଭୟ ଉପରେ ବିଜୟ ସମ୍ଭବପର କି ? ସମ୍ଭବ ହୋଇଥିଲେ ମାର୍ଗ କ'ଣ ? ମୁଁ ବଡ଼ ବିବ୍ରତ । ମୋ ନାମ ଉଲ୍ଲେଖ କରିବେ ନାହିଁ । ବନ୍ଧୁମାନେ ମୋତେ ଭୀରୁ ବୋଲି କହିବେ ।*

***ପ୍ରଶ୍ନ :** (ଖ) କ୍ଷମା କରିବେ, ଆପଣଙ୍କ ମୃତ୍ୟୁଭୟ ଅଛି କି ?*

**ଉତ୍ତର :** ଆପଣଙ୍କ ବନ୍ଧୁମାନେ ତେବେ ମୃତ୍ୟୁ ଭୟରୁ ମୁକ୍ତ ! ଭାଗ୍ୟବାନ୍ ସେମାନେ । ସାଧାରଣ ଭାବରେ ଜୀବନ-ସଚେତନ ସମସ୍ତ ବ୍ୟକ୍ତିଙ୍କ ଭିତରେ ଊଣା ଅଧିକ ମୃତ୍ୟୁ ଭୟ ଥାଏ । ନ ଥାଏ ଦୁଇ ଶ୍ରେଣୀର ଲୋକଙ୍କର : ପ୍ରଥମ ଶ୍ରେଣୀର ଅନ୍ତର୍ଭୁକ୍ତ ମଣିଷମାନେ ଏକାନ୍ତ ଅଚେତନ; ସେମାନେ ଧରି ନିଅନ୍ତି ଯେ ଭୋଗତୃଷ୍ଣା, ଆଶା ହତାଶା, ପ୍ରତିଯୋଗିତା ସମ୍ବଳିତ ସେମାନଙ୍କ ଗତାନୁଗତିକ ଜୀବନପ୍ରବାହ ସକାଶେ ଅନିର୍ଦ୍ଦିଷ୍ଟ କାଳ ଧରି ''ଆଗାମୀ କାଲି''ଟିଏ ସମ୍ଭବ ହୋଇ ଚାଲିଥିବ । ଦ୍ୱିତୀୟ ଶ୍ରେଣୀର ଲୋକେ ସେମାନଙ୍କ ତପସ୍ୟା ବଳରେ ହେଉ ବା ପ୍ରାରବ୍ଧ ଯୋଗୁଁ ହେଉ ଉପଲବ୍ଧ କରିଥା'ନ୍ତି ଆପଣାର ଆତ୍ମା; ମୃତ୍ୟୁ ଭୟ ସେମାନଙ୍କୁ ସ୍ପର୍ଶ କରି ପାରେନା ଯେହେତୁ ଆମର ପ୍ରକୃତ ସତ୍ତା ଆତ୍ମା ମୃତ୍ୟୁହୀନ । ତୃତୀୟ ଶ୍ରେଣୀଭୁକ୍ତ ହେଉଛୁ ଆପଣ ଏବଂ ମୋ ଭଳି ଜିଜ୍ଞାସୁବର୍ଗ ଯେଉଁମାନେ ସାଧାରଣ ଜ୍ଞାନ ସମେତ ଚେତନାରେ କିଞ୍ଚିତ୍ ଅଧିକ ଜ୍ଞାନର ବିକାଶ ସାଧନପୂର୍ବକ ମୃତ୍ୟୁ ଭୟରୁ ନିଶ୍ଚିତଭାବେ ମୁକ୍ତ ହୋଇପାରୁ ।

ଏହି ତୃତୀୟ ଶ୍ରେଣୀ ହିଁ ଆମ ପାଇଁ ପ୍ରାସଙ୍ଗିକ । ଆମର ଏହି ଭୟ-ମୁକ୍ତି ପ୍ରଚେଷ୍ଟାର ପ୍ରଥମ ପାଠ ହେଲା ଭୟର କାରଣ ନିର୍ଣ୍ଣୟ । ଖୁବ୍ ସଂକ୍ଷେପରେ କହୁଛି : ପ୍ରଥମେ ବ୍ୟାବହାରିକ କାରଣ; ମୃତ୍ୟୁ ଭୟ ମାଧ୍ୟମରେ ପ୍ରକୃତି ଆମକୁ ଅନେକ ଅନୁଚିତ ଏବଂ ଅନାବଶ୍ୟକ କର୍ମରୁ ବିରତ କରିପାରେ । ଦ୍ୱିତୀୟ କାରଣ ମୃତ୍ୟୁ ସହ ଯନ୍ତ୍ରଣାକୁ ଆମେ ଏକାକାର କରି ଦେଖୁ । ଯନ୍ତ୍ରଣା ଓ ମୃତ୍ୟୁର ଯୋଗାଯୋଗ ଘଟିପାରେ, କିନ୍ତୁ ମୃତ୍ୟୁ ଏକ ଯନ୍ତ୍ରଣା-ନିରପେକ୍ଷ ମୁହୂର୍ତ୍ତ । କହିବାବାହୁଲ୍ୟ, ବିନା ଯନ୍ତ୍ରଣାରେ ମୃତ୍ୟୁର ଅଜସ୍ର ଦୃଷ୍ଟାନ୍ତ ରହିଛି । ତୃତୀୟ କାରଣ ଅଜଣା ପ୍ରତି ସନ୍ଦେହ ଏବଂ ମୃତ୍ୟୁ ପରବର୍ତ୍ତୀ ଅବସ୍ଥା ସମ୍ପର୍କରେ ଆମ ଜ୍ଞାନର ଅଭାବ । ପ୍ରେତାତ୍ମା ଓ ପ୍ରେତପୁରୀ ଭଳି ଛାୟାମୟ ଧାରଣାମାନ ଆମ ଅବଚେତନକୁ ବ୍ୟାପିଯାଇ ପରଲୋକ ପାଇଁ ଭୟର ଭିତ୍ତି ସ୍ଥାପନ କରିଥା'ନ୍ତି । ଏହାଛଡ଼ା ରହିଛି ସଂସାର, ପରିବାର, ସମ୍ପଦ ଇତ୍ୟାଦି ପ୍ରତି ଆସକ୍ତି ଭଳି ଗୌଣ କାରଣ ଏବଂ ଏପରିକି ତ୍ରୁଟି ନ ଥିବା ମାଲିମକଦ୍ଦମା, ତୃପ୍ତ ହୋଇ ନ ଥିବା ଉଚ୍ଚାଭିଳାଷ ବା ପ୍ରତିଶୋଧ ଭଳି ଆବେଗ-ପ୍ରଧାନ ଉତ୍କଣ୍ଠା ଇତ୍ୟାଦି ।

ବର୍ତ୍ତମାନ ଆସିବା ମୃତ୍ୟୁ ଭୟର ସୂକ୍ଷ୍ମ କାରଣକୁ; ତତ୍ତ୍ୱଟି ଉପରେ ପାଠକମାନଙ୍କୁ ଟିକିଏ ଏକାଗ୍ର ହେବାକୁ ପଡ଼ିବ; ଏହା ଆଧ୍ୟାତ୍ମିକ ମନସ୍ତତ୍ତ୍ୱ । ଆମର ସମସ୍ତ ଦୁର୍ବଳତା ଓ ଦୁର୍ଗୁଣ ଏକ ଏକ ଦିବ୍ୟ ଗୁଣର ବିକୃତି । ଧରନ୍ତୁ ଅହଂର ଉତ୍ସ କଥା । ଭଗବାନ୍ ଏକ ଏବଂ ଅନନ୍ୟ । ଆମେ ଯେହେତୁ ପ୍ରଗାଢ଼ ଅଜ୍ଞାନ ଅନ୍ଧକାରରେ ନିମଜ୍ଜିତ ସେହି ମୌଳିକ ଦିବ୍ୟ ଶକ୍ତିର ହିଁ ଉପାଦାନ, ଆମ ଚେତନାରେ ସେହି ମୌଳିକ ଅନନ୍ୟତା ବୋଧ ବିକୃତ ହୋଇ ଅହଂ ରୂପେ ପ୍ରକଟିତ ହୁଏ । ''ମୁଁ''ର ବିଭୀଷିକା ବ୍ୟାପ୍ତ ହୁଏ । ସେହିପରି ଆମ ଅନ୍ତରାତ୍ମା ଜାଣେ ଯେ ଆମର ପ୍ରକୃତ ସତ୍ତାର ମୃତ୍ୟୁ ନାହିଁ । ଆମେ ଯେହେତୁ ନିଜ ନିଜକୁ ମୁଖ୍ୟତଃ ଦେହଟିମାନ ସହିତ ଏକାକାର କରି ଦେହର ବିନାଶ ଅନିବାର୍ଯ୍ୟ ବୋଲି ଦେଖୁ, ସେତେବେଳେ ଆମ ଚେତନା ବିଦ୍ରୋହ କରେ, ମୃତ୍ୟୁକୁ ଅସ୍ୱୀକାର କରିବାକୁ ଚାହେଁ, କିନ୍ତୁ କରିପାରେନା । ସେହି ଅସହାୟ ବୋଧ ମୃତ୍ୟୁ ପ୍ରତି ଭୟ ଭାବରେ ପ୍ରକଟିତ ହୁଏ ।

ଆତ୍ମା ଉପଲବ୍ଧ କରିଥିବା ମହାପୁରୁଷମାନଙ୍କୁ ସିନା ମୃତ୍ୟୁ ଭୟ ଦହଗଞ୍ଜ କରେ ନାହିଁ, ଆମେ କେଉଁ ଶକ୍ତି ଦ୍ୱାରା ତାକୁ ଦୂରେଇ ଦେଇ ପାରିବା ? ପ୍ରଥମ ଶକ୍ତି ଆମ ସାଧାରଣ ଜ୍ଞାନ । ମୃତ୍ୟୁ ମୋତେ କାହିଁକି ଭୀତ କରେ ? ଯେହେତୁ ମୁଁ ଏ ଜୀବନ ପ୍ରତି ଆସକ୍ତ । ଆମେ ଭୁଲିଯାଉ ଯେ ଏହି ଯେଉଁ ଜୀବନଟି ପ୍ରତି ଆମେ ଆସକ୍ତ, ଏହା ଏକ ମୃତ୍ୟୁର ହିଁ ଅବଦାନ । ଆମ ପୂର୍ବ ଜନ୍ମ ଅନ୍ତ କରିଥିଲା ଏକ ମୃତ୍ୟୁ । ଫଳରେ ଆମେ

ଯାପନ କରୁଛୁ ଚଳିତ ଜୀବନ । ଅତଏବ ମୃତ୍ୟୁ ଗୋଟାଏ ପରିସ୍ଥିତିରୁ ଅନ୍ୟ ଏକ ପରିସ୍ଥିତିକୁ ନେଇ ଯାଉଥିବା ଦିଗ୍‌ଦର୍ଶକ, ତାହା ଭୟପ୍ରଦ ହେବାର କାରଣ ନାହିଁ ।

ସାଧାରଣ ଜ୍ଞାନ ଏହା ମଧ୍ୟ କହୁଛି ଯେ ଆମ ବ୍ୟକ୍ତିତ୍ୱ ମୁଖ୍ୟତଃ ଜଡ଼ ଓ ଚେତନା – ଏହି ଦୁଇ ବିଭବର ସମାବେଶ । ମୃତ୍ୟୁ ଏ ଦୁଇକୁ ଅଲଗା କରି ଦିଏ । ଯାହା ବିନଷ୍ଟ ହୁଏ, ତାହା ଜଡ଼ କଳେବର ଏବଂ ସେହି ବିନଷ୍ଟିକୁ ହିଁ ଆମର ଭୟ । କିନ୍ତୁ ଏ ଜଡ଼ କଳେବର ଯେଉଁ ପଞ୍ଚ ଉପାଦାନର ସମଷ୍ଟି, ସେଗୁଡ଼ିକ ପ୍ରତି ମୃତ୍ୟୁ ପ୍ରଯୁଜ୍ୟ କି ? ମାଟି, ପାଣି, ପବନ, ତେଜ, ବ୍ୟୋମ ଇତ୍ୟାଦି ମରନ୍ତି କି ? ଅର୍ଥାତ୍ ମୃତ୍ୟୁ ସେସବୁ ଉପାଦାନର ଏକ ନିର୍ଦ୍ଦିଷ୍ଟ ବିନ୍ୟାସର ସମାପ୍ତି ।

ସାଧାରଣ ଜ୍ଞାନ ଆମକୁ ଆହୁରି ମଧ୍ୟ ସଚେତ କରି ଦେବା ଉଚିତ ଯେ ଯେଉଁ ମୃତ୍ୟୁକୁ ଆମର ଆରାଧ୍ୟ ଶ୍ରୀରାମ, ଶ୍ରୀକୃଷ୍ଣ ଇତ୍ୟାଦିଙ୍କଠାରୁ ଆରମ୍ଭ କରି ମହାନ୍ ଯୋଗୀ, ଋଷି କେହି ଏଡ଼ାଇ ଯାଇ ନାହାନ୍ତି, ଯାହାର ଆଶ୍ଳେଷରୁ ଭୂପୃଷ୍ଠରେ କେହି ଏଯାବତ୍ ବାଦ୍ ଯାଇ ନାହାନ୍ତି, ଯାହା ସାର୍ବଜନୀନ, ତାହାକୁ ଭୟ କରିବା ଅଜ୍ଞାନତା ବ୍ୟତୀତ ଆଉ କ'ଣ ? କିଞ୍ଚିତ୍ ଇଚ୍ଛାଶକ୍ତି ପ୍ରୟୋଗ କରି ଆମେ ସେ ଅଜ୍ଞାନତାରୁ ବହୁ ମାତ୍ରାରେ ଉତ୍ତୀର୍ଣ୍ଣ ହୋଇ ପାରିବା ।

''ବହୁ ମାତ୍ରାରେ'' କହିବାର କାରଣ, ସାଧାରଣ ଜ୍ଞାନ ବା ବୁଦ୍ଧି ଚାଳିତ ଏ ସମସ୍ତ ଯୁକ୍ତି ମୃତ୍ୟୁ ଭୟ ଦୂର କରିବା ଦିଗରେ ଆମକୁ ଆଗେଇ ନେବେ ସତ, କିନ୍ତୁ ଲକ୍ଷ୍ୟରେ ପହଞ୍ଚାଇ ଦେଇ ପାରିବେ ନାହିଁ । ସେ ପାଇଁ ଲୋଡ଼ା ନିଶ୍ଚଳତା ଓ ଏକାଗ୍ରତା (ଧ୍ୟାନ କହି ପାରନ୍ତି) ସହକାରେ ନିଜ ଆନ୍ତର ଜୀବନ ସହ ସମ୍ପର୍କ ପ୍ରତିଷ୍ଠାର ପ୍ରୟାସ । କ୍ରମେ ଆମେ ଅନୁଭବ କରିବା ସେ ଆନ୍ତର ଜୀବନର ପରାକାଷ୍ଠା । ଶତଦଳ ପୁଷ୍ପଟିଏ ପ୍ରସ୍ଫୁଟିତ ହେବା ଭଳି ସେହି ଅନୁଭବ ଆମ ଭିତରେ ଆଣି ଦେବ ଆମ ଚେତନାର ସ୍ଥାୟିତ୍ୱ ସମ୍ପର୍କରେ ବିଶ୍ୱାସ; ଜୀବନର ଏକ ଚୂଡ଼ାନ୍ତ ଲକ୍ଷ୍ୟ ଥିବା ସମ୍ପର୍କରେ ପ୍ରତ୍ୟୟ, ଜନ୍ମ ପରେ ଜନ୍ମ ଆମେ ଆମର ସଞ୍ଚିତ ଅଭିଜ୍ଞତାକୁ ଭିତ୍ତି କରି ଦିନେ ଶେଷ ଲକ୍ଷ୍ୟରେ ଉପନୀତ ହେବାର ନିଶ୍ଚୟତା ।

ଆହୁରି ଆଗକୁ ବଢ଼ିଲେ ଆମେ ଏହା ହୃଦୟଙ୍ଗମ କରିବା ଯେ ଆମ ଚେତନା ଯଦି ଦିନେ ପ୍ରକୃତ ଜ୍ଞାନୋଦ୍ଭାସିତ ହୁଏ, ତେବେ ତା' ପ୍ରଭାବରେ ସ୍ଥୂଳ କଳେବରର ମଧ୍ୟ ଗୁଣଗତ ପରିବର୍ତ୍ତନ ହୋଇପାରେ ଏବଂ ମୃତ୍ୟୁର ଆକସ୍ମିକତା, ତା'ର ସ୍ୱେଚ୍ଛାଚାର ଭଳି ଆଚରଣ ମଧ୍ୟ ବଦଳି ଯାଇପାରେ । ତେବେ ତାହା ଭିନ୍ନ ପ୍ରସଙ୍ଗ ।

ଆପଣଙ୍କ ପ୍ରଶ୍ନ (ଖ) ସମ୍ପର୍କରେ : ମୋର ଧାରଣା ମୋର ମୃତ୍ୟୁ ଭୟ ନାହିଁ, କିନ୍ତୁ ସେ ସମ୍ପର୍କରେ ମୁଁ ପୂର୍ଣ୍ଣତଃ ନିଶ୍ଚିତ ନୁହେଁ । କୌଣସି କାରଣରୁ ଯଦି ମୋର ବାହ୍ୟ ବୁଦ୍ଧି ଓ ଜ୍ଞାନ ନିଷ୍କ୍ରିୟ ହୋଇଯାଏ, ତେବେ ଗହନ ଅବଚେତନରେ କେଉଁଠି ଛପି ରହିଥିବା ସେ ଭୟ ଉଙ୍କି ମାରିପାରେ । ସେ ଯାହା ହେଉ, ସଚେତନ ଭାବରେ ମୃତ୍ୟୁ ଭୟ ନ ଥିଲେ ମଧ୍ୟ ମୋର ''ଜନ୍ମ ଭୟ'' କିନ୍ତୁ ରହିଛି – ଅର୍ଥାତ୍ ''ପୁନରପି ଜନନୀ ଜଠରେ ଶୟନମ୍'', ଜନ୍ମ ପରେ ପୁଣି ''ଗୁରୁଣ୍ଡି ଗୁରୁଣ୍ଡି ଏରୁଣ୍ଡି'' ଉପରେ ଯାଇ ବସିବା ଓ ମାଟି ନ ହେଲେ ବି ଚକୋଲେଟ୍ ଚୋବାଇବା – ନାବାଳକରୁ ସାବାଳକ ହେବାର ସମୟ ଓ ଶ୍ରମ – ସେସବୁ ବଡ଼ ଅଡୁଆ ମନେ ହୁଏ; ତେବେ ପରେ ପରେ ଏହା ମଧ୍ୟ ବୁଝେ, ଏଭଳି ଭୟ ଅହଂ ଏବଂ ଅଜ୍ଞାନତାର ହିଁ ଦୁଷ୍ଟାମି । ଯେଉଁ ମହାଶକ୍ତି ମୋ ଜନ୍ମ ଓ ଜୀବନର ହେତୁ, ସେ ଉତ୍ତମ ରୂପେ ଜାଣେ ମୋର ଭବିତବ୍ୟ । ନବଜନ୍ମର ସେ ଦୟନୀୟ ଅଜ୍ଞାନ ପର୍ଯ୍ୟାୟରେ ମଧ୍ୟ ଚେତନା ପାକଳ ହୋଇ ଚାଲିଥିବ ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ)

❑❑❑

---

ସମଗ୍ର ସୃଷ୍ଟିରେ ପୃଥିବୀର ଏକ ବୈଶିଷ୍ଟ୍ୟପୂର୍ଣ୍ଣ ସ୍ଥାନ ରହିଛି, କାରଣ ଅନ୍ୟାନ୍ୟ ଗ୍ରହ ଭଳି ନ ହୋଇ ଏହା ନିଜର କେନ୍ଦ୍ରରେ ଏକ ଚୈତ୍ୟସତ୍ତାକୁ ବହନ କରି ହୋଇ ଉଠିଛି କ୍ରମବିକାଶଶୀଳ । ଏହି ପୃଥିବୀରେ ଭାରତ ହେଉଛି ନିର୍ଦ୍ଦିଷ୍ଟ ଭାବରେ ଏକ ଭଗବତ୍ ନିର୍ବାଚିତ ଦେଶ ।

– ଶ୍ରୀମା

tarika

## AYURVEDIC HERBAL REMEDIES

### Pimple / Acne Remover
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

### Night oil for face
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and*
*texture within 3 to 4 weeks.*

### Hair Vitaliser oil
Controls hair loss and improves hair growth
*Regular use prevents hair thinning*
*and receding hair line*

### Gum oil
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

### agni Pain relief oil
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,*
*Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 8** **R.N.I. No. 18163/70.**
Navaprakash (Monthly), August, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

## ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ

**(ପ୍ରଥମ ଖଣ୍ଡ)**

ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।




୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**